ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୭/୨୦୨୪ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 17/2024 | Page 18 | ₹ 7.00
୫୦ଶ ଭାଗ ୧୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 114 | ମୂଲ୍ୟ ₹୭/-

# ଓଡ଼ିଶାରେ ୪ ପର୍ଯ୍ୟାୟ ଭୋଟ

## ଏପ୍ରିଲ ୧୯ରୁ ୭ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ

ନୂଆଦିଲ୍ଲୀ,୧୬।୩ (ପି.ଟି.)

୨୦୨୪ ଲୋକ ସଭା ନିର୍ବାଚନ ଏପ୍ରିଲ ୧୯ରୁ ଜୁନ୍ ୧ ପର୍ଯ୍ୟନ୍ତ ୭ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ଓଡ଼ିଶାରେ ୪ ପର୍ଯ୍ୟାୟରେ ମେ’ ୧୩, ୨୦, ୨୫ ଏବଂ ଜୁନ୍ ୧ରେ ମତଦାନ ହେବ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ନିର୍ବାଚନ କାର୍ଯ୍ୟସୂଚୀ ସମ୍ପର୍କରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଶନିବାର ଅପରାହ୍ଣ ୩ଟାରେ ଘୋଷଣା କରିଛନ୍ତି। ଏଥିସହିତ ସାରା ଦେଶରେ ତତ୍କାଳ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି।

କାର୍ଯ୍ୟସୂଚୀ ଅନୁଯାୟୀ ଲୋକ ସଭା ନିର୍ବାଚନ ଏପ୍ରିଲ ୧୯, ୨୬, ମେ’ ୭, ୧୩, ୨୦, ୨୫ ଏବଂ ଜୁନ୍ ୧ରେ ଅନୁଷ୍ଠିତ ହେବ ବୋଲି ସିଇସି ଖବରଦାତା ସମ୍ମିଳନୀକୁ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଦୁଇ ନବନିଯୁକ୍ତ ନିର୍ବାଚନ କମିଶନର (ଇସି) ଜ୍ଞାନେଶ କୁମାର ଏବଂ ସୁଖବୀର ସିଂ ସାନ୍ଧୁ ଉପସ୍ଥିତ ଥିଲେ। ଲୋକ ସଭା ନିର୍ବାଚନ ସହିତ ଅରୁଣାଚଳପ୍ରଦେଶ ଏବଂ ସିକିମ୍ ବିଧାନସଭା ନିର୍ବାଚନ ପାଇଁ ଏପ୍ରିଲ ୧୯ରେ ମତଦାନ ହେବାକୁ ଥିବାବେଳେ ଆନ୍ଧ୍ରପ୍ରଦେଶରେ ମେ’ ୧୩ରେ ଭୋଟ ହେବ। ଏହା ବ୍ୟତୀତ ବିଭିନ୍ନ ରାଜ୍ୟରେ ଖାଲି ପଡ଼ିଥିବା ୨୬ ବିଧାନସଭା ଆସନ ☞ପୃଷ୍ଠା-୫

## ରାଜ୍ୟରେ କେଉଁଠି କେବେ ଭୋଟ



### ପ୍ରଥମ ପର୍ଯ୍ୟାୟ: ୧୩ ମେ ୨୦୨୪ (ସୋମବାର)

ବିଜ୍ଞପ୍ତି ଜାରି: ୧୮ ଏପ୍ରିଲ ୨୦୨୪
ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୨୫ ଏପ୍ରିଲ
ପ୍ରାର୍ଥୀପତ୍ର ଯାଞ୍ଚ: ୨୬ ଏପ୍ରିଲ
ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୨୯ ଏପ୍ରିଲ

**୪ ଲୋକ ସଭା ଆସନ:** କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର।

**୨୮ ବିଧାନସଭା ଆସନ:** ନୂଆପଡ଼ା, ଖଡିଆଳ, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲା, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡା, ଗୁଣପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟାଙ୍ଗୀ, ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା ଏବଂ ପାରଳାଖେମୁଣ୍ଡି।

### ଦ୍ୱିତୀୟ ପର୍ଯ୍ୟାୟ: ୨୦ ମେ ୨୦୨୪ (ସୋମବାର)

ବିଜ୍ଞପ୍ତି ଜାରି: ୨୬ ଏପ୍ରିଲ ୨୦୨୪
ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୩ ମେ
ପ୍ରାର୍ଥୀପତ୍ର ଯାଞ୍ଚ: ୪ ମେ
ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୬ ମେ

**୫ ଲୋକ ସଭା ଆସନ:** ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଏବଂ ଆସିକା।

**୩୫ ବିଧାନସଭା ଆସନ:** ପଦମ୍ପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲୀ, ବ୍ରଜରାଜନଗର, ଝାରସୁଗୁଡ଼ା, ତଲସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲ୍ଲୀ, ରାଉରକେଲା, ରାଜଗାଙ୍ଗପୁର, ବଣାଇ, ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି, ବାଲିଗୁଡ଼ା, ଜି.ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା, ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି।

### ତୃତୀୟ ପର୍ଯ୍ୟାୟ: ୨୫ ମେ ୨୦୨୪ (ଶନିବାର)

ବିଜ୍ଞପ୍ତି ଜାରି: ୨୯ ଏପ୍ରିଲ ୨୦୨୪
ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୬ ମେ
ପ୍ରାର୍ଥୀପତ୍ର ଯାଞ୍ଚ: ୭ ମେ
ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୯ ମେ

**୬ ଲୋକ ସଭା ଆସନ:** ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର।

**୪୨ ବିଧାନସଭା ଆସନ:** କୁଚିଣ୍ଡା, ରେଙ୍ଗାଲୀ, ସମ୍ବଲପୁର, ରେଢାଖୋଲ, ଦେବଗଡ଼, ଛେଣ୍ଡିପଦା, ଆଠମଲ୍ଲିକ, ତେଲକୋଇ, ଘସିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ, କରଞ୍ଜିଆ, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା, ତାଳଚେର, ଅନୁଗୋଳ, ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ଖଣ୍ଡପଡ଼ା, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଚିଲିକା, ରଣପୁର, ନୟାଗଡ଼, ଜୟଦେବ, ଭୁବନେଶ୍ୱର-ମଧ୍ୟ, ଭୁବନେଶ୍ୱର-ଉତ୍ତର, ଏକାମ୍ର-ଭୁବନେଶ୍ୱର, ଜଟଣୀ, ବେଗୁନିଆ ଏବଂ ଖୋର୍ଦ୍ଧା।

### ଚତୁର୍ଥ ପର୍ଯ୍ୟାୟ: ୧ ଜୁନ୍ ୨୦୨୪ (ଶନିବାର)

ବିଜ୍ଞପ୍ତି ଜାରି: ୭ ମେ ୨୦୨୪
ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୧୪ ମେ
ପ୍ରାର୍ଥୀପତ୍ର ଯାଞ୍ଚ: ୧୫ ମେ
ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୧୭ ମେ

**୬ ଲୋକ ସଭା ଆସନ:** ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର।

**୪୨ ବିଧାନସଭା ଆସନ:** ଯଶୀପୁର, ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷି, ଉଦଳା, ବାରିପଦା, ମୋରଡ଼ା, ବଡସାହି, ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର, ଚାନ୍ଦବାଲି, ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ, ସୁକିନ୍ଦା, ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର, ମହାକାଳପଡ଼ା, ନିଆଳି, ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତ୍‌ସିଂହପୁର, କାକଟପୁର ଏବଂ ନିମାପଡ଼ା।

**ଭୋଟ ଗଣତି: ୪ ଜୁନ୍ ୨୦୨୪ (ମଙ୍ଗଳବାର)**

## ରାଜନୀତିରେ ଇତିହାସ ରଚିବେ ଓଡ଼ିଶାବାସୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୩(ଅନିଲ ଦାସ)



ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ। ଆମେ ୨୦୩୬ ମସିହାରେ ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବାକୁ ଯାଉଛୁ। ସେତେବେଳକୁ ଓଡ଼ିଶା ସବୁ କ୍ଷେତ୍ରରେ ଦେଶରେ ଏକ ନମ୍ବର ହେଉ ଆମେ ଚାହୁଁଛୁ। ଆଗାମୀ ଦଶନ୍ଧି ହେଉଛି ଯୁବବର୍ଗଙ୍କର। ଯୁବବର୍ଗଙ୍କ ମହତ୍ତ୍ୱାକାଂକ୍ଷାକୁ ଗୁରୁତ୍ୱ ଦେଇ ସର୍ବୋତ୍କୃଷ୍ଟ ଶିକ୍ଷା ଓ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ସଶକ୍ତ କରିବାକୁ ପଡ଼ିବ। ରାଜ୍ୟର ଯୁବବର୍ଗ ନୂଆ ଓଡ଼ିଶା ନିର୍ମାଣ କରିବେ। ଏଭଳି ଏକ ରାଜ୍ୟ, ଯାହା ସବୁ କ୍ଷେତ୍ରରେ ☞ପୃଷ୍ଠା-୫










# ଲାଗିଲା ଆଦର୍ଶ ଆଚରଣ ବିଧି

## ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ: ସିଇସି

ନୂଆଦିଲ୍ଲୀ,୧୬।୩

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନର (ଇସିଆଇ) ଶନିବାର ତାରିଖ ଘୋଷଣା କରିଛନ୍ତି। ଏଥିସହ ସାରା ଦେଶରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ପାଇଁ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ତତ୍କାଳ ଲାଗୁ ହୋଇଛି। ଏମ୍‌ସିସି ହେଉଛି ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ପାଇଁ କେତେକ ନିୟମାବଳୀ, ଯାହାକୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଅନୁପାଳନ କରିବାକୁ ହେବ। ସେହି ଅନୁଯାୟୀ ସରକାରଙ୍କୁ ମଧ୍ୟ କାର୍ଯ୍ୟ କରିବାକୁ ପଡ଼ିବ। ଏହି ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ନୂଆ ଯୋଜନା ଏବଂ ଆର୍ଥିକ ଅନୁଦାନ କିମ୍ବା ପ୍ରତିଶ୍ରୁତି ଘୋଷଣା କରିପାରିବେ ନାହିଁ। ସେହିପରି କୌଣସି ନୂଆ ପ୍ରକଳ୍ପର ଉଦ୍‌ଘାଟନ କିମ୍ବା ଶିଳାନ୍ୟାସ ହେବ ନାହିଁ। ଆଚରଣ ବିଧିର ଉଲ୍ଲଂଘନ ହେଲେ ନିର୍ବାଚନ କମିଶନ ଏଥର କଠୋର କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚେତାବନୀ ଦେଇଛନ୍ତି। ତେଣୁ ଉଲ୍ଲଂଘନକାରୀମାନେ ଏହାର ପରିଣାମ ଭୋଗିବା ପାଇଁ ପ୍ରସ୍ତୁତ ହୋଇ ରହିବାକୁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଖବରଦାତା ସମ୍ମିଳନୀରେ କହିଛନ୍ତି।

ନିୟମ ଭାଙ୍ଗୁଥିବା ଲୋକଙ୍କ ବିରୋଧରେ ଇସିଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଆସୁଛି। ଗତ ଥର ଅଭିଯୋଗ ହୋଇଥିଲା ଯେ, ନିର୍ବାଚନ କମିଶନ ଅନେକ ନୋଟିସ ଜାରି କରୁଛନ୍ତି, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ତେଣୁ ଏଥର ଆଚରଣ ବିଧି ଉଲ୍ଲଂଘନକାରୀ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କ ପ୍ରତି ଇସିଆଇ ନିଷ୍ଠୁର ହେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିସହିତ ନିର୍ବାଚନ ପ୍ରଚାର ବେଳେ ପ୍ରାର୍ଥୀ ଓ ଦଳୀୟ ନେତାମାନେ ବ୍ୟକ୍ତିଗତ ଆକ୍ରମଣରୁ ଦୂରେଇ ରହି ସିଷ୍ଟାଚାର ବଜାୟ ରଖିବାକୁ ସିଇସି ସତର୍କ କରାଇଛନ୍ତି। ରାଜନୈତିକ ଦଳ ଜୋର୍‌ଦାର ଲଢ଼େଇ କରନ୍ତୁ, ତେବେ କାହାକୁ ଲଜ୍ଜିତ କରନ୍ତୁ ନାହିଁ ଏବଂ ପରେ ବନ୍ଧୁତା ସ୍ଥାପନ ପାଇଁ ଯଥେଷ୍ଟ ସୁଯୋଗ ଛାଡ଼ନ୍ତୁ ବୋଲି ରାଜୀବ କୁମାର କହିଛନ୍ତି। କାରଣ ଆଜିକାଲି ରାଜନୈତିକ ଦଳଗୁଡ଼ିକ ଖୁବ୍‌ଶୀଘ୍ର ଶତ୍ରୁ ଏବଂ ବନ୍ଧୁ ପାଲଟିଯାଉଛନ୍ତି। ଜଣକ ମୁହଁରୁ ବାହାରି ଯାଉଥିବା ଖରାପ ଶବ୍ଦକୁ ଡିଜିଟାଲ ମେମୋରି ନ କରିବା ପାଇଁ ସିଇସି ପରାମର୍ଶ ଦେଇଛନ୍ତି। ଆଦର୍ଶ ଆଚରଣ ବିଧିର ଗାଇଡ୍‌ଲାଇନ ସମସ୍ତ ତାରକା ପ୍ରଚାରକଙ୍କୁ ଯୋଗାଇଦେବା ଲାଗି ସେ ରାଜନୈତିକ ଦଳଗୁଡ଼ିକୁ କହିଛନ୍ତି।

# ଦେଶରେ ୮୮.୪ ଲକ୍ଷ ଭିନ୍ନକ୍ଷମ ଭୋଟର

ଦେଶରେ ୯୭ କୋଟିରୁ ଉର୍ଦ୍ଧ୍ୱ ଯୋଗ୍ୟ ଭୋଟରଙ୍କ ମଧ୍ୟରୁ ୮୮.୪ ଲକ୍ଷ ଭିନ୍ନକ୍ଷମ ବୋଲି ଶନିବାର ନିର୍ବାଚନ କମିଶନ କହିଛନ୍ତି। ଭିନ୍ନକ୍ଷମମାନଙ୍କ ଲାଗି ଭୋଟଗ୍ରହଣ କେନ୍ଦ୍ରରେ ର୍‍ୟାମ୍ପ ଏବଂ ହ୍ୱିଲ୍‌ଚେୟାର ଯୋଗାଇଦିଆଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି। ତେବେ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଥିବା ଭୋଟର ଘରେ ରହି ଭୋଟ ଦେଇପାରିବେ। ସେହିପରି ଭିନ୍ନକ୍ଷମଙ୍କୁ ଭୋଟକେନ୍ଦ୍ର ପର୍ଯ୍ୟନ୍ତ ନେବା ଲାଗି ଗାଡ଼ି ବ୍ୟବସ୍ଥା କରାଯିବ ବୋଲି ସିଇସି କହିଛନ୍ତି। ଦେଶରେ ମୋଟ ୯୭.୮ କୋଟି ଭୋଟରଙ୍କ ମଧ୍ୟରୁ ୪୯.୭୨ କୋଟି ପୁରୁଷ ହୋଇଥିବାବେଳେ ୪୭.୧ କୋଟି ମହିଳା ଭୋଟର ବୋଲି ସେ ସୂଚନା ଦେଇଛନ୍ତି।

# ମତାଧିକାର ସାବ୍ୟସ୍ତ କରିବେ ୪୮ ହଜାର କିନ୍ନର

ଏଥର ଲୋକ ସଭା ନିର୍ବାଚନରେ ୪୮,୦୦୦ରୁ ଉର୍ଦ୍ଧ୍ୱ କିନ୍ନର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ବୋଲି ସିଇସି କହିଛନ୍ତି। ୨୦୧୯ ନିର୍ବାଚନ ବେଳେ ସେମାନଙ୍କ ସଂଖ୍ୟା ୩୯,୦୭୫ ଥିଲା। ଉତ୍ତରପ୍ରଦେଶରେ ସର୍ବାଧିକ ୭,୭୯୭ କିନ୍ନର ଭୋଟର ରହିଥିବାବେଳେ ତାମିଲନାଡୁରେ ୫,୭୯୩ ଏବଂ କର୍ଣ୍ଣାଟକରେ ୪,୮୨୬ କିନ୍ନର ମତଦାତା ରହିଛନ୍ତି। ଅନ୍ୟପକ୍ଷରେ ଅରୁଣାଚଳପ୍ରଦେଶ, ଡାମନ ଓ ଡିଉ, ଗୋଆ, ଲାକ୍ଷାଦ୍ୱୀପ, ମେଘାଳୟ, ନାଗାଲାଣ୍ଡ ଏବଂ ସିକିମରେ ଆଦୌ କିନ୍ନର ମତଦାତା ନାହାନ୍ତି। କୌଣସି ଭୋଟର ଯେପରି ମତଦାନରୁ ବଞ୍ଚିତ ନ ହୁଅନ୍ତି, ତାହା ଉପରେ ନିର୍ବାଚନ କମିଶନ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସମାଜର ସବୁ ବର୍ଗଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।

# ରାଜନୈତିକ ଦଳ ପାଇଁ ଆଡ୍‌ଭାଇଜରି

ନିର୍ବାଚନକୁ ବାହୁବଳ, ଅର୍ଥବଳ, ଭୁଲ୍ ତଥ୍ୟ ପ୍ରଭାବରୁ ଦୂରେଇ ରଖିବା ପାଇଁ ନିର୍ବାଚନ କମିଶନ ରାଜନୈତିକ ଦଳଗୁଡ଼ିକ ପାଇଁ ଆଡ୍‌ଭାଇଜରି ଜାରି କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଶନିବାର ଭୋଟ ତାରିଖ ଘୋଷଣା କରିବା ଅବସରରେ ଏହା କହିଛନ୍ତି। ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ପ୍ରଚାର ବେଳେ ରାଜନୈତିକ ଦଳ ଓ ନେତାମାନଙ୍କୁ କ'ଣ କରିବାକୁ ହେବ ସେ ନେଇ ଆଡଭାଇଜରି ପ୍ରକାଶ ପାଇଛି। ତଦନୁଯାୟୀ ପ୍ରଚାର ସମୟରେ ଘୃଣିତ ଭାଷଣ ଦିଆଯାଇ ପାରିବ ନାହିଁ। ଜାତି କିମ୍ବା ଧର୍ମକୁ ନେଇ ଭୋଟ ପାଇଁ ଅପିଲ କରାଯିବ ନାହିଁ। କାହାର ବ୍ୟକ୍ତିଗତ ଜୀବନକୁ ନେଇ ସମାଲୋଚନା କରାଯିବ ନାହିଁ। ବିଭାଜନକାରୀ ମନ୍ତବ୍ୟ ନ ଦେଇ ରାଜନେତାମାନେ ରାଜନୈତିକ ପ୍ରସଙ୍ଗରେ ଗୁରୁତ୍ୱ ଦେବେ। ଯାଞ୍ଚ ହୋଇ ନ ଥିବା ବିଭ୍ରାନ୍ତିକର ବିଜ୍ଞାପନରୁ ଦୂରେଇ ରହିବେ। ଖବର ବାହାନାରେ ବିଜ୍ଞାପନ ପ୍ରକାଶ କରିବେ ନାହିଁ। ଶିଷ୍ଟାଚାର ବଜାୟ ରଖିବା ତାରକା ପ୍ରଚାରକଙ୍କ ଦାୟିତ୍ୱ ହେବ। ପ୍ରଚାର ବେଳେ ଆଚରଣ ବିଧି ଉଲ୍ଲଂଘନ କଲା ଭଳି କୌଣସି କାର୍ଯ୍ୟ କରାଯିବ ନାହିଁ।

# ଲୋକ ସଭା ନିର୍ବାଚନ ପରେ ଜମ୍ମୁ-କଶ୍ମୀର ବିଧାନସଭା ଭୋଟ

ନୂଆଦିଲ୍ଲୀ,୧୬।୩

ଆସନ୍ତା ଲୋକ ସଭା ନିର୍ବାଚନ ଏପ୍ରିଲ ୧୯ରୁ ୭ ପର୍ଯ୍ୟାୟରେ ଜୁନ୍ ୧ ଯାଏ ହେବ। ଏଥିରେ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ୫ ଆସନ ନିମନ୍ତେ ଭୋଟ ଗ୍ରହଣ କରାଯିବ। ହେଲେ ଏଠାରେ ଏକାସଙ୍ଗରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ହେବ ନାହିଁ। ଲୋକ ସଭା ନିର୍ବାଚନ ସରିବାର କିଛିଦିନ ପରେ ଜମ୍ମୁକଶ୍ମୀର ବିଧାନସଭା ନିମନ୍ତେ ଭୋଟ ଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଶନିବାର କହିଛନ୍ତି। ମୋଦି ସରକାରଙ୍କ ଦ୍ୱାରା ଜମ୍ମୁ କଶ୍ମୀରରେ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜକରି ହୋଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ଗତ ଡିସେମ୍ବରରେ ଖାରଜ କରିଦେଇଥିଲେ। କିନ୍ତୁ ଜମ୍ମୁକଶ୍ମୀରରେ ଆସନ୍ତା ସେପ୍ଟେମ୍ବର ୩୦ ସୁଦ୍ଧା ବିଧାନସଭା ନିର୍ବାଚନ କରାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ନିର୍ବାଚନ କମିଶନର ଜମ୍ମୁକଶ୍ମୀରରେ ଲୋକ ସଭା ସହ ବିଧାନସଭା ନିର୍ବାଚନ କରିବାକୁ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଥିଲା।

ମୁଖ୍ୟ ନିର୍ବାଚନ କମିଶନର କୁମାର କହିଛନ୍ତି ଯେ, ପୋଲ୍ ପାନେଲ୍ ଗତ ୧୩ ତାରିଖରେ ଜମ୍ମୁକଶ୍ମୀରରେ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲା। ସୁରକ୍ଷା ଦୃଷ୍ଟିକୋଣରୁ ସେଠାରେ ଏକାସଙ୍ଗରେ ଉଭୟ ନିର୍ବାଚନ କରିବାକୁ ପୋଲ୍ ପାନେଲ୍ ଯୋଗ୍ୟ ମନେକରି ନ ଥିଲା। ତେବେ ଜମ୍ମୁ କଶ୍ମୀର ସମସ୍ତ ରାଜନୈତିକ ଦଳ ଗୋଟିଏ ଥରରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ହେଉ ବୋଲି ଦାବି କରିଥିଲେ। କିନ୍ତୁ ସମ୍ପୂର୍ଣ୍ଣ ପ୍ରଶାସନିକ କଳ ଏଥିରେ ଅସହମତି ଦେଖାଇଥିଲା। ପ୍ରତ୍ୟେକ ବିଧାନସଭା ଆସନ ନିମନ୍ତେ ୧୦ରୁ ୧୨ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ଏହି ହିସାବରେ ୧ ହଜାରରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଛିଡ଼ାହେବା ସମ୍ଭାବନା ରହିଛି। ପ୍ରତ୍ୟେକ ପ୍ରାର୍ଥୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ। ତେଣୁ ତାହା ଏହି ସମୟରେ ସମ୍ଭବ ନୁହେଁ। ମାତ୍ର ଏଠାରେ ଲୋକ ସଭା ନିର୍ବାଚନ ଶେଷ ହେବାପରେ ଯଥାଶୀଘ୍ର ବିଧାନସଭା ନିର୍ବାଚନ କରାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି। ଶନିବାର ହୋଇଥିବା ଘୋଷଣା ଅନୁଯାୟୀ ଜମ୍ମୁ କଶ୍ମୀରରେ ୫ ପର୍ଯ୍ୟାୟ ତଥା ଏପ୍ରିଲ ୧୯ରେ ଉଧମପୁର, ଏପ୍ରିଲ ୨୬ରେ ଜମ୍ମୁ, ମେ ୭ରେ ଅନନ୍ତନାଗ-ରାଜୋରୀ, ମେ ୧୩ରେ ଶ୍ରୀନଗର ଏବଂ ମେ ୨୦ରେ ବାରମୁଲାରେ ଭୋଟ ଗ୍ରହଣ ହେବ।

## ଦ୍ୱାଦଶ ଶ୍ରେଣୀ ପାସ୍ ପରେ ପିଲାଙ୍କୁ ଭୋଟର କାର୍ଡ

ସ୍କୁଲ୍ ଛାତ୍ରୀଛାତ୍ର ୧୮ ବର୍ଷରେ ପହଞ୍ଚିବା ମାତ୍ରେ ସେମାନେ ସ୍ୱତଃ ଭୋଟର କାର୍ଡ ପାଇଯିବେ। ଭୋଟଦାନ ପାଇଁ ଯୋଗ୍ୟ ହେବାମାତ୍ରେ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ଭୋଟର କାର୍ଡ ଯୋଗାଇଦେବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିବା ଭାରତର ନିର୍ବାଚନ କମିଶନ (ଇସିଆଇ) କହିଛନ୍ତି। କମିଶନଙ୍କ ଦ୍ୱାରା ସାବାଳକମାନଙ୍କୁ ପ୍ରଦାନ କରାଯାଇଥିବା ଭୋଟର ପରିଚୟପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ପରିଚୟ ଦସ୍ତାବିଜ। ନାଗରିକମାନେ ଭୋଟ ଦେବାବେଳେ ଏହାର ବ୍ୟବହାର କରିଥାନ୍ତି। ଜଣେ ଯୋଗ୍ୟ ଭୋଟର ନ୍ୟାଶନାଲ ଭୋଟର୍ସ ସର୍ଭିସ ପୋର୍ଟାଲରେ ନିଜକୁ ପଞ୍ଜୀକୃତ କରିପାରିବେ।

# ୧୨ ରାଜ୍ୟରେ ମହିଳା ଭୋଟର ଅଧିକ

ଦେଶରେ ମୋଟ ୪୭.୧ କୋଟି ମହିଳା ଭୋଟର ରହିଥିବାବେଳେ ୧୨ଟି ରାଜ୍ୟରେ ପୁରୁଷ ଭୋଟରଙ୍କଠାରୁ ସେମାନଙ୍କ ସଂଖ୍ୟା ଅଧିକ ଥିବା ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ନିର୍ବାଚନ ତାରିଖ ଘୋଷଣା ଅବସରରେ ସିଇସି ରାଜୀବ କୁମାର କହିଥିଲେ, ଦେଶରେ ପ୍ରତି ୧,୦୦୦ ପୁରୁଷରେ ୯୪୮ ମହିଳା ଭୋଟର ରହିଛନ୍ତି। ତେବେ ଏପରି ୧୨ଟି ରାଜ୍ୟ ରହିଛି, ଯେଉଁଠି ମହିଳାଙ୍କ ହାର ୧,୦୦୦ରୁ ଅଧିକ। ଏଥର ୧.୮୯ କୋଟି ନୂଆ ଭୋଟର ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୫.୩ ଲକ୍ଷ ହେଉଛନ୍ତି ମହିଳା ଭୋଟର।

## ସଂକ୍ଷେପରେ

### ନବନୀତ କୁମାର ସେହଗଲ ପ୍ରସାର ଭାରତୀର ନୂଆ ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୬।୩ (ପି.ଟି.)

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନବନୀତ କୁମାର ସେହଗଲଙ୍କୁ ପ୍ରସାର ଭାରତୀର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହି ପଦବୀ ୪ ବର୍ଷ ହେଲା ଖାଲି ପଡ଼ିଥିଲା। ୨୦୨୦ ଫେବୃଆରୀରେ ପୂର୍ବତନ ଅଧ୍ୟକ୍ଷ ଏ. ସୂର୍ଯ୍ୟପ୍ରକାଶଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଚୟନ କମିଟିର ସୁପାରିସକ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ନବନୀତଙ୍କୁ ପ୍ରସାର ଭାରତୀ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ସେ ଏହିପଦବୀରେ ୩ ବର୍ଷ କିମ୍ବା ୭୦ ବର୍ଷ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ ରହିବେ। ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଚୟନ କମିଟି ବୈଠକ ବସିଥିଲା। କମିଟିରେ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଜଷ୍ଟିସ୍ ରଞ୍ଜନା ଦେଶାଇ (ଅବସରପ୍ରାପ୍ତ) ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ସଦସ୍ୟ ରହିଛନ୍ତି।



### ସିଏଏ ବିରୋଧରେ ସୁପ୍ରିମକୋର୍ଟ ଗଲେ ଓୱାଇସି

ନୂଆଦିଲ୍ଲୀ,୧୬।୩ (ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାବେଳେ ନାଗରିକତ୍ୱ ସଂଶୋଧନ ନିୟମାବଳୀର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବାକୁ ନିବେଦନ କରି ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଭାରତ ଚାଲିଆସି ଏଠାରେ ରହିଯାଇଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ପାଇଁ ୨୦୧୯ରେ ସିଏଏ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା। ଗତ ୧୧ ତାରିଖରେ କେନ୍ଦ୍ର ସରକାର ଏହାକୁ ଲାଗୁ କରିବା ପାଇଁ ଆନୁଷଙ୍ଗିକ ନିୟମାବଳୀର ବିଜ୍ଞପ୍ତି ପ୍ରକାଶ କରିଥିଲେ। ସିଏଏର ବୈଧତାକୁ ଚ୍ୟାଲେଞ୍ଜ କରିଥିବା ଆବେଦନକାରୀଙ୍କ ମଧ୍ୟରୁ ଓୱାଇସି ଅନ୍ୟତମ। ପିଟିଶନଗୁଡ଼ିକର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଉକ୍ତ ଆଇନ ଓ ନିୟମାବଳୀର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବାକୁ ସେ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି।

### ଭାଜପାରେ ଅନୁରାଧା ପୌଡୱାଲ

ନୂଆଦିଲ୍ଲୀ,୧୬।୩ (ପି.ଟି.)



ଭକ୍ତି ସଙ୍ଗୀତ ଗାନ ପାଇଁ ଜଣାଶୁଣା ଖ୍ୟାତନାମା ବଲିଉଡ୍ ଗାୟିକା ଅନୁରାଧା ପୌଡୱାଲ ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତାମାନଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେବା ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସନାତନ ଧର୍ମ ସହ ଗଭୀର ଭାବେ ଜଡ଼ିତ ନେତାମାନଙ୍କ ସହ ସାମିଲ ହୋଇଥିବାରୁ ବହୁତ ଖୁସି ବୋଲି ଅନୁରାଧା କହିଛନ୍ତି। ସେ କେତେକ ହିନ୍ଦୀ ଫିଲ୍ମରେ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଭାବେ କାର୍ଯ୍ୟ କରିବା ପରେ ୩୫ ବର୍ଷ ହେଲା ଭକ୍ତି ସଙ୍ଗୀତ ଗାଇଆସୁଛନ୍ତି। ଏବେ ସେ ଠିକ୍ ସ୍ଥାନରେ ପହଞ୍ଚିଥିବା ଅନୁଭବ କରୁଛନ୍ତି।



ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବା ପାଇଁ ବେଙ୍ଗାଲୁରୁର ବୋମ୍ମାସାନ୍ଦ୍ରାଠାରେ ୭୦ ଜଣ ଶେଫ୍ ୧୨୩ ଫୁଟ୍ ଲମ୍ବର ଦୋସା ତିଆରି କରୁଛନ୍ତି।

# ୨୩ ଯାଏ ଇଡି ହାଜତକୁ ଗଲେ କବିତା

ନୂଆଦିଲ୍ଲୀ,୧୬।୩



କେ. କବିତାଙ୍କୁ ନୂଆଦିଲ୍ଲୀରୁ ଇଡି କାର୍ଯ୍ୟାଳୟକୁ ନିଆଯାଉଛି।

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ଦିଲ୍ଲୀର ଏକ ଅଦାଲତ ୨୩ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇ ଦେଇଛନ୍ତି। ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ଏମ୍‌ଏଲ୍‌ସି କବିତାଙ୍କୁ ଶୁକ୍ରବାର ଇଡି ହାଇଦ୍ରାବାଦରେ ଗିରଫ କରିବା ପରେ ଜେରା ପାଇଁ ଦିଲ୍ଲୀ ନେଇଥିଲା।

ଲୋକ ସଭା ନିର୍ବାଚନକୁ କିଛି ସପ୍ତାହ ବାକି ଥିବାବେଳେ ଶୁକ୍ରବାର ସକାଳେ ହାଇଦ୍ରାବାଦସ୍ଥିତ କବିତାଙ୍କ ଘରେ ଇଡି ଚଢ଼ାଉ କରିଥିଲା। ପ୍ରକାଶ ଯେ, ଉଚ୍ଛେଦ ହୋଇସାରିଥିବା ୨୦୨୧-୨୨ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ବଡ଼ ଭୂମିକା ଥିବା ମଦ ବ୍ୟବସାୟୀ ଗୋଷ୍ଠୀ 'ସାଉଥ୍ ଗ୍ରୁପ୍' ସହ କବିତାଙ୍କ ସମ୍ପର୍କ ରହିଥିବା ପୂର୍ବରୁ ଇଡି ଦାବି କରିଥିଲା। ଅନ୍ୟତମ ଅଭିଯୁକ୍ତ ବିଜୟ ନାୟାର ସାଉଥ୍ ଗ୍ରୁପ୍‌ଠାରୁ ଅନ୍ୟୂନ ୧୦୦ କୋଟି ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତାମାନଙ୍କ ତରଫରୁ କବିତା ଓ ତାଙ୍କ ସହଯୋଗୀମାନେ ଏହି ଟଙ୍କା ନେଇଥିବା ଇଡି କହିଛି।

# ଆତଙ୍କବାଦ, ବିଚ୍ଛିନ୍ନତାବାଦୀ କାର୍ଯ୍ୟରେ ସମ୍ପୃକ୍ତ କଶ୍ମୀର ସଂଗଠନ ବ୍ୟାନ୍

ନୂଆଦିଲ୍ଲୀ,୧୬।୩(ପି.ଟି.)

ଆତଙ୍କବାଦ ଏବଂ ବିଚ୍ଛିନ୍ନତାବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଜମ୍ମୁ-କଶ୍ମୀର ପିପୁଲ୍ସ ଫ୍ରିଡମ୍ ଲିଗ୍‌କୁ କେନ୍ଦ୍ର ସରକାର ଶନିବାର ବେଆଇନ ଘୋଷଣା କରିଛନ୍ତି। ସେହିପରି ବିଚ୍ଛିନ୍ନତାବାଦୀ ସଂଗଠନ ହୁରିୟାତ କନ୍‌ଫରେନ୍ସ ସହ ଜଡ଼ିତ ଥିବା ଜମ୍ମୁ-କଶ୍ମୀର ପିପୁଲ୍ସ ଲିଗ୍‌ର ସମସ୍ତ ଗୋଷ୍ଠୀକୁ ମଧ୍ୟ କଠୋର ଆତଙ୍କବାଦ ନିରୋଧୀ ଆଇନ ବଳରେ ବ୍ୟାନ କରାଯାଇଛି। ଏହା ବ୍ୟତୀତ ଆତଙ୍କବାଦରେ ସମ୍ପୃକ୍ତି ଅଭିଯୋଗରେ ଜେଲରେ ଥିବା ୟାସିନ ମଲିକଙ୍କ ସଂଗଠନ ଜମ୍ମୁ-କଶ୍ମୀର ଲିବରେଶନ ଫ୍ରଣ୍ଟ (ଜେକେଏଲ୍‌ଏଫ) ଉପରେ ନିଷେଧାଦେଶକୁ ଆଉ ୫ ବର୍ଷ ବଢ଼ାଇ ଦିଆଯାଇଛି। ଶନିବାର ଲୋକ ସଭା ନିର୍ବାଚନ ପାଇଁ ତାରିଖ ଘୋଷଣାର କିଛି ଘଣ୍ଟା ପୂର୍ବରୁ ସରକାର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ୟୁଏନ୍‌ଜିଏରେ ସିଏଏ ପ୍ରସଙ୍ଗ: ପାକିସ୍ତାନକୁ ଭାରତର ନିନ୍ଦା

ଜାତିସଂଘ,୧୬।୩ (ପି.ଟି.)

## ଇସ୍‌ଲାମଫୋବିଆ ପ୍ରସ୍ତାବରେ ଭୋଟଦାନରୁ ବିରତ ରହିଲା ନୂଆଦିଲ୍ଲୀ

ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ପାକିସ୍ତାନ ପ୍ରତିନିଧି ଅଯୋଧ୍ୟାର ରାମମନ୍ଦିର ଏବଂ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଉପରେ ମନ୍ତବ୍ୟ ରଖିଥିବାରୁ ଭାରତ ଏହାର ଦୃଢ଼ ନିନ୍ଦା କରିଛି। ସାରା ବିଶ୍ୱ ଅଗ୍ରଗତି କରିଚାଲିଥିବାବେଳେ ଗତିହୀନ ହୋଇଯାଇଥିବା ପାକିସ୍ତାନକୁ ଭାରତ 'ଭଙ୍ଗା ରେକର୍ଡ' ଭାବେ ବର୍ଣ୍ଣନା କରିଛି। ୟୁଏନ୍‌ଜିଏରେ ପାକିସ୍ତାନ ରାଷ୍ଟ୍ରଦୂତ ମୁନୀର ଆକ୍ରମଙ୍କ ମନ୍ତବ୍ୟର ଜବାବ ଦେଇ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ ଇସ୍‌ଲାମାବାଦର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ କରିଥିଲେ। ଆକ୍ରମ ଭାରତରେ ମନ୍ଦିର ନିର୍ମାଣ ଏବଂ ସିଏଏକୁ ଜାତିସଂଘରେ ଉଠାଇବା ଦୁର୍ଭାଗ୍ୟଜନକ। ଜାତିସଂଘ ସାଧାରଣ ସଭା ଜ୍ଞାନ, ଗଭୀରତା ଏବଂ ବୈଶ୍ୱିକ ଦୃଷ୍ଟିକୋଣ ଉପରେ ବିଚାର କରିବାକୁ ସଦସ୍ୟମାନେ ଦାବି କରୁଥିବାବେଳେ ପାକିସ୍ତାନ ଏକମାତ୍ର ସଦସ୍ୟ, ଯିଏ ପଡୋଶୀ ଦେଶର ଆଭ୍ୟନ୍ତରୀଣ ନୀତିକୁ ଉଠାଉଛି ବୋଲି କମ୍ବୋଜ କହିଛନ୍ତି।

ଚାଇନା ସମର୍ଥନରେ ପାକିସ୍ତାନ ଆଣିଥିବା ଇସ୍‌ଲାମଫୋବିଆ ପ୍ରସ୍ତାବ ୟୁଏନ୍‌ଜିଏରେ ଗୃହୀତ ହୋଇଛି। ୧୯୩ ସଦସ୍ୟ ଏହା ସପକ୍ଷରେ ଭୋଟ ଦେଇଥିଲେ। ଭାରତ ଭୋଟଦାନରୁ ବିରତ ରହିଥିଲା। ଗୋଟିଏ ଧର୍ମ ଉପରେ ପ୍ରସ୍ତାବ ଅଣା ନ ଯାଇ ହିନ୍ଦୁ, ବୌଦ୍ଧ, ଶିଖ୍ ଓ ଅନ୍ୟ ଧର୍ମ ସମ୍ମୁଖୀନ ହେଉଥିବା ହିଂସା ଓ ପାତରଅନ୍ତର ବା 'ରିଲିଜିଅନଫୋବିଆ' ମଧ୍ୟ ଜାତିସଂଘ ସ୍ୱୀକାର କରିବା ଆବଶ୍ୟକ ବୋଲି ନୂଆଦିଲ୍ଲୀ କହିଥିଲା।

## ଫୁରସତ୍

# ହେଲ୍‌ମେଟ୍ ପିନ୍ଧି ଶ୍ରେଣୀରେ ପଢୁଛନ୍ତି ଛାତ୍ରୀଛାତ୍ର

**ରାଞ୍ଚି:** ବାଇକ ଚଲାଉଥିବା କିମ୍ବା କ୍ରିକେଟ ଖେଳୁଥିବା ଖେଳାଳିଙ୍କ ମୁଣ୍ଡରେ ହେଲମେଟ ଦେଖିଥିବେ। କିନ୍ତୁ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ କଲେଜ ପିଲାମାନେ ସେମାନଙ୍କ ମୁଣ୍ଡରେ ହେଲମେଟ ଧରି ଶ୍ରେଣୀଗୃହରେ ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଛି। ଭିଡିଓ ଦେଖିବା ପରେ ଆପଣ ଆଶ୍ଚର୍ଯ୍ୟ ହୋଇପାରନ୍ତି, କିନ୍ତୁ ଏହା ପଛର କାରଣ ଅତ୍ୟନ୍ତ ଦୁଃଖଦାୟକ। ଭାଇରାଲ ହେଉଥିବା ଭିଡିଓ ଝାଡଖଣ୍ଡର ଜାମସେଦପୁରରୁ ଆସିଛି। କୋଲହାନ ବିଶ୍ୱବିଦ୍ୟାଳୟର ୱାର୍କର୍ସ କଲେଜର କୋଠା ଏତେ ବିପଜ୍ଜନକ ହୋଇପଡିଛି ଯେ ପ୍ରତିଦିନ ବିଲ୍ଡିଂର ଛାତର କିଛି ଅଂଶ ଖସିପଡୁଛି। ଏହି କାରଣରୁ କଲେଜର ପିଲାମାନେ କ୍ଲାସରେ ଯୋଗଦେବା ପାଇଁ ମୁଣ୍ଡରେ ହେଲମେଟ ପିନ୍ଧି ଆସନ୍ତି। କୋଲହାନ ବିଶ୍ୱବିଦ୍ୟାଳୟର ଏହି କଲେଜ ପ୍ରାୟ ୬୫ ବର୍ଷ ପୂର୍ବେ ୧୯୫୯ରେ ପ୍ରତିଷ୍ଠିତ ହୋଇଥିଲା। ସେତେବେଳେ ଏହା ଝାଡଖଣ୍ଡର ଅନ୍ୟତମ ଭଲ କଲେଜ ଥିଲା, କିନ୍ତୁ ବିକାଶ ଅଭାବରୁ ବହୁତ ପଛରେ ପଡ଼ିଯାଇଛି। ଏବେ କଲେଜ ପ୍ରଶାସନ ଶ୍ରେଣୀଗୃହକୁ ତାଲା ପକାଇଛନ୍ତି।



# ବିବାହ ବନ୍ଧନରେ ବାନ୍ଧିହେଲେ କ୍ରିତି-ପୁଲକିତ

ମୁମ୍ବାଇ

ବହୁ ବର୍ଷ ଧରି ପରସ୍ପରକୁ ଡେଟ୍ କରିବା ପରେ ଅଭିନେତା ପୁଲକିତ ସମ୍ରାଟ ଏବଂ ଅଭିନେତ୍ରୀ କ୍ରିତି ଖରବନ୍ଦା ଶେଷରେ ମାର୍ଚ୍ଚ ୧୫ରେ ବିବାହ କରିଛନ୍ତି। ପ୍ରଶଂସକମାନେ ଏହି ଦମ୍ପତିଙ୍କ ଅଫିସିଆଲ ବିବାହ ଫଟୋ ଶେୟାର କରିବାକୁ ଅପେକ୍ଷା କରି ରହିଥିଲେ ଏବଂ ଶେଷରେ ସେମାନେ ଏହାକୁ ଶେୟାର କରିଛନ୍ତି। ପୁଲକିତ ସମ୍ରାଟ ଏବଂ କ୍ରିତି ଖରବନ୍ଦା କିଛି ସୁନ୍ଦର ଝଲକ ଶେୟାର କରି ପ୍ରଶଂସକମାନଙ୍କୁ ସେମାନଙ୍କର ବିବାହ ବେଳର ଝଲକ ପ୍ରଦାନ କରିଛନ୍ତି। ଘନିଷ୍ଠ ପରିବାର ଏବଂ ବନ୍ଧୁମାନଙ୍କ ମଧ୍ୟରେ କ୍ରିତି ଖରବନ୍ଦା ଏବଂ ପୁଲକିତ ସମ୍ରାଟ ଏକ ଖୁସି ଉତ୍ସବ ସହିତ ସେମାନଙ୍କର ଖୁସହାଲ ଜିନ୍ଦେଗି ଆରମ୍ଭ କରିଛନ୍ତି। ବିବାହରେ ଏକଜୁଟ ହେବାବେଳେ ଏମାନେ ସବୁଠାରୁ ଷ୍ଟାଇଲିସ ଦେଖାଯାଉଥିଲେ। ପୁଲକିତ ସମ୍ରାଟ ଏକ ଶାନଦାର ଗ୍ରୀନ ଆଉଟଫିଟ୍‌ରେ ଚମତ୍କାର ଦେଖାଯାଉଥିଲେ, ଯାହା ବିବାହର ସୌନ୍ଦର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ପରିପୂର୍ଣ୍ଣ କରିଥିଲା। ଉଭୟ 'ବୀରେ କି ୱେଡିଂ', ପାଗଲପନ୍ତି, ତୈସ ଆଦି ଚଳଚ୍ଚିତ୍ରରେ ଏକାଠି କାର୍ଯ୍ୟ କରିଛନ୍ତି।



# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୭/୨୦୨୪ | Bhubaneswar, Sunday, March 17/2024 | ପୃଷ୍ଠା-୧


# ୬ ନୂଆ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ ହେବ



ଭୁବନେଶ୍ୱର, ୧୬।୩(ଅନିଲ ଦାସ)

## ୧୪ ପ୍ରସ୍ତାବକୁ କ୍ୟାବିନେଟ ମୋହର

- ଯାଦବ ଭବନ ପାଇଁ ୫୦୦ ଡିସିମିଲ ମାଗଣା ଜମି
- ଇ-ଷ୍ଟାମ୍ପିଂରେ ଆଦାୟ ଷ୍ଟାମ୍ପ ଦେୟ ଉପରେ ଭେଣ୍ଡରଙ୍କୁ ମିଳିବ ୦.୮୫% କମିଶନ
- ଓଡ଼ିଶା ଅନୁଦାନ ନିୟମ- ୨୦୧୪ ସଂଶୋଧନ

ଲୋକସେବା ଭବନଠାରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରର ପଞ୍ଚମ ପାଳିର ଶେଷ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୭ଟି ବିଭାଗର ମୋଟ ୧୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ରାଜ୍ୟରେ ବିଦ୍ୟୁତ୍ ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଶିଳ୍ପାନୁଷ୍ଠାନର ଚାହିଦା ପୂରଣ କରିବା ପାଇଁ ୬ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ, ଟ୍ରାନ୍ସମିଶନ୍ ଲାଇନ ନିର୍ମାଣ, ସବ୍‌ଷ୍ଟେଶନ ଅଟୋମେଶନ ସିଷ୍ଟମ କାର୍ଯ୍ୟକାରୀ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ରାଜ୍ୟରେ ନୂତନ ଭାବେ ସ୍ଥାପନ ହେବାକୁ ଥିବା ଶିଳ୍ପ ସଂସ୍ଥାଗୁଡ଼ିକର ବିଦ୍ୟୁତ୍ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ପାରାଦୀପ ପ୍ଲାଷ୍ଟିକ ପାର୍କ, ଅନୁଗୋଳ ଆଲୁମିନିୟମ ପାର୍କ, ଭଦ୍ରକ ଟେକ୍ସଟାଇଲ ପାର୍କ, ନେଉଳପୋଇ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଓ କାର୍ଯ୍ୟକ୍ଷମ ପରିବହନ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ୬ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ ହେବ। ଏହି ପର୍ଯ୍ୟାୟରେ ମୋଟ ୧୮୪୫.୭୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେଥିରୁ ୩୦% (୫୫୩.୭୩ କୋଟି ଟଙ୍କା ) ରାଜ୍ୟ ସରକାରଙ୍କ ତରଫରୁ ଅଂଶଧନ ସହାୟତା ଆକାରରେ ପ୍ରଦାନ କରାଯିବ। ଅବଶିଷ୍ଟ ୭୦% (୧୨୯୨.୦୩ କୋଟି ଟଙ୍କା) ଓପିଟିସିଏଲ ବହନ କରିବ। ଏହି ପର୍ଯ୍ୟାୟ ଅଧୀନରେ ବିଭିନ୍ନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ(ସିଏମପିଡିପି) ଅଧୀନରେ ୫ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩-୨୪ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ସିଏମ୍‌ପିଡିପି ଅଧୀନରେ ଦ୍ୱିତୀୟ ପର୍ଯ୍ୟାୟରେ ଓପିଟିସିଏଲ୍ ଦ୍ୱାରା ରାଜ୍ୟ ସରକାରଙ୍କ ୩୦% ଅଂଶଧନ ସହାୟତାରେ ୫ ବର୍ଷ ମଧ୍ୟରେ ରାଜ୍ୟରେ ୨୧ ଗୋଟି ନୂତନ ଏବଂ ସୁଦୃଢ଼ୀକରଣ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ।

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ମୌଜାରେ ଯାଦବ ଭବନ ନିର୍ମାଣ ପାଇଁ ଉତ୍କଳ ଯାଦବ ମହାସଭାକୁ ରାଜ୍ୟ ସରକାର ୫୦୦ଡିସିମିଲ୍ ଜମି ମାଗଣାରେ ଯୋଗାଇ ଦେବେ। ଜମିର ପ୍ରିମିୟମ ବାବଦକୁ ୫.୦୬ କୋଟି ଟଙ୍କା ଛାଡ଼ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଲାଇସେନ୍ସପ୍ରାପ୍ତ ଷ୍ଟାମ୍ପ ବିକ୍ରେତାମାନେ ଷ୍ଟାମ୍ପ ପେପର ବିକ୍ରି କରିବା ପାଇଁ ୧% ରୁ ୪% କମିଶନ ପାଉଛନ୍ତି। ଷ୍ଟାମ୍ପ ପେପର ସଂଗ୍ରହଣ ପାଇଁ ଅତ୍ୟଧିକ ଖର୍ଚ୍ଚକୁ ହ୍ରାସ କରିବା ତଥା ଇ-ଷ୍ଟାମ୍ପିଂର ପ୍ରଚଳନ ହେତୁ ଲାଇସେନ୍ସ ପ୍ରାପ୍ତ ଷ୍ଟାମ୍ପ ବିକ୍ରେତାମାନଙ୍କୁ ରାଜ୍ୟ ସରକାର ଇ-ଷ୍ଟାମ୍ପିଂ ବ୍ୟବସ୍ଥାରେ ନିୟୋଜନ କରି ଇ-ଷ୍ଟାମ୍ପିଂ ରେ ଆଦାୟ ଷ୍ଟାମ୍ପ ଦେୟ ଉପରେ ୦.୮୫% କମିଶନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ☞ପୃଷ୍ଠା-୫

## ମହାନଦୀରେ ହେବ ହାଇଲେଭଲ୍ ସେତୁ

ଭୁବନେଶ୍ୱର, ୧୬।୩(ଅନିଲ ଦାସ)

ରାଜ୍ୟ ସରକାର ୨୦୨୩-୨୪ରେ ରାଜ୍ୟ ଯୋଜନା ଅଧୀନରେ କଟକ ଜିଲା ସାଲେପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଖଣ୍ଡ-ସାହୁଖେତ ରାସ୍ତାରେ ମହାନଦୀ ନଦୀ ଉପରେ ଏକ ଉଚ୍ଚ (ହାଇଲେଭଲ)ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରକଳ୍ପ କଟକ-ପାରାଦୀପ ରାସ୍ତା(ଏସ୍ଏଚ୍-୧୨) ଓ କଟକ-ଚାନ୍ଦବାଲି ରାସ୍ତା (ଏସ୍ଏଚ୍-୦୯)କୁ ସଂଯୋଗ କରିବା ସହ ନଦୀର ଉଭୟ ପାର୍ଶ୍ୱରେ ରହୁଥିବା ବାସିନ୍ଦାଙ୍କ ସିଧାସଳଖ ଯୋଗାଯୋଗ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ। ଏହି ସେତୁ ପାଇଁ ଡକାଯାଇଥିବା ୧୨୮.୭୧କୋଟି ଟଙ୍କା ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ୩୬ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହିତ ଓଡିଶା ସୂଚନା ଓ ଲୋକସମ୍ପର୍କ ବୈଷୟିକ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୪ ପ୍ରଣୟନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନରେ ଥିବା ବିଭିନ୍ନ ବୈଷୟିକ ସଂବର୍ଗ ପ୍ରତି ମେଧାବୀ ତଥା କୁଶଳୀ ପ୍ରାର୍ଥୀଙ୍କୁ ଆକର୍ଷିତ କରିବା ତଥା ସରକାରୀ କାର୍ଯ୍ୟରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୭ଗୋଟି କ୍ଷୁଦ୍ର ବୈଷୟିକ ସଂବର୍ଗର ପୁନର୍ବିନ୍ୟାସ କରାଯାଇଛି। ଉକ୍ତ ପୁନର୍ବିନ୍ୟାସ ପରେ ସମ୍ପୃକ୍ତ ☞ପୃଷ୍ଠା-୫

# ଲମ୍ବା ନିର୍ବାଚନ: ପ୍ରଶ୍ନ ଉଠାଇଲେ ବିରୋଧୀ



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ।

ନୂଆଦିଲ୍ଲୀ, ୧୬।୩

ନିର୍ବାଚନ କମିଶନ (ଇସି) ଏପ୍ରିଲ ୧୯ରୁ ଜୁନ୍ ୧ ମଧ୍ୟରେ ୭ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଇବା ନେଇ ଶନିବାର ଘୋଷଣା କରିଛନ୍ତି। ଏହା କେନ୍ଦ୍ରରେ କ୍ଷମତାସୀନ ଭାଜପାକୁ ସୁହାଉଥିବା ଦର୍ଶାଇ ବିରୋଧୀ ଦଳଗୁଡ଼ିକ ଏନେଇ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଏହି ନିର୍ବାଚନ ଶେଷ ସୁଯୋଗ ବୋଲି କଂଗ୍ରେସ କହିଛି। ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରାଜ୍ୟରେ ଗୋଟିଏ କିମ୍ବା ଦୁଇଟି ପର୍ଯ୍ୟାୟରେ ମତଦାନ କରାଇବା ପାଇଁ ଦାବି କରିଥିବାବେଳେ ଇସି ୭ ପର୍ଯ୍ୟାୟରେ ଭୋଟ କରାଇବା ଦ୍ୱାରା ଭାଜପାକୁ ଲାଭ ମିଳିପାରେ ବୋଲି ଅସନ୍ତୋଷ ବ୍ୟକ୍ତ କରିଛି। ପ୍ରକାଶ ଯେ, ୧୯୫୧-୫୧ ପରେ ୪୪ ଦିନ ଧରି ଚାଲିବାକୁ ଥିବା ଆଗାମୀ ଲୋକ ସଭା ଭୋଟ ସବୁଠୁ ଦ୍ୱିତୀୟ ଲମ୍ବା ନିର୍ବାଚନ ହେବାକୁ ଯାଉଛି। ତେବେ ଏହା ଭାରତ ପାଇଁ ନ୍ୟାୟର ବାଟ ଖୋଲିଦେବ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁଆଡ଼େ ବୁଲିବାକୁ ଚାହୁଁଥିବାରୁ ୩ କିମ୍ବା ୪ ପରିବର୍ତ୍ତେ ୭ ପର୍ଯ୍ୟାୟରେ ନିର୍ବାଚନ କରାଯାଉଥିବା ଖାର୍ଗେ ସମାଲୋଚନା କରିଛନ୍ତି। ଡିଏମ୍‌କେ ମୁଖପାତ୍ର ଟିକେଏସ୍ ଏଲାନ୍‌ଗୋଭାନ୍ କହିଛନ୍ତି ଯେ, ତାମିଲନାଡୁରେ ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୯ରେ ସବୁ ଆସନରେ ଭୋଟ ହେବ। ଏହା ପରେ ଜୁନ୍ ୪ରେ ଫଳାଫଳ ଘୋଷଣା କରାଯିବ। ଏଥିପାଇଁ ରାଜ୍ୟବାସୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ଏହି ଦୀର୍ଘଦିନର ଆଦର୍ଶ ଆଚରଣ ବିଧି ସମୟ ମଧ୍ୟରେ ଦଳକୁ ପ୍ରସ୍ତୁତ ହେବାକୁ ପଡ଼ିବ।

# ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ହତ୍ୟା

- ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ବଳିପଡ଼ିଲେ ଅଞ୍ଜନ
- ପ୍ରେମିକାଙ୍କୁ ନେଇ ହତ୍ୟା ଅଭିଯୁକ୍ତ ଫେରାର

ଭୁବନେଶ୍ୱର, ୧୬।୩ (ସୂର୍ଯ୍ୟକାନ୍ତ ବେହେରା)



ମୃତ ଅଞ୍ଜନ କୁମାର ବେହେରା

ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ରାଜଧାନୀରେ ଏକ ହତ୍ୟାକାଣ୍ଡ ଘଟିଛି। ଖଣ୍ଡାଚୋଟରେ ଭଦ୍ରକର ଅଞ୍ଜନ କୁମାର ବେହେରା(୨୫)ଙ୍କ ମୃତ୍ୟୁ ହୋଇଛି। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚମ୍ପା ପୋଖରୀ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଥିବାବେଳେ ସାଙ୍ଗ ଗୌତମଙ୍କୁ ବଞ୍ଚାଇବାକୁ ଯାଇ ଅଞ୍ଜନ ହତ୍ୟାର ଶିକାର ହୋଇଥିବା କୁହାଯାଉଛି। ପୋଲିସ କ୍ୟାପିଟାଲ ହସ୍ପିଟାଲରୁ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ଅଭିଯୁକ୍ତଙ୍କ ଟାର୍ଗେଟରୁ ବର୍ତ୍ତି ଯାଇଥିବା ଗୌତମ ସାହୁଙ୍କୁ ପଚରାଉଚରା କରିଛି। ହତ୍ୟାକାଣ୍ଡ ସ୍ଥଳରୁ ପ୍ରେମିକାଙ୍କୁ ଧରି ଅଭିଯୁକ୍ତ ଓ ସହଯୋଗୀମାନେ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଥାନା ଅଧିକାରୀ ଶ୍ୟାମସୁନ୍ଦର ରାୟ କହିଛନ୍ତି। ଏପଟେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଜନଙ୍କ ପରିବାର ଲୋକେ ଦାବି କରିଛନ୍ତି। ପୋଲିସ ସୂଚନା ଅନୁସାରେ, ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଚମ୍ପା ପୋଖରୀ ନିକଟରେ ରହୁଥିବା ଗୌତମ ଓ ଅଞ୍ଜନ ବିବାହ କାର୍ଯ୍ୟକ୍ରମରେ କକ୍‌ଟେଲ ବୟ ଭାବେ କାମ କରନ୍ତି। ସେହି ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ଗୌତମ ଭଲ ପାଉଥିଲେ। ସେହି ଯୁବତୀଙ୍କୁ ୟୁନିଟ୍-୫ ଅଞ୍ଚଳର ପିଙ୍କୁ ନାମକ ଜଣେ ଯୁବକ ମଧ୍ୟ ପ୍ରେମ କରୁଥିଲେ। ଏହି ତ୍ରିକୋଣୀୟ ପ୍ରେମକୁ ନେଇ ପିଙ୍କୁ ଓ ଗୌତମଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଥିଲା। ଉଭୟଙ୍କ ମଧ୍ୟରେ ପ୍ରାୟ ସମୟ ଝଗଡା ମଧ୍ୟ ହୋଇଥିଲା। ପ୍ରେମରେ କଣ୍ଟା ସାଜିଥିବା ଗୌତମଙ୍କୁ ରାସ୍ତାରୁ ହଟାଇବାକୁ ପିଙ୍କୁ ଯୋଜନା କରିଥିଲେ। ଶୁକ୍ରବାର ରାତିରେ ପିଙ୍କୁ ୪ ଜଣ ସହଯୋଗୀଙ୍କ ☞ପୃଷ୍ଠା-୫

# ଆଚରଣ ବିଧି ୧୯୬୦ରୁ ଆରମ୍ଭ

ନୂଆଦିଲ୍ଲୀ, ୧୬।୩



ELECTION COMMISSION OF INDIA
MODEL CODE OF CONDUCT FOR THE GUIDANCE OF POLITICAL PARTIES AND CANDIDATES

I. General Conduct

(1) No party or candidate shall include in any activity which may aggravate existing differences or create mutual hatred or cause tension between different castes and communities, religious or linguistic.

(2) Criticism of other political parties, when made, shall be confined to their policies and programme, past record and work. Parties and Candidates shall refrain from criticism of all aspects of private life, not connected with the public activities of the leaders or workers of other parties. Criticism of other parties or their workers based on unverified allegations or distortion shall be avoided.

ଭାରତର ନିର୍ବାଚନ ଆୟୁକ୍ତ (ଇସିଆଇ) ଶନିବାର ଅପରାହ୍ନ ୩ଟାରେ ଲୋକ ସଭା ଓ ୪ ରାଜ୍ୟ ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିବା ପରେ ତତ୍କାଳ ସାରା ଦେଶରେ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ଲାଗୁ ହୋଇଛି। ଏହି ଆଚରଣ ବିଧି ପ୍ରଥମେ ୧୯୬୦ରେ କେରଳ ବିଧାନସଭା ନିର୍ବାଚନ ବେଳେ ଲାଗୁହୋଇଥିଲା। ରାଜନୈତିକ ଦଳଗୁଡ଼ିକର ଆଚରଣ କିପରି ରହିବା ଉଚିତ ସେନେଇ ପ୍ରଶାସନ ପକ୍ଷରୁ ନୀତି ନିର୍ଦ୍ଧାରଣ କରାଯାଇଥିଲା।

ଇସିଆଇ ସୂତ୍ରରୁ ମିଳିଥିବା ସୂଚନାନୁସାରେ ୬୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଏହି କୋଡ୍‌ରେ ପରିବର୍ତ୍ତନ ଅଣାଯିବା ପରେ ବର୍ତ୍ତମାନର ଆଦର୍ଶ ଆଚରଣ ବିଧି ଏକ ବିଧିବଦ୍ଧ ରୂପ ନେଇଛି। ୧୯୬୦ରେ କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଏମ୍‌ସିସି ଲାଗୁ ହୋଇଥିବା ଇସିଆଇଙ୍କ ପକ୍ଷରୁ ପ୍ରକାଶିତ 'ଲିପ୍ ଅଫ୍ ଫେଥ୍' ଶୀର୍ଷକ ଏକ ପୁସ୍ତକରେ ପ୍ରକାଶ କରାଯାଇଛି। ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ଆୟୁକ୍ତଙ୍କ ଯାତ୍ରା ସମ୍ପର୍କରେ ଏଥିରେ ବିଶଦ ଭାବେ ଉଲ୍ଲେଖ କରାଯାଇଛି। ୧୯୬୮-୬୯ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ସମୟରେ ୧୯୬୮ ସେପ୍ଟେମ୍ବର ୨୬ରେ 'ମିନିମମ୍ କୋଡ୍ ଅଫ୍ କଣ୍ଡକ୍ଟ' ବା 'ସର୍ବନିମ୍ନ ଆଚରଣ ବିଧି' ଶୀର୍ଷକରେ ଇସିଆଇ ପ୍ରଥମ ଥର ପାଇଁ ଏମ୍‌ସିସି ଜାରି କରିଥିଲେ। ପରେ ୧୯୭୯, ୧୯୮୨, ୧୯୯୧ ଏବଂ ୨୦୧୩ରେ ଆଚରଣ ବିଧିର ସଂଶୋଧନ ହୋଇଥିଲା। ସେହି ସମୟରେ ନିର୍ବାଚନ କମିଶନ 'ରୋଲ୍ ଆଣ୍ଡ୍ ରେସ୍‌ପନ୍ସିବିଲିଟିଜ୍ ଅଫ୍ ପଲିଟିକାଲ ପାର୍ଟିଜ୍ ଡ୍ୟୁରିଂ ଇଲେକ୍ସନ୍ସ: ଆନ୍ ଅପିଲ୍ ଟୁ ପଲିଟିକାଲ ପାର୍ଟିଜ୍ ଫର୍ ଦି ଅବଜର୍ଭେନ୍ସ ଅଫ୍ ମିନିମମ୍ କୋଡ୍ ଅଫ୍ କଣ୍ଡକ୍ଟ ଡ୍ୟୁରିଂ ଇଲେକ୍ସନ୍ ପ୍ରୋପାଗଣ୍ଡା ଆଣ୍ଡ୍ କ୍ୟାମ୍ପେନ୍' ଶୀର୍ଷକ ଏକ ଦସ୍ତାବିଜ ପ୍ରସ୍ତୁତ କରିଥିଲେ। ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଆଚରଣ ମାନ ନିର୍ଦ୍ଧାରଣ ପାଇଁ ଏହା କରାଯାଇଥିଲା।

୧୯୭୯ରେ ରାଜନୈତିକ ଦଳଗୁଡ଼ିକୁ ନେଇ ଅନୁଷ୍ଠିତ ଏକ ସମ୍ମିଳନୀରେ ଶାସକ ଦଳଗୁଡ଼ିକର ଆଚରଣ ଉପରେ ନଜର ରଖିବା ପାଇଁ ସମସ୍ତେ ରାଜି ହୋଇଥିଲେ। ☞ପୃଷ୍ଠା-୫

## ଏମ୍‌ସିସି କ'ଣ

ଏମ୍‌ସିସି ହେଉଛି ନିର୍ବାଚନ ସମୟରେ ସବୁ ପକ୍ଷଙ୍କ ସହମତିରେ କରାଯାଉଥିବା ଏକ ରାଜିନାମା। ପ୍ରଚାର, ମତଦାନ ଓ ଭୋଟ ଗଣତିକୁ ବ୍ୟବସ୍ଥିତ ଢଙ୍ଗରେ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ କରାଯିବା ଏହାର ଲକ୍ଷ୍ୟ। ଏଥିଲାଗି କ୍ଷମତାରେ ଥିବା ଦଳ ପକ୍ଷରୁ ନିର୍ବାଚନ ସମୟରେ ସରକାରୀ କଳ ଓ ଅର୍ଥର ଦୁରୁପଯୋଗକୁ ରୋକାଯାଇଥାଏ। କିନ୍ତୁ ଏହା ପ୍ରତି କୌଣସି ସାମ୍ବିଧାନିକ ସମର୍ଥନ ନାହିଁ। ଏହା ସତ୍ତ୍ୱେ ସୁପ୍ରିମକୋର୍ଟ ଅନେକ ଥର ଏମ୍‌ସିସିର ପବିତ୍ରତା ରକ୍ଷା କରିଆସିଛନ୍ତି। ଆଚରଣ ବିଧିର କୌଣସି ପ୍ରକାର ଉଲ୍ଲଂଘନ ହେଲେ ତାହା ଉପରେ ତଦନ୍ତ କରାଯାଇ ଦଣ୍ଡିତ କରିବା ପାଇଁ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ରୂପେ ଅଧିକୃତ। ଏମ୍‌ସିସି ଲାଗୁହେବା ପରେ ମନ୍ତ୍ରୀ ବା ସରକାରୀ କର୍ତ୍ତୃପକ୍ଷ କୌଣସି ପ୍ରକାର ଆର୍ଥିକ ଅନୁଦାନ ଘୋଷଣା କରିପାରିବେ ନାହିଁ। ଭୋଟରଙ୍କୁ ପ୍ରଭାବିତ କରିବା ଭଳି କୌଣସି ପ୍ରକଳ୍ପ ବା ଯୋଜନା ଘୋଷଣା କରାଯାଇପାରିବ ନାହିଁ। ପ୍ରଚାର ଉଦ୍ଦେଶ୍ୟରେ ସରକାରୀ କଳର ବ୍ୟବହାର ଉପରେ ରୋକ ଲାଗିଥାଏ।


ଆଜିର ସମ୍ପାଦକୀୟ

ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସିର ସ୍ଥିତି





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ, ସ୍ଥାନ: କାର୍ଗିଲ ଗ୍ରାଉଣ୍ଡ, ପୋଖରୀପୁଟ୍, ସମୟ: ପ୍ରାତଃ ୪ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ ପଙ୍କଜ ଚରଣ ଦାସଙ୍କ ୧୦୫ତମ ଜୟନ୍ତୀ, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପତଞ୍ଜଳୀ ଆରୋଗ୍ୟ କେନ୍ଦ୍ର, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସେମିନାର, ସ୍ଥାନ: ଜିକେସିଏମ୍, ସମୟ: ପୂର୍ବାହ୍ନ ୧୦ଟା ୩୦। ଏବଂ ନୃତ୍ୟ ଉତ୍ସବ ପରମ୍ପରା ପ୍ରତିରୂପା, ସମୟ: ସନ୍ଧ୍ୟା ୭ଟା।
- ଅଲ ଓଡ଼ିଶା ବ୍ୟାଙ୍କ ମିତ୍ର ଆସୋସିଏଶନ, ସ୍ଥାନ: ଶ୍ରମିକ ଭବନ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍ତର ପୁରୁଷ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶିକ୍ଷକ ଭବନ, କେଶରୀ ଟକିଜ୍ ପଛ, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ପଙ୍କଜ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବାଗ୍‌ଦେବୀ ନାଟକ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ବାପୁଜୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ, ସ୍ଥାନ: ଶଙ୍ଖାମେରୀ ଖେଳ ପଡ଼ିଆ,ବଡ଼ମ୍ବା, ସମୟ: ଅପରାହ୍ନ ୩ଟା।
- ଭାଜପା ତରଫରୁ ୩୦୯ ବୁଥ୍ କର୍ମଶାଳା, ସ୍ଥାନ: ପୋଡ଼ାମରାଇ,ମାହାଙ୍ଗା, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ମା'କାଳିକା ଦ୍ୱାଦଶ ବାର୍ଷିକ ଭଗବତ ପ୍ରତିଯୋଗିତା, ସ୍ଥାନ: ମା'କାଳିକା ଦେବୀ ପୀଠ, ଅସରଳା, ବୋଲଗଡ଼: ସମୟ: ସକାଳ ୬ଟା ୩୦।
- ବିଶ୍ୱଶାନ୍ତି ଯଜ୍ଞ ଅବସରରେ ସୂର୍ଯ୍ୟଙ୍କ ସ୍ତୁତି, ସ୍ଥାନ: ଲୋକେଶ୍ୱର ଦେବଙ୍କ ପୀଠ ବଡ଼ପଦର, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୭ଟା।
- ଯୁବ ସମ୍ମିଳନୀ ଓ ଆଲୋଚନାଚକ୍ର, ସ୍ଥାନ: ରାମକୃଷ୍ଣ ସେବାଶ୍ରମ, ଟିକାତଳ, ବୋଲଗଡ଼, ସମୟ: ସକାଳ ୯ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ସାନ୍ଧ୍ୟ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ତାରେଶ୍ୱର ଦେବ ମନ୍ଦିର ପରିସର, ବାଙ୍କୋଇ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।
- ଇଣ୍ଡିଆନ ଓମେନ୍ସ ଲିଗ୍
- ଓଏଫ୍‌ସି ବନାମ ଇଷ୍ଟ ବେଙ୍ଗଲ
- ସମୟ: ଅପରାହ୍ନ ୩.୩୦
- ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ।

## ବାଲେଶ୍ୱର

- ବାଲେଶ୍ୱର ଦର୍ପଣର ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରୂପସା ରେଳ ଜଙ୍କଶନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଜଗନ୍ନାଥ ମଣ୍ଡପ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୧ଟା।

## ଭଦ୍ରକ

- ଜିଲାସ୍ତରୀୟ ଟାଏକୋଣ୍ଡୋ ଦକ୍ଷତା ପରୀକ୍ଷା, ସ୍ଥାନ: ହାପିହୋମ୍ ସ୍କୁଲ, ଚରମ୍ପା, ସମୟ: ସକାଳ ୬ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ସାହିତ୍ୟ ସଂସ୍କୃତି ପରିଷଦର ୭ମ ବାର୍ଷିକୋତ୍ସବ, ସ୍ଥାନ: ଗୁଆଗଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ, ବାସୁଦେବପୁର, ସମୟ: ସକାଳ ୯ଟା।
- ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ବସନ୍ତିଆ, ବନ୍ତ, ସମୟ: ଅପରାହ୍ନ ୪ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- 'ହଂସଧ୍ୱନି'ର ୪ର୍ଥ ବାର୍ଷିକୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ, କମାରଗାଁ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- କେନ୍ଦୁଝର ଡିଭିଜନସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ କଲ୍ୟାଣ ମଣ୍ଡପ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ପଖାଳ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳାଦ୍ରି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।
- ନିର୍ବାଚନ ସମ୍ପର୍କୀୟ ପ୍ରେସମିଟ୍, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଜ୍ୟୋତି ରଥ ପରିକ୍ରମା, ସ୍ଥାନ: ଉଦଳା ଏନ୍‌ଏସି, ସମୟ: ସକାଳ ୯ଟା।
- ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶାମାଖୁଣ୍ଟା ବ୍ଲକ କଦମଡିହା, ସମୟ: ପୂର୍ବାହ୍ନ ୧୧ଟା।
- ବିଦୁ ଚାନ୍ଦାନ ମେମୋରିଆଲ କମିଟି ପକ୍ଷରୁ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ତିରିଂ ବ୍ଲକ ନରଣପୁର, ସମୟ: ଅପରାହ୍ନ: ୧ଟା।
- ଫଗୁ ଦଶମୀ ହୋଲି ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଦୋଳମଣ୍ଡପ, ଡିହିରାକୁଳ, ଉଦଳା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ସୁରଭି ପକ୍ଷରୁ ପ୍ରତିଯୋଗିତା, ସ୍ଥାନ: ଏସଏମଆଇଟି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା
- ନିତ୍ୟାନନ୍ଦ ଆନ୍ତଃଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ,ସ୍ଥାନ: ପୁରୁଣା ବ୍ରହ୍ମପୁର ତଳମେଣ୍ଟୁ ଛକ, ସମୟ: ପୂର୍ବାହ୍ନ ୧୧ଟା
- ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ନାରୀ ଶକ୍ତି ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ:ଗଞ୍ଜାମ କଳାପରିଷଦ,ସମୟ:ଅପରାହ୍ନ ୪ଟା
- କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆସର,ସ୍ଥାନ: ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷ,ସମୟ: ସନ୍ଧ୍ୟା ୬ଟା

## ଗଞ୍ଜାମ

- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ବୁଗୁଡା ପୋଚାଲୁଣ୍ଡି,ସମୟ: ସକାଳ ୭ଟାରୁ
- କ୍ରିକେଟ୍ ମ୍ୟାଚ୍, ସ୍ଥାନ: ଭଞ୍ଜନଗର ବ୍ଲକ ଜିଲୁଣ୍ଡି ଖେଳ ପଡିଆ, ସମୟ: ସକାଳ ୯ଟା।
- ନିର୍ବାଚନ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀବତ୍ସ ହାଇସ୍କୁଲ, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ଦୀନବନ୍ଧୁ ବେହେରା ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ରକ୍ତଦାନ ଶିବିର,ସ୍ଥାନ:ଗଞ୍ଜାମ ଥାନା ପରିସର, ସମୟ-ପୂର୍ବାହ୍ନ ୧୦ଟା।
- ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ବାଉଁଶଲୁଣ୍ଡି ଇସ୍କନ ମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଆମ ପୋଲିସ ସମିତି ବୈଠକ, ସ୍ଥାନ: ଭଞ୍ଜନଗର ଥାନା, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗୀମାରୀ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଐତିହ୍ୟ ପଦଯାତ୍ରାର ପ୍ରଥମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ଢେଙ୍କାନାଳ ବିଜ୍ଞାନକେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ନିର୍ବାଚନ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ସମୟ : ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ ଘଟିକା।
- ନିର୍ବାଚନ ପରିଚାଳନା ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ପିଚିସି ହାଇସ୍କୁଲ ଓ ଅନୁଗୋଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ ଘଟିକା।
- ନିର୍ବାଚନ ଜନିତ ସେକ୍ଟର ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଘଟିକା।
- ଅନୁଗୋଳ ମେଳା, ସ୍ଥାନ: ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ ଘଟିକା।
- ରାଜ୍ୟସ୍ତରୀୟ ନିମନ୍ତ୍ରିଣ ବ୍ୟାଡମିଟନ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍, ସମୟ: ପୂର୍ବାହ୍ନ ୧୦ ଘଟିକା।
- ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର, ସ୍ଥାନ: କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୋର୍ଟ ବଣିକସଂଘ ଦୁର୍ଗା ମନ୍ଦିରର ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଦୁର୍ଗା ମନ୍ଦିର ପରିସର ବଡ଼ପଡିଆ ପାରାଦୀପ, ସମୟ:ସକାଳ ୬ଟା।
- ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ରାଷ୍ଟ୍ର ସୁରକ୍ଷା ଯଜ୍ଞ, ସ୍ଥାନ: ଅନନ୍ତବଟ ମହାପୁରୁଷ ମଠ, ତାଳଦଣ୍ଡା, କୁଜଙ୍ଗ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ପରିବେଶ ସୁସ୍ଥ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ରୁଦ୍ର ମହାଯଜ୍ଞ ଓ ବାର୍ଷିକୋତ୍ସବ, ସ୍ଥାନ: ମାଳପାଟଣା, ଆଳି, ସମୟ: ସନ୍ଧ୍ୟା ୬ଟା।
- ମା' କେନ୍ଦୁଖାଇ ଦୁଆସୁଣୀ ଦେବୀଙ୍କ ସପ୍ତମ ଜନ୍ମବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭ୍ରମରଦିଆପାଟଣା, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ଯୁକ୍ତ ଦୁଇ ଶ୍ରେଣୀରୁ ଊର୍ଦ୍ଧ୍ୱ ଜିଲାସ୍ତରୀୟ ପ୍ରତିଭା ସଂଗମ ଓ ପ୍ରଶିକ୍ଷଣ ପ୍ରତିଯୋଗିତା ପ୍ରଦର୍ଶନ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ସମୟ: ସକାଳ ୮ଟା।
- ବ୍ରହ୍ମ ସନାତନ ଯଜ୍ଞ, ସ୍ଥାନ: ଅଭିରାମ ପରମହଂସ ଆଶ୍ରମ, ପାଣିଓଲା, ଡେରାବିଶ, ସମୟ: ସକାଳ ୮ଟା।
- ଜାତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପଟ୍ଟାମୁଣ୍ଡାଇ ବକ୍ତାରପୁର ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକର କୁମାରୀ ଓ ଦେଉଳି ଗ୍ରାମ ଅଷ୍ଟପ୍ରହରୀ ମଣ୍ଡପ, ସମୟ: ସକାଳ ୬ଟା।
- ମାଗଣା ମଧୁମେହ ରୋଗ ପରୀକ୍ଷା ଶିବିର, ସ୍ଥାନ: ଧର୍ମଶାଳା-କାଏମା ରାସ୍ତା ପାର୍ଶ୍ୱର ସାର୍ଥକ ହସ୍ପିଟାଲ ପରିସର, ସମୟ: ସକାଳ ୮ଟା।
- ଦିନିକିଆ ଟ୍ୟାକ୍ସ ସମ୍ମିଳନୀ, ସ୍ଥାନ: ଯାଜପୁର ରୋଡ୍ ହୋଟେଲ ଯଯାତି କୋର୍ଟ୍ୟାର୍ଡ, ସମୟ : ସକାଳ ୮ଟା।
- ଲୋକସଭା ଏବଂ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସନଗର ପ୍ରିମିୟର ଲିଗ, ସ୍ଥାନ: ଯାଜପୁର ରୋଡ୍ ଏନସି ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା୩୦।
- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଧାରଣା, ସ୍ଥାନ: ନୀଳାଚଳ କାରଖାନା ସମ୍ମୁଖ, ସମୟ: ଦିନରାତି।
- ଭୀମ ଆର୍ମି ପକ୍ଷରୁ ବାସଚ୍ୟୁତଙ୍କ ଧାରଣାର ୪ର୍ଥ ଦିନ, ସ୍ଥାନ: କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ: ଦିନରାତି।

## ନୟାଗଡ଼

- ଶ୍ରୀରାମ ଚରିତ ମାନସ, ସ୍ଥାନ: ପଞ୍ଚମୁଖୀ ହନୁମାନ ପୀଠ ଖଣ୍ଡପଡ଼ା, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଖଣ୍ଡପଡା ବ୍ଲକର ରାକେଶିଆ ଗାଁ, ସମୟ: ସକାଳ ୮ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରାକେଶିଆ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ସୋଲାର ଏନର୍ଜି ବ୍ୟବହାର କର୍ମଶାଳା, ସ୍ଥାନ: ନିଉ ଲାଇଫ ଟ୍ରେନିଂ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା କଂଗ୍ରେସର ବୈଠକ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ମଧାହ୍ନ ୧୨ଟା ।
- ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ତାଲିମ ଶିବିର, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ତାଲିମ ଶିବିର, ସ୍ଥାନ: ବିଏଡ୍ ମହାବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।

## ବଲାଙ୍ଗୀର

- ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ଚାଷୀ ସମାବେଶ, ସ୍ଥାନ: ପାଟଣାଗଡ଼ ବ୍ଲକ ଯୋଗୀମୁଣ୍ଡା ହାଟପଦା ପଡିଆ, ସମୟ ପୂର୍ବାହ୍ନ:୧୦ଟା।
- ଅଲେଖ ମହିମା ଧର୍ମର ଘିଅପୁଡା କାର୍ଯ୍ୟକ୍ରମ, ସ୍ଥାନ: ମୁରିବାହାଲ ବ୍ଲକ ବାଙ୍କେଲ, ସମୟ: ପୂର୍ବାହ୍ନ ୧୧ଟା।
- ଷୋହଳ ପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ:ମୁରିବାହାଲ ବ୍ଲକ ବାନ୍ଧୁପଲା ପଞ୍ଚାୟତ ଅନ୍ତର୍ଗତ ସତୀଘାଟ, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ଉତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ହରି ଭବନ କଣ୍ଟାବାଞ୍ଜି, ସମୟ: ସନ୍ଧ୍ୟା ୬ଟା।
- ଗଣ୍ଡା ସମାଜର ସମ୍ମିଳନୀ, ସ୍ଥାନ: ଲୋଇସିଂହା ବ୍ଲକ କର୍ଲିପାଟ, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ପଦଯାତ୍ରା ଏବଂ କର୍ମୀ ସମ୍ମିଳନୀ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର କଲୋନୀ ପଡା, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ ଆଚରଣବିଧି ପାଳନ ସମ୍ପର୍କରେ ଜିଲାପାଳଙ୍କ ବୈଠକ, ସ୍ଥାନ: ଜିଲାପାଳ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ଛପନ ପ୍ରହର ନାମଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ କେନ୍ଦୁପାଲି, ସମୟ: ସକାଳ ୬ଟା।

## ରାଉରକେଲା

- ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟର ଆଲୋଚନାଚକ୍ର, ସ୍ଥାନ: ଛେଣ୍ଡ କଲୋନୀ,ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତୀ ବିଦ୍ୟାପୀଠର ବାର୍ଷିକୋତ୍ସବ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨୧, କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଦୋଳ ଉତ୍ସବ ପାଳନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର ୧୫ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆସ୍ଥା ପକ୍ଷରୁ ମହିଳା ଦିବସ, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ, ସମୟ: ଅପରାହ୍ନ ୫ଟା।
- ଆରାଧା ମହିଳା ସମିତି ପକ୍ଷରୁ ମହିଳା ଦିବସ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ମ୍ୟୁଜିକ ସର୍କଲର ବସନ୍ତ ସମାରୋହ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଷ୍ଟ୍ରୀୟ ଉଦ୍ୟମିତା ଶିଖର ସମ୍ମିଳନୀ, ସ୍ଥାନ: ଏନ୍‌ଆଇଟି, ସମୟ: ରାତି ୮ଟା।

## ସୁନ୍ଦରଗଡ଼

- ବଡ଼ଗାଁ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ,ସମୟ:ଅପରାହ୍ନ ୩ ଟା।
- ନୂତନ ଚିନ୍ତାଧାରାର କର୍ମଶାଳା, ସ୍ଥାନ: ରାଜଗାଙ୍ଗପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମୟ: ସକାଳ ୯ଟା ୩୦।

## ବରଗଡ଼

- ଆକାଶବାଣୀ ଶ୍ରୋତା ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ମାଉସୀ ମା' ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଭଟଲି, ସମୟ: ସକାଳ ୯ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ନାଇକେନପାଲି, ଅତାବିରା, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ଶ୍ରୀଶ୍ରୀ ହରିନାମ ସଂକୀର୍ତ୍ତନ୍ୟ, ସ୍ଥାନ: ନାଗେନପାଲି, ବରଗଡ଼, ସମୟ: ସକାଳ ୯ଟା।
- ଶ୍ରୀଶ୍ରୀ ମାର୍କଣ୍ଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁଶନପୁରୀ ଫୁଲବନ୍ଧ, ଭଟଲି, ସମୟ: ସକାଳ ୯ଟା।
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ନିଷ୍ଠା ଭବନ, ଖଣ୍ଡହତା(ଆନ୍ଧ୍ରକ୍ୟାମ୍ପ), ବରଗଡ଼, ସମୟ: ସକାଳ ୯ଟା।
- ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମ, ସ୍ଥାନ: ଇମ୍ପେରିୟଲ କଲେଜ, ବରଗଡ଼, ସମୟ: ଅପରାହ୍ନ ୫ଟା ୩୦।

## କଳାହାଣ୍ଡି

- ସାଧାରଣ ନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ଦକ୍ଷତା ପରୀକ୍ଷା (ଭାଟ), ସ୍ଥାନ: ବିକାଶ ଆବାସିକ ବିଦ୍ୟାଳୟ, ଭବାନୀପାଟଣା, ସମୟ: ସକାଳ ୯ଟା।
- ଜୁନାଗଡ଼ ଚାମ୍ପିୟନ ଟ୍ରଫି ଫାଇନାଲ ମ୍ୟାଚ୍, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ଜୁନାଗଡ଼, ସମୟ: ଅପରାହ୍ନ ୪ଟା ୩୦।

## ନୂଆପଡ଼ା

- କୋମନା ଲୋକମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଉଦନ୍ତୀ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ସିନାପାଲି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ରାତି ୯ ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତର ବ୍ରାହ୍ମଣୀ (ଚାରିଛକ)ଠାରେ ବଉଲ ନାଟକ ଓ ଲୋକକଳା ମହୋତ୍ସବ ଉଦ୍‌ଘାଟିତ, ସ୍ଥାନ: ବିଜୟ କଳାମଣ୍ଡପ ବ୍ରାହ୍ମଣୀ, ସମୟ : ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ଜିଲା ସ୍ତରୀୟ ଦିନିକିଆ ହକି ଟୁର୍ଣ୍ଣାମେଣ୍ଟ,ସ୍ଥାନ: ରିଆମାଳ ବ୍ଲକ ରେଙ୍ଗାଲବେଡା,ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୃହସ୍ପତି ଓ ଚନ୍ଦ୍ରଙ୍କ ସୁଦୃଷ୍ଟି ପ୍ରଭାବରୁ ପାରିବାରିକ ଜୀବନରେ ସୌହାର୍ଦ୍ଦ୍ୟତା, କାର୍ଯ୍ୟକ୍ଷେତ୍ର ପ୍ରତି ଉତ୍ସାହ ସୃଷ୍ଟି ହେବ। ସକାଳ ସମୟ ଯାତ୍ରା, ବ୍ୟବସାୟ ଓ ବନ୍ଧୁ ମିଳନ ପାଇଁ ବହୁତ ଭଲ। ସମ୍ପତ୍ତିକୁ କେନ୍ଦ୍ର କରି କଳହ ସୃଷ୍ଟି ସମ୍ଭାବନା ରହିଛି। କ୍ରନିକ୍ ରୋଗୀ ବିଶେଷତଃ ଗ୍ୟାଷ୍ଟ୍ରିକ୍ ରୋଗୀଙ୍କ ସକାଶେ ସମୟ ଅନୁକୂଳ ନୁହେଁ।

**ବୃଷ** ଚନ୍ଦ୍ରଙ୍କ ମୁଖାବସ୍ଥାନରୁ ହସି କଥାକହି କାର୍ଯ୍ୟ ହାସଲ କରିବେ। ଉଚ୍ଚାରୋହୀ ରବିଙ୍କ ସ୍ଥିତିରୁ ଅଫିସରେ ଉଚ୍ଚ କର୍ତ୍ତୃପକ୍ଷ ସହଯୋଗର ପ୍ରତିଶ୍ରୁତି ଦେବେ। ନୂତନ ଯୋଜନାରେ ଶିଥିଳତା ଦେଖାଦେବାରୁ ମାନ ଭଲ ରହି ନ ପାରେ। ଆନୁଷ୍ଠାନିକ କାମରେ ବିଭିନ୍ନ ଦିଗରୁ ସହଯୋଗ ଓ ସୁଖ ସମ୍ମାନ ପାଇ ଖୁସି ହେବେ।

**ମିଥୁନ** ରାଶିରେ ଚନ୍ଦ୍ରଙ୍କ ସ୍ଥିତିରୁ ଆଜି ଆପଣ ସଠିକ୍ ନିଷ୍ପତ୍ତି ନେଇ କର୍ମକ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହେବେ। କିନ୍ତୁ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ଦୂରଯାତ୍ରା, ପରିବହନ ଓ ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** ଆଜିର ଗ୍ରହଯୋଗ ଅନୁସାରେ ଶୁଭାଶୁଭ ମିଶ୍ରିତ ଫଳ ଅନୁଭବ କରିବେ। ଯାହା କରିବା ପାଇଁ ଭାବୁଥିବେ, ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ଅଟକି ରହିଯିବେ। ତଥାପି ଆପଣ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଆଶା କ୍ଷୀଣ ହୋଇପାରେ।

**ସିଂହ** ନିଜ ଲୋକଙ୍କଠାରୁ ସହଯୋଗର ଅଭାବ କାର୍ଯ୍ୟ ହାସଲରେ ସମସ୍ୟା ସୃଷ୍ଟି କରିବ। ଖୋଜୁଥିବା ବନ୍ଧୁଟିକୁ ପାଖରେ ପାଇ ଖୁସି ହୋଇଯିବେ। ଶିକ୍ଷା, ପରୀକ୍ଷାଦି ସନ୍ତୋଷଜନକ ନ ହେଲେ ମଧ୍ୟ ବିଶେଷ କିଛି ଖରାପ ହେବନାହିଁ। ସବୁ ସମୟରେ ମିଶୁଥିବା ବନ୍ଧୁଟିର ପରାମର୍ଶରେ ଧର୍ମକାର୍ଯ୍ୟ କରିବା ସକାଶେ ମନ ବଳାଇବେ।

**କନ୍ୟା** ବୁଧାଦିତ୍ୟ ଯୋଗଜନିତ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ସମ୍ଭାବନା ରହିଛି। ବିଶେଷ ଆବଶ୍ୟକତା କାରଣରୁ ଗାଡ଼ି ମୋଟର କିମ୍ବା ମୂଲ୍ୟବାନ୍ ଜିନିଷ କିଣିପାରନ୍ତି। ମନୋରଞ୍ଜନ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ପାଇଁ ଦିନଟି ବହୁତ ଭଲ। ପାରିବାରିକ କ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇଯିବ।

**ତୁଳା** କର୍ମକ୍ଷେତ୍ରରେ ସହଯୋଗ ଲାଭ କରି ଅଟକିଥିବା କାମ ପୂର୍ଣ୍ଣାଙ୍ଗ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କ ସହ ଉଚ୍ଚବାଚ ଘଟିପାରେ। ପରିସ୍ଥିତିରେ ପଡ଼ି ଘର ସାଜସଜ୍ଜାରେ କିମ୍ବା ମରାମତିରେ ସ୍ୱାତୀ ନକ୍ଷତ୍ର ବ୍ୟସ୍ତ ରହିପାରନ୍ତି। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ ଓ ନିର୍ମାଣ, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନ କ୍ଷେତ୍ର ମନ୍ଦ ହେବନି।

**ବିଛା** ବିଭିନ୍ନ ସମସ୍ୟା ଏବଂ ପ୍ରତିରୋଧ କାରଣରୁ କେତେକ ଅପୂରଣୀୟ ଅଭିଳାଷ ସକାଶେ ମନ ଉଦ୍‌ବେଗ ରହିବ। ନିଜ ଲୋକଙ୍କ କାର୍ଯ୍ୟକଳାପ ଅସନ୍ତୋଷଜନକ ରହିବା ହେତୁ ଦୁଃଖ ପ୍ରକାଶ କରିବେ। ପଡୋଶୀଙ୍କ ପରାମର୍ଶ ଆଶା ସଂଚାର କରିବ। ବ୍ୟବସାୟ, ଯାତ୍ରା, ଆନୁଷ୍ଠାନିକ କାମ ଏବଂ ବିବାଦୀୟ ଘଟଣାର ସମାଧାନରେ ସଫଳତା ମିଳିବ।

**ଧନୁ** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ସମାଧାନ ହୋଇଯିବ। ବ୍ୟବସାୟିକ କାରବାର ବୃଦ୍ଧି ପାଇବା କାରଣରୁ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଉଚ୍ଚାରୋହୀ ରବିଙ୍କ ଶୁଭ ପ୍ରଭାବରୁ ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସହାୟତା ପାଇବେ। ସ୍ତ୍ରୀ ଓ ପିଲାଛୁଆଙ୍କ ସ୍ୱାସ୍ଥ୍ୟ ହାନି ହେତୁ ଅଧିକାଂଶ ସମୟ ଚିନ୍ତା କରିପାରନ୍ତି।

**ମକର** ଶନି କ୍ଷେତ୍ରରେ ଧନସ୍ଥ ମଙ୍ଗଳ ଜମିଜମା କାରବାରରୁ ଲାଭବାନ୍ କରାଇବ। ମାଙ୍ଗଳିକ କାର୍ଯ୍ୟର ଆଲୋଚନାରୁ ପରିବାର ଭିତରେ ହସଖୁସିର ବାତାବରଣଜନିତ ମନ ପ୍ରଫୁଲ୍ଲ ରହିବ। ରୋଗପୀଡ଼ା ଲାଗି ରହୁଥିବାରୁ ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତପ୍ତ ହେବେ। ବନ୍ଧୁ ସମ୍ପର୍କ, ସାହିତ୍ୟ ଚର୍ଚ୍ଚା, କଳା, କାରିଗରି ଦିଗରୁ ମନଲାଖି ସୁଫଳ ପାଇବେ।

**କୁମ୍ଭ** ଷଷ୍ଠାଧିପଙ୍କ ଆଜିର ସ୍ଥିତି ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କିମ୍ବା ବିଫଳ ଆଲୋଚନାର କାରଣ ହେବ। ସାମାଜିକ ସ୍ତରରେ ଦକ୍ଷତାଭିତ୍ତିକ ଲୋକସମ୍ପର୍କ ବୃଦ୍ଧି ପାଇବ, କିନ୍ତୁ ଈର୍ଷା ପରାୟଣ ବ୍ୟକ୍ତିଙ୍କ ଦ୍ୱାରା ଟେନ୍‌ସନ ବଢ଼ିଯିବ। ବିଭିନ୍ନ ସୂତ୍ରରୁ ରୋଜଗାର କାରଣରୁ ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହୋଇପାରନ୍ତି।

**ମୀନ** ରବି ସହ ରାହୁଙ୍କ ସମ୍ବନ୍ଧ ପଦାଧିକାରୀ କିମ୍ବା ବୟସ୍କବ୍ୟକ୍ତି ସହ କଳହର କାରଣ ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ରୋଗ,ଋଣ ଓ ଶତ୍ରୁତା ଆଜିର ଦୁଃଚିନ୍ତାର ମୁଖ୍ୟ କାରଣ ହେବ। ପୂର୍ବଭାଦ୍ରବ ନକ୍ଷତ୍ର ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ।

ଆଜି ମାର୍ଚ୍ଚ ୧୭ ତାରିଖ, ଫାଲ୍‌ଗୁନ ଶୁକ୍ଳ ଅଷ୍ଟମୀ ରବିବାର, ରାଶି ନକ୍ଷତ୍ର- ମୃଗଶିରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସର୍ବବେଦୀ ବ୍ରତୋପନୟନ, ଦିବା ଘ.୦୫।୫୬ ଗତେ ଘ.୦୯।୫୫ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୩ ଗତେ ଘ.୦୫।୫୩ ମଧ୍ୟେ ରାହୁକାଳ।

# କିଟ୍ ପରିଦର୍ଶନ କରି ଫେରିଲେ ହାର୍ଭାର୍ଡ ଇଣ୍ଡିଆ ପ୍ରତିନିଧି ମଣ୍ଡଳୀ




ସମ୍ବର୍ଦ୍ଧିତ ହାର୍ଭାର୍ଡ ଇଣ୍ଡିଆ ପ୍ରତିନିଧିମଣ୍ଡଳୀଙ୍କ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ।

ଭୁବନେଶ୍ୱର, ୧୬।୩ (ଅସମାପିକା ସାହୁ)

କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ଇଣ୍ଡିଆର ୪୦ଜଣିଆ ପ୍ରତିନିଧିମଣ୍ଡଳୀ ଶନିବାର ସମସ୍ତ କାର୍ଯ୍ୟକ୍ରମ ସାରି ଫେରିଯାଇଛନ୍ତି। ଶନିବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଗତ ୧୦ ତାରିଖରୁ ହାର୍ଭାର୍ଡ ଇଣ୍ଡିଆ ଟ୍ରେକ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ଆସିଥିବା ଏହି ପ୍ରତିନିଧିମାନେ ସମ୍ବଲପୁରୀ କୁର୍ତ୍ତା ପିନ୍ଧିଥିଲେ। କିଟ୍‌ର ବିଭିନ୍ନ ବିଭାଗ ଓ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିବା ସହ ଉଭୟ କିଟ୍ ଓ କିସ୍ ଛାତ୍ରୀଛାତ୍ରଙ୍କ ସହ ସେମାନେ ଭାବର ଆଦାନପ୍ରଦାନ କରିଥିଲେ। ଏହି ଦଳରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରୀଛାତ୍ର ସାମିଲ ଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ରାଜନୀତି, ନୀତି ନିର୍ଦ୍ଧାରକ, ବ୍ୟବସାୟୀ, ଶିକ୍ଷାବିତ, ଆଇନ୍ ଓ ଉନ୍ନୟନ ଆଦି କ୍ଷେତ୍ରରେ କାର୍ଯ୍ୟରତ। ଭାରତ ବିଶେଷକରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା ସେମାନଙ୍କ ଗସ୍ତର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା। କିଟ୍‌ର କେନ୍ଦ୍ରୀୟ ପାଠାଗାର ଦେଖି ସେମାନେ ଖୁସିବ୍ୟକ୍ତ କରିଥିଲେ। କିଟ୍ ଓ କିସ୍ ଭଳି ସୁନ୍ଦର ଅନୁଷ୍ଠାନ ବିଶ୍ୱରେ ବିରଳ ବୋଲି ସେମାନେ ମତ ଦେବାସହ ଏଭଳି ପ୍ରୟାସ ପାଇଁ ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶୁକ୍ରବାର ଏହି ପ୍ରତିନିଧିମଣ୍ଡଳୀ ଡ. ସାମନ୍ତଙ୍କ ବାସଭବନରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହ ତାଙ୍କର ଅତି ସାଧାରଣ ଜୀବନଶୈଳୀ ବିଷୟରେ ଜାଣିଥିଲେ।

# 'ପ୍ରାଥମିକ ଚିକିତ୍ସା କ୍ଷେତ୍ରରେ ଯୁବଗୋଷ୍ଠୀ ପ୍ରଶିକ୍ଷିତ ହେବା ଉଚିତ'

ଭୁବନେଶ୍ୱର, ୧୬।୩ (ଅସମାପିକା ସାହୁ)

**ସେଣ୍ଟ ଜନ୍ ଆମ୍ବୁଲାନ୍ସର କାର୍ଯ୍ୟନିର୍ବାହୀ ବୈଠକ**

ସେଣ୍ଟ ଜନ୍ ଆମ୍ବୁଲାନ୍ସ ଦେଶରେ ପ୍ରାଥମିକ ଚିକିତ୍ସା ପ୍ରଦାନରେ ଅଗ୍ରଣୀ ଭୂମିକା ନେବା ସହ ଏକ ରୋଲ ମଡେଲ ଭାବେ ପରିଗଣିତ। ସ୍ୱେଚ୍ଛାସେବୀଙ୍କ ନିଷ୍ଠା ଓ ସମର୍ପଣ ମନୋଭାବ ବାସ୍ତବିକ ପ୍ରଶଂସନୀୟ। ବିଶେଷକରି ପ୍ରାଥମିକ ଚିକିତ୍ସା ସେବା, ପ୍ରଶିକ୍ଷଣ ଓ ଆପାତକାଳୀନ ଆମ୍ବୁଲାନ୍ସ ସେବା ପ୍ରଦାନରେ ସଂଗଠନର କାର୍ଯ୍ୟ ପ୍ରେରଣାଦାୟୀ। ପ୍ରାଥମିକ ଚିକିତ୍ସା ସେବାର ବିଶେଷ ଗୁରୁତ୍ୱ ରହିଛି। ପ୍ରତ୍ୟେକ ବିଶେଷତଃ ଯୁବଗୋଷ୍ଠୀ ଏ ବିଷୟରେ ପ୍ରଶିକ୍ଷିତ ହେବା ଦରକାର। ସେବା ଓ ପ୍ରଶିକ୍ଷଣ ପରିସରକୁ ଆହୁରି ପ୍ରସାରିତ କରିବା ପାଇଁ ରାଜ୍ୟପାଳ ରଘୁବର ଦାସ ଆହ୍ୱାନ ଦେଇଛନ୍ତି। ଶନିବାର ରାଜଭବନଠାରେ ଅନୁଷ୍ଠିତ ସେଣ୍ଟ ଜନ୍ ଆମ୍ବୁଲାନ୍ସ ଓଡ଼ିଶା ରାଜ୍ୟ କେନ୍ଦ୍ରର କାର୍ଯ୍ୟନିର୍ବାହୀ ବୈଠକରେ ରାଜ୍ୟପାଳ ସଭାପତିତ୍ୱ କରି ଏହା ପ୍ରକାଶ କରିଛନ୍ତି। ବୈଠକରେ ସେଣ୍ଟ ଜନ ଆନୁକୂଲ୍ୟର ଲକ୍ଷ୍ୟ ଓ ଆଦର୍ଶର ପରିପୂରଣ ନିମନ୍ତେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି। ଏହାକୁ ମଧ୍ୟ ଆହୁରି କ୍ରିୟାଶୀଳ ଓ ସମୟ ଉପଯୋଗୀ କରିବାକୁ ରାଜ୍ୟପାଳ ପରାମର୍ଶ ଦେବା ସହ ସଙ୍ଗଠନର କାର୍ଯ୍ୟକୁ ଆହୁରି ସଶକ୍ତ କରିବାକୁ ସରକାରୀ ଓ ବେସରକାରୀ ସ୍ତରରେ ସହଯୋଗ ଏବଂ ସମର୍ଥନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ସେଣ୍ଟ ଜନ ଆମ୍ବୁଲାନ୍ସର ଅଧ୍ୟକ୍ଷ ନିରଞ୍ଜନ ପୂଜାରୀ ଯୋଗଦେଇ ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଅବୈତନିକ ସଚିବ ନିଧି କୁମାର ରାଉତରାୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆସନ୍ତା ବର୍ଷର ବଜେଟ ଅନୁମୋଦିତ ହୋଇଥିଲା। ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ଅଗ୍ନିଶମ ତଥା ହୋମ୍‌ଗାର୍ଡର ମହାନିର୍ଦ୍ଦେଶକ ତଥା ସେଣ୍ଟ ଜନ ଆମ୍ବୁଲାନ୍ସର ଉପାଧ୍ୟକ୍ଷ ସୁଧାଂଶୁ ଷଡ଼ଙ୍ଗୀ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ, ରାଜ୍ୟପାଳଙ୍କ ପ୍ରମୁଖ ଉପଦେଷ୍ଟା ସନ୍ତୋଷ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ।



ସେଣ୍ଟ ଜନ୍ ଆମ୍ବୁଲାନ୍ସ ଓଡ଼ିଶା ରାଜ୍ୟ କେନ୍ଦ୍ରର କାର୍ଯ୍ୟନିର୍ବାହୀ ବୈଠକରେ ରାଜ୍ୟପାଳ ରଘୁବର ଦାସଙ୍କ ସହ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟମାନେ।

# ‘କେବଳ ଆର୍ଥିକ ଲାଭକୁ ସଫଳତା ଭାବିବା ଉଚିତ ନୁହେଁ’



ସୌମେନ୍ଦ୍ର ମିଶ୍ର

**ବଲାଙ୍ଗୀର ସହରରୁ ସେ କୃଷିଭିତ୍ତିକ ବ୍ୟବସାୟ ଆରମ୍ଭ କରିଥିଲେ। ୨ ଦଶନ୍ଧି ମଧ୍ୟରେ କୁକୁଡ଼ା ଫାର୍ମ କରି ସେ ବିଶ୍ୱସ୍ତରରେ ସଫଳତା ସାଉଣ୍ଟିଛନ୍ତି। ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡ୍‌ର ସହପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ରଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଯୁବପିଢ଼ିଙ୍କୁ ଏ ଦିଗରେ ପାଦ ରଖିବା ପାଇଁ ଦିଶା ଦେଖାଉଛି। ଅଧିକ ପରିମାଣର ତଥା ଉତ୍ତମ ମାନର ଉତ୍ପାଦ ପ୍ରସ୍ତୁତ କରିବା ପାଇଁ ନୂଆ ନୂଆ ଟେକ୍ନୋଲୋଜିକୁ କାର୍ଯ୍ୟକାରୀ କରିବାରେ ସିଦ୍ଧହସ୍ତ ଥିବା ମିଶ୍ରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...**

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର– ୨ ଦଶନ୍ଧି ମଧ୍ୟରେ କୁକୁଡ଼ା ଚାଷରେ କେଉଁ ସବୁ ସମସ୍ୟା ଦେଇ ଗତି କରିବାକୁ ପଡ଼ିଛି?**

ଉ: ଅନ୍ୟ ଚାଷ ଭଳି କୁକୁଡ଼ା (ଅଣ୍ଡା) ଚାଷରେ ମଧ୍ୟ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଉତ୍ପାଦର ଠିକ୍ ମୂଲ୍ୟ ପାଇବା ସବୁଠାରୁ ବଡ଼ ଆହ୍ୱାନ। ଭାରତରେ ବଜାର ଗ୍ରାହକଙ୍କ ଉପରେ ନିର୍ଭରକରେ ଏବଂ ଚାଷୀ ବେପାରୀଙ୍କ ଦୟାର ପାତ୍ର ହୋଇଥାଏ। କୁକୁଡ଼ା ଓ ଅଣ୍ଡାକୁ ନେଇ ଅନେକ ସମୟରେ ଗୁଜବ ସୃଷ୍ଟି ହୋଇଥାଏ। ଏହା ଆମ ପାଇଁ ଚିନ୍ତାର କାରଣ ପାଲଟିଥାଏ। ଗ୍ରାହକଙ୍କ ବିଶ୍ୱାସ ଜିତିବା ବହୁତ କଷ୍ଟ। ମାତ୍ର ଆମେ ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିଛୁ।

**ପ୍ର– କୁକୁଡ଼ା ଚାଷ ଦେଶରେ ଅଗ୍ରଗାମୀ କୃଷିଭିତ୍ତିକ ବ୍ୟବସାୟ ଭାବେ ଗଣାଯାଉଛି। ରାଜ୍ୟରେ ଏହି ବ୍ୟବସାୟକୁ କିପରି ଦେଖୁଛନ୍ତି?**

ଉ– ଦେଶରେ ଏହି ବ୍ୟବସାୟ ବୃଦ୍ଧି ହେଉଛି। ଅନୁରୂପଭାବେ ରାଜ୍ୟରେ ମଧ୍ୟ ଅନେକେ ଏହି ବ୍ୟବସାୟ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ପଛରେ ଏକାଧିକ କାରଣ ରହିଛି। ଚିକେନ୍(କୁକୁଡ଼ା ମାଂସ) ଏବଂ ଅଣ୍ଡା ଭାରତୀୟଙ୍କ ପ୍ରମୁଖ ଖାଦ୍ୟ ମଧ୍ୟରୁ ଗୋଟିଏ ହୋଇଥିବାରୁ ବଜାରରେ ଏହାର ନିରବଚ୍ଛିନ୍ନ ଚାହିଦା ରହିଛି। ନୂତନ ଜ୍ଞାନକୌଶଳ ମାଧ୍ୟମରେ ଉତ୍ପାଦନ ସହଜ ହେଉଥିବାରୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହି ବ୍ୟବସାୟକୁ ଅନେକେ ଆପଣାଉଛନ୍ତି।

**ପ୍ର– ଅଣ୍ଡା ଓ ଚିକେନ୍‌ର ମାନକୁ ନେଇ ଅନେକ ସମୟରେ ଅଭିଯୋଗ ହୋଇଥାଏ। ଆପଣଙ୍କ ଉତ୍ପାଦର ଉତ୍ତମ ମାନ କିପରି ବଜାୟ ରଖନ୍ତି?**

ଉ– ଉତ୍ପାଦର ଉତ୍ତମ ମାନ ବଜାୟ ରଖିବା ପାଇଁ ଆମେ ଉଚ୍ଚକୋଟୀର ଜ୍ଞାନକୌଶଳ ପ୍ରୟୋଗ କରିଥାଉ। ଖାଦ୍ୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସୁରକ୍ଷା ପର୍ଯ୍ୟନ୍ତ ଆମେ ସବୁକୁ ଗୁରୁତ୍ୱ ଦେଇଥାଉ। ଗ୍ରାହକଙ୍କୁ ସୁରକ୍ଷିତ ଉତ୍ପାଦ ପ୍ରଦାନ ପାଇଁ ଆମେ ସବୁବେଳେ ସଜାଗ ଥାଉ। ଆମର ଉତ୍ପାଦନ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଆମେ ଗ୍ରାହକଙ୍କୁ ଅବଗତ କରାଇଥାଉ।

**ପ୍ର– ବ୍ଲକ୍‌ଚେନ୍ ଟେକ୍ନୋଲୋଜି ପ୍ରୟୋଗ କ୍ଷେତ୍ରରେ ଓଭୋ ଫାର୍ମ ଗତବର୍ଷ ପ୍ରଥମ ଫାର୍ମ ଭାବେ ବିବେଚିତ ହୋଇଥିଲା। ଆଗକୁ ଆଉ କେଉଁ ଯୋଜନା ରହିଛି?**

ଉ– ଗତ ବର୍ଷ ଭାରତରେ କୁକୁଡ଼ା ଚାଷ ଶିଳ୍ପରେ ବ୍ଲକ୍‌ଚେନ୍ ଟେକ୍ନୋଲୋଜିର ପ୍ରୟୋଗ କରି ଓଭୋ ଫାର୍ମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଥିଲା। ଏହି ଅଭିନବ ଉପାୟ ଅବଲମ୍ବନ ଫଳରେ ସମଗ୍ର ଯୋଗାଣ ପ୍ରକ୍ରିୟାରେ ସ୍ୱଚ୍ଛତା, ଟ୍ରେସେବିଲିଟି ଆଦିକୁ ସୁନିଶ୍ଚିତ କରିବା ସହ ଉତ୍ପାଦ ଗୁଣବତ୍ତା ସମ୍ପର୍କରେ ଗ୍ରାହକମାନେ ଭରସାଯୋଗ୍ୟ ସୂଚନା ପାଇପାରିବେ। ଆଗକୁ ଏକ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବା, ବ୍ୟବସାୟରେ ସ୍ଥିରତା ବଜାୟ ରଖିବା ସହ ଖାଦ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଉଛୁ।

**ପ୍ର– ଯୁବ ଉଦ୍ୟୋଗୀଙ୍କ ପାଇଁ କ’ଣ ପରାମର୍ଶ ରହିବ?**

ଉ– କୁକୁଡ଼ା ବ୍ୟବସାୟ ପାଇଁ ଉଦ୍ୟମ କରୁଥିବା ଯୁବ ଉଦ୍ୟୋଗୀମାନଙ୍କୁ ମୋର ପରାମର୍ଶ ହେଉଛି ନୂଆ ନୂଆ ଉପାୟ ଖୋଜିବା ସହ ସବୁ ବର୍ଗର ଲୋକଙ୍କ ସହ ଯୋଡ଼ିହେବାକୁ ଚେଷ୍ଟା କରିବା ଉଚିତ। ଏ କ୍ଷେତ୍ରରେ ବିଭିନ୍ନ ଆହ୍ୱାନର ସମାଧାନ ପାଇଁ ଟେକ୍ନୋଲୋଜିର ସହାୟତା ନେବା ଉଚିତ, ମାତ୍ର ନୈତିକତାକୁ ଭୁଲିଯିବା ଉଚିତ ନୁହେଁ। ବିଶେଷକରି ଉତ୍ପାଦର ଗୁଣବତ୍ତା ରକ୍ଷା ଦିଗରେ ସବୁବେଳେ ସଜାଗ ରହିବା ଦରକାର। କୃଷକ, ଯୋଗାଣକାରୀ ଏବଂ ଉପଭୋକ୍ତାଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରନ୍ତୁ। କେବଳ ଆର୍ଥିକ ଲାଭକୁ ନିଜର ସଫଳତା ଭାବିବା ଉଚିତ ନୁହେଁ, ବରଂ ସମାଜ ଉପରେ ସକାରାତ୍ମକ ପ୍ରଭାବ ମଧ୍ୟ ସଫଳତା ବୋଲି ଧରିନେବାକୁ ହେବ।




## ପୂର୍ବତନ ଥାନାଧିକାରୀଙ୍କୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ

**କଟକ, ୧୬।୩ (କାର୍ତ୍ତିକ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନାର ପୂର୍ବତନ ଆଇଆଇସି ଧନେଶ୍ୱର ସାହୁଙ୍କୁ କ୍ରାଇମବ୍ରାଞ୍ଚ ଶୁକ୍ରବାର ଗିରଫ କରିବା ପରେ ଶନିବାର ବାଲେଶ୍ୱର ଜିଲା ଓ ସ୍ୱତନ୍ତ୍ର ଜଜ୍‌କୋର୍ଟରେ ହାଜର କରାଯାଇଛି। କ୍ରାଇମବ୍ରାଞ୍ଚ ତାଙ୍କ ଅପରାଧ ସମ୍ପର୍କିତ ଅଧିକ ପ୍ରମାଣ ସଂଗ୍ରହ ପାଇଁ ତାଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଜଳେଶ୍ୱର ଥାନାରେ ଆଇଆଇସି ଥିବାବେଳେ ଅଭିଯୁକ୍ତ ସାହୁ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ୩ ଲକ୍ଷ ଟଙ୍କାର ଲାଞ୍ଚ ମାଗିବା ଅଡିଓ ଭାଇରାଲ ହେବା ପରେ ତାଙ୍କୁ ଡିଜିପି ଚାକିରିରୁ ନିଲମ୍ବିତ କରିଥିଲେ। ତା’ପରଠାରୁ ସେ ଗିରଫ ଭୟରେ ଫେରାର ଥିଲେ। ପରବର୍ତ୍ତୀ ସମୟରେ ଏହି ମାମଲା କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା। କ୍ରାଇମବ୍ରାଞ୍ଚ ତାଙ୍କୁ ଧରିବା ପାଇଁ ସେବେଠାରୁ ତାଙ୍କ ଉପରେ ସତର୍କ ଦୃଷ୍ଟି ରଖିଥିଲା।

# ଏସ୍‌ସିବି ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ବିରଳ ଅସ୍ତ୍ରୋପଚାର

**କଟକ, ୧୬।୩(ଶିଲ୍ପା ପ୍ରିୟଦର୍ଶିନୀ)**



କଟକ ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ଜଣେ ମହିଳାଙ୍କର ଭାସ୍‌କୁଲାରାଇଜଡ଼ ଲିମ୍ଫନୋଡ଼ ଟ୍ରାନ୍ସଫର ଅସ୍ତ୍ରୋପଚାର କରାଯାଇଛି। ରାଜ୍ୟରେ ଏହା ପ୍ରଥମ ବିରଳ ଅସ୍ତ୍ରୋପଚାର ବୋଲି ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମୁଖ୍ୟ ଡା. ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯାଜପୁର ଜିଲାର ରୀତାରାଣୀ ସ୍ୱାଇଁ(୩୩) ପ୍ରାୟ ୧୬ ବର୍ଷ ହେବ ଫାଇଲେରିଆ ରୋଗରେ ଆକ୍ରାନ୍ତ ହେବାରୁ ବାମଗୋଡ଼ ସମ୍ପୂର୍ଣ୍ଣ ଫୁଲି ଯାଇଥିଲା। ଫଳରେ ସେ ନିଜର କୌଣସି କାର୍ଯ୍ୟ ଠିକ୍ ଭାବେ କରିବାରେ ଅକ୍ଷମ ଥିଲେ। ୨ ମାସ ପୂର୍ବରୁ ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗରେ ଭର୍ତ୍ତି ହେବା ପରେ ତାଙ୍କର ଚିକିତ୍ସା କରାଯାଇଥିଲା। ୧୫ ଦିନ ତଳେ ତାଙ୍କର ଅସ୍ତ୍ରୋପଚାର କରାଯାଇ ଶରୀରର ବିଭିନ୍ନ ଅଙ୍ଗରୁ ଲିମ୍ଫନୋଡ ଆଣି ଗୋଡରେ ମାଇକ୍ରୋ ସର୍ଜରି ଜରିଆରେ ଇମ୍ପ୍ଲାଣ୍ଟ କରାଯାଇଛି। ଭାରତରେ ମାତ୍ର ୨ ବର୍ଷ ହେବ ଡାକ୍ତରମାନେ ଏହି ରୋଗର ଚିକିତ୍ସା କରୁଛନ୍ତି। ଓଡ଼ିଶାରେ ପ୍ରଥମଥର ପାଇଁ ଏସ୍‌ସିବି ମେଡିକାଲର ଡାକ୍ତରୀ ଟିମ୍ ଏହି ସର୍ଜରି କରିଛନ୍ତି। ପ୍ଲାଷ୍ଟିକ୍ ସର୍ଜରି ବିଭାଗର ମୁଖ୍ୟ ଡା. ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ ଡା. ଆଶିଷ ପଟ୍ଟନାୟକ, ଡା. ବିଷ୍ଣୁପଦ ନାୟକ, ଡା. ଅସ୍‌ଫାକ୍ ଅହମ୍ମଦ, ଡା. ଦୀପକ କୁମାର ସାହୁ, ଡା. ଜୀବିତେଷ ବେହେରା, ଡା. ଅବିନାଶ ସାହୁ, ଡା. ସୂର୍ଯ୍ୟ କୁମାର ମଲ୍ଲିକ, ଡା. ଶ୍ରୀମନ୍ତ, ନିଶ୍ଚେତକ ବିଭାଗର ମୁଖ୍ୟ ଡା. ଦେବ ପ୍ରସାଦ ମହାନ୍ତି, ଡା. ଅଭିଜିତ୍ ସାଇଁ, ଡା. ଶିବାନୀ ନନ୍ଦ ସାମିଲ ହୋଇଥିଲେ। ସ୍ୱାଇଁଙ୍କ ଗୋଡ ଏବେ ୬୦% ଫୁଲା କମିଥିବାବେଳେ ଆସନ୍ତା କିଛି ମାସ ପରେ ୨୦% ଫୁଲା କମିବ। ଫଳରେ ସେ ସାଧାରଣ ଲୋକ ଭଳି ଚାଲିପାରିବେ ବୋଲି ଡା. ନାୟକ କହିଛନ୍ତି। ଅପରପକ୍ଷରେ ରୀତାରାଣୀ କହିଛନ୍ତି, ମୋ ଗୋଡ଼ର ଫୁଲା ଅନେକ ମାତ୍ରାରେ କମିଛି। ଏସ୍‌ସିବି ମେଡିକାଲର ଡାକ୍ତରୀ ଟିମ୍ ମୋତେ ନୂଆ ଜୀବନ ଦେଇଛି।

## କ୍ୟାବିନେଟ୍ ନିଷ୍ପତ୍ତି

# ପୁରାତନ କରନାଳୀର ପୁନରୁଦ୍ଧାର ପାଇଁ ୧୩୩୮.୨୧ କୋଟି

**ଭୁବନେଶ୍ୱର, ୧୬।୩(ଅନିଲ ଦାସ)**

ରାଜ୍ୟରେ ଜଳସେଚିତ ଅଞ୍ଚଳରେ ଥିବା ପୁରାତନ କରନାଳୀଗୁଡ଼ିକର ପୁନରୁଦ୍ଧାର ହେବ। ଏଥିନିମନ୍ତେ ଆସନ୍ତା ୫ବର୍ଷ ପାଇଁ ୧୩୩୮.୨୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ୧୪୨ ହଜାର ହେକ୍ଟର ଜମି ପାଇଁ ୪,୨୨୦ କିଲୋମିଟର କରନାଳୀ ନିର୍ମାଣ କରାଯିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶନିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ରାଜ୍ୟରେ ‘ଜଳସେଚିତ ଅଞ୍ଚଳରେ ପୁରାତନ କରନାଳୀ ପୁନଃ ନିର୍ମାଣ ସଂସ୍କରଣ ୨.୦’ ଯୋଜନା କାର୍ଯ୍ୟକାରୀ ହେବ। ଆସନ୍ତା ୫ ବର୍ଷ ଅର୍ଥାତ୍ ୨୦୨୪–୨୫ ରୁ ୨୦୨୮–୨୯ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୫୭୪.୭୪ କୋଟିଟଙ୍କା ବ୍ୟୟବରାଦ କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି।

ଜଳସେଚିତ ଜମିରେ ଜଳର ସୁଷମ ବଣ୍ଟନ ପାଇଁ କରନାଳୀ ଓ ଆନୁଷଙ୍ଗିକ ନିର୍ମାଣ ନିମନ୍ତେ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ୧୯୭୬–୭୭ ମସିହାଠାରୁ ଆରମ୍ଭ କରାଯାଇଥିଲା। ୨୦୦୮–୦୯ ପୂର୍ବରୁ ମାଟି ଓ କିଛିତ୍ ସ୍ଥାନରେ ଇଟା ନିର୍ମିତ କରନାଳୀ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଫଳରେ କେନାଲ ସୋଠ ନିକଟରେ ଜଳମଗ୍ନ ହେବା ସହ ଦୂରବର୍ତ୍ତୀ ଜମିର ଚାଷୀମାନେ ଚାଷପାଇଁ ଆବଶ୍ୟକ ଜଳ ପାଇପାରୁ ନାହାନ୍ତି। ଏହିସବୁ କରନାଳୀର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ‘ଜଳସେଚିତ ଅଞ୍ଚଳରେ ପୁରାତନ କରନାଳୀଗୁଡ଼ିକର ପୁନଃ ନିର୍ମାଣ’ ଯୋଜନାକୁ ସଂସ୍କରଣ ୨.୦ ମାଧ୍ୟମରେ ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନାରେ ୬୨ହଜାର ହେକ୍ଟର ଚାଷ ଜମିରେ ୧,୮୨୦ କିଲୋମିଟର କରନାଳୀ ନିର୍ମାଣ କରାଯାଇ ଜଳସେଚନ କ୍ଷମତା ବୃଦ୍ଧି କରାଯିବ। ସେହିପରି ‘ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା(ସିଏଡିଡବ୍ଲ୍ୟୁଏମ୍) କାର୍ଯ୍ୟକ୍ରମ ସଂସ୍କରଣ ୨.୦ ଯୋଜନାକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ପ୍ରସ୍ତାବିତ ଯୋଜନାରେ ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହିତ ୮୦ ହଜାର ହେକ୍ଟର ଚାଷ ଜମିରେ ୨,୪୦୦ କିଲୋମିଟରର ନୂତନ କରନାଳୀ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏତଦ୍‌ବ୍ୟତୀତ ଏହି ଯୋଜନାରେ ୧.୫୦ ଲକ୍ଷ ହେକ୍ଟର ଜମିରେ ଟ୍ରପୋଗ୍ରାଫିକାଲ୍ ସର୍ବେକ୍ଷଣ ଓ ଯୋଜନା ଏବଂ ଚାଷଜମିସ୍ଥିତ ଜଳର ଉନ୍ନତ ପରିଚାଳନା (ଓଏଫ୍‌ଡବ୍ଲ୍ୟୁଏମ୍) ପାଇଁ ୧୨ ଟି ପ୍ରାୟୋଗିକ ଅଧ୍ୟୟନ ସହିତ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଜଳର ସୁବିନିଯୋଗ କରି କୃଷି ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି କରାଯିବ। ଏଥିପାଇଁ ୨୬୬ କୃଷକ ସଚେତନତା ତାଲିମ୍ ଶିବିର ଆୟୋଜନ କରାଯିବ। ଜଳସେଚିତ ଜମିରେ ଜଳର ସୁଷମ ବଣ୍ଟନ ପାଇଁ କରନାଳୀ ଓ ଆନୁଷଙ୍ଗିକ ନିର୍ମାଣ କାର୍ଯ୍ୟ ଦ୍ୱାରା ଜଳସେଚନ କ୍ଷମତା ଓ ବ୍ୟବହାରିତା ମଧ୍ୟରେ ଥିବା ପାର୍ଥକ୍ୟ ଦୂରୀକରଣ ତଥା ଜଳ ବ୍ୟବହାର ଦକ୍ଷତା ବଢ଼ାଇବା ଉଦ୍ଦେଶ୍ୟରେ ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା (ସିଏଡିଡବ୍ଲ୍ୟୁଏମ) କାର୍ଯ୍ୟକ୍ରମ, ୧୯୭୬–୭୭ ମସିହାଠାରୁ ଆରମ୍ଭ କରାଯାଇଥିଲା। ଏହି ‘ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା (ସିଏଡିଡବ୍ଲ୍ୟୁଏମ୍)’ କାର୍ଯ୍ୟକ୍ରମ ସଂସ୍କରଣ ୨.୦ ଯୋଜନା ୫ବର୍ଷ ଅର୍ଥାତ୍ ୨୦୨୪–୨୫ ରୁ ୨୦୨୮–୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ୭୬୩.୪୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

# ଆଣ୍ଠେଇ, ଦଣ୍ଡବତରେ ପ୍ରତିବାଦ: ୨ ଅସୁସ୍ଥ

**ଜଗତ୍‌ସିଂହପୁର, ୧୬।୩ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି



ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ମାସାଧିକ କାଳ ହେବ ବିଭିନ୍ନ ମାଧ୍ୟମରେ ଆନ୍ଦୋଳନ ଜାରି ରହିଛି। ଶନିବାର ଏନେଇ ଅଭିନବ ଉପାୟରେ ଆନ୍ଦୋଳନ କରାଯାଇଛି। ଆଇନଜୀବୀ ବାସୁଦେବଙ୍କ ନେତୃତ୍ୱରେ ମୋଟ ୪ ଜଣ ବ୍ୟକ୍ତି ସ୍ଥାନୀୟ ଥାନା ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିଆରା ଢଙ୍ଗରେ ଦଣ୍ଡବତ ଅଭିଯାନ କରିଥିଲେ। ସେମାନେ ହେଲେ ଆଇନଜୀବୀ ବାସୁଦେବ, ନବନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା, ପ୍ରମୋଦ କୁମାର ଦାଶ ଓ ଦେବେନ୍ଦ୍ର କୁମାର ସାହୁ। ତେବେ ଏହି ଚାରିଜଣ ଥାନା ଛକରୁ ଆଣ୍ଠେଇ, ପେଟେଇ ଓ ଦଣ୍ଡବତ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଥିବା ବେଳେ ମହାରଣା ଓ ଦାସ ଅସୁସ୍ଥ ହୋଇପଡ଼ିଥିଲେ। ଏହି ସମୟରେ ଉପସ୍ଥିତ ପୋଲିସ ସେମାନଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏ ସମ୍ପର୍କରେ ଆଇନଜୀବୀ ବାସୁଦେବ କହିଛନ୍ତି, ଶିକ୍ଷାକ୍ଷେତ୍ରରେ ଜଗତ୍‌ସିଂହପୁର ଆଗୁଆ। କିନ୍ତୁ ଏହି ଜିଲାକୁ ସରକାର ବିଭିନ୍ନ କ୍ଷେତ୍ରରେ ଅବହେଳା କରି ଚାଲିଛନ୍ତି। ଜଗତ୍‌ସିଂହପୁରରେ ମେଡିକାଲ କଲେଜ କରାଯିବାର ସମସ୍ତ ଯୋଗ୍ୟତା ଥିଲେ ସୁଦ୍ଧା କରାଯାଉନାହିଁ। ତେଣୁ ଆନ୍ଦୋଳନ ଚାଲିଛି ଏବଂ ଆଗକୁ ଅବ୍ୟାହତ ରହିବ।

# ମେଣ୍ଢାଶାଳ ପୋଲିସ ଆଉଟପୋଷ୍ଟ ହେଲା ଶିଳ୍ପାଞ୍ଚଳ ଥାନା

**ଭୁବନେଶ୍ୱର, ୧୬।୩ (ଅନିଲ ଦାସ)**

- **ନିୟୋଜିତ ହେବେ ୪୧ ଅଧିକାରୀ**
- **୩୪ ନୂତନ ପଦବୀକୁ ଅନୁମୋଦନ**

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ମଧ୍ୟରେ ମେଣ୍ଢାଶାଳ ଅଞ୍ଚଳ ଏକ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାଞ୍ଚଳ ଭାବେ ଗଢ଼ିଉଠୁଛି। ସେହି ଅଞ୍ଚଳରେ ଆଇଆଇଆଇଟି, ନାଲ୍‌କୋ ଆର୍‌ଆଣ୍ଡଡି ସେଣ୍ଟର, ବିର୍ଲା ଗ୍ଲୋବାଲ ୟୁନିଭରସିଟି, ଜିଆଇଇଟି ଭଳି ଅନେକ ଜାତୀୟ ସ୍ତରର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଶିଳ୍ପାନୁଷ୍ଠାନ ରହିଛି। ଏଥିସହିତ ବଢୁଥିବା ଲୋକସଂଖ୍ୟା ଓ ଆବାସିକ କଲୋନୀକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଣ୍ଢାଶାଳରେ ଥିବା ପୋଲିସ ଆଉଟପୋଷ୍ଟକୁ ଏକ ଶିଳ୍ପାଞ୍ଚଳ ଥାନା ଭାବେ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଏହି ନୂତନ ଥାନା ୧୫୦ ବର୍ଗକିଲୋମିଟର ପରିମିତ ଏବଂ ୧ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ୪ଟି ଗ୍ରାମପଞ୍ଚାୟତ ଏବଂ ଭୁବନେଶ୍ୱର ମହାନଗର ନିଗମର ଗୋଟିଏ ୱାର୍ଡକୁ ଆଂଶିକ ଭାବେ ନେଇ କାର୍ଯ୍ୟ କରିବ। ଏଥିପାଇଁ ୩୪ଟି ନୂଆ ପଦବୀ ସୃଷ୍ଟି କରାଯିବ। ପୂର୍ବରୁ ଏହି ଆଉଟପୋଷ୍ଟରେ ୫ ଜଣ କର୍ମଚାରୀ ଅଛନ୍ତି। ଏହି ଥାନାରେ ସମୁଦାୟ ୪୧ ଜଣ ଅଧିକାରୀ ଓ କର୍ମଚାରୀ ରହିବେ। ୩୪ଟି ନୂତନ ପଦବୀଗୁଡ଼ିକ ହେଉଛି ଗୋଟିଏ ଇନ୍ସପେକ୍ଟର, ୪ଟି ସବ୍‌ଇନ୍ସପେକ୍ଟର, ୬ଟି ଏଏସ୍‌ଆଇ, ୨ଟି ହାବିଲଦାର ଓ ୨୧ଟି କନ୍‌ଷ୍ଟେବଲ। ପୂର୍ବରୁ ଥିବା ୫ଟି ପଦବୀ ହେଉଛି – ଗୋଟିଏ ସବ୍‌ଇନ୍ସପେକ୍ଟର ଓ ୪ଟି କନ୍‌ଷ୍ଟେବଲ।

# ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, ସେଣ୍ଟ୍ରାଲ ପୋଲଟ୍ରି ଡେଭ୍‌ଲପମେଣ୍ଟ ଅର୍ଗାନାଇଜେଶନକୁ ଜମି

## ନବୀକରଣ ହେଲା ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଲିଜ୍

**ଭୁବନେଶ୍ୱର, ୧୬।୩ (ଅନିଲ ଦାସ)**

ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ କଟକ ତହସିଲର କ୍ୟାଣ୍ଟନମେଣ୍ଟ ମୌଜାରେ ଥିବା ଏ୨୦.୮୦୮ଡେସିମାଲ ଖାସମାହାଲ ଜମିକୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍‌କୁ ମୂଳ ଲିଜ୍‌ର ସର୍ତ୍ତ ମୁତାବକ ୧୯୮୯ ସେପ୍ଟେମ୍ବର ୪ ତାରିଖରୁ ୪୦ ବର୍ଷ ପାଇଁ ଲିଜ୍ ନବୀକରଣ ମଞ୍ଜୁର ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏଥି ନିମନ୍ତେ ପୂର୍ବ ଲିଜ୍‌ର ସର୍ତ୍ତ ଅନୁଯାୟୀ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍‌କୁ ବାର୍ଷିକ ରେଣ୍ଟ ଓ ସେସ୍ ବାବଦରେ ଏକର ପିଛା ୧ଟଙ୍କା ହିସାବରେ ପଇଠ କରିବାକୁ ହେବ।

ସେହିପରି କଟକ ସଦର ତହସିଲ ଅନ୍ତର୍ଗତ ଚାଉଳିଆଗଞ୍ଜ ମୌଜାରେ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ପାଇଁ ଏ୨.୫୦ଡେସିମାଲ ସରକାରୀ ଜମିକୁ ନୂତନ ସ୍କୁଲ କୋଠା ନିର୍ମାଣ ନିମନ୍ତେ ବିନା ପ୍ରିମିୟମ୍‌ରେ ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଆଗତ ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ବାଜିଛି। ତେବେ ଉକ୍ତ ଲିଜ୍ ବାବଦରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜମିର ବଜାର ମୂଲ୍ୟର ୦.୨୫ ଶତକଡ଼ା ହିସାବରେ ବାର୍ଷିକ ଗ୍ରାଉଣ୍ଡ ରେଣ୍ଟ ଏବଂ ଏହାର ୭୫ ଶତକଡ଼ା ହିସାବରେ ସେସ୍ ଦେବାକୁ ହେବ। ଏଥିସହ ପୂର୍ବରୁ ମଙ୍ଗଳାବାଗ ମୌଜାରେ ଉକ୍ତ ସ୍କୁଲ ଅଧୀନରେ ଥିବା ଏ ୧.୮୦ଡେସିମାଲ ସରକାରୀ ଜମି ଉପରେ ବକେୟା ଥିବା ସମସ୍ତ ଦେୟ ସୁଧ ସହ ଛାଡ଼ କରାଯାଇଛି।

ସେହିପରି କଟକ ଜିଲାର ବାରଙ୍ଗ ତହସିଲ ଅଧୀନ ତଳଗଡ଼ ଓ ବେଣ୍ଟକରପଡ଼ା ମୌଜାରେ ମୋଟ ଏ୩୯.୩୭ ଡେସିମାଲ ସରକାରୀ ଜମିକୁ ଭୁବନେଶ୍ୱରରେ ଥିବା କେନ୍ଦ୍ର ସରକାର ଅଧୀନ ସେଣ୍ଟ୍ରାଲ ପୋଲଟ୍ରି ଡେଭଲପ୍‌ମେଣ୍ଟ ଅର୍ଗାନାଇଜେଶନକୁ ସ୍ଥାନାନ୍ତରଣ ପାଇଁ ମାଗଣାରେ ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଆଗତ ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ରାଜ୍ୟରେ କୃଷି ଉତ୍ପାଦନର ବୃଦ୍ଧି ପାଇଁ ୟୁରିଆ ସାରର ପ୍ରୟୋଗ ଏବଂ ଆର୍ଥିକ ବିକାଶ ସହିତ ଅନ୍ୟାନ୍ୟ ଶିଳ୍ପର ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ପ୍ରଦାନ ତଥା ରୁଗ୍‌ଣ ଶିଳ୍ପର ପୁନରୁଦ୍ଧାର, ତାଳଚେର ଫର୍ଟିଲାଇଜର ଲିମିଟେଡ ନାମରେ ସବ୍–ଲିଜ୍ ଦଲିଲ ନିବନ୍ଧନ ପାଇଁ ଷ୍ଟାମ୍ପ ଦେୟ ଓ ପଞ୍ଜୀକରଣ ଫି’ ବାବଦରେ ୩୧,୩୨,୧୧,୫୦୨.୮୫ ଟଙ୍କା ଛାଡ଼ କରାଯାଇଛି।



ଏହି ଘନୀଭୂତ ଓ ଜଡ଼ୀଭୂତ ଜଡ଼-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ



# ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସିର ସ୍ଥିତି



ଆକାର ପଟେଲ

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)ପରେ ଆମେ ଏକ ଜାତୀୟ ଜନସଂଖ୍ୟା ପଞ୍ଜୀକରଣ (ଏନ୍‌ପିଆର୍) ଏବଂ ଏକ ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍‌ଆର୍‌ସି) ଆଶା କରିପାରିବା କି ? ସରକାର କେଉଁ ଗୋଟିକୁ ବିଶ୍ୱାସକୁ ନେବେ ତା'ଉପରେ ଏହାର ଉତ୍ତର ନିର୍ଭରକରେ। ଆସନ୍ତୁ, ପ୍ରକୃତ ଘଟଣାକ୍ରମ ଉପରେ ନଜର ପକାଇବା। ଶାହିନ ବାଗ ପ୍ରତିବାଦ ଆରମ୍ଭ ହେବା ପରେ ୨୨ ଡିସେମ୍ବର ୨୦୧୯ରେ ଦିଲ୍ଲୀରେ ଏକ ରାଲିରେ ପ୍ରଧାନମନ୍ତ୍ରୀ କହିଥିଲେ, ''ମୁଁ ଭାରତର ୧୩୦ କୋଟି ଲୋକଙ୍କୁ କହିବାକୁ ଚାହେଁ ଯେ ୨୦୧୪ରେ ମୋ ସରକାର କ୍ଷମତାକୁ ଆସିବାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ଥାନରେ ଏନ୍‌ଆର୍‌ସି ଉପରେ କୌଣସି ଆଲୋଚନା ହୋଇନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଯାଇ ଆମକୁ କେବଳ ଆସାମରେ ଏହା ଲାଗୁକରିବାକୁ ପଡ଼ିଲା।'' ତାଙ୍କର ଏଭଳି ଦାବି କିଛିଦିନ ପୂର୍ବେ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଥିବା ବିବୃତି ବିରୋଧରେ ଯାଇଥିଲା। ଡିସେମ୍ବର ୧୦ରେ ଶାହା ସଂସଦରେ କହିଥିଲେ, ଏହି ଦେଶରେ ନିଶ୍ଚିତ ଭାବରେ ଏକ ଏନ୍‌ଆର୍‌ସି ଲାଗୁହେବ। ୩ ଡିସେମ୍ବରରେ ଝାଡ଼ଖଣ୍ଡରେ ଏକ ନିର୍ବାଚନୀ ସମାବେଶରେ ସେ ୨୦୨୪ରେ ଏନ୍‌ଆର୍‌ସିର କାର୍ଯ୍ୟ ଶେଷ କରିବାର ଏକ ସମୟସୀମା ସ୍ଥିର କରି କହିଥିଲେ, ପରବର୍ତ୍ତୀ ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ବହିଷ୍କାର କରାଯିବ। ଏହାସହ ୨୦୧୯ ନିର୍ବାଚନୀ ଇସ୍ତାହାରରେ ମୋଦି ଏନ୍‌ଆର୍‌ସି ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇସ୍ତାହାରରେ ଲେଖାଥିଲା, ବେଆଇନ ଅନୁପ୍ରବେଶ ହେତୁ କେତେକ ଅଞ୍ଚଳର ସାଂସ୍କୃତିକ ତଥା ଭାଷା ପରିଚୟରେ ଏକ ବଡ଼ ପରିବର୍ତ୍ତନ ଆସିଛି, ଯାହା ସ୍ଥାନୀୟ ଲୋକଙ୍କ ଜୀବିକା ଓ ନିଯୁକ୍ତି ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ପ୍ରାଥମିକତା ଭିତ୍ତିରେ ଆମେ ଏହି କ୍ଷେତ୍ରରେ ନାଗରିକ ରେଜିଷ୍ଟର ପ୍ରକ୍ରିୟାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବୁ ଓ ଭବିଷ୍ୟତରେ ଦେଶର ଅନ୍ୟ ଭାଗରେ ପର୍ଯ୍ୟାୟକ୍ରମେ ଏନ୍‌ଆର୍‌ସି କାର୍ଯ୍ୟକାରୀ କରିବୁ। ତେବେ ବାଂଲାଦେଶ କିମ୍ବା ପାକିସ୍ତାନ ସହ ଭାରତର କୌଣସି ପ୍ରତ୍ୟର୍ପଣ ଚୁକ୍ତି ନାହିଁ। ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସିରେ ପ୍ରମାଣପତ୍ର ନ ଥିବା ପ୍ରବାସୀଙ୍କୁ ଚିହ୍ନଟ କଲେ ସେମାନଙ୍କୁ ଅଟକ ରଖିବା ବ୍ୟତୀତ ଅନ୍ୟ ଦେଶକୁ ପଠାଇବାର କିଛି ବାଟ ନାହିଁ। ଆସାମରେ ଏମିତି ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ମୋଦିଙ୍କ ଭାଷଣର ୨ ଦିନ ପରେ କେନ୍ଦ୍ର ସରକାର ଏନ୍‌ଆର୍‌ସି ପାଇଁ ପ୍ରଥମ ପଦକ୍ଷେପ ନେଇଥିଲେ। ୨୦୨୧ ଜନଗଣନା ପାଇଁ ୮,୭୫୪ କୋଟି ଟଙ୍କା ଏବଂ ଏନ୍‌ପିଆର୍ ନବୀକରଣ ପାଇଁ ୩,୯୪୧ କୋଟି ଟଙ୍କା କ୍ୟାବିନେଟ ଅନୁମୋଦନ କରିଥିଲା।

ଏକ ସାମ୍ବାଦିକ ସମ୍ମିଳନୀରେ ଏନ୍‌ପିଆର୍ ଉପରେ ସରକାର କହିଥିଲେ, ''ଅଣ-ନାଗରିକଙ୍କ ସମେତ 'ଯେକେହି' ଏନ୍‌ପିଆର୍‌ରେ ଗଣାଯିବେ। ଏଥିପାଇଁ କୌଣସି ପ୍ରମାଣ, କୌଣସି ଦଲିଲ, ବାୟୋମେଟ୍ରିକର ଆବଶ୍ୟକ ନାହିଁ, କାରଣ ଆମେ (ସରକାର) ଜନସାଧାରଣଙ୍କୁ ବିଶ୍ୱାସ କରୁଛୁ। ଏନ୍‌ପିଆର୍ କାର୍ଯ୍ୟ ଏପ୍ରିଲ ୨୦୨୦ ରେ ଆରମ୍ଭ ହେବ ଏବଂ ସେପ୍ଟେମ୍ବରରେ ଶେଷ ହେବ (କୋଭିଡ୍ ଯୋଗୁ ବନ୍ଦ ହେଲା)।'' ସରକାର ଜୋର୍ ଦେଇ କହିଥିଲେ, ଏନ୍‌ଆର୍‌ସି ପାଇଁ ଏନ୍‌ପିଆର୍ ବ୍ୟବହାର ହେବ ନାହିଁ। ଶାହା କହିଥିଲେ, ଏନ୍‌ପିଆର୍ ଓ ଏନ୍‌ଆର୍‌ସି ପ୍ରକ୍ରିୟା ମଧ୍ୟରେ କୌଣସି ସମ୍ପର୍କ ନାହିଁ କିମ୍ବା ସେମାନେ ପରସ୍ପରର ସର୍ଭେକୁ ବ୍ୟବହାର କରିପାରିବେ ନାହିଁ। ଏପରିକି ସମସ୍ତଙ୍କୁ ବିଶେଷ ଭାବରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କହିଥିଲେ ଯେ, ଏନ୍‌ଆର୍‌ସି ପାଇଁ ଏନପିଆର ବ୍ୟବହୃତ ହେବ ନାହିଁ ଓ ଏହା ଏକ ଗୁଜବ। କିନ୍ତୁ ଏହା ଗୁଜବ ନ ଥିଲା। ଖୁବ୍ ଶୀଘ୍ର ତଥ୍ୟ ପଦାକୁ ଆସିଲା। ଏନ୍‌ପିଆର୍‌ରେ ୨୨ଟି ବିଷୟରେ ତଥ୍ୟ ସଂଗ୍ରହ ହୋଇଥାଏ। ମୋଦି ସରକାର ସେଥିରେ ଆଉ ୮ଟି ପଏଣ୍ଟ ନୂଆକରି ଯୋଗ କରିଥିଲେ, ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ଆଧାର, ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ମୋବାଇଲ ନମ୍ବର, ଭୋଟର ପରିଚୟ ପତ୍ର, ମାତୃଭାଷା ଏବଂ ସେମାନଙ୍କ ପିତାମାତାଙ୍କ ଜନ୍ମ ତାରିଖ ଓ ସ୍ଥାନ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ। ଏହି ୮ଟି ପଏଣ୍ଟ ୨୦୦୩ ନାଗରିକତ୍ୱ ଆଇନରେ ନ ଥିଲା। ଆଇନ ଏବଂ ଉପନିୟମ ଉପରେ ଅନୁଧ୍ୟାନ କରାଯିବା ପରେ ଜଣାପଡ଼ିଥିଲା ଯେ, ଏନ୍‌ପିଆର୍‌ର କେବଳ ଏନ୍‌ଆର୍‌ସି ସହ ସମ୍ପର୍କିତ ନୁହେଁ, ବରଂ ଏହା ଏନ୍‌ଆର୍‌ସିର ମୂଳଦୁଆ। ସ୍ଥାନୀୟ ଅଧିକାରୀମାନେ 'ସନ୍ଦିଗ୍ଧ ନାଗରିକ' ଚିହ୍ନଟ କରିବାକୁ ଏନ୍‌ପିଆର୍ ତାଲିକା ଯାଞ୍ଚକରି ନିଷ୍ପତ୍ତି ନେବେ। ଏହି ବ୍ୟକ୍ତିମାନଙ୍କୁ ତା'ପରେ ଏକାଠି ସେମାନଙ୍କର ନାଗରିକତା ପ୍ରମାଣ କରିବାକୁ ପଡ଼ିବ। ଥରେ ତାଲିକା ପ୍ରସ୍ତୁତ ହୋଇ ପ୍ରକାଶ ପାଇଲେ ଯେକେହି ଜଣେ ବ୍ୟକ୍ତିଙ୍କୁ କିମ୍ବା ଗୋଟିଏ ପରିବାରକୁ 'ସନ୍ଦିଗ୍ଧ' ବୋଲି କହିପାରନ୍ତି କିମ୍ବା ତାଙ୍କ ବିରୋଧରେ ଅଭିଯୋଗ ଆଣିପାରନ୍ତି । ୨୪ ଡିସେମ୍ବର ୨୦୧୯ରେ ପ୍ରକାଶ ପାଇଥିଲା ଯେ, ଏନ୍‌ପିଆର୍ ହେଉଛି ଏନ୍‌ଆର୍‌ସିର ଆଧାର। ନାଗରିକତ୍ୱ ଆଇନର ଧାରା ୧୪-ଏ ଭାରତର ପ୍ରତ୍ୟେକ ନାଗରିକଙ୍କୁ ବାଧ୍ୟତାମୂଳକ ଭାବେ ପଞ୍ଜୀକରଣ କରିବା, ପରିଚୟପତ୍ର ଦେବା ଏବଂ ନାଗରିକଙ୍କର ଜାତୀୟ ପଞ୍ଜୀକରଣ ବଜାୟ ରଖିବାକୁ ସରକାରଙ୍କୁ କ୍ଷମତା ଦେଇଛି। ତେବେ ନାଗରିକ ପଞ୍ଜୀକରଣ ଏନ୍‌ଆର୍‌ପି ତଥ୍ୟରୁ ସୃଷ୍ଟି ହେବ। ଯେକେହି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୨୦୧୮-୧୯ ବାର୍ଷିକ ରିପୋର୍ଟ ଖୋଜିଲେ ଏହା ଜାଣିପାରିବେ। ମନ୍ତ୍ରଣାଳୟ ସ୍ପଷ୍ଟ କରିଥିଲା ଯେ, ଭାରତୀୟ ନାଗରିକଙ୍କ ଜାତୀୟ ପଞ୍ଜୀକରଣ ପ୍ରସ୍ତୁତି ଦିଗରେ ଏନ୍‌ପିଆର୍ ହେଉଛି ପ୍ରଥମ ପଦକ୍ଷେପ।

୮ ଜୁଲାଇ ୨୦୧୪ରେ ସେତେବେଳର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ ରିଜିଜୁ କହିଥିଲେ, ଏନ୍‌ପିଆର୍ ସମ୍ପୂର୍ଣ୍ଣ କରାଯିବା ଉଚିତ ଓ ଏହାକୁ ଯୁକ୍ତିଯୁକ୍ତ ସିଦ୍ଧାନ୍ତ ଯାଏ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି, ଯାହାକି ଏନ୍‌ପିଆର୍‌ରେ ପ୍ରତ୍ୟେକ ସାଧାରଣର ନାଗରିକତ୍ୱର ସ୍ଥିତି ଯାଞ୍ଚ କରାଯାଇ ଭାରତୀୟ ନାଗରିକଙ୍କ ଏକ ଜାତୀୟ ପଞ୍ଜୀକରଣ ପ୍ରସ୍ତୁତ କରାଯିବ। ୨୬ ନଭେମ୍ବର ୨୦୧୪ରେ, ରିଜିଜୁ ରାଜ୍ୟ ସଭାରେ କହିଥିଲେ, ପ୍ରତ୍ୟେକ ସାଧାରଣ ବାସିନ୍ଦାଙ୍କ ନାଗରିକତ୍ୱ ସ୍ଥିତି ଯାଞ୍ଚ କରିବା ସହ ଭାରତୀୟ ନାଗରିକଙ୍କ ଜାତୀୟ ପଞ୍ଜୀକରଣ ସୃଷ୍ଟି ଦିଗରେ ଏନ୍‌ପିଆର୍ ହେଉଛି ପ୍ରଥମ ପଦକ୍ଷେପ। ସେ ମଧ୍ୟ ସଂସଦରେ ଏନ୍‌ପିଆର୍ ଓ ଏନ୍‌ଆର୍‌ସି ସମ୍ପର୍କକୁ ନେଇ ୧୫ ଜୁଲାଇ, ୨୨ ଜୁଲାଇ ଓ ୨୩ ଜୁଲାଇ ୨୦୧୪ ଏବଂ ୧୩ ମେ ୨୦୧୫ ଓ ୧୬ ନଭେମ୍ବର ୨୦୧୬ ରେ ସମାନ ପ୍ରକାର ବକ୍ତବ୍ୟ ରଖିଥିଲେ। ତେବେ ସିଏଏ ଆସିବା ପରେ ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସିର ବାସ୍ତବ ସ୍ଥିତି କ'ଣ ରହିଛି ଆମେ ଜାଣିନାହୁଁ। କିନ୍ତୁ ସ୍ଥିତି ଚିନ୍ତାଜନକ, କାରଣ ଏହା ଏକ ଗମ୍ଭୀର ପ୍ରସଙ୍ଗ ଯାହା ଏବେ ବି ଅସ୍ପଷ୍ଟ ହୋଇ ରହିଛି।

Email:aakar.patel@gmail.com

# ଆମ ଜୀବନ, ଆମ ନିଷ୍ପତ୍ତି



ଡ. ଶରତ ଚନ୍ଦ୍ର ପରିଡ଼ା

ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିମାନେ କିଛି ଭିନ୍ନ କାର୍ଯ୍ୟ କରି ନ ଥା'ନ୍ତି; ସେମାନଙ୍କ କାର୍ଯ୍ୟ ଅନ୍ତରାଳରେ ସେମାନେ ନେଇଥିବା ସଚେତନ ନିଷ୍ପତ୍ତି ହିଁ ଏପରି କରାଇଥାଏ। ଜୀବନର ପ୍ରତିମୋଡ଼ରେ ନିଷ୍ପତ୍ତି ନେବାର ଅବସର ଆସି ପହଞ୍ଚିଥାଏ। ଆମେ ତାହା ନେଇ ନ ଥାଉ କି ଭାଗ୍ୟରେ ଆସୁଥିବା ପରିବର୍ତ୍ତନକୁ ସ୍ୱାଗତ କରି ନ ଥାଉ। ଅନ୍ୟପକ୍ଷରେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇ ଠିକ୍ ଭାବରେ ତାକୁ କାର୍ଯ୍ୟରେ ପରିଣତ କରିପାରିଲେ ; ସଫଳତା ସୁନିଶ୍ଚିତ। ପ୍ରତିକ୍ଷଣରେ ଆମ ଅବଚେତନ ମନରେ ନିଷ୍ପତ୍ତି ନେବା ପ୍ରକ୍ରିୟା ସ୍ୱାଭାବିକ ଭାବରେ ସମ୍ପାଦିତ ହେଉଛି। ଶୟନ, ଭୋଜନ, ଗମନ, କଥୋପକଥନ ଆଦି କ୍ଷେତ୍ରରେ ଏସବୁ ଦୈନନ୍ଦିନ ଘଟଣା। ଆମେ ଯେତେବେଳେ ସଚେତନ ହୋଇ କିଛି ସିଦ୍ଧାନ୍ତ ନେଉ, ଗୁରୁତ୍ୱ ଜମାଟ ବାନ୍ଧେ। ଛାତ୍ରଟି ଯେତେବେଳେ ନିଷ୍ପତ୍ତି ନିଏ ତାକୁ ପରୀକ୍ଷାରେ ସର୍ବୋଚ୍ଚ ଅଙ୍କ ହାସଲ କରିବାକୁ ହେବ, ସେ ଦିନରାତି ଏକାକାର କରିଦିଏ। ନିଷ୍ପତ୍ତିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ମନପ୍ରାଣ ଲଗାଇ ଦିଏ। ଓଡ଼ିଶାକୁ ଶ୍ରେଷ୍ଠ କରିବାକୁ ପଡ଼ିବ, ଏହା ହେଲା ନିଷ୍ପତ୍ତି। ଏହାକୁ ରୂପାୟନ କଲାବେଳେ ଅନେକ ଛୋଟ ଛୋଟ ନିଷ୍ପତ୍ତିମାନ ନିଆଯିବା ଓ ନିଆଯାଉଥିବା ନିଷ୍ପତ୍ତିକୁ ଆବଶ୍ୟକ ଅନୁସାରେ ନମନୀୟ କରିବା ପ୍ରାସଙ୍ଗିକ ମନେହୁଏ।

ବର୍ତ୍ତମାନ ନିଷ୍ପତ୍ତି ନେବାର ସର୍ବଶ୍ରେଷ୍ଠ ସମୟ। ଅତୀତର ଅଭିଜ୍ଞତା ଓ ବର୍ତ୍ତମାନ ମିଳୁଥିବା ସୂଚନାକୁ ଆଧାର କରି ବର୍ତ୍ତମାନ ନିଷ୍ପତ୍ତି ନିଆଯାଇଥାଏ। ଜୀବନ ଆମର ଓ ତାକୁ କିଭଳି ବିତାଇବାକୁ ପଡ଼ିବ ଓ ବଞ୍ଚିବାକୁ ହେବ ; ସେ ନିଷ୍ପତ୍ତି ଆମର। ବାଲ୍ୟ, କୈଶୋର, ଯୌବନ ଅବା ବାର୍ଦ୍ଧକ୍ୟ ଅବସ୍ଥାରେ ହେଉ ଅବା ଜଣେ ଗୃହିଣୀ, ନେତା ବା କୃଷକ ହୁଅନ୍ତୁ ବର୍ତ୍ତମାନ ସମୟ ନିଷ୍ପତ୍ତି ନେବାର ସର୍ବୋତ୍କୃଷ୍ଟ। ଜଣେ ଯାହା ଚାହିଁବ ; ତାହା କରିପାରିବ। ଉପଲବ୍ଧ ଅନେକ ବିକଳ୍ପ ମଧ୍ୟରୁ ଗୋଟିଏକୁ ବାଛି ନିଷ୍ପତ୍ତି ନେବାକୁ ହୁଏ। ଜଣେ କବିତା ଲେଖିବ କି ଗଦ୍ୟ ଲେଖିବ ; ତାହା ତାର ନିଷ୍ପତ୍ତି ଉପରେ ନିର୍ଭର କରେ। ଜଣକ ସାଙ୍ଗରେ ଆମେ ସମ୍ପର୍କ ରଖିବାକୁ ଚାହୁଁନାହୁଁ; ତାହା ବଦଳାଇବା ପାଇଁ ଏହି ମୁହୂର୍ତ୍ତରେ କାର୍ଯ୍ୟ ଆରମ୍ଭ କରିପାରୁ। ବର୍ତ୍ତମାନର ଚାକିରି ଆମକୁ ଭଲ ଲାଗୁ ନାହିଁ; ଆମେ ନୂଆ ଚାକିରି ସନ୍ଧାନ କରିପାରୁ। ନିଜର ଚାଲିଚଳନ ଆମକୁ ଯଦି ଭଲ ଲାଗୁ ନାହିଁ, ତାକୁ ବଦଳାଇବା ପାଇଁ ଲାଗିପଡୁ। ନିଜ ଶାରୀରିକ ସ୍ୱାସ୍ଥ୍ୟ ନିମନ୍ତେ ଆମେ ଯଦି ଚିନ୍ତା କରୁଥାଉ ; ତେବେ ଏବେଠାରୁ ବିହିତ ପଦକ୍ଷେପ ନେଇ ପାରୁ। ଆମେ ଯେଉଁ ଅଭ୍ୟାସ ବଦଳାଇବା ପାଇଁ ଚାହୁଁଛୁ ବା କୌଶଳ ଆପେଣଇବା ପାଇଁ ଇଚ୍ଛା କରୁଛୁ ; ତାହା ଦୀର୍ଘସୂତ୍ରୀ ନ ହୋଇ ଏହି ମୁହୂର୍ତ୍ତରୁ ଆରମ୍ଭ କରିପାରିବା। ଅନ୍ୟ କାହା ସହିତ ଯୋଗାଯୋଗ କରିବାକୁ ଚାହୁଁଥିଲେ କରିପାରିବା ; ବା ନିଜଠାରେ କିଛି ସକାରାତ୍ମକ ଭାବ ଜାଗରଣ କରିବାକୁ ଚାହିଁଲେ, ତାହାର ଶୁଭାରମ୍ଭ କରିପାରିବା।



ଉପଯୁକ୍ତ ନିଷ୍ପତ୍ତି ଆମ ଭିତରେ ଥିବା ଅମାପ ସମ୍ଭାବନା ଓ ଅସୀମ ଶକ୍ତିକୁ ଆବିଷ୍କାର କରି ଆମର କାର୍ଯ୍ୟ କରିବାର ଶକ୍ତିକୁ ଉଦ୍ଦୀପ୍ତ ଓ ପ୍ରଦୀପ୍ତ କରେ। ଆମ ଭିତରେ ଥିବା ଆନନ୍ଦ ଓ ଆବେଗର ଉତ୍ସକୁ ଉନ୍ମୁକ୍ତ କରିଦିଏ। ଆମେ ନୂଆ ନିଷ୍ପତ୍ତି ନେବୁ ବୋଲି ସମୟ ଆମକୁ ଅପେକ୍ଷା କରି ରହିଛି। ସମୃଦ୍ଧି ଓ ସୁଖ ପାଇଁ କାର୍ଯ୍ୟ କରିବା ଲାଗି ଏକ ନୂଆ, ସକାରାତ୍ମକ ନିଷ୍ପତ୍ତି ନେଲେ ଆମକୁ କେହି ଅଟକାଇ ପାରିବେ ନାହିଁ। ଗାନ୍ଧୀ ମହାତ୍ମା ଦୃଢ଼ ନିଷ୍ପତ୍ତି ନେଇଥିଲେ ଭାରତରୁ ବ୍ରିଟିଶ ଶାସନକୁ ବିତାଡ଼ିତ କରିବେ। ଏହି ନିଷ୍ପତ୍ତି ତାଙ୍କୁ ଘଟଣାପ୍ରବାହରେ ଗତିଶୀଳ କରିଥିଲା। ଲୋକମାନେ ଜାଣିପାରୁ ନ ଥିଲେ ସେ କେମିତି ଏହି ଲକ୍ଷ୍ୟରେ ପହଞ୍ଚିବେ ; କିନ୍ତୁ ସେ ନିଜ ନିଷ୍ପତ୍ତିରେ ଅଟଳ ଥିଲେ। ସେ ଆଉ ଅନ୍ୟ କିଛି ଭାବୁ ନ ଥିଲେ। ବିବେକ ଅନୁସାରେ କାର୍ଯ୍ୟ କରିଚାଲିଥିଲେ। ନିଷ୍ପତ୍ତି ଉଭୟ ସମସ୍ୟା ଓ ସୁଯୋଗର ଉତ୍ସ। ନିଷ୍ପତ୍ତି ହେଉଛି ଏଭଳି ଶକ୍ତି ଯାହା ଅଦୃଶ୍ୟକୁ ଦୃଶ୍ୟରେ ପରିଣତ କରିବାର ମୋଡ଼ ପ୍ରସ୍ତୁତ କରିପାରେ। ସ୍ୱପ୍ନକୁ ବାସ୍ତବତାର ରୂପ ଦେବାକୁ ନିଷ୍ପତ୍ତି ଉତ୍ପ୍ରେରକ ଭଳି କାର୍ଯ୍ୟ କରେ।

ଆଶ୍ଚର୍ଯ୍ୟର କଥା ହେଉଛି ଏଭଳି ଅଦ୍ଭୁତ ନିଷ୍ପତ୍ତି ନେବାର ଶକ୍ତି ଆମ ଭିତରେ ରହିଛି। ନିଷ୍ପତ୍ତି ଏକ ନିରପେକ୍ଷ ଓ ସ୍ୱାଧୀନ ପ୍ରକ୍ରିୟା। ସମ୍ପୂର୍ଣ୍ଣ ନିଜସ୍ୱ। କାହାର ଶିକ୍ଷା, ଅର୍ଥ ବା ପରିବାର ଉପରେ ଏହା ନିର୍ଭର କରେ ନାହିଁ। କେତେକ ନିର୍ଦ୍ଦିଷ୍ଟ ଲୋକଙ୍କ ପାଇଁ ସଂରକ୍ଷିତ ନୁହେଁ। ଏହା ହେଉଛି ଜଣକର ଆତ୍ମସଂଚାଳନ ଶକ୍ତି। ଏହାର ରାଜାଙ୍କ ପାଖରେ ଯେମିତି ରହିଛି ଦୈନିକ ଶ୍ରମିକ ପାଖରେ ମଧ୍ୟ ସେହିପରି ରହିଛି। କାହାର ଏକଚାଟିଆ ନୁହେଁ। ଆମେ ଯଦି ଏବେ ନିଷ୍ପତ୍ତି ନେଉ, ମୁଁ ଆତ୍ମାର ଡାକରାରେ କାମ କରିବି। ନିଜ ଭିତରେ ଆତ୍ମିକ ପରିବର୍ତ୍ତନ ଆଣିବି। ନିଜକୁ ଚିହ୍ନିବି। ଜୀବନକୁ ଜାଣିବି। ଆତ୍ମାକୁ ଉପଲବ୍ଧି କରିବି। ଆମକୁ ଏଭଳି ନିଷ୍ପତ୍ତିରୁ କେହି ଅଟକାଇ ପାରିବେ ନାହିଁ। 'ସଚେତନ ଭାବରେ ଜୀବନକୁ ଉଠାଇବା ପାଇଁ ଯେଉଁ ନିଶ୍ଚିତ ଚେଷ୍ଟା କରାଯାଇଥାଏ, ତାହାଠାରୁ ଅଧିକ ଉତ୍ସାହପ୍ରଦ କିଛି ନାହିଁ।' - ହେନେରି ଡାଭିଡ ଥୋରିଓ।

ଯେଉଁ ସମୟରେ ଆମେ ଗୁଣାତ୍ମକ ନିଷ୍ପତ୍ତି ନେଇ ତାକୁ କ୍ରିୟାନ୍ୱୟନ କରିବା ପାଇଁ କଟିବଦ୍ଧ ହେଉ ; ଆମ ଭାଗ୍ୟ ସେହି ସମୟରୁ ତିଆରି ହେବା ଆରମ୍ଭ କରେ। ଭାଗ୍ୟ ନିର୍ଦ୍ଧାରଣରେ ନିଷ୍ପତ୍ତିର ଭୂମିକା ଅନସ୍ୱୀକାର୍ଯ୍ୟ। ନିଜ ସାମର୍ଥ୍ୟକୁ ପ୍ରାଣବନ୍ତ କରେ ନିଷ୍ପତ୍ତି। ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ, ଭିନ୍ନକ୍ଷମ ବା ସ୍ୱରୋଜଗାର ପାଇଁ ଶ୍ରମିକଟିଏ ହୁଅନ୍ତୁ ସଚେତନ ଓ ସକ୍ରିୟ ନିଷ୍ପତ୍ତି ଦ୍ୱାରା ଦେଶ, ସମାଜ, ପରିବାର ବା ବ୍ୟକ୍ତିଗତ ଭାଗ୍ୟ ନିର୍ଦ୍ଧାରିତ ହୋଇଥାଏ। ଏଡ୍ ରୋବର୍ଟ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚକ ଚେୟାରରେ ସୀମିତ ହୋଇ ପ୍ରାଣାନ୍ତକ କଷ୍ଟ ଭୋଗୁଥିଲେ। ଦିନେ ସମଦଶାପନ୍ନ ଅନ୍ୟମାନଙ୍କ ପାଇଁ କିଛି କରିବାକୁ କଠୋର ନିଷ୍ପତ୍ତି ନେଲେ। ସଂଘର୍ଷ କରି ସଂଗଠନ ଗଢ଼ି ନେତୃତ୍ୱ ନେଲେ। ତାଙ୍କ ଅଦ୍ଭୁତ ନିଷ୍ପତ୍ତି ଯୋଗୁ ପୃଥିବୀରେ ଜଣେ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ ହୋଇଥିଲେ। ନିଷ୍ପତ୍ତି ନେବା ଓ ସଫଳତା ଲାଭ କରିବା ମଧ୍ୟରେ କାର୍ଯ୍ୟ ପାଇଁ ପଦକ୍ଷେପ ଓ ପ୍ରାରବ୍ଧ କାର୍ଯ୍ୟଟିକୁ ସମାପ୍ତ କରିବା ଗୁରୁତ୍ୱପୂର୍ଣ୍ଣ। ନୀତି କହେ, ''ପାରବ୍ଧେ ହ୍ୟସମାପ୍ତେ କାର୍ଯ୍ୟେ ଶିଥିଳୀଭବନ୍ତି କିଂ ସୁଧିୟଃ ?'' ସୁଜ୍ଞାନୀମାନେ ଆରମ୍ଭ କରିଥିବା କାର୍ଯ୍ୟଟିକୁ ସମାପ୍ତ ନ କରିବା ପର୍ଯ୍ୟନ୍ତ କେବେ ଶିଥିଳ ହୁଅନ୍ତି ନାହିଁ। ନିଷ୍ପତ୍ତି ଅନୁସାରେ ଆମେ ଯାହା ଚାହୁଁଛୁ; ତଦନୁରୂପ କାର୍ଯ୍ୟ ଘଟିଚାଲିଛି କି ନାହିଁ; ତାହା ନିରୀକ୍ଷଣ କରି ତା'ଉପରେ ନିୟନ୍ତ୍ରଣ ରଖି ସଫଳତା ମିଳିବା ପର୍ଯ୍ୟନ୍ତ ଆବଶ୍ୟକ ହେଉଥିବା କାର୍ଯ୍ୟଧାରାକୁ ବଦଳାଇ ଚାଲିବା ଆମର କର୍ତ୍ତବ୍ୟ। ଥରେ ଅଧେ କିଛି କରିଦେଲେ ଭାଗ୍ୟ ତିଆରି ହୁଏ ନାହିଁ, କାର୍ଯ୍ୟ ଜାରି ରଖିଲେ ଆମର ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ରୂପାନ୍ତରିତ ହୁଏ। ଫଳ ପାଇବା ପାଇଁ ନିଷ୍ପତ୍ତି ସମସ୍ତ ଘଟଣାକୁ କ୍ରିୟାଶୀଳ କରିଥାଏ। ଥରେ ଆମେ ନିଷ୍ପତ୍ତି ପାଖରେ ପ୍ରତିଶ୍ରୁତିବଦ୍ଧ ହୋଇଗଲେ, କେମିତି କାର୍ଯ୍ୟ ହାସଲ ହୋଇପାରିବ ତାହାର ମାର୍ଗ ଆସ୍ତେ ଆସ୍ତେ ଉନ୍ମୋଚିତ ହୋଇ ଚାଲେ। ଗୋଟିଏ ବଡ଼ ନିଷ୍ପତ୍ତି ଭିତରେ ଅନେକ ଛୋଟ ଛୋଟ ନିଷ୍ପତ୍ତି ନିଆଯାଇଥାଏ। ନିଷ୍ପତ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ମନସ୍ତତ୍ତ୍ୱବିତ୍ ଜୋହନ ଉଲ୍‌ଫଗ୍ୟାଙ୍ଗ ଭନ ଗୋଏଥ୍ କହନ୍ତି ''ସବୁ କାର୍ଯ୍ୟାରମ୍ଭ ଓ ସୃଷ୍ଟିଶୀଳତାର ବାସ୍ତବତା ହେଉଛି ଥରେ ନିଷ୍ପତ୍ତି ଅଚଳ ଅଟଳ ହୋଇଗଲେ ସମୟୋଚିତ ଆୟୋଜନ ଆପେ ଆପେ ଗତିଯୁକ୍ତ ହୋଇଥାଏ। ବିଧାତା ମଧ୍ୟ ଅନୁକୂଳ ହୋଇଯା'ନ୍ତି।''

ପ୍ଲଟ୍ ନଂ. ୫୫୬/୩୭୫୧,
କାନନ ବିହାର-୨, ପଟିଆ, ଭୁବନେଶ୍ୱର
ମୋ: ୯୪୩୭୭୭୬୯୦୮

# ଗଣତନ୍ତ୍ରରେ ବିଲକ୍ଷଣ



ହରିଶଙ୍କର ମିଶ୍ର

ସେବକ ଏକ ବ୍ୟାପକ ଅର୍ଥ ବୋଧକ ଶବ୍ଦ। ଯେଉଁମାନେ ସେବା ପାଇଁ ସମର୍ପିତ ବା ନିୟୋଜିତ ସେମାନଙ୍କୁ ସେବକ କୁହାଯାଏ। କେବଳ ମଠମନ୍ଦିରରେ ନିୟୋଜିତ ବ୍ୟକ୍ତିମାନଙ୍କୁ ନୁହେଁ, ଶାସନ ତନ୍ତ୍ରରେ ନିୟୋଜିତ ବ୍ୟକ୍ତିମାନଙ୍କୁ ମଧ୍ୟ ସେବକ କୁହାଯାଏ। ଇଂରେଜ ଶାସନ ବେଳେ ବିଭିନ୍ନ ବର୍ଗ ଓ ପଦବୀଭିତ୍ତିକ କର୍ମରେ ନିଯୁକ୍ତ ବ୍ୟକ୍ତିମାନଙ୍କୁ ସରକାରୀ କର୍ମଚାରୀ କୁହାଯାଉଥିଲା। ଦେଶ ସ୍ୱାଧୀନ ହେବାପରେ ସର୍ବଭାରତୀୟ ବା ରାଜ୍ୟ ସରକାରଙ୍କ ଅଧୀନ ବିଭିନ୍ନ ସେବା ଏବଂ ଅଧସ୍ତନ ସେବା ପରିସରରେ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀ ସେବା ସଂହିତା ଆଧାରରେ ପରିଚାଳିତ ଓ ନିୟନ୍ତ୍ରିତ ଯୋଗୁ ସମସ୍ତେ ସାଧାରଣ ସେବକ ପଦବାଚ୍ୟ। ଚାକିରିରେ ଯୋଗଦାନ ଦିନ ସେମାନେ ସାମ୍ବିଧାନିକ ବ୍ୟବସ୍ଥାକୁ ସମ୍ମାନ ଦେଇ ନାଗରିକଙ୍କ ସେବାରେ ଅବହେଳା ନ କରିବା ପାଇଁ ଲିଖିତ ଘୋଷଣାନାମା ମଧ୍ୟ ଦେଇଥାଆନ୍ତି। ତେଣୁ ପଦବୀ ଅନୁଯାୟୀ ଦେଶର ସର୍ବୋଚ୍ଚ ବେତନଧାରୀଙ୍କଠାରୁ ରାଜ୍ୟର ସର୍ବନିମ୍ନ ବେତନଧାରୀଙ୍କ ପରିଚୟ ନିଶ୍ଚିତ ସାଧାରଣ ସେବକ। ଗଣତନ୍ତ୍ରର ଆଭିମୁଖ୍ୟ ବଜାୟ ରଖି ନିୟମାନୁମୋଦିତ ପରିସର ମଧ୍ୟରେ ସାଧାରଣ ନାଗରିକଙ୍କ ସେବା ପାଇଁ ସେମାନଙ୍କ ନିଯୁକ୍ତି ଉଦ୍ଦିଷ୍ଟ । ସେଥିପାଇଁ ପ୍ରତ୍ୟେକ ସେବା ପଦବୀଭୁକ୍ତ କର୍ମଚାରୀ ବା ଅଧିକାରୀମାନେ ଦେଶ ଓ ରାଜ୍ୟ ଜନତାଙ୍କର ସାମ୍ବିଧାନିକ ଅଧିକାରକୁ ଦୃଢ଼ ଓ ନିଶ୍ଚିତ କରାଇବା ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ମନେ କରିବା ଉଚିତ। କିନ୍ତୁ ଦେଖାଯାଉଛି ଯେ ସେଇ ସାଧାରଣ ସେବକମାନେ ଦେଶ ଓ ରାଜ୍ୟର ଜନସାଧାରଣଙ୍କ ସ୍ୱାର୍ଥ ଅପେକ୍ଷା ନିଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରୀ କଳର ଢେର୍ ଉପଯୋଗ ଓ ଅପବ୍ୟବହାର କରୁଛନ୍ତି। ଆଜି ପ୍ରତି କ୍ଷେତ୍ରରେ ଦୁର୍ନୀତିର କାୟା ବିସ୍ତାର ମୂଳରେ ସେବା ପରିସରଭୁକ୍ତ କର୍ମଚାରୀ ଓ ଅଧିକାରୀ ରହିଛନ୍ତି। ସେମାନେ ଦୃଢ଼ ରହିଲେ ଦେଶ ନିଶ୍ଚିତ ଦୁର୍ନୀତି ମୁକ୍ତ ହୋଇଯିବ। କହିବା ବାହୁଲ୍ୟ ଯେ ବିଗତ ଶତାବ୍ଦୀରେ ସର୍ବାଧିକ କୋଡ଼ିଏ ଶତାଂଶ ସାଧାରଣ ସେବକ ଦୁର୍ନୀତି ଯୁକ୍ତ ଥିଲେ। ଏବେ ସମପରିମାଣରେ ସାଧାରଣ ସେବକ ଦୁର୍ନୀତି ମୁକ୍ତ ମଧ୍ୟ ନୁହନ୍ତି।

ଗଣତନ୍ତ୍ରର ଅନ୍ୟତମ ଅଙ୍ଗ ବ୍ୟବସ୍ଥାପକ। ନୀତି ମଧ୍ୟରେ ଶ୍ରେଷ୍ଠ ହେଉଛି ରାଜନୀତି। କିନ୍ତୁ ଏଥିରେ ଭୋଗ ପରିବର୍ତ୍ତେ ତ୍ୟାଗ ହିଁ ଥାଏ। ଯେଉଁମାନେ ରାଜନୀତିକୁ ଜୀବିକାକରି ନିର୍ବାଚିତ ହୁଅନ୍ତି ସେମାନେ ମଧ୍ୟ ଜନସେବକ ପଦବାଚ୍ୟ ହୋଇଥାନ୍ତି। ନିର୍ବାଚିତ ଜନପ୍ରତିନିଧିମାନେ ସମ୍ମାନ, ଭତ୍ତା ସହ ଅନେକ ଆନୁଷଙ୍ଗିକ ସୁବିଧା ଉପଭୋଗ କରିଥାନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ସାଧାରଣ ଜନତାଙ୍କ ଦ୍ୱାରା ନିର୍ବାଚିତ ଜନସେବକମାନେ ରାଜ୍ୟ ବା ଦେଶର ସୁପରିଚାଳନା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ବିଧେୟକ ବା ସଂକଳ୍ପ ଗୃହୀତ କରାନ୍ତି। କାର୍ଯ୍ୟପାଳିକା ଅଧୀନ ସାଧାରଣ ସେବକଙ୍କ ଦ୍ୱାରା ତାହା କାର୍ଯ୍ୟକାରୀ ହୋଇଥାଏ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ଜନସେବକ ଓ ନିଯୁକ୍ତି ପ୍ରକ୍ରିୟାରେ ଅବସ୍ଥାପିତ କାର୍ଯ୍ୟପାଳିକାର ସାଧାରଣ ସେବକ ଜନତାଙ୍କ ପାଖରେ ସର୍ବଦା ଉତ୍ତରଦାୟୀ। କିନ୍ତୁ ତଫାତ୍ ଏତିକି



ଯେ ସାଧାରଣ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ସହ ଦକ୍ଷତା ମାନଦଣ୍ଡ ଥାଏ। ଏହି ସେବା ପାରମ୍ପରିକ ନୁହେଁ। କିନ୍ତୁ ଜନସେବକଙ୍କୁ ଜନ ସମର୍ଥନ ଓ ଦଳୀୟ ଆସ୍ଥା ଯୋଗ୍ୟ କରାଇଥାଏ, ଯାହାକି ଏବେ ବାହୁ ଓ ଧନବଳରେ ରୂପାନ୍ତର ହୋଇସାରିଛି। ଗଣତନ୍ତ୍ରର ଏହି ଦୁଇ ସ୍ତମ୍ଭ ମଧ୍ୟରେ ଯଦି ଗୋଟିଏ ଅନ୍ୟକୁ କବଳିତ କରେ ସେତେବେଳେ ଗଣତନ୍ତ୍ର ସୁସ୍ଥ ହୋଇ ନ ପାରେ। ଏହା ସତ୍ୟ ଯେ ଗଣତାନ୍ତ୍ରିକ ସେବା ପ୍ରକ୍ରିୟାରେ କୌଣସି ଅଦୃଶ୍ୟ ଶକ୍ତି ନ ଥାନ୍ତି ବା କେହି ମଧ୍ୟ ସର୍ବଶକ୍ତିମାନ ନୁହନ୍ତି। ସମସ୍ତଙ୍କ ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ମଣରେଖା ରହିଛି। ବରଂ ସାଧାରଣ ଜନତା ଓ ଭୋଟର ହିଁ ସର୍ବଶକ୍ତିମାନ। ଆମ ବିଧି ବ୍ୟବସ୍ଥାରେ ଅବଶ୍ୟ ନିର୍ବାଚିତ ଜନନେତାମାନେ ରାଜ୍ୟ ଓ ଦେଶର ହିତ ଏବଂ ଜନତାଙ୍କ ଉନ୍ନତି ପାଇଁ ବିଧାନ ନିର୍ଦ୍ଧାରଣ କରୁଥିବାରୁ ସେମାନଙ୍କ ସ୍ଥାନ ଊର୍ଦ୍ଧ୍ୱରେ ନିର୍ଣ୍ଣିତ ରହିଛି। ନିର୍ବାଚିତ ଜନ ପ୍ରତିନିଧିମାନେ ସାଧାରଣ ସେବକମାନଙ୍କୁ ନିୟନ୍ତ୍ରଣରେ ରଖିବାର ବୈଧାନିକ କ୍ଷମତା ରହିଥାଏ। ବିଗତ ଶତାବ୍ଦୀ ପର୍ଯ୍ୟନ୍ତ ବ୍ୟବସ୍ଥାପକମାନଙ୍କର ସେହି ଦକ୍ଷତା ନିଶ୍ଚିତ ଥିଲା। କିନ୍ତୁ ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଜନସାଧାରଣଙ୍କ ପାଇଁ ଥିବା ସେବା ବ୍ୟବସ୍ଥାରେ ଅନେକ ବିଲକ୍ଷଣ ପ୍ରକାଶ ପାଉଛି। ବ୍ୟବସ୍ଥାପକମାନେ ସ୍ୱାର୍ଥ, ଅର୍ଥ ଓ କ୍ଷମତା ପାଇଁ କାର୍ଯ୍ୟପାଳିକା ପାଖରେ ଆତ୍ମସମର୍ପଣ କରିଥିବା ବେଳେ ତା'ର ଭରପୂର ସୁଯୋଗ କାର୍ଯ୍ୟପାଳିକା ନେଇ ଚାଲିଛି।

ନିର୍ବାଚନରେ ସଫଳତା ଉଦ୍ଦେଶ୍ୟରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ବୁଝାମଣା ହୋଇଥାଏ। କିନ୍ତୁ କ୍ଷମତା ପାଇଁ ପ୍ରଶାସନ ଓ କ୍ଷମତାସୀନ ରାଜନୈତିକ ଦଳ ମଧ୍ୟରେ ବୁଝାମଣା ଓ ସହଯୋଗ କୁତ୍ରାପି ବିରଳ। ଅବସ୍ଥା ଏପରି ହୋଇଛି ଯେ ବ୍ୟବସ୍ଥାପକଙ୍କ ଅନେକ ଦୁର୍ବଳତାର ରକ୍ଷାକବଚ ସାଜିଥିବା ଉଚ୍ଚପଦାଧିକାରୀ ନିଜର ଚାକିରି ଅବଧି ଶେଷ ପରେ ପୁନର୍ବାର ସମ୍ମାନଜନକ ପଦବୀରେ ଥଇଥାନ ହେଉଛନ୍ତି। ନ ହେଲେ ରାଜନୈତିକ ଦଳରେ ସାମିଲ ହୋଇଯାଉଛନ୍ତି। ଏହାଦ୍ୱାରା ପରାମର୍ଶଦାତା ଭାବେ ସୁଯୋଗ ପାଇଁ ବ୍ୟବସ୍ଥାପକମାନଙ୍କ ମାଧ୍ୟମରେ ରାଜକୋଷକୁ ଶୂନ୍ୟ କରିବାର ନୀଳନକ୍ସା ପ୍ରସ୍ତୁତ ହେଉଛି। କିନ୍ତୁ ରାଜକୋଷ ବିନିମୟରେ କ୍ଷମତାସୀନ କରାଇ ବ୍ୟବସ୍ଥାପିକାକୁ କରାୟତ୍ତ କରିବାର ଫଳ ଯେତିକି ବିଷମ, କାର୍ଯ୍ୟପାଳିକା ନିରପେକ୍ଷ ନ ରହି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଗୋଷ୍ଠୀକୁ ସହଯୋଗ କରିବା ତା' ଠାରୁ ଅଧିକ ବିଷମ ନିଶ୍ଚିତ। ନିର୍ବାଚନ ବୈତରଣୀ ପାରହୋଇ କ୍ଷମତା ବଜାୟ ରଖିବାକୁ ଅନେକ ସ୍ୱାର୍ଥ ନିହିତ ବ୍ୟକ୍ତିଗତ ସହାୟତା ଘୋଷଣା ସହ ସରକାରୀ ଅର୍ଥ ବିନିମୟରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ରୀତିମତ କୂଟନୈତିକ ପ୍ରସ୍ତୁତି କାର୍ଯ୍ୟପାଳିକା ନିର୍ଦ୍ଦେଶନାରେ ଚାଲୁଛି। ଏଥିପାଇଁ ରାଜକୋଷ ଚାପଗ୍ରସ୍ତ ହେଉଛି। କାର୍ଯ୍ୟପାଳିକାର ଏହି ଆଚରଣ ଯୋଗୁ ଯେଉଁ ସ୍ଥିତି ସୃଷ୍ଟି ହୋଇଛି ତାହାକୁ ଅନୁଶୀଳନ କଲେ ଜଣାଯାଏ ଯେ ମାଗଣା ଯୋଜନା ବା ବିଭିନ୍ନ ନିର୍ମାଣ କାର୍ଯ୍ୟ ସର୍ବୋପରି ଅନେକ ଅନୈତିକ କାର୍ଯ୍ୟ ନିର୍ବାହ ପାଇଁ ପ୍ରଶାସନ ଯେତିକି ତତ୍ପର, ସାଧାରଣ ଜନତାଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ସେତିକି ବୀତସ୍ପୃହ। ଏଭଳି ଯୋଜନା ଓ ଆର୍ଥିକ ସହାୟତା ଉନ୍ମୁକ୍ତ କରାଯାଉଛି ଯେ ଏବେ ବୃହତ୍ ନଦୀର ବିରାଟ ଘାଇ ଭଳି ରାଜକୋଷର ଅବସ୍ଥା କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଭବିଷ୍ୟତ ଶାସକଙ୍କ ପାଇଁ ଏହା ବିରାଟ ସମସ୍ୟା ସୃଷ୍ଟି କରିପାରେ। କିନ୍ତୁ ଉଦ୍‌ବେଗଜନକ କଥା ହେଉଛି ଯେ ବିକାଶ ନାମରେ ବିନାଶର ମଞ୍ଜି ବୁଣାଯାଉଛି। ଏହା ଦେଶ ଓ ରାଜ୍ୟ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି ଓ ଗଣତନ୍ତ୍ର ବିଲକ୍ଷଣର ସୂଚନା ଦେଉଛି।

ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

ଅଦରକାରୀ ପାଇପ୍ ଓ ଅନ୍ୟ ସାମଗ୍ରୀ ବ୍ୟବହାର କରି ହାଇଡ୍ରୋପୋନିକ ପଦ୍ଧତି(ବିନା ମାଟିରେ ଅର୍ଥାତ୍ କେବଳ ପାଣିରେ ଚାଷ)ରେ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି ମଧ୍ୟପ୍ରଦେଶ ରତଲାମାର ଅରବିନ୍ଦ ଧାକଡ଼। ୧୦ ବର୍ଷ ପୂର୍ବରୁ ଅରବିନ୍ଦ ପାରମ୍ପରିକ ପଦ୍ଧତିରେ ଚାଷ କରି କମ୍ ଲାଭ କରୁଥିଲେ। ଏବେ ହାଇଡ୍ରୋପୋନିକ ପଦ୍ଧତିରେ ଅତ୍ୟଧିକ ଲାଭ କରିବା ସହ ଅନ୍ୟମାନଙ୍କୁ ଏହି ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ଅଦରକାରୀ ଜିନିଷରେ ମଧ୍ୟପ୍ରଦେଶରେ ପ୍ରଥମ ହାଇଡ୍ରୋପୋନିକ ନର୍ସରୀ କରିଥିଲେ ଅରବିନ୍ଦ। ଏହି ଚାଷ କରିବା ପୂର୍ବରୁ ଜଣେ ସାଧାରଣ ଚାଷୀ ଭାବେ ସେ ଇସ୍ରାଏଲକୁ ଏଗ୍ରି ଟୁର୍‌ରେ ଯାଇଥିଲେ। ସେଠାରେ ବିନା ମାଟିରେ ଷ୍ଟ୍ରବେରୀ ଚାଷ ଦେଖି ତାହା କରିବାକୁ ମନ ବଳାଇଥିଲେ। ରତଲାମା ଫେରିବା ପରେ ସେ ହାଇଡ୍ରୋପୋନିକ ଚାଷ ଆରମ୍ଭ କରିଥିଲେ। ସେ ଷ୍ଟ୍ରବେରୀ ସମେତ ବହୁପ୍ରକାର ପରିବା ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ଏବେ ସୁଦ୍ଧା ଅରବିନ୍ଦ ୭୦୦୦ରୁ ଅଧିକ ଲୋକଙ୍କୁ ହାଇଡ୍ରୋପୋନିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ମାର୍ଚ୍ଚ ୧୯୭୫**

- ପର୍ତ୍ତୁଗାଲର ପୂର୍ବତନ ରାଷ୍ଟ୍ରପତି ଆଣ୍ଟୋନିଓ ଡି ସ୍ପିନୋଲାଙ୍କ ବ୍ରାଜିଲରେ ରାଜନୈତିକ ଆଶ୍ରୟ ଗ୍ରହଣ।
- ବାଂଲାଦେଶର ବୈଦେଶିକ ବ୍ୟାପାର ପେଟ୍ରୋଲିୟମ ଏବଂ ଖଣି ବିଭାଗର ମନ୍ତ୍ରୀ ରୂପେ ଡକ୍ଟର କମଲ ହୁସେନଙ୍କ ଶପଥ ଗ୍ରହଣ।
- ମତ୍ସ୍ୟ ବିଭାଗ ମନ୍ତ୍ରୀ ଶ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ଦ୍ୱାରା ସୁବର୍ଣ୍ଣରେଖା ମୁହାଣରେ ଯାନ୍ତ୍ରିକ ଉପାୟରେ ମାଛ ଧରିବା ପରିକଳ୍ପନା ଉଦ୍‌ଘାଟିତ।

## ଚିରନ୍ତନୀ

ସାନ୍ତାଳ ଝିଅ ଛଳନାବିହୀନ ବଦନ ଶୋଭା
ବିକାର-ବିହୀନ ହାସ୍ୟ ତାହାର ବିମଳ ଗତି
ସାଥୀମେଳେ ହାତ ହଲାଇ ଚଳଇ ସହଜ ଗତି
ମଧୁମାଳତୀର ମଞ୍ଜରୀ ଘେନି ଶୋହୁଛି ଗଭା !
(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 5 | | 7 |
| | 5 | 8 | | 6 | | 2 | | |
| | | 4 | | | 3 | | | |
| 8 | 9 | 5 | | | | | | |
| | 4 | | 5 | 7 | | | | |
| 6 | | | 3 | | | 8 | | |
| | | 2 | | | | | 8 | 9 |
| 9 | | | | | | 4 | 1 | |
| | 7 | | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 4 | 9 | 2 | 8 | 7 | 6 | 5 |
| 5 | 8 | 6 | 1 | 4 | 7 | 3 | 9 | 2 |
| 2 | 9 | 7 | 3 | 5 | 6 | 8 | 4 | 1 |
| 6 | 2 | 1 | 7 | 3 | 4 | 9 | 5 | 8 |
| 7 | 4 | 8 | 5 | 6 | 9 | 1 | 2 | 3 |
| 9 | 3 | 5 | 8 | 1 | 2 | 4 | 7 | 6 |
| 1 | 5 | 9 | 6 | 7 | 3 | 2 | 8 | 4 |
| 4 | 7 | 3 | 2 | 8 | 5 | 6 | 1 | 9 |
| 8 | 6 | 2 | 4 | 9 | 1 | 5 | 3 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିନାଶ କାଳେ ବିପରୀତ ବୁଦ୍ଧି

ମହାଶୟ,

ଆମ ରାଜ୍ୟର ଆଞ୍ଚଳିକ ରାଜନୈତିକ ଦଳ ସହିତ ଜାତୀୟ ଦଳର ମେଣ୍ଟକୁ ନେଇ ଚର୍ଚ୍ଚା ଚାଲିଛି। ଆଞ୍ଚଳିକ ଦଳ ନିରବଚ୍ଛିନ୍ନ ଭାବେ ଦୀର୍ଘ ୨୪ ବର୍ଷ କ୍ଷମତାରେ ରହିବା ପରେ ନାନା ପ୍ରକାରର ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଥିବାର ଅଭିଯୋଗ ହେଉଛି। ହେଲେ ଓଡ଼ିଶାର ଜନସାଧାରଣ କିନ୍ତୁ ଆଞ୍ଚଳିକ ଦଳର ଆସନ୍ନ ବିନାଶ ହେବାକୁ ଯାଉଛି ବୋଲି ବୁଝିସାରିଲେଣି। ନିଜ ଜୀବଦ୍ଦଶା ମଧ୍ୟରେ ସାମ୍ପ୍ରଦାୟିକ ଦଳର ନେତାମାନଙ୍କ ନିରବଚ୍ଛିନ୍ନ ଭାବେ କ୍ଷମତାରେ ରହିବା ପାଇଁ ଧନୀ ଦରିଦ୍ର ନିର୍ବିଶେଷରେ ଅନାବଶ୍ୟକ ଯୋଜନାମାନ କରାଯାଇ ଲୋକଙ୍କୁ ଟଙ୍କା ବଣ୍ଟାଯାଉଛି। ଏଥିପାଇଁ ଦେଶବାସୀଙ୍କ ଉପରେ ମୁଣ୍ଡ ପିଛା ଋଣଭାର ପ୍ରାୟ ୨ ଲକ୍ଷ ଟଙ୍କା ହେଲାଣି। ଦେଶ ଓ ରାଜ୍ୟସମୂହ ଦେବାଳିଆ ହେବାକୁ ଯାଉଛନ୍ତି। ସୁତରାଂ, ଓଡ଼ିଶା ତଥା ଭାରତର ସବୁ ରାଜ୍ୟର ସଚେତନ ନାଗରିକଗଣ ରାଜନୈତିକ ଦଳୀୟ ଭାବନାର ଊର୍ଦ୍ଧ୍ୱକୁ ଉଠି ଏକଜୁଟ ହୋଇ ଦେଶର ସର୍ବନାଶ କରୁଥିବା ସବୁ ରାଜନୈତିକ ଦଳକୁ ଉଚିତ ଶିକ୍ଷା ଦେବା ଆବଶ୍ୟକ।

**- ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗଭର୍ନିଂ ବଡି ସଭାପତି ନିଯୁକ୍ତି ବେଆଇନ

**ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**

- ତଦନ୍ତ ନିର୍ଦ୍ଦେଶ ଦେଲେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ
- ଅଭିଯୋଗର ଅଢ଼େଇ ବର୍ଷ ପରେ ତତ୍ପରତା

ଯାଜପୁର, ୧୬।୩(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗଭର୍ନିଂ ବଡି ସଭାପତି ନିଯୁକ୍ତି ପ୍ରକ୍ରିୟା ନିୟମରେ ବ୍ୟାପକ ଉଲ୍ଲଂଘନ କରାଯାଇଛି। ଏକା ସମୟରେ ଜଣେ ବ୍ୟକ୍ତି ଦୁଇଟି ପଦବୀ ଦାୟିତ୍ୱ ତୁଲାଇବାର ନିୟମ ନ ଥିବାବେଳେ ତାଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସଭାପତି ନିଯୁକ୍ତି କରିବା ବେଆଇନ ବୋଲି ୧୭।୮।୨୦୨୧ରେ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ ହୋଇଥିଲା। ହେଲେ ବିଡ଼ମ୍ବନା ଯେ, ଏହି ଅଭିଯୋଗର ପ୍ରାୟ ଅଢ଼େଇବର୍ଷ ଅତିକ୍ରାନ୍ତ ହେବାପରେ ୧୩।୩।୨୦୨୪ରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି। ଏଥିରୁ ଉକ୍ତ ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗର ସମ୍ପୃକ୍ତ ଅଧିକାରୀ ଜାଣିଶୁଣି ଚପେଇ ରଖିଥିଲେ କିମ୍ବା ତଦନ୍ତ କରିବାକୁ କୌଣସି ଆନ୍ତରିକତା ନ ଥିଲା ବୋଲି ମତପ୍ରକାଶ ପାଇଛି।

କଲେଜର ସର୍ବାଙ୍ଗୀନ ବିକାଶ ପାଇଁ ଗଭର୍ନିଂ ବଡି ଗଠନ କରିବାର ନିୟମ ରହିଛି। ଏଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ କେତେକ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଇଛି। ଏହିକ୍ରମରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ନିମନ୍ତେ ୧୬।୬।୨୦୨୧ରେ ନୂତନ ଗଭର୍ନିଂ ବଡି ଗଠନ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ସରକାରୀ ଅଧିକାରୀ ପ୍ରଦୀପ କୁମାର ବିଶ୍ୱାଳଙ୍କୁ ସଭାପତି ଭାବେ ନିଯୁକ୍ତି ଦିଆଯାଇଥିଲା। ହେଲେ ଜନଶୁଣାଣି ପୋର୍ଟାଲରେ ମୁକୁନ୍ଦ ମହାରଣା କରିଥିବା ଅଭିଯୋଗ ଅନୁସାରେ, ଯାଜପୁର ଜିଲାପାଳ ଅବସରପ୍ରାପ୍ତ ସରକାରୀ ଅଧିକାରୀ ବିଶ୍ୱାଳଙ୍କ ନାମକୁ ସୁପାରିଶ କରିଥିଲେ। କିନ୍ତୁ ୨୬।୨।୨୦୨୧ରୁ ବିଶ୍ୱାଳ ଓଆର୍‌ଇଆର୍‌ଏ(ଓଡିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି) ତଥା ଓରେରାର ମେମ୍ବର ସେକ୍ରେଟାରି ଭାବେ କାର୍ଯ୍ୟ କରିଆସୁଥିଲେ। ଓରେରାର ସଭ୍ୟ ନିଯୁକ୍ତି ସଂକ୍ରାନ୍ତରେ ୨୦୧୯ ଜୁନ୍ ୩୦ରେ ପ୍ରକାଶ ପାଇଥିବା ସରକାରୀ ବିଜ୍ଞପ୍ତିର ୩ ନମ୍ବର ପଏଣ୍ଟ ଅନୁଯାୟୀ ମେମ୍ବର ସେକ୍ରେଟାରି ଅନ୍ୟ କୌଣସି କାର୍ଯ୍ୟାଳୟର ଦାୟିତ୍ୱ ନେଇପାରିବେନାହିଁ। କିନ୍ତୁ ବ୍ୟାସନଗର କଲେଜର ଗଭର୍ନିଂ ବଡି ସଭାପତି ନିଯୁକ୍ତିରେ ଏହାର ଉଲ୍ଲଂଘନ ହେବା ସରକାରଙ୍କ ନିୟମର ବିରୋଧ କରାଯାଇଛି। ଏହାବାଦ ଏହି ଗଭର୍ନିଂ ବଡିରେ ଅନୁସୂଚିତ ଜାତି କିମ୍ବା ଜନଜାତି, ସଂଖ୍ୟାଲଘୁ ସଂପ୍ରଦାୟ, ଛାତ୍ରୀଛାତ୍ରଙ୍କ ଅଭିଭାବକ ନ ହୋଇ କେତେକ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି ବୋଲି ଜନଶୁଣାଣି ପୋର୍ଟାଲରେ ଅଭିଯୋଗ ହୋଇଥିଲା। ଏହିକ୍ରମରେ ଉକ୍ତ ଅଭିଯୋଗର ସତ୍ୟାସତ୍ୟର ସନ୍ଧାନ କରି ଗଭର୍ନିଂ ବଡିର ପୁନର୍ଗଠନ କରିବାକୁ ସେ ଅନୁରୋଧ କରିଥିଲେ। ହେଲେ ଉକ୍ତ ଅଭିଯୋଗକୁ ପ୍ରାୟ ଅଢେଇ ବର୍ଷ ନାଲି ଫିତା ତଳେ ଚାପି ରଖିବା ପରେ ବିଭାଗ ପକ୍ଷରୁ ଏବେ କେଉଁ କାରଣରୁ ତତ୍ପରତା ପ୍ରକାଶ କରାଯାଉଛି ତାହା ତଦନ୍ତସାପେକ୍ଷ ବୋଲି ମତପ୍ରକାଶ ପାଇଛି। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ୨୦୬୭/୧୩।୩।୨୦୨୪ରେ ୭ ଦିନ ମଧ୍ୟରେ ତଦନ୍ତ କରି ତଥ୍ୟମୂଳକ ରିପୋର୍ଟ ଦାଖଲ କରିବାକୁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




# ବିଲିକଣାରେ ଭୋଜି ଖାଇ ୪୦ ଅସୁସ୍ଥ


ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସୁସ୍ଥମାନେ ଚିକିତ୍ସିତ ହେଉଛନ୍ତି।

**୧୬ ହସ୍ପିଟାଲରେ ଭର୍ତ୍ତି**

ପଟ୍ଟାମୁଣ୍ଡାଇ, ୧୬।୩(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଲିକଣା ଗ୍ରାମର ଶ୍ରୀଧର ବେହେରାଙ୍କ ଘରେ ଭୋଜି ଖାଇ ୪୦ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ଏମାନଙ୍କ ମଧ୍ୟରୁ ୧୬ ଜଣ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡ଼ିଦିଆଯାଇଛି ବୋଲି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାରଠାରୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରୁ ଏକ ଟିମ୍ ଗାଁକୁ ଯାଇ ଭୋଜି ଖାଇଥିବା ସବୁଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି। କେନ୍ଦ୍ରାପଡ଼ା ଏଡିଏମ୍ ନୃତେନ୍ଦ୍ର ଶତପଥୀ ଓ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟର ଅଫିସର ଡା. ନିରାକାର ପରିଡ଼ା ବିଲିକଣା ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରି ଆସିଛନ୍ତି।

ଗୁରୁବାର ବିଲିକଣା ଗ୍ରାମର ଶ୍ରୀଧର ବେହେରାଙ୍କ ଘରେ ଭାଗବତ ବସିବା ଯୋଗୁ ଏକ ଭୋଜିର ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ମଧ୍ୟାହ୍ନରେ ଭାତ, ଡାଲମା, ଖଟା ଓ ଖିରି ଗ୍ରାମବାସୀଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା। ସନ୍ଧ୍ୟା ସମୟରେ ବଳିଥିବା ଖାଦ୍ୟକୁ ପାଖପଡ଼ିଶା ଓ ଘରକୁ ଆସିଥିବା ଅତିଥିମାନଙ୍କୁ ଖାଇବାକୁ ଦିଆଯାଇଥିଲା। ସନ୍ଧ୍ୟା ଓ ରାତିରେ ଖାଇଥିବା ଲୋକମାନେ ଝାଡ଼ାବାନ୍ତିର ଶିକାର ହୋଇ ପଟ୍ଟାମୁଣ୍ଡାଇ, ରାଜନଗର ଓ ବାବର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ଜଣ, ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ୮ଜଣ ଓ ବାବର ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଜଣଙ୍କୁ ଭର୍ତ୍ତି କରାଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଫିସର ଡା. ରଶ୍ମିରଞ୍ଜନ ମହାନ୍ତି କହିଛନ୍ତି, ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ୮ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଘରକୁ ଛାଡ଼ି ଦିଆଯିବ। ସେହିପରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ଓ ବାବର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ରୋଗୀମାନେ ଭଲ ଅଛନ୍ତି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବିଲିକଣା ଗାଁରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରୁ ଡା. ନିରାକାର ସେଠୀ, ଡା. ଶ୍ରୀମଣ୍ଡଳ, ସ୍ୱାସ୍ଥ୍ୟ ପରିଦର୍ଶକ ନୃସିଂହ ଦାସ, ସିଏଚ୍‌ଓ ନିବେଦିତା ଜେନା, ପିଏଚ୍‌ଓ ସ୍ନେହଲତା ମହାନ୍ତି, ସ୍ୱାସ୍ଥ୍ୟକର୍ମୀ ଶୁଭରଞ୍ଜନ ଖୁଣ୍ଟିଆ ପ୍ରମୁଖଙ୍କୁ ନେଇ ଏକ ଡାକ୍ତରୀ ଟିମ୍ ଗାଁରେ ରହି ଘରକୁ ଘର ବୁଲି ଭୋଜି ଖାଇଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି। ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଲୋକମାନେ ହେଲେ ସେବତୀ ପରିଡା(୮୦), ମଞ୍ଜୁଲତା ପରିଡା(୫୦), ଲୋଚନା ପରିଡା(୫୦), ଗଣେଶ୍ୱର ପରିଡା(୫୦), ପ୍ରଫୁଲ୍ଲ ପରିଡା(୬୫), ଅନସାରୀ ପରିଡା(୨୫), ସ୍ୱର୍ଣ୍ଣଲତା ମାଝି(୩୦), ମୁରଲୀ ପରିଡା(୬୦), ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି ଆରୁଷି ନାୟକ(୫), ଭଗବତୀ ନାୟକ(୩୦), ସନ୍ତୋଷ ନାୟକ(୪୦), ଯଶୋଦା ସାହୁ (୪୨)। ଏମାନଙ୍କୁ ଖୁବ୍‌ଶୀଘ୍ର ଚିକିତ୍ସାଳୟରୁ ଡିସ୍‌ଚାର୍ଜ କରାଯିବ ବୋଲି ଡାକ୍ତର କହିଛନ୍ତି।

# ସୁଶାନ୍ତ ସଭାପତି, ଏଏନ୍‌ଡି ଯାଦବ ସମ୍ପାଦକ


ସୁଶାନ୍ତ ପଟ୍ଟନାୟକ (ସଭାପତି)


ଏଏନ୍‌ଡି ଯାଦବ (ସମ୍ପାଦକ)

**କୁଜଙ୍ଗ ଓକିଲ ସଂଘ ନିର୍ବାଚନ**

- ସମସ୍ତ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ

କୁଜଙ୍ଗ, ୧୬।୩ (ମନୋଜ ପ୍ରଧାନ)

କୁଜଙ୍ଗ ଓକିଲ ସଂଘର ୨୦୨୪-୨୫ ନିର୍ବାଚନରେ ଶୁକ୍ରବାର ଥିଲା ପ୍ରତ୍ୟାହାରର ଶେଷ ଦିବସ। ଏହି ସମୟ ଅତିକ୍ରାନ୍ତ ହେଲାପରେ କେଉଁମାନେ ପ୍ରାର୍ଥୀ ହୋଇଛନ୍ତି ସେ ସମ୍ପର୍କରେ ଜଣାପଡ଼ିଛି। ତେବେ ସମସ୍ତ ପଦବୀ ନିମନ୍ତେ ଜଣେ ଲେଖାଏଁ ପ୍ରାର୍ଥୀ ଥିବାରୁ ସେମାନେ ଅପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି। ଫଳରେ ସଭାପତିଭାବେ ପୁନର୍ବାର ସୁଶାନ୍ତ ପଟ୍ଟନାୟକ ନିର୍ବାଚିତ ହୋଇଥିବାବେଳେ ଏଏନ୍‌ଡି ଯାଦବ ସମ୍ପାଦକ, ଉପସଭାପତି ଭାବେ ନୃସିଂହ ଚରଣ ପ୍ରଧାନ, ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ସହ ସମ୍ପାଦକ ବ୍ରଜକିଶୋର ରାଉତ, ପାଠାଗାର ସମ୍ପାଦକ ପ୍ରଣୟ ପରିଜା, କୋଷାଧ୍ୟକ୍ଷଭାବେ ପବିତ୍ରମୋହନ ନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଭ୍ୟଭାବେ ଜ୍ଞାନରଞ୍ଜନ ବିଶ୍ୱାଳ, ଦେବେନ୍ଦ୍ର ରାଉତ, ପ୍ରିୟମ୍ବଦା ପାଣି, ଦୀପକ କୁମାର ନାୟକ, ଅଭୟ କୁମାର ବେହେରା, ପାର୍ଥସାରଥି ମହାନ୍ତି, ପ୍ରଶାନ୍ତ ବାରିକ, ନିର୍ମଳ ମଲ୍ଲିକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

ସୂଚନାଯୋଗ୍ୟ, ଏହି ନିର୍ବାଚନ ପାଇଁ ଚଳିତମାସ ୧୧ ଓ ୧୨ ତାରିଖ ମନୋନୟନପତ୍ର ଦାଖଲର ତାରିଖ ଥିବା ବେଳେ ୧୪ ତାରିଖ ଥିଲା ପ୍ରାର୍ଥିପତ୍ର ଯାଞ୍ଚ ଓ ୧୬ ଥିଲା ପ୍ରତ୍ୟାହାରର ଶେଷ ତାରିଖ ଥିଲା। ଏହି ନିର୍ବାଚନରେ ସଭାପତି ପଦ ନିମନ୍ତେ ଦୁଇ ଜଣ ଆଇନଜୀବୀ ସୁଶାନ୍ତ ପଟ୍ଟନାୟକ ଓ ଦାମୋଦର ସ୍ୱାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ଦାମୋଦର ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। ଏଥିରେ ନିର୍ବାଚନ ଅଧିକାରୀଭାବେ ଭାଗୀରଥି ମହାପାତ୍ର, ସହକାରୀ ନିର୍ବାଚନ ଅଧିକାରୀ ସତ୍ୟ ଶଙ୍କର ମିଶ୍ର ଯୋଗଦେଇଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦିବେଶ


@ ଗୀତାଞ୍ଜଳି


@ ସୁରେଶ


@ ଶୁଭଲକ୍ଷ୍ମୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

**ଆଜି ହୋଇଥାନ୍ତା ବାହାଘର**

କଳିଙ୍ଗନଗର, ୧୬।୩(ଶୁଭାଶିଷ ରାଉତ):

କଳିଙ୍ଗନଗର ଥାନା ଶାଳଜଙ୍ଗା ପଞ୍ଚାୟତର ଦୁର୍ଗାପୁର ଗାଁରେ ପ୍ରେମୀଯୁଗଳ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେମାନେ ହେଲେ ଗ୍ରାମର ସନା ପିଙ୍ଗୁଆଙ୍କ ପୁଅ ଗୋପି (୨୨) ଓ ଗୋବିନ୍ଦ ଚାମ୍ପିଆଙ୍କ ଝିଅ ବର୍ଷା (୧୯)। ଏକ ମାସ ପୂର୍ବରୁ ଗୋପି ବର୍ଷାଙ୍କୁ ଆଣି ନିଜ ଘରେ ରଖିଥିଲେ। ସେମାନଙ୍କର ରବିବାର ବିବାହ ହୋଇଥାନ୍ତା। ନିକଟରେ ଆଦିବାସୀମାନଙ୍କ ମାଗେ ପର୍ବକୁ ବୁଲି ଯାଇ ଉଭୟ ପ୍ରେମୀଯୁଗଳ ନାଚିଥିଲେ। ଏହି ସମୟରେ ବର୍ଷା ଅନ୍ୟ ଜଣେ ପୁଅ ସହ ନାଚିବାର ଗୋପି ଦେଖିଥିଲେ। ଏହାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ପରେ ଉଭୟେ ଘରକୁ ଆସିଥିଲେ। ଶୁକ୍ରବାର ରାତିରେ ସେମାନେ ପଙ୍ଖାରେ ଶାଢ଼ି ଓ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିବା ଗୋପିଙ୍କ ଭଉଣୀ ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୪/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ରାଜନଗର ଗ୍ରାମ୍ୟ ନ୍ୟାୟାଳୟ ନୂତନ କାର୍ଯ୍ୟାଳୟ ଲୋକାର୍ପିତ

ରାଜନଗର, ୧୬।୩(ଭାସ୍କର ରାଉତରାୟ)


ଉତ୍ସବରେ ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଚକ୍ରଧରପୁରଠାରେ ନବନିର୍ମିତ ରାଜନଗର ଗ୍ରାମ୍ୟ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ନୂତନ କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବିଚାରପତି ସିଂ ଅଭିଭାଷଣରେ ଆଜି ଏଠାରେ ଆମେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ବିଲ୍ଡିଂର ଉଦ୍‌ଘାଟନ କରୁଛୁ। ଓଡ଼ିଶା ଓ ଓଡ଼ିଆ ଭାଷାକୁ ଭଲପାଏ, ସେଥିପାଇଁ ଓଡ଼ିଆ କହିବା ପାଇଁ ଚେଷ୍ଟା କରୁଛି। ଏହି କୋର୍ଟ ବିଲ୍ଡିଂ ଉଦ୍‌ଘାଟନ ଆପଣମାନଙ୍କର ବହୁ ଦିନର ଆଶା ଆଜି ପୂରଣ ହୋଇଛି। ଏହାଦ୍ୱାରା ଅଞ୍ଚଳର ନ୍ୟାୟିକ ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିବ ଓ ସାଧାରଣ ଜନତାଙ୍କ କଲ୍ୟାଣରେ ସହାୟକ ହେବ ବୋଲି ଆଶା ଓ ଦୃଢ଼ ବିଶ୍ୱାସ। ଏହି କୋର୍ଟ ଆପଣମାନଙ୍କର, ଓକିଲ ଭଉଣୀଭାଇମାନେ କିପରି ଏହାକୁ ସୁଚାରୁ ରୂପେ ଚାଲିବ, ତା'ର ଦାୟିତ୍ୱ ନେବା ସହ ଏହାର ପରିବେଶକୁ ଏପରି ଭାବେ ରଖିବା ଉଚିତ ଯେକୌଣସି ଲୋକ ଆସିଲେ, ତାଙ୍କ ମନରେ ଭିନ୍ନ ସକାରତ୍ମକ ଚିନ୍ତାଧାରା ସୃଷ୍ଟି ହେବ। ଏଥିସହ ଅନୁଭବ କରୁଛି, ଏଭଳି ସୁନ୍ଦର ବିଲ୍ଡିଂ ଏ ଅଞ୍ଚଳରେ କେଉଁଠି ଦେଖିନି। ଅତ୍ୟାଧୁନିକ ସୁବିଧା ଆଇନଜୀବୀ, ସାଧାରଣ ଲୋକ, ସାକ୍ଷୀ, କୋର୍ଟ କର୍ମଚାରୀଙ୍କ ପାଇଁ ରହିଛି। ଏଥିସହ ପିଲାମାନେ ଆମର ଭବିଷ୍ୟତ, ଆଶା ରଖୁଛି ଆମେ ଆଜି ଯେଉଁ ସ୍ଥାନରେ ଅଛୁ ଆସନ୍ତାକାଲି ସେଠାରେ ସେମାନେ ବସି ପାରିବେ। ଏ ସମୟ ପାଠ ପଢିବାର ସମୟ, ଭଲ ପାଠ ପଢ଼ିବାକୁ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ପରାମର୍ଶ ହାଇକୋର୍ଟ ମୁଖ୍ୟ ବିଚାରପତି ସିଂ କହିଥିଲେ। ଜିଲା ଲିଗାଲ ସର୍ଭିସ ଅଥରିଟି ସୁମିତ୍ରା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କୋର୍ଟ ଲୋକାର୍ପଣ ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ତଥା କୋର୍ଟ ବିଲ୍ଡିଂ କମିଟିର ଅଧ୍ୟକ୍ଷ ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ହାଇକୋର୍ଟର ବିଚାରପତି ତଥା ଆଡମିନ୍ଷ୍ଟ୍ରେଟିଭ ଜଜ୍ କେନ୍ଦ୍ରାପଡ଼ା ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଜିଲା ଦୌରାଜଜ୍ ଜଷ୍ଟିସ୍ ବିଶ୍ୱଜିତ୍ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜନଗର ବାର୍ ଆସୋସିଏଶନର ସଭାପତି ଉମେଶ ଚନ୍ଦ୍ର ଦାସ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ଜଜ୍‌ଙ୍କ ପକ୍ଷରୁ ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କୁ ମେମେଣ୍ଟୋ ପ୍ରଦାନ କରାଯାଇଥିବା ବେଳେ ରାଜନଗର ବାର୍ ଆସୋସିଏଶନର ସଭାପତି ଭିତରକନିକାର ଜୀବଜନ୍ତୁ ସମ୍ପର୍କିତ ଫଟୋ ଚିତ୍ର ପ୍ରଦାନ କରିଥିଲେ। ରାଜନଗର ବାର୍ ଆସୋସିଏଶନର ସମ୍ପାଦକ ଭଜକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଉତ୍ସବରେ ରାଜନଗର ଗ୍ରାମ୍ୟ ନ୍ୟାୟାଳୟ ତଥା ଜେଏମ୍‌ଏଫସି କୋର୍ଟର ବିଚାରପତି ଜ୍ୟୋତିର୍ମୟୀ ଷଡଙ୍ଗୀ, ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ, କେନ୍ଦ୍ରାପଡା ଜିଲା ଓକିଲ ସଂଘର ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସମ୍ପାଦକ ଧନଞ୍ଜୟ ନାୟକ, ପୂର୍ବତନ ସଭାପତି ଭୀମସେନ ଭୂୟାଁ, ସ୍ପେଶାଲ ପିପି ଗୋକୁଳାନନ୍ଦ ଦାସ, ଗୋବର୍ଦ୍ଧନ ରାଉତ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଜିଲାପାଳ ସୂର୍ଯ୍ୟବଂଶୀ ମୟୂରୀ ବିକାଶ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ପ୍ରମୁଖଙ୍କ ସମେତ କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ, ଆଳି ବାର୍ ଆସୋସିଏଶନର ଆଇନଜୀବୀ ଯୋଗ ଦେଇଥିଲେ। ଜେଏମ୍‌ଏଫସି କୋର୍ଟର ସରକାରୀ ଓକିଲ, କୋର୍ଟର ସମସ୍ତ କର୍ମଚାରୀ ଓ ବାର୍ ଆସୋସିଏଶନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଆଇନ ଇଟାଭାଟି: ପରିବେଶ ପ୍ରଦୂଷିତ

- ଫ୍ଲାଏ ଆଶ୍ ଇଟା ନିର୍ମାତା ଋଣ ଶୁଝିପାରୁନାହାନ୍ତି
- ନଦୀଶଯ୍ୟାରୁ ମାଟି କଟକଣା କାର୍ଯ୍ୟକାରୀ ହେଉନି
- ପରିବହନ ହେରାଫେରି ଜିଲାରେ ବଢୁଛି

କେନ୍ଦ୍ରାପଡ଼ା, ୧୬।୩ (ଜଗନ୍ନାଥ ଧଳ)


କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ଏକ ମାଟି ଇଟାଭାଟି ପୋଡ଼ା ସମୟରେ ଧୂଆଁ ବାହାରୁଛି।

ମାର୍ଚ୍ଚ ମାସ ଆରମ୍ଭରୁ ତାତି ହେଲାଣି। ଏବେ ଦିନ ସମୟରେ ସର୍ବୋଚ୍ଚ ୩୮ ଡିଗ୍ରୀ ସେଲସିଅସ୍‌କୁ ତାତି ଛୁଇଁଥିବା ବେଳେ ଆଗାମୀ ଦିନ ଭୟଙ୍କର ହେବ ବୋଲି ଆଲୋଚନା ହେଉଛି। ତାତିର ଏହି ଭୟଙ୍କର ରୂପ ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାରେ ମାଟିରେ ନିର୍ମିତ ଇଟାଭାଟି ବଢ଼ିଚାଲିଛି। ନଦୀଶଯ୍ୟାର ୫୦୦ ମିଟର ମଧ୍ୟରେ ମାଟି ଓ ବାଲି ଉଠା ପାଇଁ କଟକଣାକୁ ସ୍ଥାନୀୟ ଭାଟି ନିର୍ମାତା ମାନୁନାହାନ୍ତି। ଏହି ବେଆଇନ ଇଟାଭାଟି ସ୍ଥାନୀୟ ପରିବେଶ ପ୍ରଦୂଷିତ ସହ ଫ୍ଲାଏ ଆଶ୍ ଇଟା ନିର୍ମାତାକାରୀଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ଏଥିସହ ନୂତନ ଭାବେ ପରିବହନ ହେରାଫେରି ଜିଲାରେ ବହୁଳ ପରିମାଣରେ ଦେଖିବାକୁ ମିଳୁଛି। କ୍ରେତାମାନେ ଗାଡ଼ିରୁ ଅନ୍‌ଲୋଡ୍ ପରେ ଇଟାକୁ ଗଣିନେବାକୁ ବୁଦ୍ଧିଜୀବୀମାନେ ସଚେତନ କରାଇଛନ୍ତି।

ଏ ସମ୍ପର୍କରେ ଯୁବ ଶିଳ୍ପୋଦ୍ୟୋଗୀ ଦେବାଶିଷ ସାମଲ କହିଛନ୍ତି, ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ମାଟିରେ ଇଟା ନିର୍ମାଣ ହୋଇପାରିବ ନାହିଁ। ଏଥିପାଇଁ ପାୱାର ଥର୍ମାଲ ପ୍ଲାଣ୍ଟରୁ ନିର୍ଗତ ସି ଗ୍ରେଡ୍ ଫ୍ଲାଏ ଆଶ୍‌କୁ ଇଟାରେ ପରିଣତ କରିବାକୁ ରାଜ୍ୟ ସରକାର ଜିଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ପ୍ରୋତ୍ସାହିତ କରୁଛନ୍ତି। ତେବେ ଏପରି କଟକଣାକୁ ଜିଲାରେ କେହି ମାନୁନାହାନ୍ତି। ମାଟି ଇଟାଭାଟି ନିର୍ମାଣ ଫଳରେ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ କରୁଥିବା ବେଳେ ଯୁବ ଶିଳ୍ପୋଦ୍ୟୋଗୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଫ୍ଲାଏ ଆଶ୍ ଇଟା କାରଖାନାର ବ୍ୟାଙ୍କ ଋଣ ଶୁଝିପାରୁ ନ ଥିବା ସେ କହିଛନ୍ତି। ଦୁତିଆଳର ଶିକ୍ଷାବିତ୍ ଅଜୟ କୁମାର ସାମଲ କହିଛନ୍ତି, ଖରା ତାତି ସହ ଇଟାଭାଟିର ଧୂଆଁ ଓ ପାଉଁଶ ପରିଣତ ବୟସ ପାଇଁ ଅଭିଶାପ ପାଲଟିଛି। ଶ୍ୱାସରୋଗୀ ଏହାର ଧୂଆଁରେ ଅଣନିଃଶ୍ୱାସୀ ହେଉଛନ୍ତି। ଜିଲାରେ ଏବେ ଏହି ପ୍ରକାର ଇଟାଭାଟି ବ୍ୟବସାୟ ବଢ଼ିଚାଲିଛି। ଜିଲାରେ ପ୍ରବାହିତ ନଦୀପଠା ଏମାନଙ୍କ ବ୍ୟବସାୟ ପାଇଁ ମୂଳଧନ ହୋଇଛି। ମାଟି ଇଟାକୁ ଜିଲାର ବିଭିନ୍ନ ଅଞ୍ଚଳ ସହ କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର, ପାରାଦୀପ, କଳିଙ୍ଗନଗର ଆଦିକୁ ଚାଲାଣ ହେଉଛି। ସେହିପରି ଇଟାଭାଟି ନିର୍ମାତା ଶିଶୁ ଶ୍ରମିକ ସହ ବାହାର ରାଜ୍ୟର ଲୋକଙ୍କୁ ନିୟୋଜିତ କରୁଛନ୍ତି। ଡେରାବିଶର ବିଜୟ ପରିଡ଼ା କହିଛନ୍ତି, ନକଲି ଖାଦ୍ୟ, ସିମେଣ୍ଟ ପରି ଏବେ ପରିବହନରେ ହେରାଫେରି ବଢ଼ିଯାଇଛି। କୌଣସି କ୍ରେତା ଭାଟିରୁ ଇଟା ଆଣିବାକୁ ବ୍ୟବସାୟୀ ସହ ମୂଲଚାଲ କରି ଅର୍ଥ ପ୍ରଦାନ କରୁଛନ୍ତି। ନିର୍ଦ୍ଧାରିତ ଇଟା ପହଞ୍ଚିବା ପୂର୍ବରୁ ଗାଡ଼ି ଚାଳକ ସେଥିରୁ କିଛି କାଢ଼ି ଜାତୀୟ ରାଜପଥରେ କେତେଜଣ ବ୍ୟକ୍ତିଙ୍କୁ ବିକ୍ରି କରୁଛନ୍ତି। ଏହି ଚୋରି ରୋକିବାକୁ କ୍ରେତା ପରିବହନ ହୋଇଥିବା ଇଟାର ଗଣତି କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ମାଟି ଇଟା ନିର୍ମାଣ ସମ୍ପର୍କରେ ଜଣେ ଭାଟି ମାଲିକ କହିଛନ୍ତି, ମାଟିଘର ବଦଳରେ ସମସ୍ତେ କୋଠାଘରେ ରହିବାକୁ ଚାହୁଁଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଆବାସ ଯୋଜନାରେ ଘର ଯୋଗାଉଛନ୍ତି। ଜିଲାରେ ଫ୍ଲାଏ ଆଶ୍ କମ୍ ଥିବାରୁ ଏହାର ଚାହିଦା ପୂରଣ ପାଇଁ ମାଟି ଇଟାକୁ କ୍ରେତା ଆଗ୍ରହ ପ୍ରକାଶ କରୁଛନ୍ତି। ଆଇନଜୀବୀ ସରୋଜରାଜ ସିଂହ କହିଛନ୍ତି, ମାଟି ଇଟା ନିର୍ମାଣ ବନ୍ଦ ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡ ୧୯୮୬ରେ ନିର୍ଦ୍ଦେଶନାମା ପ୍ରକାଶ କରିଛନ୍ତି। ସେହିପରି ନଦୀପଠାର ୫୦୦ମିଟରେ ପର୍ଯ୍ୟନ୍ତ ମାଟି ନ ଉଠାଇବାକୁ ୨୦୦୫ ମସିହାରେ ନିର୍ଦ୍ଦେଶ ଦିଆଯାଇଥିଲା। ମାଟି ଇଟା ନିର୍ମାଣ ସମୟରେ ପରିବେଶ ଉପରେ ପ୍ରଭାବ ପକାଉଥିବାରୁ ଏହା ବନ୍ଦ ରହିଛି ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ରବୀନ୍ଦ୍ରନାଥ ପ୍ରଧାନଙ୍କୁ ପଚାରିବାରେ ଖରାଦିନକୁ ଲକ୍ଷ୍ୟକରି ମାଟି ଇଟା ନିର୍ମାଣ ଉପରେ ରୋକ ଲଗାଯାଇଛି। ଏ ନେଇ ପ୍ରତ୍ୟେକ ତହସିଲ ସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସେ କହିଛନ୍ତି।

# ମଣ୍ଡିକୁ ଆସୁନି ଧାନ: ଟାର୍ଗେଟ ପୂରଣ ନେଇ ଚାଲିଛି କସରତ

## ମାର୍ଚ୍ଚ ୩୧ରେ ଶେଷ ହେବ ଧାନ କିଣା

- କାଗଜପତ୍ରରେ ମିଥ୍ୟା ଧାନ କିଣା ରୋକାଯାଇ ପାରୁନି
- ୨ ପ୍ୟାକ୍ସ ସମ୍ପାଦକ ମିଥ୍ୟା ଧାନ କିଣାରେ ଫସିଛନ୍ତି

ନୟାଗଡ,୧୬।୩(ଲୋକନାଥ ମିଶ୍ର)

ମାର୍ଚ୍ଚ ୩୧ରେ ଧାନ କିଣା ଶେଷ ହେବ। ଧାନକିଣାର ଟାର୍ଗେଟ ଶେଷ ହୋଇ ନ ଥିବାବେଳେ ଧାନ ମଣ୍ଡିକୁ ଧାନ ଆସୁନି। କାରଣ ଯାହା ହେଉନା କାହିଁକ ପ୍ରାୟ ୧ମାସ ହେଲା ଚାଷୀ ଧାନମଣ୍ଡିରୁ ମୁହଁ ଫେରାଇ ନେଇଛନ୍ତି। ସରକାରୀ ଦର କୁଇଣ୍ଟାଲ ପିଛା ୨୧୮୩ ରହିଥିବାବେଳେ ଚାଷୀ ଘର ସମ୍ମୁଖରେ ଓ ଚାଷ ଜମିରେ ଧାନ କୁଇଣ୍ଟାଲ ୨୧୦୦ଟଙ୍କାରେ ବିକ୍ରି କରିବାରୁ ଏଭଳି ସମସ୍ୟା ଉପୁଜୁଛି। ଚାଷୀ ଧାନମଣ୍ଡିକୁ ଧାନ ନ ଆଣି ବେପାରୀଙ୍କ ଦ୍ୱାରା ଛତିଶଗଡ଼ ଓ ଆନ୍ଧ୍ର ପଠାଇ ସୁବିଧାସ୍ଥିତିରେ ରହିଛି। ତେବେ ଧୀରେ ଧୀରେ ଧାନ ଟାର୍ଗେଟ ଫିଲପ ହେବାରେ ଲାଗିଛି। ଟାର୍ଗେଟ ପୂରଣ ନେଇ ମିଲର ଓ ପ୍ୟାକ୍ସ ସମ୍ପାଦକଙ୍କ କଶରତ ଧୀରେ ଧୀରେ ସଫଳ ହେବାରେ ଲାଗିଥିବା ଅଭିଯୋଗ ଉଠିଛି। ଜିଲାର କଳସାଖମଣ ଓ ଶରଣକୁଳ ପ୍ୟାକ୍ସରେ ମିଥ୍ୟା ଧାନକିଣା ପର୍ଦ୍ଦାଫାସ ପରେ ଚାଷୀଙ୍କ ଅଭିଯୋଗ ସତ୍ୟତା ପ୍ରମାଣିତ ହୋଇଛି। ମିଥ୍ୟା ଧାନକିଣା ଘଟଣାରେ ଶରଣକୁଳ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ର ସମ୍ପାଦକ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ଆର୍ଥିକ କ୍ଷମତା ଅପସାରଣ ହୋଇଛି। ସେହିଭଳି ଦଶପଲ୍ଲା ବ୍ଲକ କଳାସଖମଣ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକଙ୍କ ନାଁରେ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଦୁଇ ପ୍ୟାକ୍ସର ଧାନ କିଣା ଅନିୟମିତତା ପ୍ରଭାମିତ ପରେ ଜିଲାର ଅନ୍ୟ ଜାଗାରେ କାର୍ଯ୍ୟ ସନ୍ଦେହଘେରକୁ ଆସିଥିଲେ ମଧ୍ୟ ତଦନ୍ତ ହେଉନି। ଯାହାକି ଜିଲାରେ ବେଆଇନ ଭାବେ ଚାଲିଥିବା ମିଥ୍ୟା ଧାନକିଣାକୁ ପ୍ରୋତ୍ସାହନ ଦେଉଛି।

ଚଳିତବର୍ଷ ଜିଲାରେ ଭଲ ଧାନ ଫସଲ ହୋଇଥିଲେ ମଧ୍ୟ ବର୍ଷା ଅଭାବରୁ ମରୁଡି ପରିସ୍ଥିତି ଦେଖା ଦେଇଥିଲା। ଜିଲାକୁ ମରୁଡି ଘୋଷଣା କରାଯାଇ ନ ଥିଲେ ହେଁ ଅଧିକାଂଶ ଚାଷୀ ବିହନ ପାଇନାହାନ୍ତି। ପୁଣି ଅମଳ ହୋଇଥିବା ଧାନରେ ଅଗାଡି ଅଧିକ ରହିଥିଲା। ମଣ୍ଡିରେ କୁଇଣ୍ଟାଲ ପିଛା ୫ ରୁ ୭ କେଜି କଟନୀଛଟନୀ ପରେ ଚାଷୀ ମଣ୍ଡିକୁ ନ ଦେଇ ବେପାରୀଙ୍କୁ ଧାନ ବିକ୍ରି କରିଥିଲେ। ତେବେ ପ୍ରଶ୍ନ ଉଠୁଛି, ଧାନ ଟାର୍ଗେଟ କିପରି ଫିଲପ ହୋଇ ଚାଲିଛି। ଏହାର ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ।

ଏ ନେଇ ବାଲୁଗାଁର ଚାଷୀ ରଣଜିତ ଦଳବେହେରା କହିଛନ୍ତି, ମଣ୍ଡିରେ କଟନୀଛଟନୀ ଯୋଗୁ ଧାନ କିଣା ପ୍ରାରମ୍ଭରେ ସବୁ ମଣ୍ଡିରେ ଚାଷୀ ଆନ୍ଦୋଳନ ଦେଖା ଦେଲା। ଜିଲା ପ୍ରଶାସନ ଚାଷୀ ଆନ୍ଦୋଳନକୁ ବନ୍ଦ କରିବାରେ ସଫଳ ହେଲେ ନାହିଁ। ତେବେ ଆନ୍ଧ୍ର ଓ ଛତିଶଗଡ଼କୁ ଧାନ ଚୋରାରେ ଚାଲାଣ ହେବା ଓ ଚାଷୀ ଘରେ ବସି ସରକାରୀ ଦେୟ ପାଇ ଧାନ ବିକ୍ରି କରି ଦେଲେ। ଏଣୁ ମଣ୍ଡିରେ ଚାଷୀଙ୍କ ଆନ୍ଦୋଳନ ଥମିଗଲା। ତେବେ ମିଲର ଓ ପ୍ୟାକ୍ସ ସମ୍ପାଦକ ମିଳିତ ହୋଇ ଧାନ ଟାର୍ଗେଟ ପୂରଣ କରିବାରେ ଲାଗିଛନ୍ତି। ତଦନ୍ତ, ଚଢ଼ାଉ ନ ଥିବାରୁ ବେନିୟମ କାର୍ଯ୍ୟ ଲୁଚି ଯାଉଛି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତିଙ୍କୁ ପଚାରିବାରେ ଚଳିତ ବର୍ଷ ଜିଲାକୁ ଧାନ କିଣାର ଟାର୍ଗେଟ ୧୪ ଲକ୍ଷ ୮୪ ହଜାର ୬୬୪ କୁଇଣ୍ଟାଲ ଥିଲା। ୧୫ ମିଲର ଧାନ କିଣୁଛନ୍ତି। ଶନିବାର ସନ୍ଧ୍ୟା ସୁଦ୍ଧା ୪୧,୩୯୨ ଚାଷୀ ୧୩ ଲକ୍ଷ ୨୬୫ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ୪୧ ହଜାର ୨୫୧ ଚାଷୀଙ୍କ ଆକାଉଣ୍ଟକୁ ୨୮୨କୋଟି ୬୭ ଲକ୍ଷ ୪୭ ହଜାର ୧୬୨ ଧାନ ବିକ୍ରି ଟଙ୍କା ପଠାଯାଇଛି। ଜଣେ ଚାଷୀଙ୍କର ଆକାଉଣ୍ଟ ନମ୍ବରରେ ତ୍ରୁଟି ଯୋଗୁ ଧାନ ବିକ୍ରି ଅର୍ଥ ୪୯,୧୧୭ ଟଙ୍କା ଯାଇ ପାରିନାହିଁ। ଧାନ କିଣା ଉପରେ ଯେଉଁଠି ଅବ୍ୟବସ୍ଥା ଆସିଛି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ।

# ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦିବେଶ



@ ରୀତାଞ୍ଜଳି



@ ସୁରେଶ



@ ଶୁଭଲକ୍ଷ୍ମୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩୨ ଲିଟର ଦେଶୀ ମଦ ଜବତ, ୨ ଗିରଫ

ଖଣ୍ଡପଡ଼ା,୧୬।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଉମାଦେବୀ ଛକ ଓ ମଣିକର୍ଣ୍ଣିକା ସାହିରେ ଅବକାରୀ ଏଏସ୍ଆଇ ସୁଶାନ୍ତ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ଶନିବାର ଚଢାଉ କରି ୩୨ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏହି କାରବାରରେ ଲିପ୍ତ ଅଭିଯୋଗରେ ୨ଜଣଙ୍କୁ ଗିରଫ କରି ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଗିରଫ ୨ ମଦ ବେପାରୀ ହେଲେ ଉମାଦେବୀ ଛକର ଭାସ୍କର ପ୍ରଧାନ ଓ ମଣିକର୍ଣ୍ଣିକା ସାହିର ପ୍ରସନ୍ନ କୁମାର ରଥ ବୋଲି ଜଣାପଡ଼ିଛି। ମଦ ବେପାରୀ ଭାସ୍କରଙ୍କଠାରୁ ୨୨ ଲିଟର ଓ ପ୍ରସନ୍ନଙ୍କଠାରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ବୋଦସା ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ଅନ୍ୟମାନେ।

ଖଣ୍ଡପଡ଼ା,୧୬।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦସା ପଞ୍ଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ଜନ୍ମେଜୟ ନାୟକ, ସୁବାସ ସ୍ୱାଇଁ, ଭାଗୀରଥି ପ୍ରଧାନ, ପ୍ରଭାକର ପ୍ରଧାନ, ସଞ୍ଜୟ ଖୁଣ୍ଟିଆ, ଭରତ ମାଝି, ଦୀପ୍ତିକାନ୍ତ ପଡିଆରୀଙ୍କ ସମେତ ଶତାଧିକ କର୍ମୀ, ପଞ୍ଚାୟତ ଲୋକପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଦଳୀୟ କର୍ମୀମାନେ ଶଙ୍ଖ ଚିହ୍ନ ପୋଷ୍ଟର ଲଗାଇଥିଲେ।

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ, ଠିକାଦାର





କନିଷ୍ଠ ଯନ୍ତ୍ରୀ ଗୋପବନ୍ଧୁ ବୋଇତାଇ ଓ ଠିକାଦାର ଶ୍ରୀକାନ୍ତ ପତି।

## ବୋରୱେଲ ଖୋଳିବା ପାଇଁ ନେଉଥିଲେ ୯ ହଜାର ଲାଞ୍ଚ

ନୟାଗଡ଼,୧୬।୩ (ଲୋକନାଥ ମିଶ୍ର)

ଚାଷ ଜମିରେ ବୋରୱେଲ ଖୋଳିବାକୁ ଚାଷୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ପଡିଛନ୍ତି ନୟାଗଡ଼ ଉଠାଜଳସେଚନ ବିଭାଜନର କନିଷ୍ଠ ଯନ୍ତ୍ରୀ ଗୋପବନ୍ଧୁ ବୋଇତାଇ ଓ ଠିକାଦାର ଶ୍ରୀକାନ୍ତ ପତି। ଉଭୟଙ୍କୁ ଗିରଫ କରାଯିବା ସହ ଲାଞ୍ଚ ନେଇଥିବା ୯ ହଜାର ଟଙ୍କା ଜବତ ହୋଇଛି। ଉଭୟଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ। ଗିରଫ ଯନ୍ତ୍ରୀଙ୍କ ସରକାରୀ କାର୍ଯ୍ୟାଳୟ, ନୟାଗଡ଼ସ୍ଥ ଭଡା ଘର ଓ ଯାଜପୁରର ପୈତୃକ ବାସଭବନରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି।

ପ୍ରାପ୍ତ ସୂଚନା ଅନୁସାରେ, ଚାଷ ଜମିରେ ବୋରୱେଲ ଖୋଳିବାକୁ ଚାଷୀ ମନୋରଞ୍ଜନ ଦାସ ଆବେଦନ କରିଥିଲେ। ବିଭାଗୀୟ ଅନୁମତି ମିଳିବା ପରେ ମନୋରଞ୍ଜନ ୨୦ ହଜାର ଟଙ୍କା ଡିପୋଜିଟ୍ କରିଥିଲେ। ତେବେ ଲାଞ୍ଚ ନ ଦେଲେ ଜମିରେ ବୋରୱେଲ ଖୋଳିବା ସମ୍ଭବ ନୁହେଁ କନିଷ୍ଠ ଯନ୍ତ୍ରୀ କହିଥିଲେ। ଏ ନେଇ କନିଷ୍ଠ ଯନ୍ତ୍ରୀ ବୋଇତାଇ ଠିକାଦାର ପତିଙ୍କ ମାଧ୍ୟମରେ ଚାଷୀ ମନୋରଞ୍ଜନଙ୍କୁ ୯ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମନୋରଞ୍ଜନ ହଁ କହି ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ଶନିବାର ନୟାଗଡ଼ ଉଠାଜଳସେଚନ ବିଭାଜନ କାର୍ଯ୍ୟାଳୟରେ ଲାଞ୍ଚ ଦେଉଥିବାବେଳେ ଭିଜିଲାନ୍ସ ଉଭୟଙ୍କୁ କାବୁ କରି ଗିରଫ କରିଥିଲେ। ଉଭୟଙ୍କଠାରୁ ୧୮ଟି ୫୦୦ ଟଙ୍କିଆ ନୋଟ ଜବତ କରାଯାଇଛି। ନୟାଗଡ ଭିଜିଲାନ୍ସ ପକ୍ଷରୁ ନଂ. ୫/୨୪ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ଡିଏସ୍ପି ପ୍ରତ୍ୟୁଷ ମହାପାତ୍ର ସୂଚନା ଦେଇଛନ୍ତି।

# ନୟାଗଡ଼ ଟାଉନ, ସଦର ଥାନା ପୋଲିସର ଫ୍ଲାଗ୍ମାର୍ଚ୍ଚ

ନୟାଗଡ଼,୧୬।୩ (ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଓ ସଦର ଥାନା ପୋଲିସ ପକ୍ଷରୁ ଶନିବାର ଫ୍ଲାଗ ମାର୍ଚ୍ଚ କରାଯାଇଛି। ନୟାଗଡ଼ ସଦର ଥାନା ଆଇଆଇସି ଅନୀତା ସାହୁଙ୍କ ନେତୃତ୍ୱରେ ଲକ୍ଷ୍ମୀପ୍ରସାଦ ଓଭର ବ୍ରିଜଠାରୁ ପାଣିପୋଇଲା ଛକ ଓ ଲେଙ୍କୁଡିପଡ଼ା ଛକରୁ ମାଛିପଡ଼ା ପର୍ଯ୍ୟନ୍ତ ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ ହୋଇଛି। ସେହିପରି ନୟାଗଡ଼ ଟାଉନ ଥାନା ପୋଲିସ ନୟାଗଡ଼ ବଜାରରେ ଫ୍ଲାଗ ମାର୍ଚ୍ଚ କରିଛି। ନିର୍ବାଚନ କମିଶନ ଆଚରଣ ବିଧି ଲାଗୁ ପରେ ଆପରାଧିକ କାର୍ଯ୍ୟକଳାପ ଦମନ ଓ ସାଧାରଣ ଲୋକଙ୍କ ମନରେ ଭୟ ଦୂର ପାଇଁ ପୋଲିସ ପ୍ରଶାସନ ସଜାଗ ହୋଇ ଉଠିଛି।



ପୋଲିସ ପକ୍ଷରୁ ଶନିବାର ନୟାଗଡ଼ ସହରରେ ଫ୍ଲାଗ୍ମାର୍ଚ୍ଚ ଚାଲିଛି।

# ସିଦ୍ଧେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ



ମହିଳାପୁରୁଷମାନେ କଳସରେ ଜଳ ନେଇ ଯଜ୍ଞ ମଣ୍ଡପକୁ ଯାଉଛନ୍ତି।

ଶରଣକୁଳ, ୧୬।୩ (ଦୀପକ କର)

ଶରଣକୁଳ ନିକଟବର୍ତ୍ତୀ ବରସାହି ଗାଁରେ ପ୍ରତିଷ୍ଠିତ ଶ୍ରୀ ସିଦ୍ଧେଶ୍ୱରଙ୍କ ପୀଠରେ ୪ ଦିନ ବ୍ୟାପୀ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେଉଛି। ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଫାଲ୍ଗୁନ ଶୁକ୍ଳପକ୍ଷ ସପ୍ତମୀଠାରୁ ଯଜ୍ଞ ଆରମ୍ଭ ହୋଇଛି। ଏ ନେଇ ମହିଳାପୁରୁଷମାନେ ଦୁଆଣ୍ଟ ନଦୀରୁ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞବେଦୀରେ କଳସ ସ୍ଥାପନ କରିଥିଲେ। ସୋମବାର ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହେବ। ମହାଯଜ୍ଞରେ ନିକଟସ୍ଥ ବ୍ରାହ୍ମଣ ଶାସନରୁ ପଣ୍ଡିତମାନେ ଆସି ବେଦମନ୍ତ୍ର ପାଠ କରି ଅଗ୍ନି ସ୍ଥାପନ ଓ ଆହୁତି ପ୍ରଦାନ କରିଥିଲେ। ନିକଟସ୍ଥ ଗ୍ରାମଗୁଡ଼ିକରୁ ନାମ ସଂକୀର୍ତ୍ତନ ଦଳ ଆସି ନାମ କରିଥିବା ବେଳେ ପ୍ରତ୍ୟେକ ଦିନ ପୌରାଣିକ ନାଟକ ଅନୁଷ୍ଠିତ ହେବାର ବ୍ୟବସ୍ଥା ରହିଛି। ନିକଟବର୍ତ୍ତୀ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଯଜ୍ଞ ଦେଖିବାକୁ ଆସୁଛନ୍ତି। ଯଜ୍ଞ କମିଟି ସଭାପତି ନାରାୟଣ ସ୍ୱାଇଁ, ସମ୍ପାଦକ ଅଭିମନ୍ୟୁ ଖିଲାର, ଉପଦେଷ୍ଟା କୁଳମଣି ମାଝି ଏବଂ ବରସାହି ଗ୍ରାମବାସୀ ଏହି ମହାଯଜ୍ଞରେ ସକ୍ରିୟ ସହଯୋଗ କରିଛନ୍ତି।

# ଜିଲାସ୍ତରୀୟ କ୍ଲଷ୍ଟର ସମୀକ୍ଷା ବୈଠକ

ରଣପୁର,୧୬।୩ (ସୁକାନ୍ତ କିଶୋର ଡାକୁଆ)

ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ଆଉ କେଉଁ ଅସୁବିଧା ରହୁଛି, ତାହାର ପ୍ରତିକାର ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ ତାହାକୁ ସମୀକ୍ଷା କରିବା ପାଇଁ ବ୍ଲକର ପ୍ରତ୍ୟେକ କ୍ଲଷ୍ଟରରେ ଜଣେ ଜଣେ ସିଆରସିସିଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ କ'ଣ ସୁବିଧା ଅସୁବିଧା ରହିଛି, ତାହାକୁ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ସମୀକ୍ଷା କରାଯାଇଥାଏ। ଏହି ସମୀକ୍ଷା ବୈଠକ ପ୍ରତି ୨ ମାସରେ ଥରେ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ରଣପୁର ବ୍ଲକରେ ଥିବା ରାଜସୁନାଖଳା ଦ୍ୱାରା ଶୁକ୍ରବାର ଓ ଶନିବାର ଏହି ୨ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଗଣିଆ, ଖଣ୍ଡପଡ଼ା, ଓଡ଼ଗାଁ, ନୂଆଗାଁ ବ୍ଲକର ସିଆରସିସିମାନଙ୍କୁ ନେଇ ସମୀକ୍ଷା କରାଯାଇଥିଲା। ଶନିବାର ରଣପୁର, ନୟାଗଡ଼, ଦଶପଲ୍ଲା, ଭାପୁର ବ୍ଲକର ସିଆରସିସିମାନଙ୍କୁ ନେଇ ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ବୈଠକ ନୟାଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡ. ବିଜୟ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ଶିକ୍ଷକ ପ୍ରଶିକ୍ଷକ ମନୋରଞ୍ଜନ ଦାଶ, ବଟକୃଷ୍ଣ ସାହୁ, ଅନିନ୍ଦିତା ପ୍ରିୟଦର୍ଶିନୀ, ମାନସ କୁମାର ସାହୁ, ସନ୍ତୋଷ କୁମାର ମିଶ୍ର, ଦୀପକ କୁମାର ପ୍ରଧାନ ପ୍ରମୁଖ ଏହି ସମୀକ୍ଷା ବୈଠକରେ ବିଭିନ୍ନ ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ସିଆରସିସିମାନଙ୍କ ସହିତ ଆଲୋଚନା କରିଥିଲେ। ଏହାସହ ରାଜ୍ୟ ସରକାରଙ୍କ ଦ୍ୱାରା ନୟାଗଡ଼ ଜିଲାର ଉତ୍ତମ ସିଆରସିସି ଭାବେ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ନୟାଗଡ଼ ବ୍ଲକ ସିଆରସିସି ମୃତ୍ୟୁଞ୍ଜୟ ଷଡଙ୍ଗୀଙ୍କୁ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡ. ତ୍ରିପାଠୀ, ସମସ୍ତ ଶିକ୍ଷକ ପ୍ରଶିକ୍ଷକ ଏବଂ ସିଆରସିସିମାନଙ୍କ ଦ୍ୱାରା ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ରଣପୁରରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ, ସିଆରସିସି ଓ ପ୍ରଶିକ୍ଷକମାନେ।

# ବର୍ଷେ ବିତିଲା, ଅକୁରାବନ୍ଧ ସରରୁ କୁମ୍ଭୀର ଉଦ୍ଧାର ହେଲାନି

ଖଣ୍ଡପଡ଼ା,୧୬।୩ (ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ଓ ଗଣିଆ ବ୍ଲକ ସୀମାନ୍ତ ଅଞ୍ଚଳ ଭାବେ ପରିଚିତ ବଳରାମପ୍ରସାଦ (ଅକୁରାବନ୍ଧ) ଗ୍ରାମ ମଧ୍ୟରେ ରହିଥିବା ଏକ ସର ମଧ୍ୟରେ ଦୀର୍ଘବର୍ଷ ହେଲା ଏକ କୁମ୍ଭୀର ଆତଙ୍କ ସୃଷ୍ଟି କରିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଗତବର୍ଷ ମହାନଦୀରେ ବନ୍ୟା ସମୟରେ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପଟୁରିଆ ଦେଇ ବନ୍ୟାଜଳ ଅକୁରାବନ୍ଧ ସର ମଧ୍ୟରେ ପ୍ରବେଶ କରିଥିଲା। ଏହି ବନ୍ୟାଜଳରେ ମହାନଦୀରୁ କୁମ୍ଭୀରଟି ଏହି ସର ମଧ୍ୟକୁ ଚାଲି ଆସିଥିଲା। ଅକୁରାବନ୍ଧ ପଶ୍ଚିମ ପାର୍ଶ୍ୱରେ ଥିବା ଏହି ସରକୁ ମାଛଚାଷ ପାଇଁ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ନିଲାମ ଆଣି ମାଛ ଯାଆଁଳ ଛାଡିଥିଲେ। ଏବେ ଯାଆଁଳଗୁଡିକ ୨ କିଲୋରୁ ଆରମ୍ଭ କରି ୪/୫ କିଲୋ ଓଜନର ହୋଇ ଯାଇଥିବା ଜଣାଯାଇଛି। ସର ମଧ୍ୟରେ ଥିବା କୁମ୍ଭୀରଟି ମାଛ ମାରି ଖାଉଥିବା ନିଲାମ ନେଇଥିବା ବ୍ୟକ୍ତି କହିଛନ୍ତି।

ଅପରପକ୍ଷରେ ଉକ୍ତ ସର ଉପରେ ସ୍ଥାନୀୟ ଅଞ୍ଚଳର ଲୋକେ ସ୍ନାନ ଶୌଚାଦି ପାଇଁ ନିର୍ଭର କରିଥାନ୍ତି। ଅଧିକାଂଶ ସମୟରେ କୁମ୍ଭୀରଟି ସର ମଧ୍ୟରୁ ଉପରକୁ ଚାଲି ଆସୁଥିବାବେଳେ ଏହାକୁ ଧରିବାକୁ ପ୍ରୟାସ କରାଯାଉଥିଲେ ମଧ୍ୟ ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ଗଣିଆ ଓ ଖଣ୍ଡପଡ଼ା ବନ ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ବନ ବିଭାଗ କୁମ୍ଭୀରକୁ ଉଦ୍ଧାର କରିବାରେ ସକ୍ଷମ ହେଉ ନ ଥିବା ସ୍ଥାନୀୟ ବାସିନ୍ଦାଙ୍କଠାରୁ ପ୍ରକାଶ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଉକ୍ତ ସରକୁ ନିଲାମ ସୂତ୍ରରେ ଆଣି ମାଛଚାଷ କରୁଥିବା ବ୍ୟକ୍ତିମାନେ କ୍ଷତିର ସମ୍ମୁଖୀନ ହେଉଥିବାରୁ କୁମ୍ଭୀରଟିକୁ ଉଦ୍ଧାର କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ନିଲାମଧାରୀ ଶ୍ରୀକାନ୍ତ ରାଉତ ନିବେଦନ କରିଛନ୍ତି।

# ଯାଜପୁର ଜିଲ୍ଲାରେ ୩୯,୬୬୨ ନୂଆ ଭୋଟର

■ ମୋଟ ଭୋଟର ସଂଖ୍ୟା ୧୫,୩୦,୨୪୦

■ ଶତପ୍ରତିଶତ ମତଦାନ ପାଇଁ ନୈରାଶ୍ୟଜନକ ପଦକ୍ଷେପ

ଯାଜପୁର,୧୬।୩(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ବିଧାନସଭା ଓ ଲୋକ ସଭା ପାଇଁ ନିର୍ବାଚନ ବିଗୁଲ ବାଜିସାରିଛି। ହେଲେ ଯାଜପୁର ଜିଲାରେ ମତଦାନ କ୍ଷେତ୍ରରେ ସେତେଟା ଉତ୍ସାହ ନ ଥିବା ମନେହେଉଛି। ୨୦୨୪ରେ ଜିଲାର ୭ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୫ ଲକ୍ଷ ୩୦ ହଜାର ୨୪୦ ଜଣ ଭୋଟରଙ୍କ ତାଲିକା ଚୂଡ଼ାନ୍ତ ହୋଇଛି। ଏଥିରେ ୭ ଲକ୍ଷ ୮୮ ହଜାର ୧୬୦ ଜଣ ପୁରୁଷ, ୭ ଲକ୍ଷ ୪୨ ହଜାର ୧୩ ଜଣ ମହିଳା ଓ ୬୭ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ତେବେ ୨୭।୧୦।୨୦୨୩ରୁ ୨୭।୧୨।୨୦୨୩ ମଧ୍ୟରେ ହୋଇଥିବା ସଂଶୋଧନ ଅନୁସାରେ ୩୯,୬୬୨ ଭୋଟର ମିଶିଥିବାବେଳେ ୩୯,୯୮୯ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏଠାରେ ପୂର୍ବ ନିର୍ବାଚନଗୁଡ଼ିକୁ ଅବଲୋକନ କଲେ ମତଦାନ ହାର ସେତେଟା ସନ୍ତୋଷଜନକ ନୁହେଁ। ଜିଲା ପ୍ରଶାସନ ପକ୍ଷରୁ ଭୋଟରମାନଙ୍କୁ ସଚେତନ କରିବାକୁ ଯେଉଁ ପ୍ରକାର କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନେବା କଥା ତାହା ବିଫଳ ହୋଇଛି। ଯୁବ ଭୋଟରମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ, ନିଶ୍ଚିତ ମତଦାନ ଓ ସୁଦୃଢ଼ ଗଣତନ୍ତ୍ର ପାଇଁ ଆଲୋଚନା ଇତ୍ୟାଦି ହେଉନାହିଁ। ଏହାର ଉଦାହରଣ ଭାବେ ବ୍ୟାସନଗର ପୌରାଞ୍ଚଳକୁ ନିଆଯାଇପାରେ। ଏଠାରେ ବେସରକାରୀ ଭାବେ ଲୋକସଂଖ୍ୟା ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ପ୍ରାୟ ୩୭ ହଜାର ଭୋଟର ଅଛନ୍ତି। ତେଣୁ ଗୋଷ୍ଠୀ ଆଲୋଚନା, ବିଭିନ୍ନ ବୈଠକ ବା ସଭା ସମିତି ମାଧ୍ୟମରେ, ବୁଲେଟନ ଏକ୍ସପ୍ରେସ ଓ ଭୋଟର ସଚେତନତା ରଥ, ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ, ଶୋଭାଯାତ୍ରା ଇତ୍ୟାଦି ମାଧ୍ୟମରେ ଭୋଟରମାନଙ୍କୁ ସଚେତନ କରିବାର ପ୍ରାବଧାନ ଥିବାବେଳେ ଜିଲା ପ୍ରଶାସନ ଆଦୌ ଗୁରୁତ୍ୱ ଦେଉନାହିଁ।

**୨୦୨୪ ଚୂଡ଼ାନ୍ତ ଭୋଟର ସଂଖ୍ୟା**

| ନିର୍ବାଚନମଣ୍ଡଳୀ | ପୁରୁଷ | ମହିଳା | ଅନ୍ୟ | ମୋଟ |
|---|---|---|---|---|
| ବିଞ୍ଝାରପୁର | ୧,୧୭,୩୧୬ | ୧,୦୯,୭୭୧ | ୮ | ୨,୨୭,୦୯୫ |
| ବରୀ | ୧,୧୭,୫୨୮ | ୧,୦୬,୮୨୬ | ୫ | ୨,୨୪,୩୫୯ |
| ବଡଚଣା | ୯୮,୨୨୯ | ୯୩,୬୧୬ | ୫ | ୧,୯୧,୮୫୦ |
| ଧର୍ମଶାଳା | ୧,୧୮,୭୯୮ | ୧,୧୧,୦୪୩ | ୮ | ୨,୨୯,୮୪୯ |
| ଯାଜପୁର | ୧,୨୪,୭୮୦ | ୧,୧୬,୭୪୮ | ୭ | ୨,୪୧,୫୩୫ |
| କୋରେଇ | ୧,୦୬,୪୨୧ | ୧,୦୦,୮୩୮ | ୨୪ | ୨,୦୭,୨୮୩ |
| ସୁକିନ୍ଦା | ୧,୦୫,୦୮୮ | ୧,୦୩,୧୭୧ | ୧୦ | ୨,୦୮,୨୬୯ |
| ମୋଟ | ୭,୮୮,୧୬୦ | ୭,୪୨,୦୧୩ | ୬୭ | ୧୫,୩୦,୨୪୦ |

### ଯାଜପୁର ଲୋକ ସଭା ଆସନ

୨୦୧୯ ଯାଜପୁର ଲୋକ ସଭା ଆସନରେ ମତଦାନ ହାର ୭୩.୭୬ ପ୍ରତିଶତ ରହିଥିଲା। ଏହି ଲୋକ ସଭା ଆସନ ଅନ୍ତର୍ଗତ ସୁକିନ୍ଦା ବିଧାନସଭା ଆସନରେ ସର୍ବାଧିକ ୭୯.୬୧ ପ୍ରତିଶତ ଏବଂ ବିଞ୍ଝାରପୁରରେ ସର୍ବନିମ୍ନ ୬୭ ପ୍ରତିଶତ ମତଦାନ ହୋଇଥିଲା। ସେହିପରି ବରୀରେ ୭୦.୫୯%, ବଡଚଣାରେ ୭୪.୭୦%, ଧର୍ମଶାଳାରେ ୭୭.୧୬%, ଯାଜପୁରରେ ୭୨.୩୬%, କୋରେଇରେ ୭୫.୫୧% ମତଦାନ ହୋଇଥିଲା। ଲୋକ ସଭା ଆସନର ମୋଟ ୧୪ ଲକ୍ଷ ୭୨ ହଜାର ୬୧୬ ମତଦାତାଙ୍କ ମଧ୍ୟରୁ ୧୦,୮୬,୧୫୫ ଜଣ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ତେବେ ମହିଳା ଭୋଟ ୭୫.୯୪% ହୋଇଥିବାବେଳେ ପୁରୁଷ ଭୋଟ ୭୨.୫୮% ଥିଲା। ଏଥିରେ ଯାଜପୁର ଜିଲାରେ ମତଦାନରେ ମହିଳାଙ୍କ ଆଗ୍ରହ ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି କୁହାଯାଉଛି। ଅନ୍ୟପକ୍ଷେ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଖଣି ତଥା ଶିଳ୍ପ ଶ୍ରମିକମାନେ ଗଣତାନ୍ତ୍ରିକ ଅଧିକାର ପ୍ରତି ସର୍ବାଧିକ ସଚେତନତା ଦେଖାଇଥିଲେ। ଯାଜପୁର ଜିଲାର କୋରେଇ ଓ ଯାଜପୁର ନିର୍ବାଚନ ମଣ୍ଡଳୀରେ ଦୁଇ ପ୍ରମୁଖ ସହର ରହିଛି। ଗତ ୩ ସାଧାରଣ ନିର୍ବାଚନକୁ ଅବଲୋକନ କଲେ ଏଠାରେ ଭୋଟରଙ୍କ ମଧ୍ୟରେ ମତଦାନକୁ ନେଇ ଅରୁଚି ରହିଥିବା ଦେଖିବାକୁ ମିଳିଛି। ସହରାଞ୍ଚଳରେ ବସବାସ କରୁଥିବା ନାଗରିକମାନେ ଅଧିକ ସଚେତନ ବୋଲି ବିବେଚନା କରାଯାଇଥାଏ । ହେଲେ ଭୋଟ ଗ୍ରହଣରେ ମତଦାନ ହାର ସଚେତନତାର ଏହି ଦାବିକୁ ଭୁଲ୍ ପ୍ରମାଣିତ କରି ଆସିଛି । ଅନ୍ୟପକ୍ଷେ ଆଦିବାସୀ ବହୁଳ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଗତ ୩ ଥରରେ ସର୍ବାଧିକ ମତଦାନ ହୋଇଆସିଛି। ଚଳିତ ନିର୍ବାଚନରେ ଶତପ୍ରତିଶତ ମତଦାନ ଲକ୍ଷ୍ୟରଖି ପ୍ରଶାସନ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ଏଯାଏ ହୋଇ ପାରିନାହିଁ। କୋରେଇ ଓ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହାର ପ୍ରଭାବ ପଡିବା ନେଇ ଆଶଙ୍କା ପ୍ରକାଶ ପାଇଛି। ପ୍ରଶାସନିକ, ବ୍ୟବସାୟିକ ଓ ସାମାଜିକ ଦୃଷ୍ଟିରୁ ବ୍ୟାସନଗର ସହର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ। ଏହାବାଦ୍ ଯାଜପୁର ସହର ଜିଲା ସଦର ମହକୁମା ସହିତ ବିରଜାକ୍ଷେତ୍ର ଭାବେ ପରିଚିତ। କୋରେଇ ନିର୍ବାଚନ ମଣ୍ଡଳୀରେ ବ୍ୟାସନଗର ସହର ରହିଛି, ଯାହାର ଲୋକସଂଖ୍ୟା ପ୍ରାୟ ଦେଢ଼ ଲକ୍ଷ ଟପିଲାଣି। କିନ୍ତୁ ଭୋଟର ସଂଖ୍ୟା ବଢ଼ିପାରୁନାହିଁ। କେଉଁ କାରଣରୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସଂକ୍ଷେପରେ

### ଜ୍ୟୋତିର୍ବିଦ ବିଭୁପ୍ରସାଦ ରଥ ରାଜନୀତିକୁ ଓହ୍ଲାଇବେ

ବରୀ,୧୬।୩(ମହେନ୍ଦ୍ର ସ୍ୱାଇଁ):



ବରିଷ୍ଠ ଜ୍ୟୋତିର୍ବିଦ ତଥା ବାସ୍ତୁବିତ୍ ବିଭୁପ୍ରସାଦ ରଥ ଏବେ ରାଜନୀତିର ମଇଦାନକୁ ଓହ୍ଲାଇଛନ୍ତି। ସେ ବିଜୁ ଜନତା ଦଳରୁ ଲଢିବେ ବୋଲି ନିଷ୍ପତ୍ତି ନେଇ ଯାଜପୁର ଜିଲା ବରୀ ବିଧାନସଭା କ୍ଷେତ୍ରରୁ ପ୍ରମୁଖ ଆଶାୟୀ ବିଧାୟକ ପ୍ରାର୍ଥୀ ରୂପେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ନିକଟରେ ସେ ନବୀନ ନିବାସ ଯାଇ ନିଜର ବ୍ୟକ୍ତିଗତ ବିବରଣୀ ପ୍ରଦାନ କରିଛନ୍ତି। ରଥ ବରୀ ଅଞ୍ଚଳର ପୁରାତନ ଗୌରବକୁ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଗତ କିଛି ବର୍ଷ ହେଲା ସମାଜସେବାରେ ବ୍ରତୀ ଅଛନ୍ତି। ସେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଶୀର୍ଷ ନେତୃବୃନ୍ଦଙ୍କ ନିଷ୍ପତ୍ତି ଉପରେ ଆସ୍ଥା ପ୍ରକଟ କରି ଏଥର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବା ପାଇଁ ଆଶା ବାନ୍ଧିଥିବା କହିଛନ୍ତି।

### ଚଣ୍ଡିଖୋଲରୁ ହରିଣ ଶିଙ୍ଗ ଜବତ, ଜଣେ ଗିରଫ

ଚଣ୍ଡିଖୋଲ,୧୬।୩(ପ୍ରଦୀପ୍ତକୁମାରପୃଷ୍ଟି):

ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକ ନିକଟରୁ ଶନିବାର ରାତି ପ୍ରାୟ ୯ଟାରେ ପୋଲିସ ଏକ ହରିଣ ଶିଙ୍ଗ ଜବତ କରିବା ସହିତ ଜଣକୁ ଗିରଫ କରି ବନ ବିଭାଗକୁ ହସ୍ତାନ୍ତର କରିଛି। ଚଣ୍ଡିଖୋଲ ବନପାଳ ସୁଦୀପ କୁମାର ଜେନା ତାଙ୍କୁ ବୈରୀସ୍ଥିତ ବନାଞ୍ଚଳ ରେଞ୍ଜ କାର୍ଯ୍ୟାଳୟକୁ ନେଇଛନ୍ତି। ରବିବାର ତାଙ୍କୁ କୋର୍ଟଚାଲାଣ କରାଯିବ। ଗିରଫ ବ୍ୟକ୍ତି ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳର ରଜନୀ କାନ୍ତ ସିଂହ। ସେ ଦୀର୍ଘ ଦିନ ହେବ ଚଣ୍ଡିଖୋଲ ଅଞ୍ଚଳରେ ରହିଆସୁଥିଲେ। କୌଣସି ସୂତ୍ରରୁ ଖବର ପାଇ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସେ ରହୁଥିବା ସ୍ଥାନରେ ଚଢ଼ାଉ କରିଥିଲେ। ଏହି ସମୟରେ ରଜନୀଙ୍କ ନିକଟରୁ ଏକ ମୃତ ହରିଣର ଶିଙ୍ଗ ମିଳିଥିଲା।



## ମଦ ଦୋକାନ ବନ୍ଦ ପାଇଁ ଚିଠି ଲେଖିଲେ ସରପଞ୍ଚ

କଳିଙ୍ଗନଗର,୧୬।୩(ଶୁଭାଶିଷ ରାଉତ):

ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତର ମାନପୁର ଛକ ପାଖରେ ଥିବା ସୁଆଁଲ ଗାଁରେ ଏକ ସରକାରୀ ଦେଶୀ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ସରପଞ୍ଚ ବିରୋଧ କରିଛନ୍ତି। ଏହାକୁ ନେଇ ସେ ୫-ଟି ଅଧକ୍ଷ, ଯାଜପୁର ଜିଲାପାଳ, ଅବକାରୀ ବିଭାଗକୁ ଚିଠି ଲେଖି ତାଙ୍କ ପଞ୍ଚାୟତରେ ମଦ ଦୋକାନ ନ ଖୋଲିବାକୁ ନିବେଦନ କରିଛନ୍ତି। ସରପଞ୍ଚଙ୍କ କହିବା ଅନୁଯାୟୀ, ପୂର୍ବରୁ ଏକ ବିଦେଶୀ ମଦ ଦୋକାନ ଜଙ୍ଗଲ ଜମିରେ ଅଛି। ଫଳରେ ମାନପୁର ଛକ, ସୁଆଁଲରେ ବିଶୃଙ୍ଖଳା ବଢୁଛି। ମଦ ପିଇ ବହୁ ଲୋକ ମୃତ୍ୟୁବରଣ କରୁଛନ୍ତି। ଏପରି କି ଏବେ କେତେଜଣ ମୁଷ୍ଟିମେୟ ଲୋକ ପଞ୍ଚାୟତଟିକୁ ଖରାପ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଯଦି ଏହି ମଦ ଦୋକାନ ବନ୍ଦ ନ କରା ନ ଯାଏ ତାହା ହେଲେ ଏହାକୁ ଲୋକେ ଜାଳିଦେବେ ବୋଲି ସେ ଚେତାବନୀ ଦେଇଛନ୍ତି। ସୂଚନା ମୁତବାକ, ଏକ ପବ୍ଲିକ ନୋଟିସ ନମ୍ବର ୬୦୫ରେ ଚଳିତ ମାସ ୨ତାରିଖରେ ସରପଞ୍ଚଙ୍କୁ ଅବଗତ କରାଯାଇଥିଲା ଯେ, ଟମକାଠାରେ ଥିବା ମଦ ଦୋକାନ ମାନଗୋବିନ୍ଦପୁର ଛକ ପାଖକୁ ସ୍ଥାନାନ୍ତର ହେବ। ତେବେ ଦେଶୀ ମଦ ଦୋକାନ ହେବାର ଖବର ପାଇଲା ପରେ ସାଧାରଣରେ ବହୁପ୍ରତିକ୍ରିୟା ପାଇଛି। ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

## ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ



ଅତିଥିଙ୍କ ସହ ବିଏସ୍‌କେୱାଇ ନବୀନ କାର୍ଡ ପାଇଥିବା ହିତାଧିକାରୀ।

ରସୁଲପୁର,୧୬।୩(ରଞ୍ଜିତ ରାଉତ):

**ପ୍ରଥମ ପର୍ଯ୍ୟାୟରେ ୬୦୩ ପରିବାରକୁ ମିଳିଲା**

ରସୁଲପୁର ବ୍ଲକର ୨୮ ପଞ୍ଚାୟତ ମଧ୍ୟରୁ ୨୬ ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ୬୦୩ଜଣଙ୍କୁ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ କରାଯାଇଛି। ଭୋଟକା ଓ ନଠୁଆବର ୨ ପଞ୍ଚାୟତରୁ କାହାରିକୁ କାର୍ଡ ବଣ୍ଟନ କରାଯାଇନାହିଁ। ବ୍ଲକ୍ ଅଧକ୍ଷ ଅରୁଣ କୁମାର ରାଉତ ଅତିଥି ଭାବରେ ଯୋଗଦେଇ କାର୍ଡ ବଣ୍ଟନ କରିଥିଲେ। ବିଡିଓ ଅବନିକାନ୍ତ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ବ୍ଲକ ଉପବିତ୍ତୀୟ ଅଧିକାରୀ ହରିଶ୍ ହାଂସଦା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ କାର୍ଡ ବଣ୍ଟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

ଏଥିରେ ନରସିଂହପୁର ପଞ୍ଚାୟତରେ ସର୍ବାଧିକ ୬୧ ଆବେଦନକାରୀ କାର୍ଡ ହାତେଇ ଥିବାବେଳେ ଜାବରା ପଞ୍ଚାୟତରେ ସର୍ବନିମ୍ନ ଜଣଙ୍କୁ ଏହି କାର୍ଡ ପ୍ରଦାନ କରାଯାଇଛି। ପାଖାପାଖି ୧୯୦୦ରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କୁ କାର୍ଡ ମିଳିନାହିଁ। ୨୦୨୪ ସାଧାରଣ ଆଚରଣ ବିଧି ଲାଗୁ ହୋଇଯାଇଥିବାରୁ ବାକି ରହିଯାଇଥିବା ଆବେଦନକାରୀଙ୍କୁ କାର୍ଡ ମିଳିବାରେ ବିଳମ୍ବ ହେବ ବୋଲି କୁହାଯାଉଛି। ବ୍ଲକରେ ୨୫୦୦ରୁ ଊର୍ଦ୍ଧ୍ୱ ପରିବାର ଏହି କାର୍ଡ ପାଇଁ ଆବେଦନ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଆବେଦନକାରୀ ପରିବାର ଲୋକଙ୍କ ଫଟୋ ଉଠାଇବା ପରେ କାର୍ଡକୁ ଅନୁମୋଦନ ମିଳିଥିଲା। କାର୍ଡରେ ସାମିଲ ହୋଇଥିବା ମହିଳାଙ୍କୁ ୧୦ ଲକ୍ଷ ଓ ପରୁଷଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ସ୍ୱାସ୍ଥ୍ୟବୀମା ମିଳିବ ବୋଲି କୁହାଯାଇଛି।

## ନାବାଳିକାଙ୍କୁ ଅସଦାଚରଣ, ଶିକ୍ଷକ ନିଲମ୍ବିତ

ଜଗତ୍‌ସିଂହପୁର ୧୬।୩
(ପ୍ରମୋଦ କୁମାର ନାୟକ)

ଗତ କିଛି ଦିନ ହେବ ଏରସମା ଥାନା ଅଞ୍ଚଳର ଏକାଧିକ ନାବାଳିକା ଅସଦାଚରଣ ଶିକାର ହୋଇଛନ୍ତି। ଏନେଇ ତାପସ ଗିରି ନାମକ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ବଡ କଥା ହେଲା ସମ୍ପୃକ୍ତ ଶିକ୍ଷକ ଏଭଳି ଅମାନବୀୟ କାଣ୍ଡ କରି ଆସୁଥିଲେ ସୁଦ୍ଧା କେତେଜଣ କୁଜି ନେତା ପ୍ରସଙ୍ଗକୁ ଚାପି ଦେବା ପାଇଁ ଉଦ୍ୟମ କରିଥିଲେ। ଏହାସତ୍ତ୍ୱେ ଏହା ପ୍ରଘଟ ହୋଇଯାଇଥିଲା। ଏପରି କି ଏ ବାବଦରେ ଗାଁରେ ବୈଠକ ବସି ଆଲୋଚନା ସହ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଥିଲା। ଏହାପରେ ଶନିବାର ଶିକ୍ଷକ ଗିରିଙ୍କୁ ଏରସମା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ନିଲମ୍ବନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ଅଭିଯୋଗ ଉପରେ ପ୍ରଥମେ ଗାଁରେ ଆଲୋଚନା ହୋଇଥିଲା। ତା'ପରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଡିଇଓ ଏ ପ୍ରସଙ୍ଗରେ ଜିଲାପାଳ ପାରୁଲ ପଟାୱରିଙ୍କ ସହ ଆଲୋଚନା କରି ଏରସମା ବିଇଓଙ୍କୁ ନିଲମ୍ବନ ପାଇଁ ପରାମର୍ଶ ଦେଇଥିଲେ।

## ୫୦ ଶିଫ୍ଟ ଚୋରା କାଠ ଜବତ



ଜବତ କାଠ ଓ ଗିରଫ ୩ ଅଭିଯୁକ୍ତ।

ଛତିଆ,୧୬।୩(ସୌମ୍ୟରଞ୍ଜନ ସାହୁ):

କଟକ ବନଖଣ୍ଡ ଅନ୍ତର୍ଗତ ବୈରୀ ବନ ବିଭାଗ ପକ୍ଷରୁ ଶନିବାର ଅପରାହ୍ନରେ ଚଢ଼ାଉ କରାଯାଇ ୫୦ ଶିଫ୍ଟ ଶାଗୁଆନ ଓ ଗମ୍ଭାରୀ କାଠ ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇଛି। ସେମାନଙ୍କୁ ରବିବାର ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

ବୈରୀ ଥାନା ଅନ୍ତର୍ଗତ ଚାରି ଗୋଛିଆ ଗ୍ରାମ ନିକଟ ଜଙ୍ଗଲରେ କାଠ କଟାଯାଉଥିବା କୌଣସି ସୂତ୍ରରୁ ଖବର ପାଇ କଟକ ବନ ଖଣ୍ଡ ଅଧିକାରୀ ପି. ଅର୍ଥନାରୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ବୈରୀ ରେଞ୍ଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି, ଫରେଷ୍ଟର ମାଣିକ ମୁଣ୍ଡା, ଫରେଷ୍ଟ ଗାର୍ଡ ଅଶ୍ୱିନୀ ସାହୁ, ସରୋଜ ମଲିକ, ରଞ୍ଜନ ପଣ୍ଡା ଓ ସ୍କ୍ୱାଡ୍ ଟିମ ମିଳିତ ଭାବେ ଉକ୍ତ ଗ୍ରାମରେ ଚଢ଼ାଉ କରିଥିଲେ। ଏହି ସମୟରେ କାଠ କାଟୁଥିବା ବଡ଼ଚଣା ଥାନା ଅନ୍ତର୍ଗତ ସିହା ଗ୍ରାମର ଲକ୍ଷ୍ମୀଧର ସାହୁ, ବୈରୀ ଥାନା ଅନ୍ତର୍ଗତ ବନ୍ଧପଲ୍ଲୀ ଗ୍ରାମର ପର୍ଶୁରାମ ସାମଲ ଓ ଚନ୍ଦ୍ର ମୋହନ ଗଇପଇଙ୍କୁ କାବୁ କରିବା ସହ କଟାଯାଇଥିବା କାଠକୁ ଜବତ କରିଥିଲେ।

## ରାଇଜିଂ ଇଲେଭେନ୍ ଟିମ୍ ବିଜୟୀ

ଯାଜପୁରରୋଡ଼,୧୫।୩(ପବିତ୍ର ରଞ୍ଜନ ମହାନ୍ତି):

**ଦିବାରାତ୍ର ବ୍ୟାସନଗର ପ୍ରିମିୟର ଲିଗ୍ ଉଦ୍‌ଘାଟିତ**

ବ୍ୟାସ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୧୪ ତମ ଦିବାରାତ୍ର ହିରୋ ବ୍ୟାସନଗର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଏନ.ସି ହାଇସ୍କୁଲ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ରାଇଜିଂ ଇଲେଭେନ ଉମାପଦା ଏବଂ ପ୍ରଶାନ୍ତି ୱାରିୟର ଯାଜପୁରରୋଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରାଇଜିଂ ଇଲେଭେନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୩୧ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରଶାନ୍ତି ୱାରିୟର ୧୨୯ ରନ କରି ପରାଜୟ ବରଣ କରିଥିଲା । କ୍ଲବର ସଭାପତି ରୁଦ୍ରନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ପୂର୍ବତନ ପୌର ପରିଷଦର ଅଧ୍ୟକ୍ଷା ବନ୍ଦିତା ପରିଡା, ସାମାଜିକ କର୍ମୀ ପ୍ରହ୍ଲାଦ ଲେଙ୍କା, ନଟରାଜ ଗ୍ରୁପର ଏମ୍‌ଡି ରବିନାରାୟଣ ପୁହାଣ, ସୌମିକ ହିରୋର ପ୍ରଭାତ ସାମଲ ଓ ତେଜ ହୋଣ୍ଡାର ଏମ୍‌ଡି ରାକେଶ ରାଉତ ଅତିଥିଭାବେ ଯୋଗଦେଇ ଥିଲେ । ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଆସନ୍ତା ୧୯ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି କ୍ଲବର ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ସୂଚନା ଦେଇଛନ୍ତି । ଏହି ଖେଳରେ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିମାନେ ଭାଗ ନେଇଥିବା ଦେଖିବାକୁ ମିଳିଛି। ଆଶୁତୋଷ ପାଣି,ଦେବବ୍ରତ ଦାସ ଖେଳ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ବୁବୁ ସିନ୍ହା, ପ୍ରଶାନ୍ତ ପଟ୍ଟନାୟକ ଓ ସ୍କୋରର ଭାବେ ଅସୀମ ଦାସ ଓ ପି.ଏମ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ ।



ଅତିଥିଙ୍କ ସହ ଖେଳାଳିମାନେ ପରିଚିତ ହେଉଛନ୍ତି।

## ଚୋରି ଅଭିଯୋଗରେ ୨ ଗିରଫ

■ ୫ ସ୍କୁଲ ଛାତ୍ର ସାମିଲ

■ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ

ବାରିପଦା,୧୬।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସଦର ଥାନା ପୋଲିସ ଏକ ଚୋରି ଘଟଣାର ତଦନ୍ତ କରି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିଛି। ଏହି ଚୋରି ଘଟଣାରେ ୫ ନାବାଳକ ସାମିଲ ଥିବା ପୋଲିସ କହିଛି। ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରିଫ ପରେ ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୬୦ହଜାର ଟଙ୍କା, ୨ଟି ଏଲ୍‌ଇଡି ଟିଭି, ୨ଟି ସିଡି ପ୍ଲେୟାର, ୫ଟି ହାର୍ଡ ଡିସ୍କ, ୨ଟି ଲାପ୍‌ଟପ୍ ଓ ଗୋଟିଏ ବାଇକ୍ ଜବତ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୩୦/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଶବରସାହିର ରୋହିତ ପଲେଇ ଓ ଶେଖ ଅବଦୁଲ୍ଲା।

ସୂଚନାଯୋଗ୍ୟ, ଗତ ଜାନୁଆରୀ ଓ ମାର୍ଚ୍ଚ ୧୨ତାରିଖରେ ସ୍ଥାନୀୟ ବିବେକାନନ୍ଦ ଶିକ୍ଷାଶ୍ରମରୁ ଚୋରି ହୋଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରିବା ପରେ ଦୁଇ ଅଭିଯୁକ୍ତ ରୋହିତ ଓ ଅବଦୁଲ୍ଲା ନିଜର ଦୋଷ ସ୍ୱୀକାର କରିଥିଲେ। ତେବେ ଚୋରିରେ ସେହି ସ୍କୁଲର ଦଶମ ଶ୍ରେଣୀର ୫ ଛାତ୍ର ସହଯୋଗ କରିଥିବା ନେଇ ଥାନାଧିକାରୀ ମଧୁସ୍ମିତା ମହାନ୍ତି କହିଛନ୍ତି।

## ମାର୍ଚ୍ଚରେ ଅସହ୍ୟ ତାତି



ପାଣି ପାଇଁ ନଳକୂପ ନିକଟରେ ମହିଳାଙ୍କ ଭିଡ଼।

ଧର୍ମଶାଳା,୧୬।୩(ବଟକୃଷ୍ଣ ପରିଡ଼ା):

**ଲୋକେ ଗରମରେ ଆଉଟୁପାଉଟୁ**

ମାର୍ଚ୍ଚ ଆରମ୍ଭରୁ ଅସହ୍ୟ ତାତି ଅନୁଭୂତ ହେଉଥିବାରୁ ଲୋକେ ଗରମରେ ଆଉଟୁପାଉଟୁ ହେଲେଣି। ଏବେ ରାଜ୍ୟର ବିଭିନ୍ନ ସହରରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଧର୍ମଶାଳା ବ୍ଲକ ଅଞ୍ଚଳରେ ସମ ପରିମାଣରେ ଗ୍ରୀଷ୍ମ ପ୍ରବାହ ବଢୁଛି। ଫଳରେ ଏବେ ଦିନର ତାପମାତ୍ରା ୩ରୁ ୪ ଡିଗ୍ରୀ ଅଧିକ ରହୁଥିବା ରେକର୍ଡ କରାଯାଇଛି। ଖରା ଆରମ୍ଭରୁ ଯଦି ଏତେ ତେବେ ଆଗକୁ କେତେ ଖରା ହେବ ବୋଲି ଲୋକେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ତାତି ବଢ଼ିବା ସହିତ ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁ ବ୍ଲକର କୁମାରୀ, ଜାରକା, ଅଣ୍ଡିଆ, କମାଗଡ଼, ଗଡ଼ମଧୁପୁର,ମହେଶରା, ଆରୁହା, ସମ୍ପାରୁ ଓ ତରଞ୍ଜିଆ ଆଦି ପଞ୍ଚାୟତରେ ପାଣି ସମସ୍ୟା ଦେଖା ଦେଲାଣି। ଏହି ପଞ୍ଚାୟତଗୁଡ଼ିକରେ ରହିଥିବା ଅନେକ ନଳକୂପ ଅଚଳ ହୋଇପଡ଼ିଛି। ଜଳସ୍ତର ହ୍ରାସ ଯୋଗୁ ଅନେକ ନଳକୂପରେ ଗୋଳିଆ ପାଣି ବାହାରୁଥିବା ଦେଖିବାକୁ ମିଳିଛି। ସେହିପରି ତାତି ଯୋଗୁ ପୂର୍ବାହ୍ନ ୧୧ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଖରା ଯୋଗୁ ଶ୍ରମିକମାନେ ଅଧିକ ହଇରାଣ ହରକତ ହେଉଛନ୍ତି। ତାତି ସାଙ୍ଗକୁ ବିଦ୍ୟୁତ୍‌ର ଲୁଚକାଳି ଖେଳ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ତେବେ ଏପ୍ରିଲକୁ ଅପେକ୍ଷା ନ କରି ସରକାର ଏବେଠାରୁ ଛକ ଓ ବଜାରରେ ଜଳଛତ୍ର ବ୍ୟବସ୍ଥା କରିବା ସହିତ ସମ୍ପୃକ୍ତ ଅଞ୍ଚଳ ଗୁଡ଼ିକରେ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ଦାବି ହୋଇଛି। ଏନେଇ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଜଳ ସମସ୍ୟା ଦେଖାଦେଉଥିବା ପଞ୍ଚାୟତଗୁଡ଼ିକରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ।

# ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଅଭିଯୋଗ

ଜଗତ୍ସିଂହପୁର, ୧୬।୩ (ପ୍ରମୋଦ କୁମାର ନାୟକ)

ସାଧାରଣ ନିର୍ବାଚନ ନେଇ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ ଶିବିର ଚାଲିଛି। ଏଥିରେ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳକୁ ମିଶାଇ ମୋଟ ୭୬୦୨ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ପ୍ରତ୍ୟେକସ୍ତରରେ ଅର୍ଥାତ୍ ୧୨୬୭ ଜଣ ହିସାବରେ ପ୍ରିଜାଇଡିଂ ଅଧିକାରୀ, ପ୍ରଥମ ପୋଲିଂ, ଦ୍ୱିତୀୟ ପୋଲିଂ, ୩ୟ ପୋଲିଂ, ୪ର୍ଥ ପୋଲିଂ ଓ ୫ମ ପୋଲିଂ ଅଧିକାରୀ ରହିଛନ୍ତି। ପୋଲିସ କର୍ମଚାରୀଙ୍କ ବ୍ୟତୀତ ପ୍ରତି ବୁଥ୍ ପାଇଁ ପୋଲିଂ ଟିମ୍‌ରେ ୬ ଜଣ ହିସାବରେ ଅଧିକାରୀ ରହିବେ। ଜିଲାର ସମୁଦାୟ ୧୦୪୭ ବୁଥ୍ ପାଇଁ ସଂରକ୍ଷିତ ରଖାଯାଇଥିବା ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଉଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଶିବିରରେ ଏକଥା ମଧ୍ୟ ଦର୍ଶାଯାଇଛି, ନିର୍ବାଚନ ମଣ୍ଡଳୀ ଅନୁଯାୟୀ ପୋଷ୍ଟାଲ ବାଲଟ ଦିଆଯିବ। ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ ଏହି ଫର୍ମ-୧୨ ପ୍ରଶିକ୍ଷଣ ନେଉଥିବା ଅଧିକାରୀଙ୍କୁ ପ୍ରଶିକ୍ଷଣ କେନ୍ଦ୍ରରେ ଦିଆଯିବ। ଏହି ତାଲିମ କାର୍ଯ୍ୟକ୍ରମ ପାଇଁ ସୁପରଭାଇଜିଂ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନେ।

ଅଧିକାରୀ ଭାବେ ଜଗତ୍ସିଂହପୁର ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଲଳିତ ମୋହନ ବେହେରା ଓ ପାରାଦୀପ ଅତିରିକ୍ତ ଜିଲାପାଳ ସମ୍ମିତ ରାଉତ ଦାୟିତ୍ୱରେ ଅଛନ୍ତି। ଜିଲାରେ ଚାଲିଥିବା ତାଲିମ ଶିବିରଗୁଡ଼ିକ ହେଲା ଜଗତ୍ସିଂହପୁର ସହରସ୍ଥିତ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇସ୍ଥିତ ପୋର୍ଟ ହାଇସ୍କୁଲ, କୁଜଙ୍ଗ, ବାଲିକୁଦା ବ୍ଲକର ସରକାରୀ

**ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତ**

- ବିଳମ୍ବରେ ମିଳିଲା ମଧ୍ୟାହ୍ନଭୋଜନ
- ସାଦା ବିରିଆନି ଚାଉଳ ଶିଝି ନ ଥିଲା

ଉଚ୍ଚ ବିଦ୍ୟାଳୟ, ବିରିଡ଼ି ବ୍ଲକର ଅଳକା ମହାବିଦ୍ୟାଳୟ, ଏରସମା ବ୍ଲକର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ନାଉଗାଁ ବ୍ଲକର ଶ୍ରୀ ଜଗନ୍ନାଥ ହାୟର ସେକେଣ୍ଡାରି ସ୍କୁଲ, ରଘୁନାଥପୁର ବ୍ଲକର ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ଏବଂ ତିର୍ତ୍ତୋଲ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ। ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଥିବା ଏହି ଶିବିର ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକର ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ପଞ୍ଚାୟତ ଅଧିକାରୀ, ଜିଲା କର୍ମ ନିୟୋଜନ ଅଧିକାରୀ, ଏବିଡିଓ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କଅଧିକାରୀ ଓ ବିଏସ୍‌ଏସ୍‌ଓ ପ୍ରମୁଖ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବାସ୍ତବରେ ତାଲିମ ଶିବିରରେ କେତେକ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କେତେଜଣ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି, ସ୍ଥାନୀୟ ଏକ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଉପଯୁକ୍ତ ସମୟରେ ମଧ୍ୟାହ୍ନ ଭୋଜନ ଦିଆଯାଇ ନ ଥିଲା। ବିଳମ୍ବରେ ସାଧା ବିରିଆନି ଦିଆଯାଇଥିଲା। କିନ୍ତୁ ଏହା ଖାଇବା କଷ୍ଟକର ଥିଲା। ଚାଉଳ ଶିଝି ନ ଥିବାରୁ ଟାଣ ଥିଲା, ଯାହା ଖାଇବା କଷ୍ଟକର ହୋଇଥିଲା। ଏଥିସହ ବିରିଆନିର ମାନ ମଧ୍ୟ ଠିକ୍ ନ ଥିଲା। ଯେଉଁ କାରଣରୁ ଅନେକେ ଖାଇ ନ ଥିଲେ। ସେହିପରି ପିଇବା ପାଣି ମଧ୍ୟ ଠିକ୍ ସମୟରେ ଦିଆଯାଇ ନ ଥିବାରୁ କେତେଜଣ ବିରକ୍ତି ପ୍ରକାଶ କରିଥିଲେ। ରିସୋର୍ସ ପର୍ସନମାନେ ମଧ୍ୟ ତ୍ରୁଟି ଯୋଗୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ପାରୁଲ ପଟାୱାରିଙ୍କ ସହ ତାଙ୍କ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଉଠାଇ ଥିଲେ।

# ଭୋଗ ୪୯ ଲକ୍ଷ, ଦୀପ ଦୋକାନ ୪୦.୫୧ ଲକ୍ଷ ଟଙ୍କାରେ ନିଲାମ



ରଘୁନାଥପୁର, ୧୬।୩ (ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଦୋକାନର ଟେଣ୍ଡର ପ୍ରକ୍ରିୟା ଶୁକ୍ରବାର ଅପରାହ୍ନରେ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ କଟକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଭୋଗ ଦୋକାନ ପାଇଁ ରମେଶ ଚନ୍ଦ୍ର ସାହୁ ୪୮ ଲକ୍ଷ ୯୦ ହଜାର ଟଙ୍କା ଏବଂ ଦୀପ ଦୋକାନ ବାବଦରେ ଉମେଶ ସାହୁ ୪୦ ଲକ୍ଷ ୫୧ ହଜାର ଟଙ୍କାରେ ନିଲାମ ପାଇଛନ୍ତି। ସେହିପରି ଶୌଚାଳୟ ପାଇଁ ସୌମ୍ୟରଞ୍ଜନ ସ୍ୱାଇଁ ୫୫ ହଜାର ୫୦୧ ଟଙ୍କାରେ ନିଲାମପ୍ରାପ୍ତ କରିଛନ୍ତି। ମାତ୍ର ଫୁଲ ଓ ଯାଆଁବାଳ ପାଇଁ କେହି ଆବେଦନ କରି ନ ଥିବାରୁ ଉକ୍ତ ଦୋକାନଗୁଡ଼ିକର ନିଲାମ ହୋଇପାରିନାହିଁ। ଭୋଗ ପାଇଁ ଏକମାତ୍ର ବ୍ୟକ୍ତି ସାହୁ ଆବେଦନ କରିଥିବାବେଳେ ଦୀପ ଦୋକାନ ପାଇଁ ୩ ଜଣ ଓ ଶୌଚାଳୟ ପାଇଁ ୪ ଜଣ ବ୍ୟକ୍ତି ଆବେଦନ କରିଥିଲେ। ସର୍ବୋଚ୍ଚ ମୂଲ୍ୟ ପକାଇ ନିଲାମୀ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଦୋକାନ ଦିଆଯାଇଥିଲା। ମାର୍ଚ୍ଚ ୧୮ ମଧ୍ୟରେ ନିଲାମପ୍ରାପ୍ତ ଦୋକାନୀମାନେ ସେମାନଙ୍କ ନିଲାମ ମୂଲ୍ୟର ୫୦ ପ୍ରତିଶତ ମନ୍ଦିର ଆକାଉଣ୍ଟରେ ଜମା କରି ନ ପାରିଲେ

**ଗୋରେଖନାଥ ପୀଠ**

- ଫୁଲ ଓ ଯାଆଁବାଳ ପାଇଁ ପଡ଼ିଲାନି ଆବେଦନ

ନିୟମାବଳୀ ଅନୁଯାୟୀ ସେମାନେ ପାଇଥିବା ଟେଣ୍ଡର ଅବୈଧ ଘୋଷିତ କରାଯିବ ବୋଲି ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି। ମାର୍ଚ୍ଚ ୩୧ ମଧ୍ୟରେ ଟେଣ୍ଡରଧାରୀ ସେମାନଙ୍କ ସମସ୍ତ ନିଲାମୀ ମୂଲ୍ୟ ମନ୍ଦିର ଆକାଉଣ୍ଟରେ ଜମା କରିଦେଲେ ସେମାନଙ୍କୁ ନିଲାମ ମୂଲ୍ୟର ୧୫ ପ୍ରତିଶତ ଓ ଜୁନ ୩୦ ସୁଧା ପୈଠ କଲେ ୧୦ ପ୍ରତିଶତ ରିହାତି ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ସମ୍ପର୍କରେ ଅଧିକାରୀ ପରିଜା ପ୍ରକାଶ କରିଛନ୍ତି। ଏହାଛଡା ସମସ୍ତ ନୀତିନିୟମ ପାଳନ କରିବା ପାଇଁ ନିଲାମଧାରୀଙ୍କୁ କୁହାଯାଇଛି। ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଟେଣ୍ଡର ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ପରିଜା, ଏଣ୍ଡାଓମେଣ୍ଟ ଇନ୍ସପେକ୍ଟର ପ୍ରଦୀପ୍ତ ସାହୁ, କିରାଣି ସରୋଜ କୁମାର ସାହାଣୀ ଓ ନିଲାମରେ ଭାଗ ନେଇଥିବା ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ବାଲିକୁଦାରେ ବଢୁଛି ବେଆଇନ ନିଶା କାରବାର

ବାଲିକୁଦା, ୧୬।୩ (ତାପସ ସ୍ୱାଇଁ)

ଜଗତସିଂହପୁର ଜିଲା ସମୁଦ୍ର ଉପକୂଳବର୍ତ୍ତୀ ବାଲିକୁଦା ବ୍ଲକ ଏବେ ନିଶା ବେପାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଏଠାକାର ଅନେକ ଗାଁରେ ଚୋରା ମଦ, ଗଞ୍ଜେଇ ଓ ବ୍ରାଉନସୁଗାର କାରବାର ବଢ଼ିବାରେ ଲାଗିଛି। ପ୍ରତି ପରିବାରକୁ ଏସବୁ ନିଶା ଏବେ କବଳିତ କରିଛି। ବିଶେଷ କରି ଯୁବପିଢ଼ି ଏଥିଯୋଗୁ ପଥଭ୍ରଷ୍ଟ ହେଉଥିବା ଅଭିଯୋଗ ହୋଇଛି। ସରକାରୀ ରିପୋର୍ଟ ଅନୁଯାୟୀ ବାଲିକୁଦା ବ୍ଲକରେ ୨୦୨୩ରେ ୧୮୫ ରୁ ଊର୍ଦ୍ଧ୍ୱ ଚୋରା ନିଶା ବେପାରୀଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ବାଲିକୁଦା ଥାନା ପୋଲିସ ପକ୍ଷରୁ ୫୫, ବନ୍ଦର ମେରାଇନ ୧୧ ଓ ଅବକାରୀ ବିଭାଗ ପକ୍ଷରୁ ୧୨୧ଟି ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ସେମାନଙ୍କ ସାମଗ୍ରୀ ଜବତ କରାଯାଇଛି। କିନ୍ତୁ ସେମାନଙ୍କ ଉପରେ ଏହି କାରବାରକୁ ବନ୍ଦ କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଅଭିଯୁକ୍ତମାନେ ଉକ୍ତ କାରବାରରୁ ନିବୃତ୍ତ ରହୁନାହାନ୍ତି। ଏହାର ଉଦାହରଣ ଚଳିତ ବର୍ଷ ଦେଖିବାକୁ ମିଳିଛି। ମାତ୍ର ଦୁଇ ମାସ ଭିତରେ ବାଲିକୁଦା ଥାନାରେ ମୋଟ୍ ୬୬ଟି ମାମଲା ରୁଜୁ ହୋଇଥିବାବେଳେ ସେଥିରୁ ୧୮ଟି ଅବକାରୀ ମାମଲା ରହିଛି। ସେଗୁଡିକ ମଧ୍ୟରେ ଦରଡା, କୁଶୁପୁରୁ,

- ୨୦୨୩ରେ ୧୮୫ରୁ ଊର୍ଦ୍ଧ୍ୱ ମାମଲା ରୁଜୁ
- ୨୦୨୪ରେ ଥାନାରେ ୧୮, ଅବକାରୀ ବିଭାଗ ପକ୍ଷରୁ ୨୨ ମାମଲା

ନାଳିଓ, ତଣ୍ଡିକୂଳ, ଗଇଠିପୁର, ରାହାଣ, ଦଶବାଟିଆ, ସାହାଡା, ନାରଦିଆ, ସାମନ୍ତରାପୁର, ନହରଣା, ସିଙ୍ଗାରପୁର, ବେଗୁନିଆ, ବଘେଇପୁର, ଅଲିକଣ୍ଡା, ତିତିରା, ମରିଚପୁର ଓ ମଝିଖୋରା ଆଦି ଗାଁ ରହିଛି। ଏହାଛଡ଼ା ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ଚଳିତ ବର୍ଷ ଜାନୁୟାରୀ ଓ ଫେବୃଆରୀ ମଧ୍ୟରେ ୨୨ଟି ମାମଲା ରୁଜୁ କରାଯାଇଛି। ରାଜ୍ୟର ଉପାନ୍ତ ଅଞ୍ଚଳ ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ କନ୍ଧମାଳରୁ ଅନେକ ବସ୍ତା ଗଞ୍ଜେଇ ୪ଚକିଆ ଯାନରେ ଆସି ଉପକୂଳବର୍ତ୍ତୀ ଅଞ୍ଚଳରେ ବିକ୍ରି ହେଉଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏହି ନିଶା ବ୍ୟବସାୟ କମିବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଲିକୁଦା ଅବକାରୀ ଅଧିକାରୀ ସସ୍ମିତା ମଲ୍ଲିକ କୁହନ୍ତି, ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବେଆଇନ୍ ନିଶା କାରବାରକୁ ନେଇ ସରକାରୀ ଦଣ୍ଡବିଧାନ ବ୍ୟବସ୍ଥା କଡାକଡ଼ି ନ ଥିବାରୁ ଅପରାଧୀମାନେ ଏହି କାର୍ଯ୍ୟ ବାରମ୍ବାର କରୁଛନ୍ତି।

# ଜମ୍ମୁ-କଶ୍ମୀରର ୧୮ ଅଧିକାରୀଙ୍କ ଲାଲ ଫାର୍ମ ପରିଦର୍ଶନ




ରଘୁନାଥପୁର, ୧୬।୩ (ରାଜେନ୍ଦ୍ର ନାରାୟଣ ସିଂହ)

ନାବାର୍ଡ ସହାୟତାରେ ଜମ୍ମୁ-କଶ୍ମୀର ସମବାୟ ବିଭାଗ, ରାଜ୍ୟ ଓ କେନ୍ଦ୍ର ସମବାୟ ବ୍ୟାଙ୍କର ୧୮ଜଣ ପଦାଧିକାରୀ ଶନିବାର ରଘୁନାଥପୁର ବ୍ଲକ ରେଡୁଆସ୍ଥିତ କୃଷିଭିତ୍ତିକ ସଂସ୍ଥା ଲାଲ୍ (ଲିଭ୍ ଆଣ୍ଡ ଲେଟ୍ ଲିଭ୍)କୁ ପରିଦର୍ଶନରେ ଆସି ଫେରିଯାଇଛନ୍ତି। ଲାଲ୍ ସଂସ୍ଥାର ମୁଖ୍ୟ କ୍ଷେତ୍ରମୋହନ ବେହେରା ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସେମାନେ ଦୁଗ୍ଧ ଉତ୍ପାଦନ ପାଇଁ ଗାଈ ଓ ମଇଁଷିଙ୍କ ଲାଗି ଉଦ୍ଦିଷ୍ଟ ବିନାମାଟିରେ ଘାସଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଏହାର ପ୍ରସ୍ତୁତି ପ୍ରଣାଳୀ ଓ ଖର୍ଚ୍ଚ ବାବଦରେ ବୁଝିଥିଲେ। ଏହାଛଡା ଗୋରେଖନାଥ ବିହନ ପ୍ରକ୍ରିୟାକରଣ କେନ୍ଦ୍ରକୁ ଯାଇ ବିହନ ଉତ୍ପାଦନ କାର୍ଯ୍ୟର ପ୍ରଣାଳୀ ଯଥା ଜମି ପ୍ରସ୍ତୁତି, ବିହନ ପରୀକ୍ଷଣ, ରୁଆପୋତା, ରୋଗପୋକ ନିରାକରଣ, ଅମଳ ଓ ବଜାର ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଲାଲ ମୁଖ୍ୟ ବେହେରା ଓ ଅବସରପ୍ରାପ୍ତ କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ ସେମାନଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଲାଲ ଭେରାଇଟିର ବିଭିନ୍ନ ପ୍ରକାର ରୋଗପୋକ ସହଣୀ, ଅଳ୍ପଦିନରେ ଅଧିକ ଅମଳକ୍ଷମ ଧାନ ଉତ୍ପାଦନ ଉପରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିପାଇଁ ନାବାର୍ଡ ଓ ବିଶ୍ୱ ବ୍ୟାଙ୍କର ସହାୟତା ଏବଂ ଓୟୁଏଟି ପକ୍ଷରୁ କିଭଳି ସହଯୋଗ ଯୋଗାଇଦେଉଛି ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହାଛଡା କୃଷକ ଉତ୍ପାଦକ କମ୍ପାନୀ ଜରିଆରେ ୧୫ଟି ଜିଲାରେ ୧୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀ କିପରି ସ୍ୱାବଲମ୍ବୀ ହୋଇ ନିଜର ପରିବାର ପ୍ରତିପୋଷଣ କରିପାରୁଛନ୍ତି ସେ ସମ୍ପର୍କରେ ପ୍ରଶିକ୍ଷଣ ସମୟରେ ନିର୍ଦ୍ଦେଶିକା କାଦମ୍ବିନୀ ବେହେରା ପ୍ରକାଶ କରିଥିଲେ। ଆସିଥିବା ଅଧିକାରୀମାନେ ଫାର୍ମ ପରିସରରେ ଥିବା ବିହନ ବିଶୋଧନ ପ୍ଲାଣ୍ଟ ଓ ଅନ୍ୟାନ୍ୟ ଉପକରଣ ଦେଖି ସନ୍ତୋଷବ୍ୟକ୍ତ କରିଥିଲେ। ଓଡ଼ିଶାରେ ଆହରଣ କରିଥିବା ଜ୍ଞାନକୌଶଳକୁ ନିଜ ରାଜ୍ୟର କୃଷି ଓ ସମବାୟ କ୍ଷେତ୍ରରେ ବିନିଯୋଗ କରି ସଫଳତା ହାସଲ ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଜମ୍ମୁ କେନ୍ଦ୍ରୀୟ ସମବ୍ୟାୟ ବ୍ୟାଙ୍କ ଚିଫ୍ ମ୍ୟାନେଜର ରାଜୀବ ଗୁପ୍ତା ପ୍ରକାଶ କରିଥିଲେ। ସମବାୟ ବିଭାଗର ଜଏଣ୍ଟ ରେଜିଷ୍ଟ୍ରାର ରାକେଶ ଦୁବେ, ଡେପୁଟି ରେଜିଷ୍ଟ୍ରାର ଅବିଦା ଖାନ ଓ ତସବିନା ସେହିକ, ହେଡ୍ ଆସିଷ୍ଟାଣ୍ଟ ଜାମିନ ଅହମ୍ମଦ ନାଏକ, ସିନିୟର ମ୍ୟାନେଜର ମଞ୍ଜୁର ଅହମ୍ମଦ ଭଟ୍ଟ, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ମମତା ଶର୍ମା, ମହମ୍ମଦ ମୁକଦାସ, ଅଭିଷେକ ଶ୍ୟାମବେଲ, ମହମ୍ମଦ ରଫିକ ବାବା, ମାଷ୍ଟର ଟ୍ରେନର ଏସ୍ ପାଲ, ସୁରଜିତ ସିଂହ, ସିଦ୍ଧାର୍ଥ ଜାମ୍ୱଲ, ସାହାବାଜ ଅହମଦ ମଲ୍ଲିକ ଓ ଶେଖ ଏବି ରାଉଫ, ଅଭିଷେକ କୁମାର, ଆୟୁଷ କୁମାର ଓ ସଲେଶ ଶର୍ମା ପ୍ରମୁଖ ଦିନିକିଆ ପରିଦର୍ଶନରେ ଆସିଥିଲେ। ପୂର୍ଣ୍ଣଚନ୍ଦ୍ର ସେଠୀ, ଅଶୋକ ବାରିକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଅବନୀ ବେହେରା ଓ କୃଷ୍ଣପ୍ରିୟା ବିଶ୍ୱାଳ ଏଥିରେ ସହଯୋଗ କରିଥିଲେ।

# କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

ବାଲିକୁଦା, ୧୬।୩ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନାଗପୁରସ୍ଥିତ ମା' ଜାଗୁଳାଇଙ୍କ ପୀଠରେ ଶନିବାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବିକ୍ରମ କିଶୋର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅତିଥିଭାବେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସର୍ବେଶ୍ୱର ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ବୈରାଗୀ ଚରଣ ରାଉତ, ମହନି ଚରଣ ରାଉତ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଅଡ଼ଙ୍ଗା ସରପଞ୍ଚ ସୁବ୍ରତ ମହାନ୍ତି, ବିଭୂତି ଭୂଷଣ ସ୍ୱାଇଁ, ସମିତି ସଭ୍ୟ ନାଥ କାଣ୍ଡି, ସରପଞ୍ଚ ମୋନାଲିସା ତରାଇ, ସାଧୁ ଚରଣ ସାହୁ, ବାସୁଦେବ ସ୍ୱାଇଁ, ସ୍ମୃତିରଞ୍ଜନ ମଲ୍ଲ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନ ବାବଦରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଧିଷ୍ଠିର ପରିଡା, ଅଶୋକ ସ୍ୱାଇଁ, ଗୌରାଙ୍ଗ ସାହୁ, ଶୁଭେନ୍ଦୁ ଭୋଳ, ଦେବେନ୍ଦ୍ର ନାୟକ, ରଞ୍ଜିତ ବିଶ୍ୱାଳ, ରମେଶ ଚନ୍ଦ୍ର ପରିଡା, ଆର୍ତ୍ତବନ୍ଧୁ ବିଶ୍ୱାଳଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।




ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତୃମଣ୍ଡଳୀ।

# ନାବାଳିକାଙ୍କୁ ଅସଦାଚରଣ, ଶିକ୍ଷକ ନିଲମ୍ବିତ

ଜଗତ୍ସିଂହପୁର ୧୬।୩ (ପ୍ରମୋଦ କୁମାର ନାୟକ)

ଗତ କିଛି ଦିନ ହେବ ଏରସମା ଥାନା ଅଞ୍ଚଳର ଏକାଧିକ ନାବାଳିକା ଅସଦାଚରଣ ଶିକାର ହୋଇଛନ୍ତି। ଏନେଇ ତାପସ ଗିରି ନାମକ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ବଡ କଥା ହେଲା ସମ୍ପୃକ୍ତ ଶିକ୍ଷକ ଏଭଳି ଅମାନବୀୟ କାଣ୍ଡ କରି ଆସୁଥିଲେ ସୁଦ୍ଧା କେତେଜଣ କୁଜି ନେତା ପ୍ରସଙ୍ଗକୁ ଚାପି ଦେବା ପାଇଁ ଉଦ୍ୟମ କରିଥିଲେ। ଏହାସତ୍ତ୍ୱେ ଏହା ପ୍ରଘଟ ହୋଇଯାଇଥିଲା। ଏପରି କି ଏ ବାବଦରେ ଗାଁରେ ବୈଠକ ବସି ଆଲୋଚନା ସହ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଥିଲା। ଏହାପରେ ଶନିବାର ଶିକ୍ଷକ ଗିରିଙ୍କୁ ଏରସମା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ନିଲମ୍ବନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ଅଭିଯୋଗ ଉପରେ ପ୍ରଥମେ ଗାଁରେ ଆଲୋଚନା ହୋଇଥିଲା। ତା'ପରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଡିଇଓ ଏ ପ୍ରସଙ୍ଗରେ ଜିଲାପାଳ ପାରୁଲ ପଟାୱରିଙ୍କ ସହ ଆଲୋଚନା କରି ଏରସମା ବିଇଓଙ୍କୁ ନିଲମ୍ବନ ପାଇଁ ପରାମର୍ଶ ଦେଇଥିଲେ।

# ଅବଧି ସରିଲାଣି, କାର୍ଯ୍ୟ ସରୁନି

ନାଉଗାଁ, ୧୬।୩ (ସୁଧା ବେହୁରା)

ନାଉଗାଁ ବ୍ଲକର ନାଉଗାଁ-ଡାବର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହି ରାସ୍ତା ଅନ୍ତର୍ଭୁକ୍ତ ହୋଇଥିବାବେଳେ ବର୍ତ୍ତମାନ ବିଭାଗ ପକ୍ଷରୁ ରାସ୍ତାର ସମ୍ପ୍ରସାରଣ ଓ ପୁନଃ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସୂଚନା ଫଳକର ତଥ୍ୟ ଅନୁସାରେ, ରାସ୍ତାର ଦୈର୍ଘ୍ୟ ୯.୪୨୫ କିମି ହୋଇଥିବା ବେଳେ ଅଟକଳ ମୂଲ୍ୟ ୫୮୯.୮୬ ଲକ୍ଷ ରହିଛି। ସେହିପରି କାର୍ଯ୍ୟାରମ୍ଭର ତାରିଖ ୧୭ ଅକ୍ଟୋବର ୨୦୨୨ ରହିଥିବା ବେଳେ ସାରିବାର ତାରିଖ ୧୬ ନଭେମ୍ବର ୨୦୨୩ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ରାସ୍ତା ନିର୍ମାଣର ଅବଧି ସରିଥିବା ବେଳେ ଏପର୍ଯ୍ୟନ୍ତ ୫୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇନାହିଁ। କାର୍ଯ୍ୟ କରୁଥିବା ଠିକାଦାର ଦୀର୍ଘ ୩ ମାସ ହେବ ଗୋଠଦାଠାରୁ ଦହିପାଳ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ଖୋଳି ଦେଇ ଚାଲିଯାଇଛନ୍ତି। ଏବେ ତାଙ୍କ ଦେଖାମିଳୁନାହିଁ। ଫଳରେ ରାସ୍ତାରେ ଯାତାୟାତ କରିବାରେ ବାଧକ ସୃଷ୍ଟି ହୋଇଛି।

ଏହି ରାସ୍ତା ପାର୍ଶ୍ୱ ଦେଇ କାନୁନ୍‌ଗୋ ସାହି, ତିହୁଡା, ଗୋଠଦା, ଅରିଓଦା,



ରାସ୍ତା ଖୋଳାଯିବା ଯୋଗୁ ପୁରୁଣା ମେଟାଲ ବାହାରିଯାଇଛି।

ଦହିପାଳ, ତିରୁଣା, ମହନାପାରୀ ଡାବର ଆଦି ଗ୍ରାମ ରହିଛି। ଏତଦ୍‌ବ୍ୟତୀତ ଉକ୍ତ ରାସ୍ତାଟି ଡାବରରୁ ବାଲିକୁଦା ବ୍ଲକ ମାଛଗାଁ ଓ ଡାବର ପଞ୍ଚାୟତ ଦେଓପଡା ଦେଇ ବାଲିକୁଦାକୁ ସଂଯୋଗ କରୁଛି। ତେଣୁ ଉଭୟ ବ୍ଲକର ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏହି ରାସ୍ତାର ଦହିପାଳର ବେଲକନ୍ଦାଠାରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ବିଭିନ୍ନ ପଞ୍ଚାୟତରୁ ପିଲା ଗାଡି ଓ ସାଇକେଲ ମାଧ୍ୟମରେ ଆସିଥାନ୍ତି। ସେହିପରି ତିହୁଡା ସରସ୍ୱତୀ ଶିଶୁ ମନ୍ଦିର, ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟ, ତହସିଲ, ବ୍ଲକ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ରାସ୍ତା ଦେଇ ସାଧାରଣତଃ ଯାତାୟାତ ହୋଇଥାଏ। ମାତ୍ର ରାସ୍ତା ଖୋଳିଦେବା ଦ୍ୱାରା ଏଥିରେ ବ୍ୟବହୃତ ହୋଇଥିବା ପୁରୁଣା ମେଟାଲ ସବୁ ବାହାରିଯାଉଛି। ଫଳରେ ବାଇକ, ସାଇକେଲ ଓ ପାଦଚଲା ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାସତ୍ତ୍ୱେ ବିଭାଗ ପକ୍ଷରୁ ଠିକା ସଂସ୍ଥା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଉକ୍ତ ରାସ୍ତା ନୁହେଁ ବ୍ଲକ ଛକଠାରୁ ତିହୁଡା, ନରଣପୁର-ଚକୁଳିପଡା, ଦେଓପଡା-ଶିଖର ରାସ୍ତା ଅନୁରୂପ ଭାବେ କାର୍ଯ୍ୟ କରାଯାଇ

**ନାଉଗାଁ-ଡାବର ରାସ୍ତା**

- ୩ ମାସ ହେବ ରାସ୍ତା ଖୋଳାଯାଇଛି
- ଠିକାଦାରଙ୍କ ଦେଖାମିଳୁନି
- ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଜନସାଧାରଣ

ଅଧାପନ୍ତରିଆ ହୋଇ ପଡ଼ିରହିଛି। ରାସ୍ତା ଖୋଳା ଯିବାଦ୍ୱାରା କେବଳ ଗୋଡ଼ି ଉଠିଛି ତାହା ନୁହେଁ, ଧୂଳି ଉଡି ରାସ୍ତା ପାର୍ଶ୍ୱରେ ଥିବା ଘରଗୁଡ଼ିକରେ ଭର୍ତ୍ତି ହୋଇଯାଉଛି। ଏନେଇ ତୁରନ୍ତ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ, ରାସ୍ତା କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଠିକାଦାରଙ୍କୁ ଚିଠି କରାଯାଇଛି। ଚିଠି ଯିବାପରେ ବି ସେ କାର୍ଯ୍ୟ କରୁନାହାନ୍ତି। ଏନେଇ ପୁନର୍ବାର ଆଉ ଏକ ଚିଠି କରାଯିବ। ଯଦି ଏକ ସପ୍ତାହ ମଧ୍ୟରେ କାର୍ଯ୍ୟ କରା ନ ଯାଏ ତେବେ ବିଭାଗ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।

# ନାମ ସଂକୀର୍ତ୍ତନ ଭାଇଚାରାର ବାର୍ତ୍ତା ବହନକରେ

ବାଲିକୁଦା, ୧୬।୩ (ତାପସ ସ୍ୱାଇଁ)

ନାମ ଯଜ୍ଞ ସଂସ୍କାର ସମିତି ବାଲିକୁଦା ସଂକୀର୍ତ୍ତନ ମହାମଣ୍ଡଳ ପକ୍ଷରୁ ୩୪ତମ ବାର୍ଷିକ ସମ୍ମିଳନୀ ବରମୁଣ୍ଡଳୀ ପଞ୍ଚାୟତ ତାଳଗାଁସ୍ଥିତ କେଳି ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଠ ବାବାଜୀ ସିଦ୍ଧେଶ୍ୱର ଦାସ ମହାରାଜଙ୍କ ସଭପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୮ଟି ମଠର ମଠାଧୀଶଙ୍କ ସମେତ ବାଲିକୁଦା ବ୍ଲକର ୨୦୦ ମଣ୍ଡଳୀ, ଏରସମା ବ୍ଲକର ୧୦, ତିର୍ତ୍ତୋଲ ବ୍ଲକର ୩୦, ନାଉଗାଁ ୧୦ ମଣ୍ଡଳୀର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କଳାକାର ଓ ବହୁ ସାଧୁ ସନ୍ଥ ଯୋଗଦେଇଥିଲେ ଅନୁଷ୍ଠାନର ସଭାପତି ମାଧବାନନ୍ଦ ଜେନା, ଉପସଭାପତି ବସନ୍ତ ପରିଡା, ସହ ସମ୍ପାଦକ ପବିତ୍ର ମୋହନ ସାହୁ,



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ସାଧୁସନ୍ଥ ଓ ମହିଳାମାନେ।

**ନାମଯଜ୍ଞ ସଂସ୍କାର ସମିତିର ବାର୍ଷିକ ଉତ୍ସବ**

ସଙ୍ଗଠନ ସମ୍ପାଦକ ବିଚିତ୍ରା ନନ୍ଦ ସ୍ୱାଇଁ, ସର୍ବେଶ୍ୱର ମହାରଣା, ମାନସ ଆଚାର୍ଯ୍ୟ, ସରୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଭାପତି ବାବାଜୀ ଦାସ ମହାରାଜ କହିଥିଲେ, ନାମ ସଂକୀର୍ତ୍ତନ ଦ୍ୱାରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ଏହା ଭାଇ ଚାରାର ବାର୍ତ୍ତା ବହନ କରିଥାଏ। ଏହି ଅବସରରେ ପ୍ରତ୍ୟେକ ପଞ୍ଚାୟତର ଦୁଇ ବରିଷ୍ଠ ମଣ୍ଡଳ ସଦସ୍ୟଙ୍କୁ ସାଧୁସନ୍ଥ ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବସନ୍ତ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ନିଖୋଜ ହେବାର ୧୦ଦିନ ପରେ ଜଙ୍ଗଲରୁ ମୃତଦେହ ଜବତ

ଖଣ୍ଡପଡ଼ା,୧୬।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଗ୍ରାମର ମାନସିକ ବିକୃତ ବ୍ୟକ୍ତି ଲକ୍ଷ୍ମୀଧର ସାହୁ ୧୦ ଦିନ ହେଲା ନିଖୋଜ ଥିଲେ। ପରିବାରବର୍ଗ ଓ ଗ୍ରାମବାସୀ ବିଭିନ୍ନସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ କୌଣସି ସନ୍ଧାନ ମିଳି ନ ଥିଲା। ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଶନିବାର ସକାଳେ ଜଙ୍ଗଲରେ ଠାବ କରାଯିବା ପରେ ପରିବାରବର୍ଗ ପହଞ୍ଚି ଚିହ୍ନଟ କରିଥିବା ଜଣାପଡ଼ିଛି। ଖଣ୍ଡପଡ଼ା ବ୍ଲକ ଅଧୀନ ଦତପୋଖରୀ ଗ୍ରାମ ବାଗିହାମଡ଼ା ସଂରକ୍ଷିତ ଜଙ୍ଗଲ ମଧ୍ୟସ୍ଥ ଏକ ଗଛରେ ଲକ୍ଷ୍ମୀଧରଙ୍କ ମୃତଦେହ ଝୁଲୁଥିବା ନେଇ ଜାଳେଣୀ କାଠ ସଂଗ୍ରହ କରିବାକୁ ଯାଇଥିବା କେତେଜଣ ବ୍ୟକ୍ତିଙ୍କ ନଜରକୁ ଆସିବା ପରେ ଖବରପାଇ ଚାଉପଲ୍ଲୀ ଗ୍ରାମବାସୀ ପହଞ୍ଚିଥିଲେ। ଖଣ୍ଡପଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ସହ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

# ୭ ବର୍ଷ ହେଲା ସୂଚନା ଫଳକରେ ଅଟକିଛି

### ଶ୍ରୀନୀଳମାଧବ ଜୀଉଙ୍କ ଭୋଗ ମଣ୍ଡପ ନିର୍ମାଣ

ଖଣ୍ଡପଡ଼ା,୧୬।୩ (ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ତଥା ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋର ଶ୍ରୀନୀଳମାଧବ ମନ୍ଦିର ପରିସରରେ ଏକ ନୂତନ ଭୋଗ ମଣ୍ଡପ ନିର୍ମାଣ ନିମନ୍ତେ ୭ ବର୍ଷ ପୂର୍ବରୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମାତ୍ର ଦୀର୍ଘବର୍ଷ ପରେ ବି ଉକ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ଖାଲି ସୂଚନାଫଳକରେ ନିର୍ମାଣ କାର୍ଯ୍ୟ ଅଟକି ରହିଥିବା ନେଇ ସାଧାରଣରେ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୨୦୧୬ ଡିସେମ୍ବର ୧୩ରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୦ତମ ଜୟନ୍ତୀ ପାଳନ ଅବସରରେ କଣ୍ଟିଲୋ ଐତିହାସିକ ପଲଟନ ପଡିଆଠାରେ ଆୟୋଜିତ ବିକାଶ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ୧୦ଟି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିମଧ୍ୟରୁ ନୀଳମାଧବ ଜୀଉଙ୍କ ନୂତନ ଭୋଗମଣ୍ଡପ ନିର୍ମାଣ ପ୍ରକଳ୍ପ ଅନ୍ୟତମ। ମନ୍ଦିରର ଦକ୍ଷିଣପାର୍ଶ୍ୱରେ ଉକ୍ତ କାର୍ଯ୍ୟ ସମ୍ପାଦନ ହେବା ପାଇଁ ତତ୍କାଳୀନ ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁଙ୍କ ଦ୍ୱାରା ସ୍ଥାନ ନିର୍ଦ୍ଧାରଣ କରାଯାଇଥିଲା। ତେବେ ଇତିମଧ୍ୟରେ ପ୍ରାୟ ୭ ବର୍ଷ ଅତିବାହିତ ହୋଇଗଲାଣି।




ଏପର୍ଯ୍ୟନ୍ତ ଏ ଦିଗରେ କୌଣସି କାର୍ଯ୍ୟ ଆଗେଇ ନ ଥିବା ବେଳେ ସୂଚନାଫଳକରେ କେବଳ ଅଟକି ରହିଛି ଭୋଗ ମଣ୍ଡପ ନିର୍ମାଣ କାର୍ଯ୍ୟ। ମନ୍ଦିର ପରିସରରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କ ପ୍ରସାଦ ସେବନ ନିମନ୍ତେ ବିଭିନ୍ନ ସମସ୍ୟା ଉପୁଜୁଥିବାରୁ ଉକ୍ତ ପ୍ରକଳ୍ପ ନିର୍ମାଣର ଆବଶ୍ୟକତା ରହିଛି। ମାତ୍ର ଉକ୍ତ ଅନୁଦାନ ଅର୍ଥ ଏବେ ବ୍ଲକରେ ଗଚ୍ଛିତ ଅଛି ନା ଅନ୍ୟ କୌଣସି କାର୍ଯ୍ୟରେ ବିନିଯୋଗ ହୋଇସାରିଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପ୍ରତି ରାଜ୍ୟ ସରକାରଙ୍କ ଦ୍ୱାରା ୧୦୦ କୋଟି ଟଙ୍କା ଅନୁଦାନ ରାଶି ମଞ୍ଜୁର ହୋଇ ନୀଳମାଧବ ବିକାଶ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏହି ପ୍ରକଳ୍ପ ମଧ୍ୟରେ ଏକ 'ଆନନ୍ଦ ବଜାର' ନିର୍ମାଣ କରାଯିବାର ପ୍ରସ୍ତାବ ରହିଥିବା ବିକାଶ ପ୍ରକଳ୍ପ ଦାୟିତ୍ୱରେ ଥିବା ସୁପରଭାଇଜର ଇଂ. ପ୍ରସନ୍ନ କୁମାର ବଳବନ୍ତରାୟଙ୍କଠାରୁ ପ୍ରକାଶ। ତେବେ ଏ ଦିଗରେ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜାତୀୟସ୍ତରୀୟ ପ୍ରଶିକ୍ଷଣ ଶିବିର: ନୟାଗଡ଼ରୁ ୨ ଶିକ୍ଷକ



ଜାତୀୟ ପ୍ରଶିକ୍ଷଣ ଶିବିରରେ ନୟାଗଡ଼ରୁ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

ନୟାଗଡ଼,୧୬।୩ (ଲୋକନାଥ ମିଶ୍ର)

ମଧ୍ୟପ୍ରଦେଶ ରାଜଧାନୀ ଭୋପାଳସ୍ଥିତ ପଣ୍ଡିତ ସୁନ୍ଦରଲାଲ ଶର୍ମା ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭୋକେସନାଲ୍ ଏଜୁକେଶନ୍ ଦ୍ୱାରା ଜାତୀୟ ସ୍ତରରେ ୫ ଦିନ ଧରି ଚାଲିଥିବା କାପାସିଟି ବିଲ୍ଡିଂ ଅଫ ଟିଚର୍ସ ଫର୍ ଭୋକେସନାଲାଇଜେନ୍ ଅଫ୍ ଏଜୁକେଶନ୍ ଟ୍ରେନିଂରେ ନୟାଗଡ଼ ଜିଲାରୁ ୨ ଜଣ ଶିକ୍ଷକ ମାଷ୍ଟର ଟ୍ରେନର ଯୋଗ ଦେଇଛନ୍ତି। ଦୁଇ ଶିକ୍ଷକ ହେଲେ ନୟାଗଡ଼ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହରେକୃଷ୍ଣପୁରର ଶିକ୍ଷୟିତ୍ରୀ କାଦମ୍ବିନୀ ମହାପାତ୍ର ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ୟାମଘନପୁରର ସହକାରୀ ଶିକ୍ଷକ ରବିନ୍ଦ୍ର କୁମାର ପ୍ରଧାନ। ଓଡ଼ିଶାର ବିଭିନ୍ନ ଜିଲାର ୪୭ଜଣ ଶିକ୍ଷୟିତ୍ରୀଶିକ୍ଷକ ଏଠାକୁ ଆସିଥିଲେ। ଶିବିରରେ ଅନୁଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଦୀପକ ପାଲିଆଲ, ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଏ.କେ. ନାୟକ, ହୋଟେଲ ତାଜର ପୂର୍ବତନ ଉପସଭାପତି ବିପିନ ଜୈନ ପ୍ରମୁଖ ଯୋଗଦାନ କରି ପ୍ରଶିକ୍ଷାର୍ଥୀମାନଙ୍କୁ ଟ୍ରେନିଂ ପ୍ରଦାନ କରିଥିଲେ।

## ୨ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

### ଗଞ୍ଜେଇ ଚାଲାଣ ମାମଲା

ବ୍ରହ୍ମପୁର,୧୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍-୩ ରାଜ କୁମାର ଦାଶ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଚୂଡାନ୍ତ ରାୟ ଶନିବାର ପ୍ରକାଶ କରିଛନ୍ତି। ପ୍ରମାଣ ମିଳିଥିବାରୁ ସେ ୨ ଅଭିଯୁକ୍ତ ଉତ୍ତରପ୍ରଦେଶ ବରେଲିର ରାମ ଦାଶ(୩୫) ଓ ଭୁପେନ୍ଦର ସିଂ(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୧୦ ବର୍ଷ ଜେଲଦଣ୍ଡ ଓ ପ୍ରତ୍ୟେକ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ଗଞ୍ଜେଇ ଚାଲାଣ ସମ୍ପର୍କରେ ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ୨୦୨୨ ମାର୍ଚ୍ଚ ୧୧ ତାରିଖ ସକାଳେ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏକ ଟିମ ବ୍ରହ୍ମପୁର ଫାଷ୍ଟଗେଟ ନିକଟରେ ଯାନବାହନ ଯାଞ୍ଚ କରୁଥିଲା। ବ୍ରହ୍ମପୁର ସହର ଭିତରକୁ ଆସୁଥିବା ଏକ ଟ୍ରକକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖାଯାଇଥିଲା। ପୋଲିସ ଉକ୍ତ ୪୦୦ କେଜି ଗଞ୍ଜେଇ ଜବତ କରିବା ସହ ଓ ଟ୍ରକରେ ଥିବା ୨ ଚାଲାଣକାରୀ ରାମ ଓ ଭୁପେନ୍ଦରଙ୍କୁ ଗିରଫ କରିଥିଲା। ସେମାନେ ଗଜପତି ଜିଲାରୁ ଗଞ୍ଜେଇ ଆଣି ଉତ୍ତରପ୍ରଦେଶ ଚାଲାଣ କରିଥାନ୍ତେ ବୋଲି ଜଣାପଡ଼ିଥିଲା। ଏହି ମାମଲାର ବିଚାର ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଗିରଫ ଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନିଲ ସାହୁ ଓ ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡୁ ମକଦ୍ଦମା ପରିଚାଳନା କରିଥିଲେ।

## ଆଦର୍ଶ ଆଚରଣ ବିଧି ଲାଗୁ ପରେ ବି ଫାଇଲ ଚାଷ

### ଉନ୍ନୟନମୂଳକ କାର୍ଯ୍ୟ ରେଜିଷ୍ଟାର ଜବତ ପାଇଁ କଂଗ୍ରେସର ଫେରାଦ

ନୟାଗଡ଼,୧୬।୩(ଲୋକନାଥ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ପାଇଁ ଶନିବାର ବିଗୁଲ ବାଜିଛି। ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଆଦର୍ଶ ଆଚରଣ ବିଧି ଲାଗୁ ପରେ ବି ନୟାଗଡ଼ ଜିଲାର ସରକାରୀ କାର୍ଯ୍ୟାଳୟରେ ଫାଇଲ ଚାଷ ଶେଷ ହେଉନି। ଜିଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି, ଏନ୍‌ଏସି ସମେତ ବିଭିନ୍ନ ଯାନ୍ତ୍ରିକ ଲାଇନ ବିଭାଗ ଯଥା ପୂର୍ତ୍ତ, ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଡ୍ରେନେଜ ଇତ୍ୟାଦି ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ଉନ୍ନୟନମୂଳକ କାର୍ଯ୍ୟ ସଂକ୍ରାନ୍ତୀୟ ରେଜିଷ୍ଟାର ଯଥା ଇସ୍ୟୁ, ଡେସପାଚ, କାର୍ଯ୍ୟାଦେଶ, ଏଗ୍ରିମେଣ୍ଟ ନଥିପତ୍ରରେ ପିଛିଲା ତାରିଖ ପକାଇ କାମ ଚାଲିଛି। ଏଣୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ ଇସ୍ୟୁ, ଡେସପାଚ, କାର୍ଯ୍ୟାଦେଶ, ଏଗ୍ରିମେଣ୍ଟ ନଥିପତ୍ରରେ ଜବତ କରିବାକୁ ଦେଶର ମୁଖ୍ୟ ନିର୍ବାଚନ କମିଶନ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ନୟାଗଡ଼ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ପତ୍ର ଲେଖି ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ଜଣାଇଛନ୍ତି। ସରକାରୀ କାର୍ଯ୍ୟାଳୟରୁ ନଥିପତ୍ର ଜିଲାପାଳ ଶନିବାର ଜବତ ନ କଲେ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରିତା ତଥା ସ୍ୱଚ୍ଛତା ଭିତ୍ତିରେ ନିର୍ବାଚନ ପରିଚାଳନା ନେଇ ସନ୍ଦେହ ସମ୍ଭାବନାକୁ ଅସ୍ୱୀକାର କରାଯାଇପାରିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ ପତ୍ରରେ ଉଲ୍ଲେଖ କରାଯାଇଛି।


ଖଣ୍ଡପଡ଼ାରେ ଶ୍ରୀରାମ ଚରିତ ମାନସ ଲାଗି ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ମହିଳାପୁରୁଷମାନେ।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ

ଖଣ୍ଡପଡ଼ା,୧୬।୩ (ଅଜୟ କୁମାର ମହାରଣା)

ବିଶ୍ୱର କଲ୍ୟାଣ ଆଧ୍ୟାତ୍ମିକ ଚେତନାର ବିକାଶ କଳ୍ପେ ଶନିବାରଠାରୁ ୯ଦିନ ବ୍ୟାପୀ ଷୋଡ଼ଶ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଖଣ୍ଡପଡ଼ା ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଖଣ୍ଡପଡ଼ା ପଶ୍ଚିମ ମୁଖା ମହାବୀର ପୀଠ(ମୁକ୍ତିତୀର୍ଥ)ରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ଶନିବାର ପୂର୍ବାହ୍ନରେ ମହିଳା ପୁରୁଷମାନେ ଏକ କଳସ ଶୋଭାଯାତ୍ରାରେ ଆସି ଥାନା ନିକଟ ବଡ ପୋଖରୀ ଘାଟରୁ ପାଣି ଉଠାଇ ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ପରେ ଅଧିବାସ ଓ ଘଟ ସ୍ଥାପନ କାର୍ଯ୍ୟକ୍ରମ ବ୍ୟାସ ଦୁର୍ଗା ମାଧମ ଦାସ, କର୍ତ୍ତା କିଶୋର ଚନ୍ଦ୍ର ଦାଶ ଓ ସତ୍ୟଭାମା ଦାଶଙ୍କ ଦ୍ୱାରା ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ରବିବାରଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଦିନରେ ଶ୍ରୀରାମ ଚରିତ ମାନସକୁ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରବଚନ କାର୍ଯ୍ୟକ୍ରମରେ ବିଭିନ୍ନ ଦିବସରେ ବକ୍ତା ଭାବେ ପଣ୍ଡୁସରର ପ୍ରଦୀପ୍ତ କୁମାର ବାହିନୀପତି, ପଣ୍ଡିତ ମନୋଜ କୁମାର ଦାଶ ଓ ରାଣୀଛେଲ୍ଲୀ ଗ୍ରାମର ସୁଦାମ ଚରଣ ଦାଶ ପ୍ରମୁଖ ଯୋଗଦେଇ ପ୍ରବଚନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଥିବା ଅନୁଷ୍ଠାନର ସଭାପତି କାଶୀନାଥ ଦାସ ଓ ସମ୍ପାଦକ ବିଜୟ କୁମାର ରାଉତ କହିଛନ୍ତି।

## ରେଳଧାରଣାରୁ ବ୍ୟବସାୟୀଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୬।୩ (ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି) ଶନିବାର ସକାଳେ ଗୁଡ୍ସସେଡ଼ ରୋଡ ଦେଇ ଯାଇଥିବା ରେଳଧାରଣରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ଜଣଙ୍କ ବଡବଜାର ଥାନା ଅନ୍ତର୍ଗତ ହର୍ଷ ବିହାରରେ ରହୁଥିବା ଶ୍ୟାମଲାଲ ସାହୁ(୫୨)। ସେ ଜଣେ ବ୍ୟବସାୟୀ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। କୌଣସି ଏକ ଘରୋଇ ଅଶାନ୍ତିରୁ ସେ ଇଷ୍ଟକୋଷ୍ଟ ଏକ୍ସପ୍ରେସ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଶ୍ୟାମଲାଲ ନିଜ ପରିବାର ସହ ବ୍ରହ୍ମପୁରରେ ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତ୍ରରୁ ସେ ଘରୁ ଚାଲିଯାଇ ଆଉ ଫେରି ନଥିଲେ। ପୋଲିସ ନଂ.୨୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସର୍ଭେୟରଙ୍କୁ ନିୟମିତ କରିବାକୁ ଦାବି

ଦଶପଲ୍ଲା,୧୬।୩(ପ୍ରକାଶ କୁମାର ପାଣି)

ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ଦିଆଯାଇଥିବା ୨୪୦ ଜଣ ସର୍ଭେୟର କର୍ମଚାରୀମାନେ ବିଭିନ୍ନ ସମସ୍ୟା ଭିତରେ ଗତି କରୁଥିବା ଅଭିଯୋଗ ହୋଇଛି। ୨୪୦ ଜଣ ଯୁବକ ରାଜ୍ୟ ସରକାରଙ୍କ ଏକ ସଂସ୍ଥାରେ ତାଲିମ୍ ପାଇ ପରେ ପ୍ରତ୍ୟେକ ଜିଲାର ଜିଲାପାଳଙ୍କ ନିର୍ଦ୍ଦେଶ ପାଇ ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ଜାଗାବାଡ଼ି ମାପ କରିବା ପାଇଁ କାର୍ଯ୍ୟରତ ଅଛନ୍ତି। ହେଲେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ପାଲଟିଥିବା ଜଣାଯାଇଛି। ସେମାନେ କାର୍ଯ୍ୟରତ ଥିଲେ ସୁଦ୍ଧା ଉପସ୍ଥାନ ଖାତାରେ ସେମାନଙ୍କର କୌଣସି ପ୍ରମାଣ ରହୁନାହିଁ। କାର୍ଯ୍ୟାଳୟରେ ବସିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯେ କେହି ସ୍ଥାନକୁ ଜାଗାବାଡ଼ି ମାପଚୁପ କରିବାକୁ ଗଲେ ଯଦି କିଛି ଅଘଟଣ ଘଟିବ ସେଥିପାଇଁ ସୁରକ୍ଷା ବ୍ୟବସ୍ଥା ନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜମି ଚିହ୍ନଟ କାମରେ ଗଲେ କିଛି ଅଘଟଣ ଘଟିଲେ ସେଥିପାଇଁ କିଏ ଦାୟୀ ରହିବ ବୋଲି ସରକାରଙ୍କୁ ପ୍ରଶ୍ନ କରିଛି ସର୍ଭେୟର ସଂଘ। ବର୍ଷାଦିନେ ୪ରୁ ୫ଟି ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ହେଉଥିବା ବେଳେ ସରକାରଙ୍କ ନିୟମ ଅନୁସାରେ ଯେଉଁ ହିତାଧିକାରୀଙ୍କ ଜାଗା ଚିହ୍ନଟ କରାଯିବ ସେ ୮୦୦ ଟଙ୍କା ଜମା କରିବେ। ସେହି ଟଙ୍କାରୁ ସରକାରଙ୍କ ଖାତାକୁ ୧୦୦ ଟଙ୍କା ଓ ସର୍ଭେୟର କର୍ମଚାରୀଙ୍କୁ ୭୦୦ଟଙ୍କା ମିଳୁଛି। ପ୍ରତି ମାସରେ ୫ ହଜାରରୁ ୭ ହଜାର ଟଙ୍କା ମିଳୁଥିବା ବେଳେ ପରିବାର ପ୍ରତିପୋଷଣ କଷ୍ଟକର ହୋଇପଡୁଛି। ସ୍ୱଳ୍ପ ପାରିଶ୍ରମିକରେ କଠିନ ପରିଶ୍ରମ କରୁଥିବା ସର୍ଭେୟର କର୍ମଚାରୀମାନଙ୍କ ନିଯୁକ୍ତିକୁ ନିୟମିତ କରିବା ଓ ଯେକୌଣସି ପଦବୀରେ ଅବସ୍ଥାପିତ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସରକାର ସର୍ଭେୟର କର୍ମଚାରୀମାନଙ୍କ ସମସ୍ୟା ସହୃଦୟତାର ସହ ବିଚାର କଲେ ସର୍ଭେୟର ଓ ସେମାନଙ୍କ ପରିବାର ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ କରିବା ସହ ଅନୁରୋଧ ଜଣାଇଛନ୍ତି।

## ଉପଦେଷ୍ଟା ପଦରୁ ରାମ ପଣ୍ଡାଙ୍କ ଇସ୍ତଫା

ବ୍ରହ୍ମପୁର,୧୬।୩(ନରସିଂହ ସାହୁ)

ବିଜେଡି ନେତା, ପୂର୍ବତନ ଉପବାଚସ୍ପତି ତଥା ବର୍ତ୍ତମାନର କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉପଦେଷ୍ଟା ରାମ ଚନ୍ଦ୍ର ପଣ୍ଡା ଶନିବାର ପଦରୁ ଇସ୍ତଫା ଦେଇଛନ୍ତି। ଏକ ପ୍ରେସ୍ ବିବୃତିରେ ସେ ଦର୍ଶାଇଛନ୍ତି ୨୦୨୪ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ନୈତିକତା ଦୃଷ୍ଟିରୁ ପଦ ଛାଡ଼ିଛନ୍ତି ଓ ସରକାରୀ ସୁବିଧା ମଧ୍ୟ ଫେରାଇ ଦେଇଛନ୍ତି।

ସୂଚନାଯୋଗ୍ୟ, ରାମ ଚନ୍ଦ୍ର ପଣ୍ଡା ବିଜେଡିରେ ମିଶିବା ପରେ ପ୍ରଥମେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ହୋଇଥିଲେ। ପରେ ରାଜ୍ୟ କୃଷି ବିପଣନ ନିଗମର ଉପଦେଷ୍ଟା ପଦ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପାଇଁ ଘୋଷଣା ହେବା ମାତ୍ରେ ସେ ଯୋଜନା ବୋର୍ଡରୁ ଇସ୍ତଫା ଦେଇ ନୈତିକତା ସୃଷ୍ଟି କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ତାଙ୍କୁ ବିଶ୍ୱାସକୁ ନେଇ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅବସ୍ଥାପିତ କରିଥିଲେ। ତେଣୁ ସେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି।

## ବାପୁଜୀ ଆଶ୍ରମରେ ଏଆଇସିସି ସମ୍ପାଦକ

ବ୍ରହ୍ମପୁର,୧୬।୩ (ନରସିଂହ ସାହୁ)

ଗଞ୍ଜାମ ଜିଲା କଂଗ୍ରେସ (ପୂର୍ବ) କମିଟିର ଏକ ବୈଠକ ଶନିବାର ବାପୁଜୀ ଆଶ୍ରମରେ ହୋଇଯାଇଛି। ବୈଠକରେ ଏଆଇସିସି ସମ୍ପାଦକ ତଥା ଓଡ଼ିଶା ସହ ପ୍ରଭାରୀ ମହମ୍ମଦ ଶାହନୱାଜ୍ ଚୌଧୁରୀ ଯୋଗ ଦେଇଥିଲେ। ଦଳର ସଙ୍ଗଠନକୁ ମଜଭୁତ କରି ମଇଦାନରେ ସଫଳତା ଆଣିବାକୁ ସେ ଗୁରୁତ୍ୱ ଦେଇଥିଲେ। ପିସିସି ପକ୍ଷରୁ ପ୍ରକାଶିତ ସଂକଳ୍ପ ପତ୍ର ବା ରାଜ୍ୟବାସୀଙ୍କ ଲାଗି ୧୦ ଗ୍ୟାରେଣ୍ଟି ସମ୍ପର୍କରେ ଭୋଟରଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସଭାପତି ଦୀପକ ପଟ୍ଟନାୟକ, ଉପସଭାପତି ବୃନ୍ଦାବନ ଖଟାଇ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସନ୍ଧ୍ୟା ଯାଏଁ ଚଳଚଞ୍ଚଳ ଉଦୟନାଥ ପୀଠ

ଶେରଗଡ,୧୬।୩ (ସୂର୍ଯ୍ୟନାରାୟଣ ଦାଶ)



ଗଞ୍ଜାମ ଜିଲା ଶେରଗଡ଼ ବ୍ଲକର କରଡ଼ାକଣା ପଞ୍ଚାୟତରେ ରହିଛି ଦର୍ଶନୀୟ ବାବା ଉଦୟନାଥଙ୍କ ପୀଠ। ଗୋପାଳ ପାହାଡ଼ ପାଦଦେଶରେ ଅବସ୍ଥିତ ଏହି ପୀଠ। ପାହାଡର ପାଦଦେଶରେ ଥିଲା ଏକ ବଡ ଚାଞ୍ଚଡା ପଥର। ବଡ ଚାଞ୍ଚଡାପଥର ରାଜାଙ୍କ ପରିବାର ରହୁଥିବା ହେତୁ ତା'ର ନାମ ହୋଇଥିଲା ଗଡପଡିଆ ବା ବାବା ଉଦୟନାଥ ପୀଠ। ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ପୀଠ ଚଳଚଞ୍ଚଳ। ଏହାର କାରଣ ହେଉଛି ବନରାଜି ଶୋଭା। ୪୦ ଫୁଟର ବୃଷଭ ଓ ୪୫ ଫୁଟର ବୀର ହନୁମାନଙ୍କ ମୂର୍ତ୍ତି ଏହି ପୀଠରେ ଶୋଭାପାଉଛି। ବାବା ଉଦୟନାଥ ପୀଠ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ଆସୁଥିବା ବେଳେ ଏଠାରେ ଥିବା ପାର୍କରେ ମଜା ମଧ୍ୟ ନିଅନ୍ତି।

ଉଦୟନାଥ ପୀଠରେ ରହିଛି ବୁଲାବୁଲି ପାଇଁ ପାର୍କ, ଶିଶୁମାନେ ଖେଳିବା ପାଇଁ ପ୍ରମୋଦ ଉଦ୍ୟାନ। ଏଣୁ ପ୍ରତି ସମୟରେ ପର୍ଯ୍ୟଟକମାନଙ୍କ ଭିଡ଼ ଜମିଥାଏ। ଯାତାୟାତ ସୁବିଧା ଥିବା ଯୋଗୁଁ ବଢିଛି ଜାଗର ଯାତ୍ରାର ଲୋକପ୍ରିୟତା ବଢ଼ିଛି। ଉଦୟନାଥ ହେଉଛନ୍ତି ସ୍ୱୟମ୍ଭୁ ଅର୍ଥାତ୍ ନିଜେ ଫୁଟି ଉଠିଛନ୍ତି। କୁହାଯାଏ ଉଦୟନାଥଙ୍କୁ ଡାକିଲେ ସେ ଜବାବ ଦିଅନ୍ତି। ଏ ସଂପର୍କରେ ବର୍ଷିୟାନ ନେତା ଦୁର୍ଗାମାଧବ ପାଣିଗ୍ରାହୀ କହନ୍ତି, ମୁଁ ଜାଣିବା ଦିନଠାରୁ ବାବା ଉଦୟନାଥଙ୍କୁ ଭରସା କରିଆସିଛି। ସେ କାହାକୁ ଖାଲି ହାତରେ ଫେରାନ୍ତି ନାହିଁ। ଏଣୁ ଏହି ପୀଠ ଦକ୍ଷିଣ ଓଡିଶାର ପ୍ରମୁଖ ଶୈବପୀଠ ମଧ୍ୟରେ ଅନ୍ୟତମ। ପୁରୋହିତ ତଥା କର୍ମକାଣ୍ଡ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର କହନ୍ତି ଯେ ଉଦୟନାଥ ପୀଠରେ ଥରେ ରୁଦ୍ର ଅଭିଷେକ କରିଦେଲେ ଉଦୟନାଥ କୃପା ବୃଷ୍ଟି କରନ୍ତି। ଏବଂ କର୍ତ୍ତାର ଅଶେଷ ମଙ୍ଗଳ ହୁଏ। ବିଡିଓ ଶିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ କହନ୍ତି ଯେ ଉଦୟନାଥ ଏକ ପ୍ରମୁଖ ଶୈବପୀଠ। ଶେରଗଡ ସମେତ ବହୁ ଅଂଚଳର ଶ୍ରଦ୍ଧାଳୁମାନେ ଏହି ପୀଠ ଦର୍ଶନ କରିବାକୁ ଆସନ୍ତି। ଏଣୁ ଏହି ପୀଠକୁ ପ୍ରତ୍ନତାତ୍ତ୍ୱିକ ବିଭାଗ ହାତକୁ ନେଇ ବିକାଶ ଦିଗରେ ସହାୟ ହେବାର ଆବଶ୍ୟକତା ରହିଛି।

## ଶ୍ରୀନୀଳମାଧବ କ୍ଷେତ୍ରରେ ମହାବାରିଣୀ ବୁଡ଼ ପାଇଁ ନିଷ୍ପତ୍ତି ଚୂଡ଼ାନ୍ତ

ଖଣ୍ଡପଡ଼ା,୧୬।୩ (ଅଜୟ କୁମାର ମହାରଣା)

ଶ୍ରୀନୀଳମାଧବ ପୀଠ କଣ୍ଟିଲୋସ୍ଥିତ ମହାନଦୀ, କମେଇ ଓ କୁସୁମି ନଦୀର ମିଳନ ସ୍ଥଳ କମେଇ ନଦୀର ମୁହାଣ ଚିତ୍ରୋତ୍ପଳା ଘାଟ ନିକଟରେ ଏପ୍ରିଲ ୬ରେ ମହାବାରୁଣୀ ବୁଡ଼ ସଂଯୋଗ ହେଉଥିବାରୁ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ବିଭାଗ, ନୀଳମାଧବ ପୂଜକ ସମାଜ ଓ କଣ୍ଟିଲୋ ଅଞ୍ଚଳବାସୀ ସକ୍ରିୟ ହୋଇପଡିଛନ୍ତି। ଏ ନେଇ ଶନିବାର ଅପରାହ୍ନ ୫ଟାରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତର କାର୍ଯ୍ୟନିର୍ବାହୀ ଅଧିକାରୀ ଧୋବେଇ ନାଏକଙ୍କ ଅଧ୍ୟକ୍ଷତାରେ ନୀଳମାଧବ ଜୀଉଙ୍କ ଭୋଗ ମଣ୍ଡପରେ ବୈଠକ ଅନୁଷ୍ଠିତ ହୋଇ ଏ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା ପରେ ନୀଳମାଧବ ଜୀଉଙ୍କ ଜ୍ୟୋତିଷ ସନ୍ତୋଷ କୁମାର ଶିରୋମଣି ପାଞ୍ଜି ଅନୁସାରେ ଏପ୍ରିଲ ୬ ତାରିଖରେ କଣ୍ଟିଲୋଠାରେ ମହାବାରୁଣୀ ବୁଡ ସଂଯୋଗ ରହିଥିବା ତଥ୍ୟ ଉପସ୍ଥାପନ କରିଥିଲେ। ଏହାଛଡା


ବୈଠକରେ ମହାବାରୁଣୀ ସ୍ନାନ ପାଇଁ ଦିନ ଧାର୍ଯ୍ୟ କରାଯାଉଛି।

ଉମାକାନ୍ତ ଖଡିରତ୍ନ ପଞ୍ଜିକାନୁସାରେ ଏହି ସ୍ନାନ ଯୋଗ ଏପ୍ରିଲ ୬ରେ ଶ୍ରୀନୀଳମାଧବ ଜୀଉଙ୍କ ପୀଠରେ ପଡୁଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ଅସ୍ଥି ବିସର୍ଜନ, ସ୍ନାନ ତଥା ଶ୍ରାଦ୍ଧ ଦେବାକୁ ସମବେତ ହେବାର ସମ୍ଭାବନା ରହିଛି ବୋଲି ଜ୍ୟୋତିଷ ଶିରୋମଣୀ ସୂଚନା ଦେଇଥିଲେ।

ଏହି ତଥ୍ୟ ଅନୁସାରେ, ଅଲଭ୍ୟ ମହାବାରୁଣୀ ବୁଡ଼ କାର୍ଯ୍ୟକ୍ରମକୁ ପାଳନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିବା ତହସିଲଦାର ନାଏକ ସୂଚନା ଦେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଦେବୋତର ମ୍ୟାନେଜର ହରିହର ଦାଶ, ପୂଜକ ସମାଜର ସଭାପତି ସୀମାଞ୍ଚଳ ମିଶ୍ର, ଉପଦେଷ୍ଟା ନିହାର ରଞ୍ଜନ ମିଶ୍ରଙ୍କ ସମେତ ପୂଜକ ସମାଜର ସମସ୍ତ କର୍ମକର୍ତ୍ତା, ସେବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ୨୦ ତାରିଖରେ ଏ ନେଇ ଏକ ପ୍ରସ୍ତୁତି ବୈଠକ କରାଯାଇ ଠାକୁରଙ୍କ ଏହି କାର୍ଯ୍ୟକୁ କିପରି ଶୃଙ୍ଖଳିତ ଭାବରେ ପରିଚାଳନା କରାଯିବ ସେ ଦିଗରେ ସବିଶେଷ ଆଲୋଚନା ହେବ ବୋଲି ତହସିଲଦାର ନାଏକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ଅଲଭ୍ୟ ସ୍ନାନ ଯୋଗ ୨୦୧୭ ମାର୍ଚ୍ଚ ୨୫ରେ ଓ ୨୦୦୮ ମସିହା ଚୈତ୍ର ମାସରେ ଅନୁଷ୍ଠିତ ହୋଇଥିଲା।

# ହତ୍ୟା ଅଭିଯୋଗରେ ସ୍ତ୍ରୀ, ଶାଳକ ଅଟକ

**ଦିବ୍ୟାଙ୍ଗଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

- ମୃତଦେହ ଗ୍ରହଣ କଲେନି ସମ୍ପର୍କୀୟ
- ସାମାଜିକ ସଂଗଠନ ସହାୟତାରେ ହେଲା ସତ୍କାର

ରସୁଲପୁର,୧୬।୩(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ଗ୍ରାମର ଦିବ୍ୟାଙ୍ଗ ବ୍ୟକ୍ତି ନରେନ୍ଦ୍ର ସାହୁ(୫୫)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି। ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନରେନ୍ଦ୍ରଙ୍କ ସ୍ତ୍ରୀ ବାସନ୍ତି ଓ ଶାଳକ ମୋହନ ବେହେରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଥାନା ଅଧିକାରୀ ଅନିରୁଦ୍ଧ ନାୟକ ମାମଲାର ତଦନ୍ତ କରୁଛନ୍ତି।

ହତ୍ୟାକାଣ୍ଡ ପଛରେ ଜମିବାଡି ବିବାଦ ରହିଛି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଏହି ବିବାଦ ସହ ପରିବାର ଓ ସମ୍ପର୍କୀୟଙ୍କ ସହ କିଛି ସମ୍ପର୍କ ଯୋଡି ହୋଇଛି କି ବୋଲି ପୋଲିସ ଜାଣିବା ପାଇଁ ଖୋଳତାଡ ଆରମ୍ଭ କରିଛି। ଏହା ଭିତରେ ଗୋଟିଏ ଦିନ ବିତିଯାଇ ଥିଲେ ସୁଦ୍ଧା ଅଟକ ବ୍ୟକ୍ତିଙ୍କଠାରୁ ହତ୍ୟାକାଣ୍ଡକୁ ନେଇ ସେଭଳି କିଛି ସୁରାକ ପୋଲିସକୁ ମିଳି ପାରିନାହିଁ। ଘଟଣାସ୍ଥଳରୁ ପୋଲିସ ଶବ ଜବତ କରିବା ବେଳେ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ଏହି ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଥିଲା। ଶନିବାର ସକାଳୁ ଏସଡିପିଓ ସଞ୍ଜୟ ପଟ୍ଟନାୟକ, ତଦନ୍ତ ଅଧିକାରୀ ନାୟକ ଘଟଣାସ୍ଥଳକୁ ଯାଇ ଅଧିକ ଖୋଳତାଡ କରିବା ସହ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ପଚରାଉଚରା କରିଥିଲେ। ବ୍ୟବଚ୍ଛେଦ ପରେ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟମାନେ ମରଶରୀରକୁ ଗ୍ରହଣ କରି ନ ଥିଲେ। ବହୁବର୍ଷ ହେଲା ଉକ୍ତ ପରିବାର ସହ ସମ୍ପର୍କୀୟଙ୍କ ସାମାଜିକ ଚଳଣି ଚାଲୁନାହିଁ ବୋଲି ଆଳକରି ସେମାନେ ଏଭଳି କରିଥିଲେ। ତେଣୁ ମୃତଦେହ ସତ୍କାର ପାଇଁ ସାମାଜିକ ଅନୁଷ୍ଠାନ ହେଲ୍ପିଂ ହ୍ୟାଣ୍ଡସ୍‌ର ସହାୟତା ଲୋଡ଼ିଥିଲେ ଥାନା ଅଧିକାରୀ। ସେ ସଂଗଠନର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ ସହ ଯୋଗାଯୋଗ କରିଥିଲେ। ପରେ ସଂଗଠନର ସଦସ୍ୟ ଆସି ମୃତଦେହ ସତ୍କାର ବନ୍ଦୋବସ୍ତ କରାଇଥିଲେ। ମୃତବ୍ୟକ୍ତିଙ୍କ ପୁଅ ଛୋଟ ହୋଇଥିବାରୁ ସେ କେବଳ ମୁଖାଗ୍ନି ଦେଇଥିଲା। ଅନ୍ୟ ସବୁକାମ ପୋଲିସ ଉପସ୍ଥିତିରେ ସ୍ୱେଚ୍ଛାସେବୀମାନେ ପରିଚାଳନା କରିଥିଲେ। ଏନେଇ ଥାନାରେ ନଂ.୧୧୫/୨୪ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଗତ ଶୁକ୍ରବାର ନରେନ୍ଦ୍ରଙ୍କ ମୃତଦେହ ସନ୍ଦେହଜନକଭାବେ କୁଆଖିଆ-ଜେନାପୁର ରାସ୍ତାପାର୍ଶ୍ୱ ନଠୁଆବର ପଞ୍ଚାୟତର ସୀମାନ୍ତବର୍ତ୍ତୀ ଏକ ବୁଦାମୂଳରୁ ମିଳିଥିଲା।

# ହରିନାମରେ ପ୍ରକମ୍ପିତ ଅଞ୍ଚଳ



ଛତିଆ,୧୬।୩(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ ଇଚ୍ଛାନଗର ପାଟଣା ଗ୍ରାମର ମା' ଦୁର୍ଗାଙ୍କ ପୀଠରେ ୫ ଦିନ ଧରି ଅନୁଷ୍ଠିତ ହେଉଛି ଚବିଶ ପ୍ରହର ହରିନାମ ଯଜ୍ଞଉତ୍ସବ। ଏହି ପରିପ୍ରେକ୍ଷୀରେ ସମଗ୍ର ଛତିଆ ଅଞ୍ଚଳ ହରିନାମ ଧ୍ୱନିରେ ପ୍ରକମ୍ପିତ ହେଉଛି। ଏହାକୁ ୬ ଦଶନ୍ଧି ଧରି ପାଟଣା ଗ୍ରାମବାସୀ ଅୟୋଜିତ କରି ଆସୁଥିବା ସୂଚନା ମିଳିଛି। ଚଳିତ ବର୍ଷ ୧୩ ତାରିଖରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଉକ୍ତ ହରିନାମ ମହୋତ୍ସବରେ ବିଭିନ୍ନ ଜିଲାରୁ ୩୦ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠାନ ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ମହାପ୍ରଭୁଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଉଛି। ଏହି ବେଶ ଦର୍ଶନ କରିବା ପାଇଁ ହଜାରହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି।

# ଷ୍ଟ୍ରିଟ୍ ଲାଇଟ ସଂଯୋଗ କାର୍ଯ୍ୟ ଶୁଭାରମ୍ଭ

**ଯୋଗଦେଲେନି ପୌରାଧକ୍ଷା, ନିର୍ବାହୀ ଅଧିକାରୀ**



ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ କାର୍ଯ୍ୟ ଶୁଭାରମ୍ଭରେ ପୌର ଉପାଧକ୍ଷ ଓ ଅନ୍ୟମାନେ।

ଯାଜପୁରରୋଡ୍,୧୬।୩ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌରାଞ୍ଚଳର ଷ୍ଟ୍ରିଟ ଲାଇଟ୍ ସଂଯୋଗକୁ ନେଇ ପାରିଷଦ ବର୍ଗ କାଉନସିଲ ବୈଠକରେ ବାରମ୍ବାର ଦାବି କରୁଛନ୍ତି। ସହରର ଅଧିକାଂଶ ରାସ୍ତା ଅନ୍ଧକାର ଯୋଗୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ନିର୍ବାଚନକୁ ଦୃଷ୍ଟିରେ ରଖି ଶୁକ୍ରବାର ନୂତନ ଭାବେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ତରବରିଆ ଭାବରେ ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି। ପୌରାଧାକ୍ଷାଙ୍କ ଅନୁପସ୍ଥିତିରେ ଉପାଧକ୍ଷ ସୁବାସ ଚନ୍ଦ୍ର ବଳ ଓ କେତେଜଣ କାଉନସିଲର ଏହି କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ୧୦ନଂ. ୱାର୍ଡର ଚନ୍ଦମାରୁ ଶୁଭାରମ୍ଭ ହୋଇଛି।

ଜାନୁଆରୀରୁ ଷ୍ଟ୍ରିଟ ଲାଇଟ ସଂଯୋଗ କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ସମ୍ପୃକ୍ତ ଠିକାଦାର ଦୀର୍ଘ ଦିନଧରି କାର୍ଯ୍ୟ ଆରମ୍ଭ କରି ନ ଥିଲେ। ଏବେ ତରବରିଆ ଭାବେ କାର୍ଯ୍ୟ ଆରମ୍ଭକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ପୂର୍ବରୁ କାର୍ଯ୍ୟାଦେଶ ପାଇଥିବା ଇଇଏସଏଲ ସଂସ୍ଥାର ୨୨୮୬ ଲାଇଟ ସଂଯୋଗ ନ ହୋଇ ପଡ଼ି ରହିଛି। ଏବେ ଆଉଏକ ଟେଣ୍ଡର କରାଯାଇ ୨୬ ୱାର୍ଡରେ ୩୮୦୦ ଲାଇଟ ଲାଗିବା ସହ ରକ୍ଷଣାବେକ୍ଷଣ ଓ ନୂତନ ଲାଇଟ ଲଗାଇବା ପାଇଁ ୫ ବର୍ଷ ପାଇଁ ସୂର୍ଯ୍ୟାରଶ୍ମି ସଂସ୍ଥା ସହିତ ସରକାର ଚୁକ୍ତି କରିଛନ୍ତି। ସହରର ମୁଖ୍ୟ ରାସ୍ତାରେ ଅଗ୍ରାଧିକାର ଭିତ୍ତିରେ ଲାଇଟ ଲାଗିବା ସହ ୨ ମାସ ମଧ୍ୟରେ ସମସ୍ତ ୱାର୍ଡରେ ଲାଇଟ ଲାଗିବ ବୋଲି ଠିକା ସଂସ୍ଥା ସୂଚନା ଦେଇଛି।

ଉପାଧକ୍ଷ ବଳ କାଉନସିଲରଙ୍କ ବାରମ୍ବାର ଦାବି ପରେ ଲାଇଟ ଲଗାଇବା ପକ୍ରିୟା ଆରମ୍ଭ ହୋଇଥିବାରୁ ପାରିଷଦ ବର୍ଗଙ୍କୁ ବଧାଇ ଜଣାଇଛନ୍ତି। ପୌର ପରିଷଦ ଗଠନକୁ ଦୁଇବର୍ଷ ହେବ। ହେଲେ ବିଧାୟକଙ୍କ ସହ ପୌରାଧକ୍ଷା, ଅଧିକାରୀ ଏବଂ ପାରିଷଦଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ସହରର ବହୁ ଉନ୍ନତୀମୂଳକ କାର୍ଯ୍ୟ ହୋଇ ପାରୁନାହିଁ ବୋଲି ସହରବାସୀ ଅଭିଯୋଗ ଆଣିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ର ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ପଚାରିବାରେ ସେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିଲେ। ଏ ସମ୍ପର୍କରେ ତାଙ୍କ ନିକଟରେ ସବିଶେଷ ତଥ୍ୟ ନ ଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌର ଅଧକ୍ଷାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ୧ଲକ୍ଷ ୩୩ହଜାର ଟଙ୍କାର ବିଦେଶୀ ମଦ ଜବତ

ବାରିପଦା,୧୬।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୩୩ହଜାର ଟଙ୍କା ହେବ ବୋଲି ଜିଲା ପୋଲିସ ମୁଖ୍ୟାଳୟରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୫୮/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସାରସକଣା ଅଞ୍ଚଳର ଜଗତ ମୋହନ ସାହୁ। ତାଙ୍କଠାରୁ ବିଭିନ୍ନ ବ୍ରାଣ୍ଡର ୪୬୪ଟି ବୋତଲରେ ଭର୍ତ୍ତି ୨୨୦ଲିଟର ବିଦେଶୀ ମଦକୁ ଜବତ ହୋଇଛି।

# ପଦୋନ୍ନତି ସହ ୧୭୫ ଜିଆର୍‌ଏସ୍‌ଙ୍କ ବଦଳି

ରସୁଲପୁର,୧୬।୩(ରଞ୍ଜିତ ରାଉତ): ୨୦୨୪ସାଧାରଣନିର୍ବାଚନଅବ୍ୟହତିପୂର୍ବରୁ ଯାଜପୁର ଜିଲା ୧୦ ବ୍ଲକ୍‌ରେ କାର୍ଯ୍ୟରତ ଜିଆର୍‌ଏସ୍(ଗ୍ରାମ ରୋଜଗାର ସେବକ)ଙ୍କ ମଧ୍ୟରୁ ୧୭୫ଜଣଙ୍କ ଅନ୍ୟ ବ୍ଲକ୍‌କୁ ବଦଳି ହୋଇଛି। ସେମାନଙ୍କୁ ପଞ୍ଚାୟତର ଆକାଉଣ୍ଟାଣ୍ଟ୍ କମ୍ ଡିଇଓ ପଦବୀରେ ପଦନ୍ନୋତି ଦିଆଯାଇ ବଦଳି ନିୟମ ଲାଗୁ କରାଯାଇଛି। ପୂର୍ବରୁ ଜିଆରଏସମାନଙ୍କୁ ପଞ୍ଚାୟତସ୍ତରରେ ବଦଳି କରାଯାଉଥିଲା। ପଦନ୍ନୋତି ପରେ ସେମାନଙ୍କୁ ପ୍ରଥମଥର ପାଇଁ ବ୍ଲକ ବାହାରକୁ ବଦଳି କରାଯିବା ସହ କମ୍ପ୍ୟୁଟର ଓ ଆକାଉଣ୍ଟାଣ୍ଟ୍ ତାଲିମ ପାଇଁ ୩ମାସ ଲେଖାଏ ମୋଟ୍ ୬ମାସ ତାଲିମ ପ୍ରଦାନ କରାଯିବ। ପ୍ରତି ବ୍ଲକରେ ୫ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଜିଆରଏସ୍‌ଙ୍କୁ ବଦଳି କରାଯାଇଛି। ସେମାନେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରି ନିର୍ଦ୍ଦେଶ ମୁତାବକ ବ୍ଲକରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ନିର୍ଦ୍ଦେଶ ମୁତାବକ ବିଭିନ୍ନ ବ୍ଲକରୁ ବଦଳି ହୋଇଥିବା କେତେଜଣ ସେମାନଙ୍କ ନୂଆ କାର୍ଯ୍ୟ ସ୍ଥଳରେ ଯୋଗଦେଇଥିବା ଜଣାଯାଇଛି। ପ୍ରତ୍ୟେକ ବ୍ଲକରୁ ବଦଳି ହୋଇଥିବା ଆକାଉଣ୍ଟାଣ୍ଟ୍ କମ୍ ଡିଇଓଙ୍କୁ ସଂପୃକ୍ତ ବ୍ଲକର ବିଡିଓମାନେ ରିଲିଭ କରିଦେଇଛନ୍ତି। ଏହିକ୍ରମରେ ବରୀ ବ୍ଲକରୁ ୧୯, ରସୁଲପୁରରୁ ୨୧, ଯାଜପୁରରୁ ୧୩, ଦାନଗଦିରୁ ୧୨, ଧର୍ମଶାଳାରୁ ୨୦, କୋରେଇରୁ ୧୫, ଦଶରଥପୁର ୧୫, ବିଞ୍ଝାରପୁରରୁ ୧୦, ବଡ଼ଚଣାରୁ ୨୩ ଓ ସୁକିନ୍ଦାରୁ ୨୨ଜଣଙ୍କ ଅନ୍ୟ ବ୍ଲକକୁ ବଦଳି କରାଯାଇଛି।

# ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ବିଶ୍ୱ କିଡ୍‌ନୀ ଦିବସ

କଳିଙ୍ଗନଗର,୧୬।୩(ଶୁଭାଶିଷ ରାଉତ) ବିଶ୍ୱ କିଡ୍‌ନୀ ଦିବସ ଅବସରରେ କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ କିଡ୍‌ନୀ ଚିକିତ୍ସା ସମ୍ପର୍କରେ ଏକ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କିଡ୍‌ନୀ ରୋଗ ପ୍ରତିରୋଧ, ବିପଦ ଏବଂ ଉପଲବ୍ଧ ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାଏଲିସିସ୍ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ପ୍ରାୟ ୬୦ ଜଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ନେଫ୍ରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଗୋପାଳ ଚରଣ ଦାସ, ମେଡିକାଲ ଅଧୀକ୍ଷକ ତଥା ଜେନେରାଲ୍ ଓ ଜିଆଇ ସର୍ଜରୀ ବିଭାଗ ଡାକ୍ତର ସୁଧାଂଶୁ ଶେଖର ସୁତାର, ଜରୁରୀକାଳୀନ ଓ କ୍ରିଟିକାଲ୍ କେୟାର ବିଭାଗ ମୁଖ୍ୟ ଡାକ୍ତର ସ୍ମୃତିରଞ୍ଜନ ମୁଦୁଲି ଓ ବରିଷ୍ଠ ଚିକିତ୍ସାଧିକାରୀ ଡାକ୍ତର ଦେବାଶିଷ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ଟିଏସ୍ ମେଡିକାର ଫିଜିଓଥେରାପିଷ୍ଟ ପ୍ରୀତିଚନ୍ଦା ଏବଂ ଟିଏସ୍ ମେଡିକାର ଡାଏଟିସିଆନ୍ ରୁକ୍ସାନା ଅଂଶଗ୍ରହଣକାରୀଙ୍କୁ ବ୍ୟବହାରିକ ପରାମର୍ଶ ଓ ମାର୍ଗଦର୍ଶନ କରିଥିଲେ।



କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ରାଇଝର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ବଡ଼ଚଣା,୧୬।୩(ଦିଲୀପ କୁମାର ମହାନ୍ତି): ବଡ଼ଚଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସାମିଆ ପଞ୍ଚାୟତର ରାଇଝର ଗ୍ରାମରେ ଥିବା ରାଇଝର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ଅଶୋକ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚନ୍ଦନ ସାହୁ, ମୁଖ୍ୟବକ୍ତା ବେଲହୁଡ଼ି ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବାନନ୍ଦ ସାହୁ, ସମ୍ମାନିତ ଅତିଥି ବାରାଖାଇ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସ୍ମୃତିରଞ୍ଜନ ରାଉତ, ତାଳଗଡ଼ିଆ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ ମଲ୍ଲିକ, ଅଞ୍ଜିରା ଆଶ୍ରମ ବିଦ୍ୟାଳୟ ସହକାରୀ ଶିକ୍ଷକ ଦେବବ୍ରତ ଦାସ ଓ ରାଇଝର ଆଶ୍ରମ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଜଗନ୍ନାଥ ବାଙ୍କିରା ପ୍ରମୁଖ ଯୋଗଦେଇ ଶିକ୍ଷା, କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟରୁ ଅବସରଗ୍ରହଣ କରିଥିବା ସହକାରୀ ଶିକ୍ଷକ ଭାଗୀରଥୀ କରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ମହେଶ୍ୱର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରଯାଇଥିଲା। ଶିକ୍ଷକ ସୁଶାନ୍ତ ରାଉତ ଓ ଶିକ୍ଷୟତ୍ରୀ ଲିପି ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ପୁରାତନ ଛାତ୍ର ପ୍ରଭାତ ଖିଲାର ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶିକ୍ଷକ ବିଭୁତି ପ୍ରସାଦ ରାୟ ଧନ୍ୟବାଦ ଦେଇଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୧୬।୩(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ କଣିପାଟିଆ ଗ୍ରାମରେ ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟପ୍ରହର ନମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ରାତିରେ କଳସ ଶୁଭାଦିବାସ କରାଯାଇଥିଲା। ଶୁକ୍ରବାର ଭୋରରୁ ନାମ ଯଜ୍ଞ ଆରମ୍ଭ ହୋଇଥିବାବେଳେ ସନ୍ଧ୍ୟାରେ ନାମଯଜ୍ଞରେ ବିଭିନ୍ନ ଗ୍ରାମର ସଙ୍କୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ଓ କୀର୍ତ୍ତନ ପରିବେଷଣ କରିଥିଲେ। ଶନିବାର ଭୋର ସମୟରେ ନାମଯଜ୍ଞ ଛଡାଯାଇଥିବା ବେଳେ ଅପରାହ୍ନରେ ନଗରପରିକ୍ରମା ପରେ ଦହିହାଣ୍ଡି ଭଙ୍ଗା ଯାଇଥିଲା। କଣିପାଟିଆ ଗ୍ରାମର ଶ୍ୟାମସୁନ୍ଦର ସ୍ୱାଇଁ ଦହିହାଣ୍ଡି ଭାଙ୍ଗିଥିଲେ। ଗ୍ରାମର ଯୁବକମାନେ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।



ଅଷ୍ଟପ୍ରହର ନାମଯଜ୍ଞରେ କୀର୍ତ୍ତନ ପରିବେଷଣ କରାଯାଉଛି।

# ଧର୍ମଶାଳା ପ୍ରେସ୍ କ୍ଲବ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଧର୍ମଶାଳା,୧୬।୩(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ପ୍ରେସ୍ କ୍ଲବ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରେସକ୍ଲବ୍ ସଭାପତି ରମାକାନ୍ତ ଜେନାଙ୍କ ନେତୃତ୍ୱରେ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କ ଜରିଆରେ ଏହି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ରାଜ୍ୟର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ବହୁ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିବା ସହିତ ସବୁ ବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଚାଲିଛନ୍ତି। ଉକ୍ତ ଜନକଲ୍ୟାଣକାରୀ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମଗୁଡିକୁ ଖବରଦାତାମାନେ ଅବିରତ ଭାବେ ପ୍ରସାରିତ କରି ଚାଲିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଖବରଦାତାଙ୍କ ଦାବିଗୁଡ଼ିକ ପ୍ରତି ସରକାର ଅଣଦେଖା କରି ଚାଲିଛନ୍ତି। ବିଶେଷ କରି କାର୍ଯ୍ୟରତ ଖବରଦାତାଙ୍କୁ ମାସିକ ଭତ୍ତା, ଅବସର ନେଇଥିବା ଖବରଦାତାଙ୍କୁ ପେନସନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତାଙ୍କୁ ସାମିଲ କରାଯିବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ଏସବୁ ଦାବିପ୍ରତି ସରକାର ଅବିଳମ୍ବେ ବିଚାର କରିବାକୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରେସ୍ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରଯାଉଛି।

# ବଙ୍ଗାଳପୁରରେ ମିଶନ ଶକ୍ତି ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ

ପାଟକୁରା, ୧୬।୩(ରବୀନ୍ଦ୍ର ନାଥ ବାରିକ) ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଦକ୍ଷତା ବିକାଶ କେନ୍ଦ୍ର ବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଅମୀୟ କୁମାର ଜେନାଙ୍କ ଉପସ୍ଥିତିରେ ଜିଲା ପରିଷଦ ସତ୍ୟାନନ୍ଦ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରି ମିଶନ ଶକ୍ତିର ମା'ମାନଙ୍କ ଦକ୍ଷତା ବୃଦ୍ଧି ନେଇ ଆଶାବ୍ୟକ୍ତ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ମହେଶ୍ୱତା ସାମଲ, ପଞ୍ଚାୟତ ବିଜେଡି ସଭାପତି ଗୁଣନିଧି ଦାସ, ସାମାଜିକ କର୍ମୀ ରଶ୍ମି ରଞ୍ଜନ ଷଡଙ୍ଗୀ, କେ. ବି. ରାଖାଲ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମିଶନ ଶକ୍ତିର ସମ୍ପାଦିକା ସୂର୍ଯ୍ୟଲତା ସ୍ୱାଇଁ, ରେବତୀ ସାମଲ, ହରପ୍ରିୟା ସ୍ୱାଇଁ, ଦୀପ୍ତିରେଖା ଦାଶ, ବେବିନା ନାୟକ, ସଂଘମିତ୍ରା ଷଡଙ୍ଗୀ, ସୌଦାମିନୀ ବଳ, ସୁପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ ନାଏବ ସରପଞ୍ଚ ମାଳତି ଯେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ




ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପକ୍ଷରୁ କଳିଙ୍ଗନଗର କାରଖାନା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କଳିଙ୍ଗନଗର,୧୬।୩(ଶୁଭାଶିଷ ରାଉତ): ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପକ୍ଷରୁ କଳିଙ୍ଗନଗର କାରଖାନା ପରିସରରେ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କାରଖାନା ଓ ବାଷ୍ପିତ ବିଭାଗ ଯାଜପୁର ରୋଡ୍ ଡିଭିଜନର ଡେପୁଟି ଡାଇରେକ୍ଟର ଉମେଶ ଚନ୍ଦ୍ର ସୁତାର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ପରେ କାରଖାନାର ଶ୍ରମିକ ଓ କର୍ମଚାରୀମାନେ ଶୂନ୍ୟ ଦୁର୍ଘଟଣା ଶୀର୍ଷକ ଏକ ନାଟକ ପରିବେଷଣ କରିଥିଲେ। ଏହି ନାଟକ ମାଧ୍ୟମରେ କାରଖାନାକୁ ଦୁର୍ଘଟଣା ଶୂନ୍ୟ କରାଯିବା ଓ ସୁରକ୍ଷା ପ୍ରତ୍ୟେକ ମୁହୂର୍ତ୍ତରେ ସଚେତନ ରହିବାର ବାର୍ତ୍ତା ଦିଆଯାଇଥିଲା। ମୁଖ୍ୟଅତିଥି ସୁତାର ନିଜ ଉଦ୍‌ବୋଧନରେ ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ କାରଖାନାର ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ଉପଦେଶ ଦେଇଥିଲେ। ଜିନ୍ଦଲ କାରଖାନା ମୁଖ୍ୟ ଦୀପକ ଅଗ୍ରୱାଲ, ବ୍ୟବସାୟୀକ ମୁଖ୍ୟ ଏକେ ସିଂ, ମାନବ ସମ୍ବଳ ମୁଖ୍ୟ ରାକେଶ ପାଠକ ଓ ଅଗ୍ନି ଓ ନିରାପତ୍ତା ମୁଖ୍ୟ ମନୋଜ ବଳ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ସଡ଼କସୁରକ୍ଷା ସହ କାର୍ଯ୍ୟକ୍ଷେତ୍ରରେ ଶୂନ୍ୟ ଦୁର୍ଘଟଣା ପ୍ରାପ୍ତି ପାଇଁ ବିଶେଷ ଧ୍ୟାନ ଦେବାକୁ ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କୁ ବାର୍ତ୍ତା ଦେଇଥିଲେ।

ସପ୍ତାହ ବ୍ୟାପୀ ଚାଲିଥିବା ଏହି ସୁରକ୍ଷା କାର୍ଯ୍ୟକ୍ରମରେ ସୁରକ୍ଷା ସ୍ଲୋଗାନ, ସୁରକ୍ଷା ପୋଷ୍ଟର, ସୁରକ୍ଷା ସମ୍ପର୍କିତ ସାଧାରଣ ଜ୍ଞାନ, ସୁରକ୍ଷା ବକ୍ତୃତା ପ୍ରତିଯୋଗିତା ଓ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଦୌଡ଼ ପ୍ରତିଯୋଗିତା ସହ ସୁରକ୍ଷା ରାଲି ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା ଶ୍ରମିକ ଓ କର୍ମଚାରୀଙ୍କୁ ମୁଖ୍ୟଅତିଥି, କାରଖାନା ମୁଖ୍ୟ ଓ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଅଗ୍ନି ଓ ନିରାପତ୍ତା ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଅତିଥିବୃନ୍ଦଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ପୌର ପରିଷଦର ସ୍ୱଚ୍ଛ ଭାରତ ମିଶନ ଫେଲ୍

ପଟ୍ଟାମୁଣ୍ଡାଇ ୧୬।୩(କଳ୍ପତରୁ ନାୟକ)

## ଗୋଷ୍ଠୀ ଶୌଚାଳୟ, ଇକୋ ଟଏଲେଟରେ ଝୁଲୁଛି ତାଲା




କେନ୍ଦ୍ରାପଡ଼ା ଜିଲାର ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କ୍ଷେତ୍ର ଓ ବାଣିଜ୍ୟ କେନ୍ଦ୍ର ଭାବେ ପଟ୍ଟାମୁଣ୍ଡାଇ ପରିଚିତ। ଏଠାକୁ ଦୈନିକ ହଜାର ହଜାର ଲୋକେ ଆସୁଥିବା ବେଳେ ଶୌଚ ଯିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ସରକାରୀ ଅର୍ଥ ବ୍ୟୟବରାଦ କରାଯାଇ ସର୍ବସାଧାରଣ ଶୌଚାଳୟ, ଗୋଷ୍ଠୀ ଶୌଚାଳୟ, ଇକୋ ଶୌଚାଳୟ ଆଦି ବହୁ ପ୍ରକଳ୍ପ ହାତକୁ ନିଆଯାଇଛି। ସେଥିମଧ୍ୟରୁ ସର୍ବସାଧାରଣ ଶୌଚାଳୟ, ଗୋଷ୍ଠୀ ଶୌଚାଳୟ ଉଦଘାଟନ ହୋଇ କାର୍ଯ୍ୟକ୍ଷମ ନ ହୋଇ ପଡି ରହିଥିବା ବେଳେ ଇକୋ ଟଏଲେଟ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ପଟ୍ଟାମୁଣ୍ଡାଇ ପୌରପାଳିକାରେ ସ୍ୱଚ୍ଛ ଭାରତ ମିଶନ ଫେଲ ହୋଇଥିବା ନେଇ ସାଧାରଣରେ ମତ ପ୍ରକାଶ ପାଇଛି।

ସାମାଜିକ କର୍ମୀ ଅନନ୍ତ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ସହରରେ ମ୍ୟୁନିସିପାଲିଟି ଅଫିସ, ବ୍ଲକ, ତହସିଲ କାର୍ଯ୍ୟାଳୟ ସମେତ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ, ଥାନା, ୩ଟି ନ୍ୟାୟାଳୟ, ୩୦ରୁ ଊର୍ଦ୍ଧ୍ୱ ସରକାରୀ କାର୍ଯ୍ୟାଳୟ, ୧୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ କାର୍ଯ୍ୟ କରୁଛି। ବିଭିନ୍ନ କାମରେ ଦୈନିକ ହଜାରରୁ ଊର୍ଦ୍ଧ୍ୱ ଲୋକ ଏଠାକୁ ଆସିଥାନ୍ତି। ସେହିପରି ମିଶନ ଶକ୍ତି କାମରେ ବହୁ ମହିଳା ମଧ୍ୟ ଆସିଥାନ୍ତି। ମାତ୍ର ଶୌଚ କାର୍ଯ୍ୟ କରିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଦାବି ହେବା ପରେ ପୌର ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ବା ମୁକ୍ତା ଯୋଜନାରେ ୨୦ଟି ୱାର୍ଡର ସବୁ ଛକରେ ନିର୍ମାଣ ହୋଇଥିଲା ଗୋଷ୍ଠୀ ଶୌଚାଳୟ। ଗୋଟିଏ ଗୋଟିଏ ପାଇଖାନା ପାଇଁ ୧୨ଲକ୍ଷ ଟଙ୍କାରୁ ଆରମ୍ଭ କରି ୧୬ ଲକ୍ଷ ଯାଏ ଖର୍ଚ୍ଚ ହୋଇଥିଲା। ପ୍ରାୟ ୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଦୀର୍ଘଦିନ ବିତି ଯାଇଥିଲେ ବି କୌଣସି ଶୌଚାଳୟ କାର୍ଯ୍ୟକାରୀ ହୋଇପାରିନି। ବୁଦ୍ଧିଜୀବୀ ପ୍ରବିର ନାୟକ କହିଛନ୍ତି, ପୌରପାଳିକା ପକ୍ଷରୁ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ସ୍ୱଚ୍ଛ ଭାରତ ଯୋଜନାରେ ୨୦ଟି ୱାର୍ଡରେ ୧୬ଟି ସର୍ବସାଧାରଣ ଶୌଚାଳୟ ଓ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। ଗତ ସ୍ୱାୟତ୍ତ ଶାସନ ଦିବସରେ ସ୍ଥାନୀୟ ବିଧାୟକ, ପୌର ଅଧ୍ୟକ୍ଷ ସମେତ ଅନ୍ୟମାନେ ଏହି ଶୌଚାଳୟ ସବୁ ଉଦ୍‌ଘାଟନ କରିଥିଲେ। ମାତ୍ର ସେବେଠାରୁ ଶୌଚାଳୟ ଦିନଟିଏ ପାଇଁ ଲୋକଙ୍କ କାମରେ ଆସି ପାରି ନ ଥିବା ବେଳେ ସ୍ଥାନୀୟ ଲୋକେ ବାଧ ହୋଇ ଖୋଲା ସ୍ଥାନକୁ ଶୌଚ ଯିବାକୁ ବାଧ ହେଉଛନ୍ତି। ଶୌଚାଳୟ ଉଦ୍‌ଘାଟନ ହେବା ଦିନରୁ କାର୍ଯ୍ୟକ୍ଷମ ହୋଇ ନ ପାରି ତାଲା ପକା ଯାଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ୨୦୨୧ ମସିହାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ୧କୋଟି ୫୧ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର କରାଯାଇ, ଇକୋ-ଟଏଲେଟ ନିର୍ମାଣ କରାଯାଇଛି। ଏତେ ଟଙ୍କା ଖର୍ଚ୍ଚରେ ନିର୍ମିତ ଶୌଚାଳୟ କର୍ଯ୍ୟକ୍ଷମ ନ ହୋଇ ପଡିରହିଛି। ଫଳରେ ଦୂର ଦୂରାନ୍ତରୁ ଆସୁଥିବା ମହିଳାପୁରୁଷ, ଛୋଟ ପିଲା ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକାରୀ ହୋଇପାରୁନାହିଁ ଏବଂ ଲୋକମାନେ ଶୌଚାଳୟ ବଦଳରେ ମୁକ୍ତ ଆକାଶ ତଳେ ଶୌଚ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି। ଏଥିପ୍ରତି ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟବାସୀ ଏବଂ ବ୍ୟବସାୟୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ନାରାୟଣ ପ୍ରସାଦ ଗିରିଙ୍କୁ ପଚାରିବାରୁ କମଦିନ ଭିତରେ ସର୍ବସାଧାରଣ ଓ ଗୋଷ୍ଠୀ ଶୌଚାଳୟ, କର୍ଯ୍ୟକ୍ଷମ ହୋଇଯିବ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯିବା ପାଇଁ ସ୍ଥିର କରାଯାଇଛି ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

କେନ୍ଦ୍ରାପଡ଼ା, ୧୬।୩ (ଜଗନ୍ନାଥ ଧଳ)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗରେ କାର୍ଯ୍ୟରତ, ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ମାସିକ ଦରମା ତଥା ବୈଠକ ଭତ୍ତା ଆଦି ପ୍ରଦାନ କରାଯାଉଛି। ଏହାକୁ ନିକଟରେ ତିନିଗୁଣା ବୃଦ୍ଧି କରାଯାଇଥିବା ଘୋଷଣା ହୋଇଛି। ତେବେ ଏ ଦିଗରେ ସମବାୟ ବିଭାଗ ଅଧୀନରେ କାର୍ଯ୍ୟରତ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଥିବା କେନ୍ଦ୍ରାପଡ଼ା ଜିଲା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସଂଘ ପକ୍ଷରୁ ଶନିବାର ଅଭିଯୋଗ ହୋଇଛି। ପୂର୍ବାହ୍ନରେ ସଂଘ ପକ୍ଷରୁ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲଙ୍କୁ ପ୍ରଦାନ କରାଯାଇଛି। ସମିତିର ସଭାପତିମାନେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ କୃଷକମାନଙ୍କର ବିକାଶ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ସହ ସେମାନେ ସମିତି ପରିଚାଳନାର ପ୍ରଶାସନିକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହାଦ୍ୱାରା କୃଷିଭିତ୍ତିକ ଅର୍ଥନୀତି ସୁଦୃଢ଼ ହୋଇପାରିଛି। ତେବେ ସେମାନଙ୍କ ପାଇଁ କୌଣସି ଦରମା ବା ବୈଠକ ଭତ୍ତା ପ୍ରଦାନ କରା ନ ଯିବା କ୍ଷୋଭର ବିଷୟ। ସରକାରୀ କାର୍ଯ୍ୟ ନିମନ୍ତେ ଜିଲା ପରିଷଦ, ପୌରପରିଷଦ, ପଞ୍ଚାୟତ ସମିତି ଆଦିର ନିର୍ବାଚିତ ଜନପ୍ରତିନିଧିଙ୍କୁ ମାସିକ ଦରମା ଦିଆଯାଉଥିବା ବେଳେ ପାକ୍ସ ସଭାପତିମାନଙ୍କୁ ମାସିକ ୩୦ ହଜାର ଓ ନିର୍ଦ୍ଦେଶକମାନଙ୍କୁ ଅନ୍ୟୂନ ୫ ହଜାର ଟଙ୍କା ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉକ୍ତ ସ୍ମାରକପତ୍ରରେ ସଭାପତିମାନେ ଅନୁରୋଧ କରିଛନ୍ତି। ଜିଲା ସଂଘର ଆବାହକ ଇଂ. ଅକ୍ଷୟ କୁମାର ପାଣିଙ୍କ ସମେତ ସୁଖଦା ପ୍ରସାଦ ତ୍ରିପାଠୀ, ପ୍ରଦ୍ୟୁମ୍ନ ଜେନା, ବିଭୂତି ଭୂଷଣ ଦାସ, ଅଜୟ କୁମାର ଦାସ, ଚିତ୍ତରଞ୍ଜନ ଜେନା, ପ୍ରଦୀପ୍ତ କୁମାର ବିଶ୍ୱାଳ, ସୌମେନ୍ଦ୍ର ମହାପାତ୍ର, ପ୍ରଭାତ କୁମାର ସାହୁ ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ୍ ପରେ ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ରାଜନଗର ବ୍ଲକ ବିଜେଡି ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଜନଗର, ୧୬।୩(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବିଜେଡିର ନୂତନ କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଛି। ରାଜନଗର ନୂଆ ବାଇପାସ୍‌ଠାରେ ଏହି ନୂତନ କାର୍ଯ୍ୟାଳୟର ପୂଜାର୍ଚ୍ଚନା କରାଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ବିଜୟ ନାୟକ, ନରହରି ଜେନା, ପ୍ରଦୀପ ଲେଙ୍କା, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ ମଲ୍ଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ସରପଞ୍ଚ ଅଶୋକ କୁମାର ମହାନ୍ତି, ପ୍ରସନ୍ନ ପରିଡା, ଶାନ୍ତିଲତା ବିଶ୍ୱାଳ, ବୀଣାପାଣୀ ପ୍ରଧାନ, ରାଣୀ ମଞ୍ଜରୀ ସେଠୀ, ମଞ୍ଜୁଳା ଦାସ, ସୁଶ୍ରୀ ସଂଗୀତା ମିଶ୍ର, ପୂର୍ବତନ ସରପଞ୍ଚ କାନ୍ତିଲତା ବେହେରା, ସମିତିସଭ୍ୟ ସଞ୍ଜୟ ସ୍ୱାଇଁ, ମନୋରଞ୍ଜନ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

# ଅଳପୁଆ-ବଳୁରିଆ ସୌର ଆଲୋକୀକରଣ ପ୍ରକଳ୍ପ ଶିଳାନ୍ୟାସ

## ୧ କୋଟି ୨୦ ଲକ୍ଷ ହେବ ବ୍ୟୟ

ପଟ୍ଟାମୁଣ୍ଡାଇ, ୧୬।୩(କଳ୍ପତରୁ ନାୟକ)




ଶିଳାନ୍ୟାସ ଉତ୍ସବରେ ବିଧାୟକ ଶଶିଭୂଷଣ ବେହେରା ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବନ୍ୟାବିପନ୍ନ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଘୋଷଣା ପୂର୍ବରୁ ବୃହତ୍ ସୌର ଆଲୋକୀକରଣ ପ୍ରକଳ୍ପ ଭେଟି ଦେଇଛନ୍ତି। କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ୟାବିପନ୍ନ ଧୋୟାଞ୍ଚଳର ଅଣ୍ଡରା, ଅମୃତମଣୋହି, ବଳୁରିଆ, ପେଣ୍ଠପାଳ, ତରଡ଼ିପାଳ ଓ ଅଳପୁଆ ଆଦି ପଞ୍ଚାୟତର ଲୋକମାନେ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥା'ନ୍ତି। ଘନ ଅନ୍ଧକାର ମଧ୍ୟରେ ଗୃହବନ୍ଦୀ ଲୋକମାନେ ରୋଷେଇ ନ କରି ଉପବାସରେ ରହୁଥିବାବେଳେ ବହୁ ସମୟରେ ସର୍ପାଘାତ ମଧ୍ୟ ହୋଇଥାଏ। ବନ୍ୟା, ବାତ୍ୟା ସମୟରେ ବିଦ୍ୟୁତ୍ ସେବା ଅଭାବରୁ ଲୋକମାନେ ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା କଷ୍ଟକର ହୋଇପଡ଼େ। ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ବିପନ୍ନ ଲୋକଙ୍କ ଆଖିରୁ ନିଦ ହଜିଯାଏ। ଏହି ପରିପ୍ରେକ୍ଷୀରେ ବିପନ୍ନ ଲୋକମାନଙ୍କୁ ସ୍ଥାୟୀ ସୌର ଆଲୋକ ବ୍ୟବସ୍ଥା ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ବିଳମ୍ବରେ ହେଲେ ମଧ୍ୟ ଧୋୟାଞ୍ଚଳର ଅଳପୁଆରୁ ବଳୁରିଆ ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତର ବନ୍ୟାବିପନ୍ନ ଲୋକଙ୍କୁ ସୌର ଆଲୋକ ଯୋଗାଇଦେବା ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ଶନିବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ବିଧାୟକ ବେହେରା ପେଣ୍ଠପାଳଠାରେ ଅଳପୁଆ-ବଳୁରିଆ ସୌର ଆଲୋକୀକରଣ ପ୍ରକଳ୍ପର ଶିଳାନ୍ୟାସ କରି ଧୋୟାଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି ବୋଲି କହିଛନ୍ତି। ଏହି ଶିଳାନ୍ୟାସ ଉତ୍ସବରେ ୧୫ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସମିତିସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ତରଡ଼ିପାଳ ସରପଞ୍ଚ ଦେବେନ୍ଦ୍ର ନାୟକ, ଅଣ୍ଡରା ସମବାୟ ସମିତି ସଭାପତି ବୃନ୍ଦାବନ ମଲ୍ଲିକ, ଅମୃତମଣୋହି ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲ୍ଲିକ, ପୂର୍ବତନ ସମିତିସଭ୍ୟ ପ୍ରଭାତ ସେଠୀ, ବଳୁରିଆ ସରପଞ୍ଚ ଦେବକୀ ମଲ୍ଲିକ, ପେଣ୍ଠପାଳ ବିଜେଡି ସଭାପତି କେଦାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ବଙ୍ଗାଳପୁରରେ ମିଶନ ଶକ୍ତି ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ

ପାଟକୁରା, ୧୬।୩(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଦକ୍ଷତା ବିକାଶ କେନ୍ଦ୍ର ବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଅମୀୟ କୁମାର ଜେନାଙ୍କ ଉପସ୍ଥିତିରେ ଜିଲା ପରିଷଦ ସତ୍ୟାନନ୍ଦ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରି ମିଶନ ଶକ୍ତିର ମା'ମାନଙ୍କ ଦକ୍ଷତା ବୃଦ୍ଧି ନେଇ ଆଶାବ୍ୟକ୍ତ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ମହେଶ୍ୱତା ସାମଲ, ପଞ୍ଚାୟତ ବିଜେଡି ସଭାପତି ଗୁଣନିଧି ଦାସ, ସାମାଜିକ କର୍ମୀ ରଶ୍ମି ରଞ୍ଜନ ଷଡଙ୍ଗୀ, କେ. ବି. ରାଖାଲ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମିଶନ ଶକ୍ତିର ସମ୍ପାଦିକା ସୂର୍ଯ୍ୟଲତା ସ୍ୱାଇଁ, ରେବତୀ ସାମଲ, ହରପ୍ରିୟା ସ୍ୱାଇଁ, ଦୀପ୍ତିରେଖା ଦାଶ, ବେବିନା ନାୟକ, ସଂଘମିତ୍ରା ଷଡଙ୍ଗୀ, ସୌଦାମିନୀ ବଳ, ସୁପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ ନାଏବ ସରପଞ୍ଚ ମାଳତି ଯେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ପଟ୍ଟାମୁଣ୍ଡାଇରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ



ପୋଲିସ ପକ୍ଷରୁ ପଟ୍ଟାମୁଣ୍ଡାଇ ସହରରେ ଫ୍ଲାଗ୍‌ମାର୍ଚ୍ଚ ଚାଲିଛି।

ପଟ୍ଟାମୁଣ୍ଡାଇ, ୧୬।୩(କଳ୍ପତରୁ ନାୟକ)

ଲୋକସଭା ନିର୍ବାଚନ ସହ ଓଡ଼ିଶା ସମେତ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ତାରିଖ କେନ୍ଦ୍ର ନିର୍ବାଚନ କମିଶନ ଶନିବାର ଘୋଷଣା କରିଛନ୍ତି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ମେ ୧୩ରୁ ଆରମ୍ଭ ହୋଇ ଜୁନ ୧ ତାରିଖ ପର୍ଯ୍ୟନ୍ତ ୪ ପର୍ଯ୍ୟାୟରେ ଭୋଟଦାନ ଅନୁଷ୍ଠିତ ହେବ। ଜୁନ ୧ରେ କେନ୍ଦ୍ରାପଡ଼ା ଜିଲାରେ ଭୋଟଦାନ ଅନୁଷ୍ଠିତ ହେବ। ଜୁନ ୧ରେ କେନ୍ଦ୍ରାପଡ଼ା ଓ ରାଜନଗର ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ପ୍ରଶାସନ ସଜାଗ ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ୧୨ ପଞ୍ଚାୟତ କେନ୍ଦ୍ରାପଡ଼ା ବିଧାନସଭା ଓ ୧୯ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ରାଜନଗର ବିଧାନସଭା ଆସନ ଅନ୍ତର୍ଭୁକ୍ତ। ଏହି ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୪ରୁ ୨୧ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ପାଇଁ ଅଫିସରମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା ଓ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି ଓ ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ବାହିନୀ ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରି ଅସାମାଜିକ କାର୍ଯ୍ୟକଳାପ ଉପରେ କଡା ନଜର ରଖିଛି। ନିର୍ବାଚନ ସମୟରେ କୌଣସି ଗଣ୍ଡଗୋଳ ଓ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ଜୟନଗର ପଞ୍ଚାୟତରେ କଂଗ୍ରେସର ପଦଯାତ୍ରା



ପଦଯାତ୍ରାରେ ଡା. ଦେବସ୍ମିତା ଶର୍ମା, କଂଗ୍ରେସ ନେତା ଓ କର୍ମୀମାନେ।

ରାଜକନିକା, ୧୬।୩(ରବୀନ୍ଦ୍ର କୁମାର ଦାସ )

ରାଜକନିକା ବ୍ଲକ ପୂର୍ବ କନିକାର ଜୟନଗର ପଞ୍ଚାୟତରେ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାରେ କଂଗ୍ରେସ ଦଳ ପକ୍ଷରୁ ଆଳି ନିର୍ବାଚନମଣ୍ଡଳୀର ଆଶୟୀ ବିଧାୟିକା ପ୍ରାର୍ଥୀନୀ ଭାବେ ଡା. ଦେବସ୍ମିତା ଶର୍ମା ଯୋଗଦେଇ ପଞ୍ଚାୟତର ଜୟନଗର, ଆନ୍ତପୁର, ଖୁଣ୍ଟା, ଗାଙ୍ଗପୁର, ଟାଣେଇପଦା, ବଜରପୁର, ରାଉଳିଆ, ଟାଚେରୀସାହି ଗାଁ ବୁଲି ଭୋଟ ଭିକ୍ଷା କରିଛନ୍ତି। ତାଙ୍କ ସହ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଆଳି ନିର୍ବାଚନମଣ୍ଡଳୀ ବିଶେଷ କରି ରାଜକନିକା ବ୍ଲକକୁ ଦୁର୍ନୀତି ଓ ପିସି ମୁକ୍ତ କରିବା ସହ ସାଧାରଣଲୋକଙ୍କ ସହିତ ରହିବାକୁ ଡା ଶର୍ମା ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ କଂଗ୍ରେସ ରାଜକନିକା ବ୍ଲକର ପୂର୍ବ କନିକାରୁ ତା'ର ନିର୍ବାଚନୀ ପ୍ରଚାର ପଦଯାତ୍ରା ମାଧ୍ୟମରେ ଆରମ୍ଭ କରିଛି।

# ୨୫ ବର୍ଷ ଶାସନରେ ୨୫ ହାତ ଜମିକୁ ପାଣି ମାଡ଼ିନି

ମାର୍ଶାଘାଇ, ୧୬।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ସଭାରେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ଆବାହକ ଅକ୍ଷୟ କୁମାର ଓ ଅନ୍ୟମାନେ।

ରାଜ୍ୟ ସରକାର ୨୫ ବର୍ଷ ଶାସନରେ ୨୫ ହାତ ଜମିକୁ ଜଳସେଚିତ କରିପାରିଲେ ନାହିଁ କି ୨୫ ଚାଷୀଙ୍କ ଜମିକୁ ବିଜୁଳି ଦେଇପାରିଲେ ନାହିଁ ବୋଲି ନବନିର୍ମାଣ କୃଷକ ସଂଗଠନ ଅଭିଯୋଗ କରିଛି। ଶନିବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁସୁନପୁର ଆଖଣ୍ଡଳମଣି ମନ୍ଦିର ପରିସରରେ ଜିଲା ସଭାପତି ଅକ୍ରୂର ପଲେଇଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଯୋଗଦେଇ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ଆବାହକ ଅକ୍ଷୟ କୁମାର, ସୂଚନାଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଉତ୍ତର ପ୍ରଦେଶରୁ ଆସିଥିବା ରାହୁଲ ଶୁକ୍ଲା ଓ ମେହେଙ୍ଗ ଯୋଗଦେଇ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ଦର ବଦଳରେ ସର୍ବୋଚ୍ଚ ଦର ଦେବାକୁ ଦାବି କରିବା ସହ ଏକ କୃଷି ସରକାର ଗଠନ ପାଇଁ ଜୋରଦାର ଲଢ଼େଇ ଲାଗି ଆହ୍ୱାନ ଦେଇଥିଲେ। ଜିଲା ଆବାହକ ପ୍ରତାପ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ପାଣି, ଶରତ ମାହାଳି, ଆଲୟ ସାମନ୍ତରାୟ, ଦିବାକର ବେହେରା, ରମାକାନ୍ତ ମାହାଳି, ବିଷ୍ଣୁ ସାହୁ, ସୁବାସ ରାଉତ, ଦାଶରଥି ସାହୁ ଓ ମାନସ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

## ବୟସ୍କଙ୍କ ପାଇଁ ସାମାଜିକ ବ୍ୟବସ୍ଥା ସୁଦୃଢ଼ ରହିଛି

# ସମାଜର ଅମୂଲ୍ୟ ସମ୍ପଦ ମାତାପିତା

ଡେରାବିଶ, ୧୬।୩ (ବେବର୍ତ୍ତା ଅଜୟ ଦାସ)



ସଭାରେ ଯୋଗ ଦେଇଥିବା ଅତିଥିମାନେ।

ମାତାପିତା ସମାଜର ଅମୂଲ୍ୟ ସମ୍ପଦ। ସେମାନଙ୍କ ତ୍ୟାଗ ପୂତ ଜୀବନାଚର୍ଯ୍ୟ ପାଇଁ ପରିବାର ଓ ସମାଜିକ ବ୍ୟବସ୍ଥା ସୁଦୃଢ଼ ରହିଛି ବୋଲି ଅତିଥିମାନେ କହିଛନ୍ତି। ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ଗାଁରେ ଶନିବାର ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣ ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ବୟସ୍କ ବୃଦ୍ଧାବୃଦ୍ଧଙ୍କ ପାଇଁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଶୁକଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପଣ୍ଡିତ ହୃଷୀକେଶ ରଥ ଯୋଗଦେଇ ନିଜର ପରିବାର ଗଠନ ପାଇଁ ମୁଖ୍ୟ ଭୂମିକା ନେଉଥିବା ମାତାପିତାଙ୍କ ବୟସାଧିକ ସମୟରେ ଅବହେଳିତ ହେଉଥିବା ସମାଜ ପାଇଁ ଏକ ବିପଦ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକୃତି ପ୍ରେମୀ ସୁଧାଂଶୁ ଶେଖର ଦେଓ ପ୍ରତ୍ୟେକ ପରିବାରରେ ମାତାପିତାଙ୍କୁ ଭକ୍ତି କରିବା ସହ ସେମାନଙ୍କ ସ୍ୱନକ୍ଷେତ୍ର ତିଥିକୁ ଏକ ସ୍ମରଣୀୟ ଦିବସ ଭାବେ ପାଳନ କରିବାକୁ କହିଥିଲେ। ଏହି ଅବସରରେ ଲକ୍ଷ୍ମୀନାରାୟଣପୁର ମଠର ମଠାଧୀଶ ମାଧବାନନ୍ଦ ଦାସ ଅତିଥି ଭାବେ ଯୋଗଦେଇ ନିଜର ଆଶ୍ରିବଚନ ରଖିଥିଲେ। ସୂଚନାଯୋଗ୍ୟ, ଲକ୍ଷ୍ମୀନାରାୟଣପୁର ଗାଁର ଲେଖକ ବ୍ରହ୍ମାନନ୍ଦ ସିଂଙ୍କର ଆଜି ୯୨ତମ ଜନ୍ମ ଦିବସ ପାଳନ ଅବସରରେ ପୂଜ୍ୟପୂଜା ସଂସଦ ପକ୍ଷରୁ ଉତ୍ସବ ଆୟୋଜନ ହୋଇଥିଲା। ଦୁଇପୁଅ ମହେନ୍ଦ୍ର ଓ ସଂଗ୍ରାମଙ୍କ ସମେତ ପରିବାରର ସଦସ୍ୟଙ୍କ ଦ୍ୱାରା ବ୍ରହ୍ମାନନ୍ଦଙ୍କୁ ପୂଜାର୍ଚ୍ଚନା ପରେ ଆୟୋଜିତ ସଭାରେ ଉପସ୍ଥିତ ୯୦ବର୍ଷରୁ ଊର୍ଦ୍ଧ୍ୱ ୧୬୨ଜଣ ବୃଦ୍ଧାବୃଦ୍ଧଙ୍କୁ ପୂଜାର୍ଚ୍ଚନା କରାଯାଇ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନିଜ ଚାଷଜମିକୁ ଜଳସେଚିତ କରିବାକୁ ଡେରାବିଶ ବ୍ଲକ ଅଞ୍ଚଳର କେତେଜଣ ଚାଷୀ ଆନ୍ଦୋଳନ କରି ଜେଲ୍ ଯାଇଥିଲେ। ଏହି ଅବସରରେ ଚାଷୀ, ଗଣମାଧ୍ୟମ କ୍ଷେତ୍ରରେ କାର୍ଯ୍ୟରତ ଥିବା ପ୍ରତିନିଧି ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅନୁପ କୁମାର ରାଉତ ସ୍ୱାଗତ ଭାଷଣ, କବି ଶୈଳଜା ଶଙ୍କର ସାମଲ ଅତିଥି ପରିଚୟ ଓ ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ଅରକ୍ଷିତ କାଣ୍ଡି ଓ ସମିତିସଭ୍ୟ ଫନିନ୍ଦ୍ର ବେହେରା, ଚିତ୍ତରଞ୍ଜନ ସିଂ, ପ୍ରଶାନ୍ତ ପଣ୍ଡା, ନିତାଇ ଚରଣ ସିଂ, ଶ୍ୟାମସୁନ୍ଦର ବେହେରା, ଅଭିରାମ ସିଂ ପ୍ରମୁଖ ପରିଚାଳନା କରିଥିଲେ।

# ଅରବିନ୍ଦଙ୍କ ଦଧିବାବନଙ୍କ ଦର୍ଶନ ଆଳରେ ଶକ୍ତି ପ୍ରଦର୍ଶନ

ଡେରାବିଶ, ୧୬।୩ (ବେବର୍ତ୍ତା ଅଜୟ ଦାସ)



ଅରବିନ୍ଦ ମହାପାତ୍ରଙ୍କୁ ଫୁଲହାର ଦେଇ ସମ୍ବର୍ଦ୍ଧିତ କରାଯାଉଛି।

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ସାରିଥିବା ବେଳେ ପାଟକୁରା ନିର୍ବାଚନମଣ୍ଡଳୀରେ ଦିନକୁଦିନ ରାଜନୈତିକ ଉଷ୍ମତା ଦେଖିବାକୁ ମିଳୁଛି। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ବିଜେଡିରେ ଯୋଗଦାନ ପରେ ସମଗ୍ର ନିର୍ବାଚନମଣ୍ଡଳୀ ରାଜନୀତିରେ ଏକ ରୋଚକ ପରିସ୍ଥିତି ଦେଖାଦେଇଥିଲା। ଡେରାବିଶ ବ୍ଲକର ୨୬, ଗରଦପୁର ବ୍ଲକର ୧୮ ଓ ମାର୍ଶାଘାଇ ବ୍ଲକ ଅଧୀନରେ ୭ଟି ପଞ୍ଚାୟତ ସମୁଦାୟ ୫୧ଟି ପଞ୍ଚାୟତକୁ ନେଇ ଗଠିତ ପାଟକୁରା ନିର୍ବାଚନମଣ୍ଡଳୀ। ଏହି ନିର୍ବାଚନମଣ୍ଡଳୀରେ ପ୍ରଥମଥର ପାଇଁ ଅରବିନ୍ଦ ମହାପାତ୍ର ଶନିବାର ସନ୍ଧ୍ୟାରେ ବ୍ଲକ ଅଞ୍ଚଳର ପରମଆରାଧ୍ୟ ଶ୍ରୀଦଧବବାବନଜୀଉଙ୍କ ଦର୍ଶନ ପାଇଁ ସନ୍ଧ୍ୟାରେ ଡେରାବିଶ ଗସ୍ତ କରିଥିଲେ। ତେବେ ବ୍ଲକ ଅଧୀନ ୫୩ ନଂ. ଜାତୀୟ ରାଜପଥର ଓଲଡ଼ି ଛକଠାରୁ ହଜାର ହଜାର ସଂଖ୍ୟାରେ ବାଇକ୍ ସହ ମହିଳା ଓ ସାଧାରଣ ବର୍ଗ ଲୋକଙ୍କ ଶୋଭାଯାତ୍ରା ମଧ୍ୟରେ ଅରିବନ୍ଦଙ୍କୁ ଦୀର୍ଘ ୪ କିଲୋମିଟର ଗୋଲରାହାଟସ୍ଥିତ ଶ୍ରୀଦଧିବାବନଜୀଉଙ୍କ ମନ୍ଦିରକୁ ପାଛୋଟି ଅଣାଯାଇଥିଲା। ତେବେ ଅରବିନ୍ଦ ଶ୍ରୀଜୀଉଙ୍କ ଦର୍ଶନ କରିବା ପରେ ମନ୍ଦିର ବାହାରେ ଅପେକ୍ଷା କରିଥିବା ହଜାର ହଜାର ବିଜେଡି ସମର୍ଥକଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ପାଟକୁରାର ଅଞ୍ଚଳର ସେବା ପାଇଁ ତାଙ୍କୁ ଯେଉଁ ସୁଯୋଗ ମିଳିଛି ସେ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇ ଥିଲେ। ବିଶେଷକରି ନିର୍ବାଚନମଣ୍ଡଳୀର ସମୂହ ଉନ୍ନତି ପାଇଁ ସେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ବାପାଙ୍କ ସହ ପରାମର୍ଶ କରିବା ସହ ସବୁବର୍ଗର ଲୋକଙ୍କ ସହ ସେ ପରାମର୍ଶ କରିବେ ବୋଲି କହିଥିଲେ। ମହିଳା, ଯୁବ, ଛାତ୍ର ବର୍ଗର ଲୋକଙ୍କ ଉନ୍ନତି ପାଇଁ ତାଙ୍କର ସଂଗ୍ରାମ ଜାରି ରହିବା ସହ ଜିଲାର ବିକାଶ ପାଇଁ ସେ ନିଜର ଉଦ୍ୟମ ଅବ୍ୟାହତ ରଖିବେ ବୋଲି କହିଥିଲେ। ଶେଷରେ ସମସ୍ତଙ୍କ ସ୍ନେହ ଆଶିର୍ବାଦ, ସହଯୋଗ ଓ ଶୁଭେଚ୍ଛା ନେଇ ଆଗାମୀଦିନରେ ତାଙ୍କର କାର୍ଯ୍ୟକ୍ରମ ଆରମ୍ଭ କରିବେ ବୋଲି ଅରବିନ୍ଦ କହିଥିଲେ। ପ୍ରଥମ କରି ବ୍ଲକ ଅଞ୍ଚଳକୁ ଆସିଥିବା ଅରବିନ୍ଦଙ୍କୁ ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି ଓ ବାଲିଆ ସରପଞ୍ଚ ପ୍ରବୀର କୁମାର ସିଂ ଏକ ବିଶାଳ ଫୁଲହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ରଥ, ହରଧର ଦାଶ, ବଟକୃଷ୍ଣ ସାମଲ, ସୁକାନ୍ତ ଦ୍ୱିବେଦୀ, ସରୋଜକାନ୍ତ ନାୟକ, ଗଣେଶ ଚନ୍ଦ୍ର ସାମଲ, ନିରଞ୍ଜନ କର, ଚୌଧୁରୀ ରବୀନ୍ଦ୍ର ଜେନା, ମନୋରଞ୍ଜନ ଉପାଧ୍ୟାୟ ପ୍ରମୁଖ ବହୁ ବରିଷ୍ଠ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ଆଜିର ଏହି ସମାବେଶରେ ଅରବିନ୍ଦଙ୍କ ଶକ୍ତି ପ୍ରଦର୍ଶନକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ଛତ୍ରପୁର,୧୬।୩(ସନ୍ତୋଷ ପାଢ଼ୀ): ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ୧୯ ଦିନ ପରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ଥାନା ସୁନ୍ଦରପୁର ଗାଁର ବୁଲୁ ବେହେରା। ସୂଚନାଯୋଗ୍ୟ, ଗତ ୧୯ ଦିନ ପୂର୍ବେ ବୁଲୁ ଏକ ବାଇକ୍‌ରେ ନିଜ ପୁଅକୁ ବସାଇ ଗାଁରୁ ଭୀମପୁର ଗାଁକୁ ଯାଉଥିଲେ। ଚମାଖଣ୍ଡି ଥାନା ଭାଟକୁମରଡା ନିକଟ ରାସ୍ତାରେ ଏକ ପାଗଳକୁ ବଞ୍ଚାଇବାକୁ ଯାଇ ବୁଲୁଙ୍କ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ବୁଲୁ ଆହତ ହୋଇଥିବା ବେଳେ ତାଙ୍କ ପୁଅ ଅଳ୍ପକେ ବର୍ତ୍ତିଯାଇଥିଲେ। ପରେ ବୁଲୁଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ବଡ ମେଡିକାଲ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଶୁକ୍ରବାର ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କଂଗ୍ରେସର ନୂତନ କର୍ମକର୍ତ୍ତା ଚୟନ

**ଛତ୍ରପୁର, ୧୬।୩ (ଦିଲୀପ ସାମଲ):** ଗଞ୍ଜାମ ଜିଲାର ନୂତନ କଂଗ୍ରେସ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ ବରିଷ୍ଠ କଂଗ୍ରେସ ନେତା ଭାଗିରଥି ବେହେରାଙ୍କୁ ଜିଲା ଉପସଭାପତି, ଅଶୋକ ପଟ୍ଟନାୟକଙ୍କୁ ସାଧାରଣ ସମ୍ପାଦକ ଓ ନାରୀନେତ୍ରୀ ସୁଜ୍ଞାନୀ ପଟ୍ଟନାୟକଙ୍କୁ ସମ୍ପାଦକ ଭାବରେ ନିଯୁକ୍ତ କରାଯାଇଛି। ଏହିପରି ଭାବେ ଛତ୍ରପୁର ନଗର କଂଗେସ ସଭାପତି ରୂପେ ଯୁବ ସଂଗଠକ କାଳିଆ ରାଉଳ, ଛତ୍ରପୁର ବ୍ଲକ କଂଗ୍ରେସ ସଭାପତି ରୂପେ ଗଣପତି ବାରିକ, ଗଞ୍ଜାମ ବ୍ଲକ ସଭାପତି ରୂପେ ଏନ. ଗଣେଶ ରେଡ୍ଡୀ, ଗଞ୍ଜାମ ନଗର ସଭାପତି ରୂପେ ଏସ. ଭୀମା ରେଡ୍ଡୀ ଓ ରମ୍ଭା ନଗର ସଭାପତି ରୂପେ ଅମିୟକାନ୍ତ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି।।

### ଆସିକାରେ ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ

ଆସିକା,୧୬।୩ (ସୁରେନ୍ଦ୍ର ନାଥ ସାହୁ) ଆସିକାସ୍ଥିତ ହରିହର ହାଇସ୍କୁଲ ଠାରେ ଶୁକ୍ରବାର ଠାରୁ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହୋଇଛି । ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ପ୍ରାୟ ୧୦ହଜାର ଖାତା ମୂଲ୍ୟାୟନ ଲାଗି ଏହି କେନ୍ଦ୍ରକୁ ଆସିଛି। ଆସିକା, ପୋଲସରା, କବିସୂର୍ଯ୍ୟନଗର, ସାନଖେମୁଣ୍ଡି, ଶେରଗଡ, ପୁରୁଷୋତ୍ତମପୁର, ହିଞ୍ଜିଳି, ଧରାକୋଟ ଓ ଦିଗପହଣ୍ଡି ବ୍ଲକର ୨୪୯ଜଣ ଶିକ୍ଷକ ପରୀକ୍ଷା ଖାତା ମୂଲ୍ୟାୟନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମୂଲ୍ୟାୟନକୁ ସଠିକ ଓ ନିର୍ଭୁଲ କରିବା ଲାଗି ଗୋଟିଏ ବିଷୟ ଉତ୍ତରଖାତା ମୂଲ୍ୟାୟନ ଲାଗି ୨୫ରୁ ୩୦ ଜଣ ଶିକ୍ଷକଙ୍କୁ ନେଇ ଗୋଟିଏ ଲେଖାଏଁ ୟୁନିଟ ଗଠନ କରାଯାଇଛି । ମୂଲ୍ୟାୟନ କାର୍ଯ୍ୟର ସୁପରିଚାଳନା ଲାଗି ମାଧ୍ୟମିକ ଶିକ୍ଷା ପରିଷଦର ବରିଷ୍ଠ ପ୍ରଶାସନ ଅଧିକାରୀ ସନାତନ ବିଷୋୟୀ ଏହି କେନ୍ଦ୍ର ତଦାରଖ କରୁଥିଲା ବେଳେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢୀ କେନ୍ଦ୍ର ଅଧିକ୍ଷକ ଭାବେ ରହିଛନ୍ତି। ଏହି ଖାତା ସବୁର ମୂଲ୍ୟାୟନ ଲାଗି ୧୨ରୁ ୧୪ ଦିନ ଲାଗିବ ଏବଂ ଆସନ୍ତା ୨୮ ତାରିଖ ମଧ୍ୟରେ ମୂଲ୍ୟାୟନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କୁହାଯାଇଛି

### ବିଦେଶୀ ମଦ ଜବତ, ଜଣେ ଗିରଫ

ଛତ୍ରପୁର,୧୬।୩(ସନ୍ତୋଷ ପାଢୀ): ଚମାଖଣ୍ଡି ଥାନା ପୋଲିସ ପକ୍ଷରୁ ନରେନ୍ଦ୍ରପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ଦୋକାନରୁ ବେଆଇନ୍ ମଦ ବିକ୍ରି ହେଉଥିବା ନେଇ ଚଢ଼ାଉ କରାଯାଇଥିଲା । ସେଠାରୁ ୫୦ ଲିଟର ବିଦେଶୀ ମଦ ଜବତ ସହ ଏଥିରେ ସମ୍ପୃକ୍ତଙ୍କୁ ଗିରଫ କରାଯାଇଥିଲା । ସେହେଲେ ସୁନିତ ସେନାପତି ଏବଂ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି।

# ଗ୍ରୀଷ୍ମ ଆରମ୍ଭରୁ ଘାରିଲାଣି ଜଳ ସଙ୍କଟ

ପାରଳାଖେମୁଣ୍ଡି, ୧୬।୩ (ଗିରିଧାରୀ ପରିଛା): ଗଜପତି ଜିଲାରେ ଦିନକୁ ଦିନ ତାପମାତ୍ରା ବଢୁଥିବା ବେଳେ ଚଳିତ ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ଜିଲାରେ ଜଳ ସଙ୍କଟ ଦେଖିବାକୁ ମିଳିଛି। ବ୍ୟାପକ ଗଛକଟା ଯୋଗୁଁ ଜଳବାୟୁରେ ପରିବର୍ତ୍ତନ ସହ ପଥର ଖନନ ଏବଂ ଏହା ଦ୍ୱାରା ବର୍ଷା ଅଭାବ ପରିଲକ୍ଷିତ ହୋଇଛି । ଜିଲାରେ ବିଗତ ବର୍ଷ ଅଗଷ୍ଟରୁ ବର୍ଷା ଗାଏବ ହୋଇଯାଇଛି । ପାହାଡିଆ ଅଞ୍ଚଳରେ ପ୍ରାକୃତିକ ଜଳ ଉତ୍ସଗୁଡିକ ଶୁଷ୍କ ହେଉଥିବା ବେଳେ ସମତଳିଆ ଅଞ୍ଚଳରେ ମଧ୍ୟ ନଦୀ ତଥା ଜଳାଶୟଗୁଡିକ ଶୁଖି ପଡିଥିବା ଦେଖିବାକୁ ମିଳୁଛି। ଗ୍ରୀଷ୍ମ ଋତୁର ଆଗମନରେ ଏଭଳି ଜଳ ସଂକଟ ପରିସ୍ଥିତି ଉପୁଜିଛି । ଆଗକୁ ଏହା ଗମ୍ଭୀର ରୂପ ନେବାର ଆଶଙ୍କା ରହିଛି । ଜିଲାର ପ୍ରମୁଖ ନଦୀ ନାଳ ତଥା ଚିରସ୍ରୋତାଗୁଡିକର ଅବବାହିକାରେ ଘୋର ଜଳ ସଙ୍କଟ ସୃଷ୍ଟି ହେବାକୁ ଯାଉଛି। ଭୌଗଳିକ ସ୍ଥିତିକୁ ଦେଖିଲେ ସମସ୍ତ ୭ଟି ବ୍ଲକ ଯଥା ମୋହନା, ରା.ଉଦୟଗିରି, ନୂଆଗଡ, ରାୟଗଡ, ଗୋଷାଣି, ଗୁମ୍ମା ଓ କାଶୀନଗର ବ୍ଲକ ମଧ୍ୟରୁ ଗୋଷାଣି ଓ କାଶୀନଗର ସମତଳିଆ ଅଞ୍ଚଳ ଏବଂ ଏହି ଦୁଇ ଗୋଟି ବ୍ଲକରେ ଚିରସ୍ରୋତା



ମହେନ୍ଦ୍ରତନୟା ଏବଂ ବଂଶଧାରା ପ୍ରବାହିତ ହେଉଛି । ଅନ୍ୟ ପାଞ୍ଚଟି ବ୍ଲକ ପାହାଡିଆ ତଥା ଜଙ୍ଗଲଘେରା ମଧ୍ୟରେ ରହିଛି । ଏହି ପାହାଡିଆ ଜଙ୍ଗଲ ଘେରା ବ୍ଲକରେ ଜଳ ଉତ୍ସ କହିଲେ ସେପରି କୌଣସି ବଡ ଜଳାଶୟ ନାହିଁ। ଅଡ଼ବା ହରଭଙ୍ଗି ଡ୍ୟାମ ଅଞ୍ଚଳରେ ଜଳ ସମସ୍ୟା ନ ଥିଲେ ମଧ୍ୟ ଚାଷ ଜମିକୁ ସେପରି ଜଳସେଚନ ଲାଗି କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏହା କେବଳ ମାଛ ଚାଷ ପାଇଁ ପ୍ରସିଦ୍ଧ ଅଟେ। ଜଳ ଉପଯୋଗୀ କମ ଅଟେ। ବର୍ଷାର ଅଭାବ ଯୋଗୁଁ ଦୁଇଟି ସମତଳିଆ ବ୍ଲକ ଯଥା ଗୋଷାଣି ଓ କାଶୀନଗର ଅଞ୍ଚଳରେ ମଧ୍ୟ ଜଳ ଉତ୍ସଗୁଡିକ ଶୁଷ୍କ ହେଲାଣି। ପରିସ୍ଥିତି ଏପରି ଯେ, ମାନବ ସମାଜ ତ ଜଳ କଷ୍ଟ ଭୋଗିବେ। ହେଲେ ପଶୁ ପକ୍ଷୀ ବା ଜଙ୍ଗଲ ଜନ୍ତୁ ତଥା ବଣ୍ୟପ୍ରାଣୀ ମାନେ ମଧ୍ୟ ପାଣି ପାଇପାରିବେ ନାହିଁ। ବର୍ଷା ଅଭାବରୁ ସମଗ୍ର ଜିଲାରେ ଜଳ ସଂକଟ ଆଡକୁ ମୁହାଁଉଛି। ଆଉ ପାଣି ପାଇଁ ପ୍ରାଣୀ ଜଗତ ହାହାକାର ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଜିଲାର ଏକ ମୁଖ୍ୟ ଜନବସତି ହୋଇଥିବା ବେଳେ ମହେନ୍ଦ୍ରତନୟା ନଦୀ ପାଣି ହିଁ ଏକ ମାତ୍ର ଜଳଉତ୍ସ। ଅନ୍ତତଃ ରାୟଗଡ ବ୍ଲକ ଡମ୍ବାପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ରାୟଗଡ ଓ ଗୋଷାଣି ବ୍ଲକ ଅଞ୍ଚଳରେ ଜଳ ସଂକଟ ସମସ୍ୟା ଦେଖାଦେଇନଥାନ୍ତା। ଡାଲିମ୍ବପୁର ପୂର୍ବରୁ ଆନ୍ଧ୍ରର ରାଚିଣି ନିକଟରେ ଆନ୍ଧ୍ରର ଚାଷୀ ଓ ଜଳ ସମ୍ପଦ ବିଭାଗ ପ୍ରବାହିତ ମହେନ୍ଦ୍ରତନୟା ନଦୀରେ ପୁନ ବା ଆନିକଟ ନିର୍ମାଣ କରି ନିଜ ନିଜ ଅଞ୍ଚଳ ପାଇଁ ଜଳ ସଂରକ୍ଷିତ କରିଛି। ହେଲେ ଓଡିଶା ତଥା ଗଜପତି ଜିଲାରେ ପ୍ରବାହିତ ମହେନ୍ଦ୍ର ତନୟାରେ ସେପରି କିଛି ବ୍ୟବସ୍ଥା ହୋଇନାହିଁ । ଯଦି ଡମ୍ବାପୁର ପ୍ରକଳ୍ପ ସମ୍ପୂର୍ଣ୍ଣ ରୂପେ ନିର୍ମିତ ହୋଇଯାଇଥିଲେ ସୁଦ୍ଧା ଜଳ ସଂରକ୍ଷଣ ବ୍ୟବସ୍ଥା ହୋଇପାରିନ ଥିବାରୁ ଏହା ଏବେ ଅଧପନ୍ତରିଆ ଭାବେ ପଡିରହିଛି। ଏହି ଡମ୍ବାପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡିଶା ତଥା ଗଜପତି ଜିଲ୍ଲାର ରାୟଗଡ ବ୍ଲକର କିଛି ଅଞ୍ଚଳ ସମେତ ଗୋଷାଣି ବ୍ଲକର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଜମିକୁ ଜଳସେଚନ ବ୍ୟବସ୍ଥା ସହ ପାରଳାଖେମୁଣ୍ଡି ସହରାଞ୍ଚଳକୁ ପାନୀୟ ଜଳ ଅଭାବ ପରିଲକ୍ଷିତ ହୋଇ ନ ଥାନ୍ତା ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଅପରପକ୍ଷରେ ବର୍ଷା ଜଳ ଅଭାବ ଏବଂ ସିମେଣ୍ଟ କଂକ୍ରିଟ କୋଠାବାଡିଠାରୁ ରାସ୍ତା ନିର୍ମାଣ ଯୋଗୁଁ ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଇବା ନିଶ୍ଚିତ। ଭୂତଳ ଜଳଭଣ୍ଡାର ହ୍ରାସ ପାଇଲେ ଟ୍ୟୁବୱେଲ ଆଦି ଯୋଗେ ଆସୁଥିବା ପାଣି ମଧ୍ୟ ଆଉ ଆସିବାର ସମ୍ଭାବନା ନାହିଁ। ଏପରି ସ୍ଥଳେ ଆଗକୁ ସ୍ଥିତି ଗମ୍ଭୀର ହେବ ବୋଲି ଆଶଙ୍କା କରାଯାଉଛି।

## ସରକାରୀ ଅର୍ଥ ଆତ୍ମସାତ ମାମଲା
# ତତ୍କାଳୀନ ଜିଆର୍‌ଏସ୍‌ଙ୍କୁ ୩ ବର୍ଷ ଜେଲ

ବ୍ରହ୍ମପୁର,୧୬।୩(ସୁବାସ ଚନ୍ଦ୍ର ପାଢ଼ୀ)– ଏକ ପୋଖରୀ କାମ ପାଇଁ ଆସିଥିବା ଟଙ୍କା ଆତ୍ମସାତ ମାମଲାର ଚୂଡାନ୍ତ ରାୟ ୧୩ବର୍ଷ ପରେ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ଶନିବାର ଏହି ମାମଲାରେ ତତ୍କାଳୀନ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୭ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ମାମଲାରେ ସଂପୃକ୍ତ ଥିବା ତତ୍କାଳୀନ ସରପଞ୍ଚ ଓ ଯନ୍ତ୍ରୀଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଜିଆରଏସ୍ ଜଣଙ୍କ ହେଲେ ମନୋଜ କୁମାର ସାହୁ। ଗଞ୍ଜାମ ବ୍ଲକ କରପଡା ପଞ୍ଚାୟତରେ ଜିଆରଏସ ଭାବେ କାର୍ଯ୍ୟ କରୁଥିବା ବେଳେ ସରକାରୀ ଅର୍ଥ ଆତ୍ମସାତ କରିଥିଲେ। ସେ ବର୍ତ୍ତମାନ ପୁରୁଷୋତ୍ତମପୁର ବ୍ଲକରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି।

୨୦୧୧ ମାର୍ଚ୍ଚ ୧୫ରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତ ଆଲିଆବାଦ ଗ୍ରାମର ନୀଳ ପୋଖରୀର ଉନ୍ନତୀକରଣ ପାଇଁ ବ୍ଲକ ପାଣ୍ଠିରୁ ୯୨ ହଜାର ୩୧୫ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ପୋଖରୀର ଉନ୍ନତୀକରଣ ନକରି ତତ୍କାଳୀନ ଜିଆରଏସ ମନୋଜ ନାୟକ, ତତ୍କାଳୀନ ସରପଞ୍ଚ ପ୍ରଶାନ୍ତ ନାୟକ, ବ୍ଲକର ତତ୍କାଳୀନ ଯନ୍ତ୍ରୀ ସାରଦା ପ୍ରସାଦ ଜେନା ମିଳିତଭାବେ ମିଥ୍ୟା ବିଲ କରି ଟଙ୍କା ହଡପ କରିଥିବା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ୧୧/୧୧ରେ ଏକ ମାମଲା ରୁଜୁ ହେବା ସହ ଜିଆରଏସ, ସରପଞ୍ଚ ଓ ଯନ୍ତ୍ରୀଙ୍କୁ ଅଭିଯୁକ୍ତ ଦର୍ଶାଇ ମାମଲାରେ ଜଡିତ କରାଯାଇଥିଲା। କିଛିଦିନ ପରେ ସମସ୍ତେ ହାଇକୋର୍ଟରୁ ଜାମିନ ପାଇଥିଲେ। ମାମଲାର ବିଚାର ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚାଲୁରହିଥିଲା। ମୋଟ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ରାୟ ପ୍ରକାଶ ବେଳେ ୩ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ବଣିକ ସଂଘ ତରଫରୁ ରକ୍ତଦାନ ଶିବିର

ରାଇକିଆ,୧୬।୩(ପ୍ରଦୀପ ବେହେରା)

ରାଇକିଆ ବଣିକ ସଂଘ ତରଫରୁ ଶନିବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ବଣିକ ସଂଘର ସଦସ୍ୟଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ବ୍ୟକ୍ତି ବିଶେଷ ରକ୍ତଦାନ କରିଥିଲେ। ଶିବିରରେ ସମୁଦାୟ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଫୁଲବାଣୀ ରକ୍ତଭଣ୍ଡାରର ଅଫିସର୍ ଜୟଦିପ କୁମାର ଘୋଷ, ଲ୍ୟାବ ଟେକନିସିଆନ ଦୀନକୃଷ୍ଣ ମହନ୍ତ, ନର୍ସିଂ ଅଫିସର ଅର୍ଚ୍ଚନା ପ୍ରଧାନ, ଡିଏମଏ ପ୍ରଶାନ୍ତ କୁମାର ରଣ୍ଣଲୁ, ବରୁଣ ବେହେରା, ଜ୍ୟୋତି ରଂଜନ ପୃଷ୍ଟି ପରିଚାଳନା କରିଥିଲେ। ସଂଘ ସଭାପତି ପଦ୍ମଚରଣ ପଣ୍ଡା, ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା, ସହ ସଂପାଦକ ଶ୍ରୀନିବାସ ଆଚାରୀ, କୋଷାଧ୍ୟକ୍ଷ ବାଲ୍ମୀକି ପତି, ଯୁଗ୍ମ ସମ୍ପାଦକ ଦୃତିକୃଷ୍ଣ ପଣ୍ଡା, ସନ୍ତୋଷ ପାଢ଼ୀ ଏବଂ ସଂଘର ସଦସ୍ୟମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜିଲା କ୍ୟାମେରା ମ୍ୟାନ ସଂଘର ବୈଠକ



କ୍ୟାମେରା ମ୍ୟାନ।

ଫୁଲବାଣୀ, ୧୬।୩(ରାକେଶ କୁମାର ରାଉତ):

କନ୍ଧମାଳ ଜିଲା କ୍ୟାମେରା ମ୍ୟାନ ସଂଘର ଏକ ବୈଠକ ସ୍ଥାନୀୟ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। କ୍ୟାମେରା ମ୍ୟାନ୍ ବିଶ୍ୱରଞ୍ଜନ ସାମନ୍ତରାୟ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ କ୍ୟାମେରା ମ୍ୟାନ୍‌ଙ୍କ ସମସ୍ୟା, ନୂଆ ରେଟ ତାଲିକା, କୌଣସି ଅସୁବିଧାର ସମ୍ମୁଖୀନ ହେଲେ କ'ଣ ପଦକ୍ଷେପ ନିଆଯିବ, ତାହା ଉପରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ନୂତନ କର୍ମକର୍ତ୍ତା ଚୟନ ହେବା ନେଇ ସ୍ଥିର ହୋଇଥିଲା । ଅନୁଷ୍ଠିତ ବୈଠକରେ ରାଜେଶ ପାଣିଗ୍ରାହୀ, ରାମଚନ୍ଦ୍ର ପଣ୍ଡା, ଶିବାଜି ପାତ୍ର, ଜଗା ଦାସ, କୃତିଦିପନ ଭୋଇ, ଅସିତ୍ ବେହେରା, କାହ୍ନା ପଟ୍ଟନାୟକ, କାହ୍ନା ଦିଗାଲ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱରଂଜନ ସାମନ୍ତରାୟ ଧନ୍ୟବାଦ୍ ଦେଇଥିଲେ ।

# ସେକ୍ଟରସ୍ତରୀୟ ପୋଷଣ ପକ୍ଷ

ବୁଗୁଡା,୧୬।୩(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ବିଷ୍ଣୁଚକ୍ର ଅଙ୍ଗନୱାଡି କେନ୍ଦ୍ର ୧ ପରିସରରେ ଏ. କରଡାବାଡି ସେକ୍ଟରସ୍ତରୀୟ ପୋଷଣ ପଖୱାଡା ପାଳିତ ହୋଇଯାଇଛି। ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୋଚାଲୁଣ୍ଡି ସରପଞ୍ଚ ସୁଜାତା କୁମାରୀ ପ୍ରଧାନ ମୁଖ୍ୟ ଅତିଥି, ସୁପରଭାଇଜର ସ୍ୱର୍ଣ୍ଣମୟୀ ନାୟକ, ମମତା ଶବର, ଲିଲି ଶବର, ୱାର୍ଡ ସଭ୍ୟା ଯାଜ୍ଞସେନୀ ଗୌଡ, ନାଏବ ସରପଞ୍ଚ ପ୍ରତିମା ଗୌଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁଙ୍କ ଯତ୍ନ, ସେମାନଙ୍କୁ ଉପଯୁକ୍ତ ପୋଷଣ ଯୋଗାଣ ଏବଂ ମା'ମାନେ କିଭଳି ପୋଷଣଯୁକ୍ତ ସୁଷମ ଖାଦ୍ୟ ଗ୍ରହଣ କରିବେ ଆଲୋଚନା ହୋଇଥିଲା। ସେଠାରେ ବିଭିନ୍ନ ପୋଷଣଯୁକ୍ତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀ ହୋଇଥିଲା ବେଳେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଏ କରଡାବାଡି ସେକ୍ଟରର ସମସ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଏବଂ ଶିଶୁଙ୍କ ସହିତ ମା', ମହିଳା କିଶୋରୀ ବାଳିକା ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ଚାଲାଣକାରୀ ଫେରାର

ଫିରିଙ୍ଗିଆ,୧୬।୩(ବିକ୍ରମ ଦିଗାଲ): ଫିରିଙ୍ଗିଆ ଥାନା ଅନ୍ତର୍ଗତ ଡିମିରିଗୁଡ଼ା ପଞ୍ଚାୟତ ଅଞ୍ଚଳରେ ଶନିବାର ଫିରିଙ୍ଗିଆ ପୋଲିସ ୪୫୩ କିଲୋ ଗଞ୍ଜେଇ ଜବତ କରିଛି। କିନ୍ତୁ ପୋଲିସକୁ ଦେଖି ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁ ଓ ଅନ୍ୟ ପୋଲିସଙ୍କ ସହାୟତାରେ ଚଢ଼ାଉ କରାଯାଇଥିଲା। ଏହି ବାବଦରେ ଫିରିଙ୍ଗିଆ ଥାନା ନଂ ୬୮/୨୪ ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

# ନିର୍ବାଚନ ଘୋଷଣା ପରେ ହୋର୍ଡିଂ ହଟାଇଲେ ଦଳୀୟ କର୍ମୀ



**ଦାରିଙ୍ଗବାଡି, ୧୬।୩ (ଅରୁଣ ସାହୁ):**

ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ଶନିବାର ତାରିଖ ଘୋଷଣା ହେବା ପରେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଦଳୀୟ କର୍ମୀମାନେ ନିଜ ଦଳର ହୋର୍ଡିଂଗୁଡିକୁ ହଟାଇ ଦେଇଛନ୍ତି। ବିଭିନ୍ନ ଦଳର ନୂତନ ବର୍ଷ ଅଭିନନ୍ଦନ ସହ 'କଂଗ୍ରେସ ଆସୁଛି' ଉଲ୍ଲେଖ ଥିବା ହୋର୍ଡିଂ ବିଭିନ୍ନ ପଞ୍ଚାୟତରେ ଏକାଧିକ ସ୍ଥାନରେ ମାଳମାଳ ଲାଗିଛି। ନିର୍ବାଚନ ଘୋଷଣା ପରେ ଆଚରଣବିଧି ଲାଗୁ ହୋଇଛି। ଫଳରେ ଦଳୀୟ କର୍ମୀମାନେ ଏଭଳି ପଦକ୍ଷେପ ନେଇଥିବା ସିମନବାଡି ପଞ୍ଚାୟତର ସମିତିସଭ୍ୟ ସାଧୁ ନାୟକ, ୱାର୍ଡ ସଭ୍ୟ ଅମରେନ୍ଦ୍ର ପ୍ରଧାନ କହିଛନ୍ତି। ହୋର୍ଡିଂଗୁଡିକ ହଟାଯିବା ସମ୍ପର୍କରେ ବିଡ଼ିଓ ଗଦାଧର ପାତ୍ର କହିଛନ୍ତି ସ୍ୱତନ୍ତ୍ର ଟିମ ବ୍ଲକ ଅଞ୍ଚଳରେ ବୁଲି ଲାଗିଥିବା ହୋର୍ଡିଂଗୁଡିକୁ ହଟାଇବ।

# ଭାବିନୀପୁର-ନୂଆ ବସ୍‌ଷ୍ଟାଣ୍ଡ ବାଇପାସ୍ ରାସ୍ତା ଲୋକାର୍ପିତ

ବ୍ରହ୍ମପୁର,୧୬।୩(ଅଶୋକ କୁମାର ସାହୁ) ବହୁ ପ୍ରତୀକ୍ଷିତ ଭାବିନୀପୁର-ନୂଆ ବସ୍‌ଷ୍ଟାଣ୍ଡ ପୂର୍ତ୍ତ ବିଭାଗ ରାସ୍ତା ଶୁକ୍ରବାର ଲୋକାର୍ପିତ ହୋଇଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପିତ କରିଥିଲେ। ଏମ୍‌ପି କହିଥିଲେ, କୋର୍ଟପେଟାଠାରୁ ଗେଟ୍ ବଜାର ରାସ୍ତାର ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖ ଏମ୍‌କେସିଜି ମେଡିକାଲ ଦ୍ୱିତୀୟ ଗେଟ୍ ବନ୍ଦ ରହିଛି। ବ୍ୟାଙ୍କ କଲୋନୀ ସହିତ ଭାବିନୀପୁର ଦେଇ ଲୋଚାପଡ଼ା ଜଙ୍କ୍‌ଶନକୁ ଯିବାକୁ ଏହା ସୁବିଧା ରାସ୍ତା ଥିଲା। କୌଣସି କାରଣରୁ ଏହି ଗେଟ୍ ବନ୍ଦ ହେବା ଦ୍ୱାରା ରୋଗୀ ତଥା ସାଧାରଣ ଲୋକେ ଅସୁବିଧା ଭୋଗିଲେ। ଅନେକ ଦାବି ପରେ ଏମ୍‌କେସିଜି ମେଡିକାଲ ୩ ଏକର ଜମି ଦେବାରୁ ଖେଳପଡ଼ିଆ କଡ଼େ କଡ଼େ ବାଇପାସ୍ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତା ନୂଆ ବସ୍‌ଷ୍ଟାଣ୍ଡରୁ ଭାବିନୀପୁର ଦେଇ ଲୋଚାପଡ଼ା ଜଙ୍କ୍‌ଶନ ଯାଇଛି। ଏହାଦ୍ୱାରା ଲୋକଙ୍କ ଗମନାଗମନ ସୁଗମ ହେବ। ଏହି ପୂର୍ତ୍ତ ବିଭାଗ ରାସ୍ତା ପାଇଁ ୨,୧୦,୧୧,୭୪୦ ଟଙ୍କା ବ୍ୟୟ କରାଯାଇଛି।

# ସାଇବର ଠକେଇର ଶିକାର ହେଲେ ସାଇବର ସେଲର ସାହାଯ୍ୟ ନେଇପାରିବେ

**ଛତ୍ରପୁର, ୧୬।୩ (ଦିଲୀପ ସାମଲ):**

ଲୋକଙ୍କ ସେବା ଯୋଗାଇବା ପାଇଁ ଗଞ୍ଜାମ ପୁଲିସ ବେଶ ସଜାଗ ହୋଇଛି । ଦିନକୁ ଦିନ ଲୋକେ ସାଇବର ଠକେଇର ଶିକାର ହେଉଥିବାରୁ ଏହାର ପ୍ରତିକାର ପାଇଁ ଗଞ୍ଜାମ ପୁଲିସ ପକ୍ଷରୁ ଏକ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ତୁରନ୍ତ ଗଞ୍ଜାମ ସାଇବର ସେଲ ହେଲ୍ପଲାଇନ ନମ୍ବର ୯୧୮୭୬୩୬୧୧୯୬୬ରେ ଜଣାଇ ସାହାଯ୍ୟ ନେଇପାରିବେ ବୋଲି ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଗଞ୍ଜାମ ପୁଲିସ ଜିଲା ସବୁବେଳେ ଲୋକଙ୍କୁ ଉତ୍ତମ ସେବା ଯୋଗେଇବା ପାଇଁ ଚେଷ୍ଟିତ। ତେଣୁ ଗଞ୍ଜାମ ପୁଲିସ ଜିଲାରେ ଯେକୌଣସି ବ୍ୟକ୍ତି ଯଦି ସାଇବର ଠକେଇର ଶିକାର ହୋଇଥାନ୍ତି ତେବେ ତୁରନ୍ତ ପୁଲିସ ପକ୍ଷରୁ ଜାରି କରାଯାଇଥିବା ସାଇବର ସେଲ ହେଲ୍ପଲାଇନ ନମ୍ବର ଜଣାଇବାକୁ ପୋଲିସ ପକ୍ଷରୁ କୁହାଯାଇଛି। ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟରେ ଏନେଇ ଏକ କଣ୍ଟ୍ରୋଲଲ ରୁମ କରାଯାଇଛି। ଜଣେ ଇନ୍ସପେକଟର ଏଥିପାଇଁ ନିୟୋଜିତ ରହିଛନ୍ତି।

# ପୋଲିସର ଫ୍ଲାଗ୍‌ମାର୍ଚ୍ଚ
## ହୋର୍ଡିଂ ହଟାଇଲା ପ୍ରଶାସନ



ଭଞ୍ଜନଗର,୧୬।୩(ବାବୁଲା ପ୍ରଧାନ): ନିର୍ବାଚନ ପାଇଁ ତାରିଖ ଘୋଷଣାର କିଛି ସମୟ ପୂର୍ବରୁ ଭଞ୍ଜନଗର ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୁବନେଶ୍ୱର ସ୍ଥିତ ନବୀନ ନିବାସରେ ଭେଟି ଭଞ୍ଜନଗର ଏନଏସିକୁ ମ୍ୟୁନିସିପାଲଟି ଘୋଷଣା କରାଯାଇଥିବା ଯୋଗୁଁ ଅଭିନନ୍ଦନ ଜଣାଇଥିଲେ। ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ଭଞ୍ଜନଗର ଉପଖଣ୍ଡ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଶନିବାର ସନ୍ଧ୍ୟାରେ ଭଞ୍ଜନଗର ସହରରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ନେତାମାନଙ୍କ ହୋର୍ଡିଂ ଓ ବ୍ୟାନରଗୁଡ଼ିକୁ ହଟାଇ ଦିଆଯାଇଛି।

### ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୬।୩ (ଗିରିଧାରୀ ପରିଛା): ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଆର୍.ସୀତାପୁର ଗ୍ରାମରେ ଗତ ୧୦ ତାରିଖ ରାତିରେ ଘଟିଥିବା ଏକ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଗ୍ରାମର ପୁରୁଷୋତ୍ତମ ବରାଡ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ ଆନ୍ଧ୍ରର ଶ୍ରୀକାକୁଲମ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଗୁରାଣ୍ଡି ଥାନାରେ ଏକ ମାମଲା ରୁଜୁ କରାଯାଇ ଏଏସଆଇ ରଞ୍ଜନ ଚୌଧୁରୀ ତଦନ୍ତ କରୁଥିବାର ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି।

# ଜି.ଉଦୟଗିରିରେ ୨୪ ଘଣ୍ଟିଆ ବନ୍ଦ

ଜି.ଉଦୟଗିରି,୧୬।୩(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ପୁରୁଣା ତାଲୁକା ଯଥା ଜି.ଉଦୟଗିରି ଏନ୍‌ଏସି, ଜି.ଉଦୟଗିରି, ରାଇକିଆ, ଟିକାବାଲି ଓ ଚକାପାଦ ବ୍ଲକକୁ ନେଇ ଜି.ଉଦୟଗିରି ରାଜସ୍ୱ ସବ ଡିଭିଜନ ଘୋଷଣା ଦାବି ନେଇ ଜି.ଉଦୟଗିରି କ୍ରିୟାନୁଷ୍ଠାନ ପକ୍ଷରୁ ଶନିବାର ୨୪ ଘଣ୍ଟିଆ ବନ୍ଦ ପାଳନ ହୋଇଛି। ସକାଳୁ ଦୋକାନ ବଜାର, ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଜି.ଉଦୟଗିରି ତହସିଲ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ତହସିଲଦାର ଫାଲଗୁନି କୁମାରଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। କନ୍ଧମାଳ ଜିଲାର ପ୍ରବେଶପଥ ଭାବେ ପରିଚିତ କଳିଙ୍ଗା ଠାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ସେଠାରେ ମଧ୍ୟ ଦୋକାନ

**ରାଜସ୍ୱ ସବ୍‌ଡିଭିଜନ ଦାବି**




ବନ୍ଦରେ ସାମିଲ ହୋଇଥିବା ଜି.ଉଦୟଗିରି କ୍ରିୟାନୁଷ୍ଠାନ କର୍ମକର୍ତ୍ତା।

ବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଛି। ବନ୍ଦ ଯୋଗୁ କଳିଙ୍ଗା ଦେଇ ଯାଉଥିବା ଫୁଲବାଣୀ, ବାଲିଗୁଡା ବସ ଚଳାଚଳ ବାଧାପ୍ରାପ୍ତ ହେବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବନ୍ଦରେ ୨୨ଟି ସଙ୍ଗଠନ ସାମିଲ ଥିଲେ। ସୂଚନାଯୋଗ୍ୟ, ଦୀର୍ଘ ବର୍ଷହେବ ଜି.ଉଦୟଗିରିକୁ ରାଜସ୍ୱ ସବଡିଭିଜନ କରିବା ନିମନ୍ତେ ଦାବି ହୋଇଆସୁଛି। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ମଧ୍ୟ ସବ ଡିଭିଜନ ଘୋଷଣା କରିନଥିବାରୁ ବନ୍ଦ ଡାକରା ଦିଆଯାଇଥିଲା।

### ପ୍ରଶାନ୍ତ ବେହେରା ବେଗୁନିଆ ବ୍ଲକ ବିଜେଡି ସଭାପତି

ଭୁବନେଶ୍ୱର,୧୬।୩(ଅନିଲ ଦାସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାନ୍ତ କୁମାର ବେହେରାଙ୍କୁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଶନିବାର ଏ ନେଇ ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# କଂଗ୍ରେସ ପ୍ରାର୍ଥୀଙ୍କ ଉପରେ ନଜର

## ବଲାଙ୍ଗୀର ଲୋକ ସଭା ଆସନ

ବଲାଙ୍ଗୀର, ୧୬।୩ (ବୀରେନ୍ଦ୍ର କୁମାର ଝାଙ୍କର)


ଶରତ ପଟ୍ଟନାୟକ


ବିଧୁଭୂଷଣ ତ୍ରିପାଠୀ


ଆକବର ଖାନ୍


ମନୋଜ ମିଶ୍ର

ବିଜେଡି-ଭାଜପା ମେଣ୍ଟ ଚର୍ଚ୍ଚା ହେବା ପରଠାରୁ କଂଗ୍ରେସ ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଉଭୟ ଲୋକ ସଭା ଏବଂ ବିଧାନସଭା ଆସନରେ କଂଗ୍ରେସର କେଉଁ ପ୍ରାର୍ଥୀ ମେଣ୍ଟ ପ୍ରାର୍ଥୀଙ୍କୁ ଟକ୍କର ଦେଇପାରିବେ ତାହା ଏବେଠାରୁ ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ଲୋକ ସଭା ଆସନରେ କଂଗ୍ରେସ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ହୋଇନାହିଁ। ୨୦୧୯ ନିର୍ବାଚନରେ କଂଗ୍ରେସରୁ ଲୋକ ସଭା ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ ଯୁବନେତା ସମରେନ୍ଦ୍ର ମିଶ୍ର। ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତାରେ ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ପରାଜୟ ବରଣ କରିଥିବା ବେଳେ ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ବିଜୟୀ ହୋଇଥିଲେ। ଏବେ ବିଜେଡି ଏବଂ ଭାଜପା ମଧ୍ୟରେ ମେଣ୍ଟ ହେଲେ ସିଧାସଳଖ କଂଗ୍ରେସ ପ୍ରାର୍ଥୀ ଟକ୍କର ଦେବେ। ତେବେ କଂଗ୍ରେସ ମେଣ୍ଟ ପ୍ରାର୍ଥୀଙ୍କୁ ଟକ୍କର ଦେବାକୁ ନେଇ କ'ଣ ସବୁ ପ୍ରସ୍ତୁତି କରୁଛି ତାହା ଏବେ ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି।

୨୦୧୯ ନିର୍ବାଚନର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଚଳିତ ନିର୍ବାଚନରେ ବଲାଙ୍ଗୀର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହୋଇ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କୁହାଯାଉଛି। ଗତ କିଛି ମାସ ହେଲା ସେ ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କର ପ୍ରଚାର ପ୍ରସାର ଆରମ୍ଭ କରିଦେଇଛନ୍ତି। ସମରେନ୍ଦ୍ର ବିଧାୟକ ପ୍ରାର୍ଥୀ ହେଲେ ଲୋକ ସଭା ପ୍ରାର୍ଥୀ କିଏ ହେବେ, ତାହାକୁ ନେଇ ନାନା ଚର୍ଚ୍ଚା ଶୁଣାଯାଉଛି। ପିସିସି ସଭାପତି ଶରତ ପଟ୍ଟନାୟକ ଏଥର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ହେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ତାଙ୍କ ଘନିଷ୍ଠ ସହଯୋଗୀ ବିଧୁଭୂଷଣ ତ୍ରିପାଠୀ, ଯୁବ ସଙ୍ଗଠକ ଆକବର ଖାନ୍, ସିନେ ଅଭିନେତା ମନୋଜ ମିଶ୍ର, ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ଲୋକ ସଭା ପ୍ରାର୍ଥୀ ଆଶାୟୀ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏମାନଙ୍କ ଭିତରୁ କିଏ ଟିକେଟ ପାଇବେ ନା ଅନ୍ୟ କେହି କଂଗ୍ରେସ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ହୋଇନାହିଁ। ବେକାର ଯୁବକଙ୍କୁ ନିଯୁକ୍ତି ଦାବିରେ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିବା ଯୁବ ସଙ୍ଗଠକ ଆକବର ଖାନ୍ ରାଜ୍ୟ ତଥା ଜାତୀୟ ଲବିକୁ ଜୋରଦାର କରିଥିବା ଶୁଣାଯାଉଛି। ଅନ୍ୟପଟେ ଦୀର୍ଘଦିନରୁ ବଲାଙ୍ଗୀରର ବିଭିନ୍ନ ଆନ୍ଦୋଳନ, କଂଗ୍ରେସ ଦଳୀୟ କାର୍ଯ୍ୟରେ ରହି ନିଜକୁ ସକ୍ରିୟ ରଖିଥିବା ବିଧୁଭୂଷଣ ଟିକେଟ ପାଇବେ ବୋଲି ଆଶା ରଖିଛନ୍ତି। ଓଡ଼ିଆ ସିନେମାରେ ଆଞ୍ଚଳିକ ବୈଷମ୍ୟର ଶିକାର ପ୍ରସଙ୍ଗକୁ ନେଇ ଚର୍ଚ୍ଚିତ ସିନେ ଅଭିନେତା ମନୋଜ ମିଶ୍ର ମଧ୍ୟ ଏଥର ଟିକେଟ ମିଳିଲେ ବଲାଙ୍ଗୀର ଲୋକ ସଭା ଆସନରୁ ପ୍ରାର୍ଥୀ ହେବେ ବୋଲି କହିସାରିଛନ୍ତି। ସେ ମଧ୍ୟ ଟିକେଟ ଦୌଡ଼ରେ ରହିଛନ୍ତି। କୋଶଲୀ ଭାଷା, ସଂସ୍କୃତି ଏବଂ ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗକୁ ନେଇ ସେ ଏବେ ଲୋକଲୋଚନରେ ଅଛନ୍ତି। ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ମଧ୍ୟ ଲୋକ ସଭା ଟିକେଟ ଦୌଡ଼ରେ ଅଛନ୍ତି। ଏହାବାଦ୍ ବିଜେଡି ଓ ଭାଜପାରୁ ଟିକେଟ ଆଶାୟୀ ଥିବା କିଛି ନେତା ଉଭୟ ଦଳର ମେଣ୍ଟ ସମ୍ଭାବନା ପରେ ଏବେ କଂଗ୍ରେସ ଦଳରୁ ଟିକେଟ ଆଶାୟୀ ହୋଇ ଲବିରେ ଥିବା ଜଣାପଡିଛି। କିଛି ଚାଷୀ ନେତା ମଧ୍ୟ ଏହି ଲବିରେ ରହିଛନ୍ତି। ଭାଜପା-ବିଜେଡି ମେଣ୍ଟ ପ୍ରାର୍ଥୀଙ୍କୁ ଟକ୍କର ଦେବାକୁ ହେଲେ କଂଗ୍ରେସ କାହାକୁ ପ୍ରାର୍ଥୀ ଘୋଷଣା କରୁଛି ତାହା ଏବେ ବଡ଼ ପ୍ରଶ୍ନ ହୋଇରହିଛି।

## ଓଡ଼ିଶାରେ ନିର୍ବାଚନ ଲଢ଼ିବ ଏଏପି: ସନ୍ଦୀପ



ଖବରଦାତା ସମ୍ମିଳନୀରେ ଏଏପି ନେତା ସନ୍ଦୀପ ପାଠକ ଓ ଅନ୍ୟମାନେ।

ଭୁବନେଶ୍ୱର,୧୬।୩(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜନୀତିରେ ଏକ ପରିବର୍ତ୍ତନର ସଙ୍କେତ ମିଳୁଛି। ଭାଜପା ଓ ବିଜେଡି ମେଣ୍ଟ ହେବ ବୋଲି କୁହାଯାଉଛି। ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି, ବିଜେଡିକୁ କବ୍‌ଜାକୁ ନେଇଯାଇଛି ଭାଜପା। ଇଡିକୁ ପ୍ରୟୋଗ କରି ବିଜେଡିକୁ ଡରେଇ ଧମକେଇ ଭାଜପା ମେଣ୍ଟ କରାଇବାକୁ ବାଧ୍ୟ କରୁଥିବା ସବୁଆଡ଼େ ଚର୍ଚ୍ଚା ହେଉଛି। ଓଡ଼ିଶାର ଲୋକମାନେ ପରିବର୍ତ୍ତନ ଚାହୁଁଛନ୍ତି। ବହୁ ନେତାଙ୍କ ଫୋନ ଆସୁଛି, ଏଏପି ଓଡ଼ିଶାକୁ ଆସୁ। ଅରବିନ୍ଦ କେଜରିୱାଲ ଓଡ଼ିଶା ଆସିବେ। ଓଡ଼ିଶାରେ ନିର୍ବାଚନ ଲଢ଼ିବ ଏଏପି। ଯେଉଁ ନେତାମାନେ ଆପ୍‌ରେ ଯୋଗଦେବାକୁ ଚାହୁଁଛନ୍ତି, ସେମାନେ ଆସନ୍ତୁ ବୋଲି ଓଡ଼ିଶା ଗସ୍ତରେ ଆସିଥିବା ରାଜ୍ୟସଭା ସଦସ୍ୟ ତଥା ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ସଂଗଠନ

### କେତେ ପ୍ରାର୍ଥୀ ଦେବୁ ସ୍ଥିର କରିନୁ: ନିଶିକାନ୍ତ

ମନ୍ତ୍ରୀ ସନ୍ଦୀପ ପାଠକ ଶନିବାର ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ଆହୁରି କହିଛନ୍ତି, ୨୫ ବର୍ଷ ହେଲା ଲୋକମାନେ ବହୁତ ଆଶା ରଖି ନବୀନ ପଟ୍ଟନାୟକଙ୍କୁ ଭୋଟ ଦେଇ ଜିତାଉଛନ୍ତି। କିନ୍ତୁ ଭୋଟ ପାଇବା ପରେ ସେ ଅଫିସରଙ୍କ କୋଳରେ ବସି ଯାଉଛନ୍ତି। ଏଭଳି ସ୍ଥଳେ ପରିବର୍ତ୍ତନ ଦରକାର ବୋଲି ପାଠକ କହିଛନ୍ତି। ଦିଲ୍ଲୀ କ୍ୟାଣ୍ଟ ଏଏପି ବିଧାୟକ ବୀରେନ୍ଦ୍ର ସିଂ କାଡ଼ିଆନ୍ ମଧ୍ୟ ଉପସ୍ଥିତ ଥିଲେ। ଆପ୍ ଓଡ଼ିଶା ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି, ୧୦ରୁ ୧୫ଦିନ ମଧ୍ୟରେ କେଜରିୱାଲ ଓଡ଼ିଶା ଆସିବେ। ଓଡ଼ିଶାରୁ ଏଏପିରେ ପ୍ରାର୍ଥୀ ଲଢ଼ିବେ। ମାତ୍ର କେତେ ଲଢ଼ିବେ ସ୍ଥିର କରିନୁ।

## ଭାଜପା ୧୦ ବର୍ଷ ରେକର୍ଡ ଆଧାରରେ ଜନତାଙ୍କ ଆସ୍ଥାଭାଜନ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୬।୩(ଅସମାପିକା ସାହୁ)

ନିର୍ବାଚନ କମିଶନଙ୍କ ୨୦୨୪ ନିର୍ବାଚନ ତାରିଖ ଘୋଷଣାକୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ଏହି ନିର୍ବାଚନରେ ଭାଜପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଲ୍ୟାଣକାରୀ ଯୋଜନା ଓ ବିଗତ ୧୦ ବର୍ଷର ଟ୍ରାକ୍ ରେକର୍ଡ ଆଧାରରେ ଜନତାଙ୍କ ଆସ୍ଥାଭାଜନ ହେବା ପାଇଁ ଚେଷ୍ଟା କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଗଣତନ୍ତ୍ରର ଜଣେ ବିଦ୍ୟାର୍ଥୀ ଭାବରେ ୨୦୨୪ ନିର୍ବାଚନକୁ ସ୍ୱାଗତ କରୁଛି। ଓଡ଼ିଶା ସମେତ ସମଗ୍ର ଦେଶର ଜନସାଧାରଣ ଓ ସମସ୍ତ ରାଜନୈତିକ ଦଳଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସମାଜର ସବୁବର୍ଗ ବିଶେଷକରି ଗରିବ, ବଞ୍ଚିତ, ମହିଳା, ଯୁବ, ଚାଷୀ, ଏସ୍‌ସି, ଏସ୍‌ଟି, ଓବିସି ସମ୍ପ୍ରଦାୟର ଲୋକମାନେ ଏହି ଗଣତନ୍ତ୍ରର ମହାନ୍ ଉତ୍ସବରେ ନିଜକୁ ସାମିଲ କରିବେ। ସମସ୍ତ ରାଜନୈତିକ ଦଳ ନାଗରିକଙ୍କ ପାଖକୁ ଯିବେ। ପ୍ରସଙ୍ଗଭିତ୍ତିକ ନିର୍ବାଚନ ଲଢ଼ାଯିବ। ଆଲୋଚନା, ସମାଲୋଚନା ସହ ନିର୍ବାଚନ ପ୍ରଚାରରେ ଅଭିନବ ଉପାୟ ଅବଲମ୍ବନ ହେବ। ଉନ୍ମାଦନାର ସହ ନିର୍ବାଚନ ଆଚରଣବିଧିର ସୀମା ଭିତରେ ରହି ସମସ୍ତେ ପ୍ରଚାର କରିବା। 'ଫିର୍ ଏକ୍ ବାର୍ ୪୦୦ ପାର୍, ଫିର୍ ଏକ୍ ବାର୍ ମୋଦି ସରକାର'ର ନାରା ଦେବା ସହ ଲୋକଙ୍କ ଆଶୀର୍ବାଦ କାମନା କରିଛନ୍ତି ଧର୍ମେନ୍ଦ୍ର।

## ବିରୋଧୀଙ୍କ ସମାଲୋଚନାର ଜବାବ ଦେଲେ ବିଜେଡି ନେତା

ଭୁବନେଶ୍ୱର,୧୬।୩(ଅନିଲ ଦାସ)

ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମ୍ପର୍କୀୟ ଅରିନ୍ଦମ ରାୟ ବିଜେଡିରୁ ଇସ୍ତଫା ଦେବାର କିଛି ସମୟ ପରେ ଭାଜପାରେ ଯୋଗଦେଇଥିଲେ। ଭାଜପାରେ ସାମିଲ ହେବା ପରେ ସେ ବିଜେଡିକୁ ସମାଲୋଚନା କରିଥିଲେ। ସାମାଜିକ ଗଣମାଧ୍ୟମରେ କେତେକ ୟୁଜର୍ସ ଓ ବିରୋଧୀ ନେତାମାନେ ପ୍ରଣବଙ୍କୁ ଟାର୍ଗେଟ କରିଥିଲେ। ଏହା ପରେ ପ୍ରଣବଙ୍କୁ ସମର୍ଥନ ଜଣାଇ ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ସୌଭିକ୍ ବିଶ୍ୱାଳ ଓ ଅନ୍ୟ କେତେକ ନେତା ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରଣବଙ୍କୁ ପ୍ରଶଂସା କରି ପୋଷ୍ଟ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି

### 'ଏମିତି ନେତା ପାଇଁ ବିଜେଡିର ପ୍ରତିଟି କର୍ମୀ ଗର୍ବିତ'

ଯେ ଏମିତି ନେତା ପାଇଁ ବିଜେଡିର ପ୍ରତିଟି କର୍ମୀ ଗର୍ବିତ। ପ୍ରଣବ ପରିବାର ଅପେକ୍ଷା ଦଳର କର୍ମୀଙ୍କୁ ଅଧିକ ଗୁରୁତ୍ୱ ଦେଇଥାଆନ୍ତି। ସେ ଚାହିଁଥିଲେ ପରିବାରର ଏକାଧିକ ସଦସ୍ୟଙ୍କୁ ଟିକେଟ ବାଣ୍ଟିବାରେ କୌଣସି ସମସ୍ୟା ନ ଥିଲା। ଯାହାକୁ ପାରିଥାନ୍ତେ ତାକୁ ଟିକେଟ ଦେଇଥାନ୍ତେ। ହେଲେ ସେ ଜାଣିଥିଲେ, ରାଜନୀତିରେ ସେ ଯେଉଁ ଟ୍ରେଣ୍ଡ ତିଆରି କରିବେ, ତାହା ଦଳର ଅନେକ ଲକ୍ଷ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଭାବିତ କରିବ। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ହିଁ ପାଥେୟ କରି ସେ କାର୍ଯ୍ୟ କରନ୍ତି। ଏହା ଆଜି ପ୍ରମାଣିତ।

ଯେଉଁ ଯାଜପୁର ପୌରାଞ୍ଚଳ କାହିଁ କେତେ ଦଶନ୍ଧିରୁ ତାଙ୍କ ପାରିବାରିକ ନିୟନ୍ତ୍ରଣରେ ଥିଲା, ତାକୁ ପଛରେ ଛାଡ଼ି ଦେଇଥିଲେ ବବି ଭାଇ। କାରଣ ସେ ଟ୍ରେଣ୍ଡ ସେଟ୍ କରୁଥିଲେ, ଗୋଟିଏ ପରିବାର ଗୋଟିଏ ଟିକେଟ। ସେ ଉଦାହରଣ ସୃଷ୍ଟି କରୁଥିଲେ, ପରିବାର ପଛ, ପାର୍ଟି ଆଗ। ସେ ବାର୍ତ୍ତା ଦେଉଥିଲେ, ନବୀନ ପଟ୍ଟନାୟକ ଯାହା କହିବେ ତାହା ବୃତ୍ତାନ୍ତ।

ଆଜି ରାଜନୈତିକ ଘଟଣାକ୍ରମରେ ଯେଉଁ ସନ୍ଦେଶ ଆସିଛି, ତାହା ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ପ୍ରେମ ଏବଂ ନବୀନ ପ୍ରେମରେ ଉଦ୍‌ବୁଦ୍ଧ କରିବ। ଦଳ ସର୍ବମାନ୍ୟ, ନବୀନ ସର୍ବମାନ୍ୟ। ପ୍ରତିଟି କର୍ମୀ ନିଜ ଆଉ ନିଜ ପରିବାରର ସ୍ୱାର୍ଥ କଥା ଛାଡ଼ି ରାଜ୍ୟ ଏବଂ ଦଳୀୟ ସ୍ୱାର୍ଥରେ କାର୍ଯ୍ୟ କରିବାର ଯେଉଁ ବାର୍ତ୍ତା ଆମ ପ୍ରିୟ ସାଙ୍ଗଠନିକ ସମ୍ପାଦକ ଦେଇଛନ୍ତି, ସେଇ ଅନୁସାରେ କାର୍ଯ୍ୟ କରିବା ନେଇ ଉପରୋକ୍ତ ନେତାମାନେ କହିଛନ୍ତି।

## କର୍ମୀ ସମାବେଶରେ ରାଜ୍ୟ ସରକାରଙ୍କୁ କଲେ ଟାର୍ଗେଟ


ସମର୍ଥକଙ୍କ ସହ ଜୟନାରାୟଣ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟକୁ ଯାଉଛନ୍ତି।

ସମ୍ବଲପୁର,୧୬।୩(ପ୍ରମୋଦ ବହିଦାର)

ପ୍ରାୟ ୧୧ମାସ ପରେ ସମ୍ବଲପୁର ବିଧାୟକ ତଥା ବିଧାନସଭାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଆଗମନକୁ ନେଇ କର୍ମୀ ମହଲରେ ଖୁସି ପ୍ରକାଶ ପାଇଛି। ଶୁକ୍ରବାର ସନ୍ଧ୍ୟାରେ ସେ ସମ୍ବଲପୁରରେ ପହଞ୍ଚିବା ପରେ ଦଳୀୟ କର୍ମୀ ଓ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଶନିବାର ଅପରାହ୍ନରେ ଜୟନାରାୟଣ ଦଳୀୟ କାର୍ଯ୍ୟାଳୟରେ ଆହୂତ ଏକ କର୍ମୀ ସମାବେଶରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ପ୍ରଥମେ ଦଳୀୟ କର୍ମକର୍ତ୍ତା ଓ ସମର୍ଥକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କର୍ମୀମାନେ ତାଙ୍କ ପ୍ରିୟ ନେତାଙ୍କୁ ପାଇ ଦୀର୍ଘଦିନର ପୁଞ୍ଜିଭୂତ ଅଭିଯୋଗକୁ ତାଙ୍କ ସମ୍ମୁଖରେ ରଖିଥିଲେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନୀ ରଣନୀତି ତଥା ଦଳର ସାଙ୍ଗଠନିକ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ବରିଷ୍ଠ ନେତା ଦାମୋଦର କର, ଡ. ପ୍ରମୋଦ ରଥ, ଫଣି ଭୂଷଣ ମିଶ୍ର, ବରଗଡ଼ ପ୍ରଭାରୀ ସବିତା ନନ୍ଦ, ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ଭାଜପା ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ପ୍ରମୁଖ ଜୟନାରାୟଣଙ୍କୁ ଉପଢୌକନ ଦେଇଥିଲେ। ହେଲେ ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ଅନୁପସ୍ଥିତିକୁ ନେଇ ନାନା ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ଜୟନାରାୟଣ ସମ୍ବଲପୁରରେ ପହଞ୍ଚିବା ପରେ ମା' ସମଲେଇଙ୍କ ପୀଠରେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଜିଲା ସଭାପତି ପଟେଲ

### ଜୟନାରାୟଣଙ୍କ ଆଗମନକୁ ନେଇ କର୍ମୀ ଖୁସି

ମଧ୍ୟ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପାଇଁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଧରି ଅଗ୍ରସର ହେଉଥିବା ଦେଖି ଜୟନାରାୟଣଙ୍କ ଜଣେ ନିକଟ ସମ୍ପର୍କୀୟଙ୍କ ବାରଣ କରିବା ହେତୁ ସେ ନିରାଶ ହୋଇ ଫେରିଯାଇଥିଲେ। ତେଣୁ ସେ କର୍ମୀ ସମାବେଶରେ ଅନୁପସ୍ଥିତ ରହିଥିବା ସହରରେ ଚର୍ଚ୍ଚା ହେଉଛି। ସମାବେଶରେ ଖବରଦାତାଙ୍କ କେତେକ ପ୍ରଶ୍ନର ଉତ୍ତର ଦେଇ ବିଜେଡି ସରକାରଙ୍କ ଉପରେ ଜୟନାରାୟଣ ସିଧାସଳଖ ଆକ୍ରମଣ କରିଥିଲେ। ସେ କହିଥିଲେ, ବିଜେଡି ସରକାରଙ୍କ ଅପାରଗତାରୁ ପଶ୍ଚିମ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘ ୨୦ ବର୍ଷର ଶାସନ ପରେ ମଧ୍ୟ ଏ ଅଞ୍ଚଳରେ ଅତ୍ୟାଧୁନିକ ଚିକିତ୍ସାସେବା ଯୋଗାଇବା ଭଳି ଚିକିତ୍ସାଳୟ ପ୍ରତିଷ୍ଠା କରିବାରେ ବିଜେଡି ସରକାର ବିଫଳ ହୋଇଛି। ଫଳ ସ୍ୱରୂପ ନିଜ ଦଳର ନେତା ଓ ମନ୍ତ୍ରୀଙ୍କୁ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନା ବଦଳରେ ଭୁବନେଶ୍ୱରର ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଥିଲେ।

## ଭାଗୀରଥି, ମାୟାଧରଙ୍କ ପ୍ରତି ଅସନ୍ତୋଷ ବଢୁଛି

ହାଟଡ଼ିହୀ,୧୬।୩(ଶୁଭକାନ୍ତ ନାୟକ)

ଆଗାମୀ ନିର୍ବାଚନ ପାଇଁ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ସଜବାଜ ଆରମ୍ଭ କରିଦେଇଛନ୍ତି। ମାତ୍ର ଅଞ୍ଚଳରେ 'ଭାଗୀରଥି ହଟାଓ ସ୍ଲୋଗାନ' ରଖି ବୈଠକ ଓ ସଭା ଅନୁଷ୍ଠିତ ହେଉଥିବାରୁ ବିଧାୟକଙ୍କ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି। କେବଳ ସେତିକି ନୁହେଁ, ପୂର୍ବତନ ବିଧାୟକ ମାୟାଧର ଯେନାଙ୍କୁ ମଧ୍ୟ ଭୋଟର ଭରଷି ପାରୁନାହାନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ୨୦୦୦ରେ ବିଜେଡି-ଭାଜପା ମେଣ୍ଟରେ ଭାଜପା ପ୍ରାର୍ଥୀ ମାୟାଧର ଯେନା ବିଜୟୀ ହୋଇଥିଲେ। ୨୦୦୪ରେ ମେଣ୍ଟକୁ ପଛରେ ପକାଇ କଂଗ୍ରେସର ଜୟଦେବ ଜେନା ବିଜୟୀ ହୋଇଥିଲେ।

### ଆନନ୍ଦପୁର ରାଜନୀତି

୨୦୦୯ରେ ବିଜେଡିରୁ ଭାଗୀରଥି ବିଧାୟକ ହୋଇଥିଲେ। ୨୦୧୪ରେ ତାଙ୍କୁ ବିଜେଡି ଟିକେଟ ନ ଦେବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରି ପରେ ପ୍ରତ୍ୟାହାର କରିଥିଲେ। ପରେ ବିଜେଡି ଛାଡ଼ି ସେ ଭାଜପାରେ ଯୋଗଦେଲେ। ଭାଗୀରଥିଙ୍କ ସ୍ଥାନରେ ଭାଜପାରୁ ଆସି ମାୟାଧର ବିଜେଡି ଟିକେଟରେ ନିର୍ବାଚନ ଲଢ଼ି ଜିତିଥିଲେ। ୨୦୧୯ରେ ଭାଗୀରଥି ପ୍ରଥମେ ଭାଜପା ଟିକେଟରେ ପ୍ରାର୍ଥୀ ହୋଇଥିଲେ ହେଁ ହଠାତ ଦଳ ଛାଡ଼ି ବିଜେଡି ଟିକେଟରେ ଲଢ଼ି ନିର୍ବାଚିତ ହୋଇଥିଲେ। ଭାଗୀରଥି ଏବଂ ମାୟାଧରଙ୍କ ଏପରି ଦଳ ଡିଆଁକୁ ଏଥର କର୍ମୀ ଓ ଭୋଟର ନାପସନ୍ଦ କରୁଛନ୍ତି। ୨ ଜଣଙ୍କୁ ଭୋଟର ଆଉ ଆନ୍ତରିକତାର ସହ ଚାହୁଁ ନ ଥିବା କୁହାଯାଉଛି। ଅନ୍ୟପକ୍ଷେ ୨୦୧୯ ନିର୍ବାଚନ ପରେ ମାୟାଧର ବିଜେଡିରେ ଥାଇ ମଧ୍ୟ ଦଳୀୟ ସଭା, ସମିତି ଏବଂ କର୍ମୀ ବୈଠକରେ ଅନୁପସ୍ଥିତ ରହୁଥିଲେ। ବିଜେଡି କର୍ମୀମାନେ ଭାଗୀରଥିଙ୍କ ସ୍ୱଭାବ ଏବଂ ବ୍ୟବହାରରେ ଅତିଷ୍ଠ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ଦଳୀୟ କର୍ମୀଙ୍କୁ ଉପେକ୍ଷା ପ୍ରତିବାଦରେ ଅନେକ ହଜାର କର୍ମୀ ଛେନାପଦିଠାରେ ଭାଗୀରଥି ହଟାଅ ଏବଂ ନୂଆ ମୁହଁ ଆଣ ଅଭିଯାନ କରି ଏକ ବୈଠକ କରିଥିଲେ। ସବୁଠାରୁ ବଡ଼ କଥା ହେଉଛି, ବହୁ ସଂଖ୍ୟାରେ ବିଜେଡି କର୍ମୀ ଏବଂ ଭୋଟର ଭାଗୀରଥିଙ୍କୁ ହଟାଇ ନୂଆ ମୁହଁ ଆଣିବାକୁ ବିଜେଡି ମୁଖିଆଙ୍କ ପାଖକୁ ପତ୍ର ପଠାଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

## ପଦାରେ ପଡ଼ିଲା ଗୋଷ୍ଠୀ କନ୍ଦଳ

ଭଦ୍ରକ,୧୬।୩(ସନାତନ ରାଉତ)

ପିସିସି ସଭାପତି ଶରତ ପଟ୍ଟନାୟକ ଶନିବାର ବାଲେଶ୍ୱର ଜିଲାର ଅଡ଼ାଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବା ବାଟରେ ଭଦ୍ରକର ପୃଥକ୍ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି ଓ ଜିଲା ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ନେତୃତ୍ୱରେ ପୃଥକ୍ ଭାବେ ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଦଳର ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଛି। ନଳିନୀଙ୍କ ନେତୃତ୍ୱରେ ତାଙ୍କ ସମର୍ଥକମାନେ ୧୬ ନଂ. ଜାତୀୟ ରାଜପଥର ଗେଲ୍‌ପୁର ଛକଠାରେ ସମ୍ବର୍ଦ୍ଧନା ଦେବା ସହ ବାଇକ୍ ଶୋଭାଯାତ୍ରାରେ ଭଦ୍ରକ ସହର ପରିକ୍ରମା କରି ଡାହାଣୀଗଡ଼ିଆ ଛକ ପର୍ଯ୍ୟନ୍ତ ଯାଇଥିଲେ। ପିସିସି ସଭାପତି ଇସ୍ତାହାର ସମ୍ବନ୍ଧରେ ଦଳର ଗ୍ୟାରେଣ୍ଟି ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳଙ୍କୁ ଭଦ୍ରକ ସଂରକ୍ଷିତ ଆସନରେ ଲୋକ ସଭା ପ୍ରାର୍ଥୀ କରିବା ପାଇଁ ପିସିସି ସଭାପତିଙ୍କୁ କର୍ମୀମାନେ ପ୍ରସ୍ତାବ ଦେଇଥିଲେ। ଏହି ସମ୍ବର୍ଦ୍ଧନା ବେଳେ ଜିଲା ସଭାପତି ସୁବ୍ରତ ଦାସ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ନେତା ଦିଗମ୍ବର ଦାସ, ଧାମନଗର ନେତା

### ପିସିସି ସଭାପତିଙ୍କୁ ପୃଥକ୍ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା

ବିଦ୍ୟାଧର ଜେନା, ଅଭିଷେକ୍ ରାଉତ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ଦାସ, ପୀତବାସ ଧଳ, ଯୁବ ସଭାପତି ହେମନ୍ତ ମହାପାତ୍ର, ଛାତ୍ର ସଭାପତି ତଥା ପାରିଷଦ ସେଖ୍ ସାହିଲ୍ କାଦରୀ, ରଞ୍ଜନ ଜେନା, ରାଜନ୍ ଲାହା, ତନ୍‌ଭୀର୍ ଖାଁ, ଏନାମୁଲ୍ ହକ୍, ବିଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଜାତୀୟ ରାଜପଥର ଓରିଓନ ହୋଟେଲ ସମ୍ମୁଖରେ ଶୁଭେନ୍ଦୁଙ୍କ ନେତୃତ୍ୱରେ ପିସିସି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅମିତାବାଳା ଆଚାର୍ଯ୍ୟ, ନାରୀନେତ୍ରୀ ସ୍ୱସ୍ତିକା ପଣ୍ଡା, ଜିଲା ଯୁବ କଂଗ୍ରେସ ଉପସଭାପତି ବଳରାମ ରାଉତ, ଭଦ୍ରକ ବିଧାନସଭା ସଭାପତି ଇଲିୟାସ ଅଲ୍ଲୀ ଖାନ, ଜିଲା ଯୁବ କଂଗ୍ରେସ ନଗର ସାଧାରଣ ସମ୍ପାଦକ ସୁଶାନ୍ତ ଦାସ, ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ବିଧାନସଭା ପାଇଁ ପ୍ରାର୍ଥୀ ହେବାକୁ ଉଭୟ ଆଶାୟୀ ଥିବା ବେଳେ ଦୀର୍ଘଦିନ ଧରି ଛକାପଞ୍ଝା ଲାଗି ରହିଛି। ଏକାଠି ନ ହୋଇ ଅଲଗା କାର୍ଯ୍ୟକ୍ରମ କରୁଥିବାରୁ ଉଭୟଙ୍କ ମଧ୍ୟରେ କନ୍ଦଳ ଲାଗି ରହିଥିବା ଚର୍ଚ୍ଚା ହେଉଛି।

## ଅଡୁଆରେ ବିଜେଡିର ମହୀଧର

କନ୍ଧମାଳ, ୧୬।୩(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲାରେ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ-ବୌଦ୍ଧ ଓ କନ୍ଧମାଳ। କନ୍ଧମାଳ ବିଧାନସଭା କ୍ଷେତ୍ର ୨୦୦୯ ମସିହାରୁ ଗଠିତ ହେବାଠାରୁ ବିଜେଡି ପ୍ରାର୍ଥୀ ୩ ଥର ବିଜୟୀ ହୋଇଛନ୍ତି। ୨୦୦୯ରେ ଭଗବାନ କହଁର ବିଧାୟକ ହୋଇଥିବା ବେଳେ ୨୦୧୪ ଓ ୨୦୧୯ରେ ମହୀଧର ରଣା ବିଜୟୀ ହୋଇଥିଲେ। ଏବେ ମହୀଧରଙ୍କ ପାଇଁ ଅଡୁଆ ସାଜିଛନ୍ତି ଦଳର ପୁରୁଣା ଓ ପୁରୁଖା ନେତା। ବିଜେଡିର ଗୋଷ୍ଠୀ କନ୍ଦଳ ଚରମସୀମାରେ ପହଞ୍ଚିଛି। ବିଧାୟକ ମହୀଧର କଂଗ୍ରେସ କର୍ମୀଙ୍କୁ ଆପଣାଇଥିବା ବେଳେ ଦଳର ପୁରୁଣା ନେତା ଅଲୋଡ଼ା ହୋଇ ପଡ଼ିଥିବା ଆଲୋଚନା ହେଉଛି।

୨୦୧୯ ନିର୍ବାଚନରେ ବିଜେଡିର ବରିଷ୍ଠ ନେତା ଶେଷଦେବ ମେହେରଙ୍କୁ ଦଳ ଟିକେଟ ନ ଦେବାରୁ ସେ ବିଦ୍ରୋହ କରି ସ୍ୱାଧୀନ ଭାବେ ଠିଆ ହୋଇ ୨୮,୩୭୦ ଭୋଟ ପାଇଥିଲେ। ଏହି ନିର୍ବାଚନରେ ମହୀଧର ଅଳ୍ପ କିଛି ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ବର୍ତ୍ତମାନ ମହୀଧରଙ୍କୁ ନିଜ ଦଳର ପୁରୁଖା ନେତାମାନେ ଖୁଲମଖୁଲା ବିରୋଧ କରୁଛନ୍ତି। ଏନେଇ ସେମାନେ ବିଭିନ୍ନ ସମୟରେ ମହୀଧରଙ୍କ ବିରୋଧରେ ସଭାସମିତି କରି ଆସୁଛନ୍ତି। ଏଥିସହିତ ବିଧାୟକ ମହୀଧରଙ୍କ ପାଇଁ ଅଡୁଆ ସାଜିଛନ୍ତି ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ(ବବି ରଥ)। ମହୀଧର କଂଗ୍ରେସ କର୍ମୀମାନଙ୍କୁ ଆପଣେଇ ନେଉଥିବାରୁ ବିଜେଡିର ପୁରୁଖା କର୍ମୀ ଓ ସଂଗଠକ ଅଲୋଡ଼ା ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ଦୀର୍ଘ ୪ ମାସ ହେବ ପରିବର୍ତ୍ତନ ସମାବେଶ ନାମରେ ଅସନ୍ତୁଷ୍ଟ କର୍ମୀ ଓ ସଂଗଠକଙ୍କୁ ନେଇ ପ୍ରିୟଦର୍ଶୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପରିବର୍ତ୍ତନ ସମାବେଶ କରି 'ମହୀଧର ହଟାଓ, କନ୍ଧମାଳ ବଞ୍ଚାଅ' ସ୍ଲୋଗାନ୍ ଦେଇ ଆସୁଛନ୍ତି। ମୋଟାମୋଟି ଦେଖିଲେ, କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ସ୍ଥିତି ବର୍ତ୍ତମାନ ଶାସକ ଦଳ ପାଇଁ ମୁଣ୍ଡବ୍ୟଥା ପାଲଟିଛି।


ମହୀଧର ରଣା

ବର୍ତ୍ତମାନ ବିଜେଡି ପ୍ରିୟଦର୍ଶୀଙ୍କୁ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛି। ଆହୁରି ମଧ୍ୟ ବିଜେଡି ପକ୍ଷରୁ ସେ କନ୍ଧମାଳରେ ପ୍ରାର୍ଥୀ ପାଇଁ ଦାବିଦାର ଅଛନ୍ତି। ବିଜେଡି ତାଙ୍କୁ ରେଢ଼ାଖୋଲ ବିଧାନସଭା ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇ ତାଙ୍କର ଅସନ୍ତୋଷକୁ ମନାଇବାରେ ସଫଳ ହେବ ନା ସେ ଯେଭଳି ବିଦ୍ରୋହ କରିଆସୁଛନ୍ତି, ସେଭଳି କରିବେ, ସେନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ସେହିପରି ବର୍ତ୍ତମାନର ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ପୂର୍ବରୁ କନ୍ଧମାଳ ବ୍ଲକ ଅଧ୍ୟକ୍ଷ ରହିଥିବା ବେଳେ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଧ୍ୟକ୍ଷ ପଦରେ ବସାଇବାରେ ସଫଳ ହୋଇଥିଲେ। ସେ ମଧ୍ୟ ଚଳିତ ନିର୍ବାଚନରେ ଲଢ଼ିବା ପାଇଁ ପ୍ରସ୍ତୁତ ଥିବା କହୁଛନ୍ତି। ଦଳର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ କହଁର ମଧ୍ୟ ଟିକେଟ ଲବିରେ। ଏଥିସହିତ ଯୁବନେତା କିଶୋର କୁମାର ମେହେରଙ୍କ ନାମ ଚର୍ଚ୍ଚାକୁ ଆସିଛି।

କନ୍ଧମାଳରେ ଚର୍ଚ୍ଚା ଜୋର ଧରିଛି ଯେ, ଭାଜପାର ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ ଓ ବୟନିକାର ପୂର୍ବତନ ରାଜ୍ୟ ସଭାପତି ଶେଷଦେବ ମେହେର ହେଉଛନ୍ତି ଦୁଇ ବନ୍ଧୁ। ରାଜନୀତି ଯୋଗୁ ଦୁଇଜଣ ପରସ୍ପରର ବିରୋଧୀ ହୋଇ ଆସୁଥିଲେ। ଏବେ କୁଆଡ଼େ ଦୁଇ ବନ୍ଧୁଙ୍କ ପୁରୁଣା ବନ୍ଧୁତା ଫେରି ଆସିବା ସହ ଉଭୟଙ୍କୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ୨୦୧୯ ନିର୍ବାଚନରେ ଶେଷଦେବଙ୍କୁ ବିଜେଡିରୁ ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ତାଙ୍କର ଭଲ ଭୋଟ ବ୍ୟାଙ୍କ ରହିଛି। ତେଣୁ ବିଜେଡି ପକ୍ଷରୁ ଏସବୁ ଗୋଷ୍ଠୀ କନ୍ଦଳର ଯଦି ସମାଧାନ କରା ନ ଯାଏ, ଦଳ ହାତରୁ କନ୍ଧମାଳ ବିଧାନସଭାମଣ୍ଡଳୀ ଖସିଯାଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର ଧରିଛି।

ସେପଟେ ଭାଜପାର ବରିଷ୍ଠ ନେତା କହ୍ନେଇ ଗତ ୨୦୧୯ ନିର୍ବାଚନରେ ମାତ୍ର ୩,୬୫୦ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଦଳରେ ତାଙ୍କର ସ୍ଥିତି ସୁଦୃଢ଼ ରହିଥିବା ବେଳେ ସେ ଟିକେଟ ପାଇଁ ପ୍ରମୁଖ ଦାବିଦାର ଅଛନ୍ତି। ଦଳର ଯୁବନେତା ତଥା ବର୍ତ୍ତମାନ ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ଓମ୍ ପ୍ରକାଶ ମିଶ୍ର, ଶ୍ରୀକାନ୍ତ ମିଶ୍ର ଟିକେଟ ଆଶାୟୀ ଅଛନ୍ତି।

ଅନ୍ୟପକ୍ଷରେ କନ୍ଧମାଳ ଆସନରେ କଂଗ୍ରେସ ସ୍ଥିତି ଭଲ ନ ଥିବା ବେଳେ ଦଳର ଯୁବ ନେତା ପ୍ରଶାନ୍ତ କୁମାର ସାହୁ ଏଠାକାର ମଙ୍ଗ ସମ୍ଭାଳିଛନ୍ତି। ସେ ୨୦୧୯ ନିର୍ବାଚନରେ ମାତ୍ର ୧୩,୧୬୬ ଖଣ୍ଡ ଭୋଟ ପାଇଥିଲେ। ସେ କଂଗ୍ରେସରୁ ଦାବିଦାର ଥିବାବେଳେ ଦଳର ମନୋଜ କୁମାର ଆଚାର୍ଯ୍ୟ, କେଶବ ଖେତି, ସରୋଜ ପ୍ରଧାନ ଟିକେଟ ପାଇଁ ଆଶାୟୀ ଅଛନ୍ତି।

# ଏଏମ୍ଏନ୍ଏସ୍ ଇଣ୍ଡିଆକୁ ଉତ୍କର୍ଷ ପୁରସ୍କାର




ଭୁବନେଶ୍ୱର,୧୬।୩

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍ଏନ୍ଏସ୍) ଇଣ୍ଡିଆ ବା ଏଏମ୍ଏନ୍ଏସ୍ ଇଣ୍ଡିଆକୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ପରିବେଶ ସୁରକ୍ଷା ଦିଗରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବାରୁ କମ୍ପାନୀକୁ ଉତ୍କର୍ଷ ପୁରସ୍କାର ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କନ୍ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ)ପକ୍ଷରୁ ଆୟୋଜିତ ଓଡ଼ିଶା ବାର୍ଷିକ ବୈଠକ-୨୦୨୪ କାର୍ଯ୍ୟକ୍ରମ ଅବସରରେ ଏଏମ୍ଏନ୍ଏସ୍ ଇଣ୍ଡିଆକୁ ୨ଟି ସମ୍ମାନଜନକ ପୁରସ୍କାର, କ୍ୱାଲିଟି ସର୍କଲ୍ ପୁରସ୍କାର ଏବଂ ଏଚ୍ଏସ୍ଇ (ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ) ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କ ଠାରୁ ଏଏମ୍ଏନ୍ଏସ୍‌ର ପ୍ରତିନିଧି ଉଭୟ ପୁରସ୍କାର ଗ୍ରହଣ କରିଛନ୍ତି।

ଏ ସମ୍ପର୍କରେ ଏଏମ୍ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ଅପରେଶନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସୁରେଶା ଜି କହିଛନ୍ତି, ଉତ୍କର୍ଷ କାର୍ଯ୍ୟକାରିତାରେ ଆମ ଦଳର ଉଦ୍ୟମକୁ ସ୍ୱୀକୃତି ଦେଇଥିବାରୁ ଆମେ ସିଆଇଆଇକୁ ଧନ୍ୟବାଦ ଜଣାଉଛୁ। ଏହି ପୁରସ୍କାର ସମଗ୍ର ଏଏମ୍ଏନ୍ଏସ୍ ଇଣ୍ଡିଆ ଦଳ ପାଇଁ ଗୁଣବତ୍ତା, ନିରାପତ୍ତା ଏବଂ ସ୍ଥିରତା ପ୍ରଦର୍ଶନ ଉପରେ କ୍ରମାଗତ ଭାବେ ଆଶା ସ୍ତର ବଢ଼ାଇବା ପାଇଁ ଏକ ପ୍ରେରଣା ଭାବେ କାର୍ଯ୍ୟ କରିଛି।

# ସୁରକ୍ଷା ପ୍ରତି ବେଦାନ୍ତର ପ୍ରତିବଦ୍ଧତା

ଭୁବନେଶ୍ୱର,୧୬।୩ (ଅଭୟ ଦାଶ)



ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଶେଷକରି ନିରାପତ୍ତା ଉତ୍କର୍ଷ ପାଇଁ କମ୍ପାନୀ ତା'ର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରିଛି। କମ୍ପାନୀର କାର୍ଯ୍ୟକ୍ଷମ ମୂଲ୍ୟବୋଧରେ ନିରାପତ୍ତା ପ୍ରଥମ ପଦ୍ଧତି ହୋଇଥିବାବେଳେ କମ୍ପାନୀର ପ୍ଲାଣ୍ଟଗୁଡିକ ତଥା ବାହାରେ ଥିବା ସମ୍ପ୍ରଦାୟ ପର୍ଯ୍ୟନ୍ତ ବିସ୍ତାରିତ କରିଛି। ଏହି ଅବସରକୁ ସ୍ମରଣୀୟ କରି ବେଦାନ୍ତ ଆଲୁମିନିୟମ୍ ଅନେକ ସୁରକ୍ଷା ସହ ଜଡ଼ିତ ପଦକ୍ଷେପ ଗ୍ରହଣ କରିଥିଲା,ଯେପରିକି ସୁରକ୍ଷା ସର୍ବୋତ୍ତମ ଅଭ୍ୟାସ, ବ୍ୟାପକ ପ୍ରଶିକ୍ଷଣ, ପ୍ରତିଯୋଗିତା ଏବଂ ସୁରକ୍ଷା ଉପକରଣଗୁଡ଼ିକ ଉପରେ ପ୍ରଦର୍ଶନୀ ଆଦି ପଦକ୍ଷେପ କେବଳ କର୍ମଚାରୀଙ୍କ ମଧ୍ୟରେ ନୁହେଁ ବରଂ ଏହା କାର୍ଯ୍ୟ କରୁଥିବା ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ମଧ୍ୟ ସଚେତନତା ପାଇଁ ଉତ୍ସର୍ଗ କରାଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି,ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ହେଉଛି,ଆମର କାର୍ଯ୍ୟର ପ୍ରତ୍ୟେକ ଦିଗରେ ଅନ୍ତର୍ଭୁକ୍ତ; ଯାହାକି ଏକ ମୌଳିକ ମୂଲ୍ୟ । ଏହା ସମସ୍ତ ସାଙ୍ଗଠନିକସ୍ତରରେ ପ୍ରାଧାନ୍ୟ ଦେଇଥାଏ ଏବଂ ନିରାପଦ ସମ୍ପ୍ରଦାୟ ଗଠନ ପାଇଁ କର୍ମଚାରୀମାନଙ୍କୁ ସୁରକ୍ଷା ଦେବା ବାହାରେ ବିସ୍ତାର କରିଥାଏ। ନିରାପତ୍ତା ପ୍ରଯୁକ୍ତିବିଦ୍ୟା ଯାହା ନିରାପତ୍ତା-ପ୍ରଥମ ଅଭ୍ୟାସକୁ କ୍ରମାଗତ ଭାବେ ଦୃଢ଼ କରିଥାଏ। ଏହି ଅବସରରେ ଆମର ଆଚରଣ-ଆଧାରିତ ସୁରକ୍ଷା ପଦକ୍ଷେପ ପ୍ରତ୍ୟେକ କର୍ମଚାରୀଙ୍କ ବ୍ୟକ୍ତିଗତ ଆବଶ୍ୟକତାକୁ ପୂରଣ କରିଥାଏ,ନିରାପତ୍ତା ଉପରେ ଏକ ଦୃଢ଼ ଫୋକସ୍ ସୁନିଶ୍ଚିତ କରିଥାଏ।

ବେଦାନ୍ତ ଆଲୁମିନିୟମ ତା'ର ନିରାପତ୍ତା ପରିଚାଳନା ସିଷ୍ଟମକୁ ନିରନ୍ତର ଉନ୍ନତି ମାଧ୍ୟମରେ ଏକ ନିରାପଦ କାର୍ଯ୍ୟ କ୍ଷେତ୍ର ଏବଂ ସମ୍ପ୍ରଦାୟର ଚାଷ ପାଇଁ ଉତ୍ସର୍ଗୀକୃତ କରିଛି। ଏହି ସର୍ବସମ୍ମତ ପଦ୍ଧତିରେ ଅତ୍ୟାଧୁନିକ ଜ୍ଞାନକୌଶଳର ଏକୀକରଣ, ପ୍ରୋସେସଗୁଡ଼ିକର ଉନ୍ନତି, ଫାଙ୍କା ସ୍ଥାନ ଚିହ୍ନଟ ଏବଂ ପରିଚାଳନା ଏବଂ ଆଚରଣ-ଆଧାରିତ ସୁରକ୍ଷା ପ୍ରୋଗ୍ରାମ ଉପରେ ଏକ ସ୍ଥିର ଧ୍ୟାନ ବଜାୟ ରଖିବା ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ମିଳିତ ଭାବେ ଚଳିତ ବର୍ଷ ଜାତୀୟ ନିରାପତ୍ତା ସପ୍ତାହ ଥିମ୍ ଆଧାରିତ ଯାହାକି ଇଏସ୍‌ଜି ଉତ୍କର୍ଷ ପାଇଁ ସୁରକ୍ଷା ନେତୃତ୍ୱ ଉପରେ ଧ୍ୟାନ ଦିଅନ୍ତୁ, ଏକ ଉପଯୁକ୍ତ ପ୍ରତିଫଳନ ।

# ହିସାରରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ ୟୁନିଟ୍

ଭୁବନେଶ୍ୱର,୧୬।୩

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଜିନ୍ଦଲ ଡିଫେନ୍ସ ସିଷ୍ଟମ ପ୍ରାଇଭେଟ୍ ଲିମିଟେଡ୍ (ଜେଡିଏସ୍‌ପିଏଲ୍)ର ବହୁ ପ୍ରତୀକ୍ଷିତ ବେସାମରିକ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ବ୍ରାଜିଲର ଟୋରସ ଆର୍ମାସ ଏସ୍.ଏ. ସହ ମିଶି ହରିୟାଣାର ହିସାରଠାରେ ଏକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ ୟୁନିଟ୍ (କାରଖାନା) ଆରମ୍ଭ କରିଛି। ବିଶେଷକରି ଜେଡି ଟୋରସ ବ୍ରାଣ୍ଡ ନାମରେ ଜେଡିଏସ୍‌ପିଏଲ୍ ଅସ୍ତ୍ରଶସ୍ତ୍ର ଉତ୍ପାଦନର ବ୍ୟବସ୍ଥାକୁ ରୂପାନ୍ତର ଏବଂ ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବାକୁ ପ୍ରସ୍ତୁତ ରହିଛି। ଅପରପକ୍ଷରେ ଖ୍ୟାତିସମ୍ପନ୍ନ ଓ.ପି. ଜିନ୍ଦଲ ପରିବାରର ସଦସ୍ୟ ଅଭ୍ୟୁଦୟ ଜିନ୍ଦଲ ଉକ୍ତ କମ୍ପାନୀରେ ମଧ୍ୟ ନିବେଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ,୨ ଏକରରୁ ଅଧିକ ପରିବ୍ୟାପ୍ତ ଏହି ପ୍ଲାଣ୍ଟ ବିଶ୍ୱସ୍ତରୀୟ ଅଭିଜ୍ଞତା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ମିଶ୍ରଣକୁ ଦର୍ଶାଉଛି। ଏହି ୟୁନିଟ୍ ବାର୍ଷିକ ୨,୫୦,୦୦୦ ଅସ୍ତ୍ରଶସ୍ତ୍ର ଉତ୍ପାଦନ କ୍ଷମତା ସହିତ ଦେଶରେ ବୃଦ୍ଧି ପାଉଥିବା ଚାହିଦାକୁ ପୂରଣ କରିପାରିବ। ଆଗାମୀ ଆର୍ଥିକ ବର୍ଷରେ କମ୍ପାନୀ ୨୫,୦୦୦ରୁ ୩୦,୦୦୦ମଧ୍ୟରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଜେଡି ଟୋରସ୍‌ର ମୁଖ୍ୟ ବ୍ୟବସାୟ ଅଧିକାରୀ କୋଲ୍ ଅମିତ ବାଭେଜା କହିଛନ୍ତି, ସ୍ୱଦେଶୀ ଉତ୍ପାଦନକୁ ପ୍ରାଥମିକତା ସହିତ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅନୁଯାୟୀ କାର୍ଯ୍ୟ କରାଯିବ। ଏପରିକି ସ୍ଥାନୀୟ ପ୍ରତିଭାଙ୍କ ପ୍ରତିପୋଷଣ କରିବା ସହ ସେହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶରେ ସହଯୋଗ କରିବା ଏବଂ ଆମ ଦେଶର ପ୍ରତିରକ୍ଷା ଦକ୍ଷତାକୁ ମଜଭୁତ କରିବାରେ ଉଲ୍ଲେଖନୀୟ ଯୋଗଦାନ ଦେବାକୁ ଜେଡି ଟୋରସ୍ ପ୍ରତିବଦ୍ଧ। ସେହିଭଳି ଟୋରସ୍ ଆର୍ମାସର ଗ୍ଲୋବାଲ୍ ସିଇଓ ସାଲିସିଓ ନୁହସ୍ କହିଛନ୍ତି, ହିସାରରେ ଆମର ମିଳିତ ଉଦ୍ୟୋଗ ୟୁନିଟ୍ (ପ୍ଲାଣ୍ଟ)ରେ ଉତ୍ପାଦନ ଆରମ୍ଭ କରିବା ସହ ଏହି ମହତ୍ତ୍ୱପୂର୍ଣ୍ଣ ଅବସରର ଭାଗୀଦାରି ହୋଇଥିବାରୁ ଆମେ ଗର୍ବିତ। ଆମ ମିଳିତ ଶକ୍ତି ଏବଂ ଅତ୍ୟାଧୁନିକ ବୈଷୟିକ ପ୍ରଗତିକୁ ବ୍ୟବହାର କରି ପ୍ରତିରକ୍ଷା କ୍ଷେତ୍ରର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ପୂରଣ କରିବୁ ବୋଲି ଆମର ବିଶ୍ୱାସ ଅଛି।

# ଟାଟା ଗ୍ଲୁକୋର ନୂତନ ଅଭିଯାନ

ଭୁବନେଶ୍ୱର,୧୬।୩

ଟାଟା ଗ୍ରୁପର ରିଟେଲ ବ୍ରାଣ୍ଡ ଟାଟା ଗ୍ଲୁକୋର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ବିଶ୍ୱ ଚାମ୍ପିଅନ୍ ଟିମ୍ ଆର୍ଜେଣ୍ଟିନାର ଏନର୍ଜି ପାର୍ଟନର ଟାଟା ଗ୍ଲୁକୋ+ ଫୁଟବଲ୍ ପ୍ରେମୀମାନଙ୍କ ଲାଗି ତା'ର ନୂଆ ଅଭିଯାନ ଆରମ୍ଭ କରିଛି, ଯେଉଁଥିରେ ପ୍ରଶଂସକମାନେ ଆର୍ଜେଣ୍ଟିନା ଯିବାର ସୁଯୋଗ ପାଇପାରିବେ। ବିଶେଷ କରି ଲିଓନେଲ୍ ମେସି, ଆଞ୍ଜେଲ ଡି ମାରିଆ, ଜୁଲିଆନ ଆଲଭାରେଜ, ଏଞ୍ଜୋ ଫର୍ଣ୍ଣାଣ୍ଡିସ୍‌ଙ୍କ ଭଳି ଖେଳାଳିଙ୍କୁ ଆର୍ଜେଣ୍ଟିନାରେ ଫୁଟ୍‌ବଲ୍ ଖେଳୁଥିବା ଦେଖିବାର ସୁଯୋଗ ମିଳିବ। ଏହି ସ୍ୱତନ୍ତ୍ର ସୁଯୋଗ କେବଳ ଏକ ଢୋକ ଦୂରରେ ରହିଛି, ଗ୍ରାହକମାନେ କୌଣସି ଟାଟା ଗ୍ଲୁକୋ+ ପ୍ରଡକ୍ଟ କିଣି ପ୍ୟାକ୍‌ରେ ଥିବା କ୍ୟୁଆର୍ କୋଡ୍ ସ୍କାନ୍ କରି ଏହି ସୁଯୋଗ ପାଇପାରିବେ।

# ଘରୋଇ ବଜାରରେ ଟିଭିଏସ୍ ଆଇକ୍ୟୁବ୍‌ର ନୂତନ ମାଇଲଖୁଣ୍ଟ

ଭୁବନେଶ୍ୱର,୧୬।୩

ଘରୋଇ ବଜାରରେ ଟିଭିଏସ୍ ମୋଟର କମ୍ପାନୀ ନୂତନ ମାଇଲଖୁଣ୍ଟ ହାସଲ କରିଥିବା ଘୋଷଣା କରାଯାଇଛି। କମ୍ପାନୀର ଆଇକ୍ୟୁବ୍ ସିରିଜ ସମଗ୍ର ଓଡ଼ିଶାରେ ୭୦୦୦ରୁ ଅଧିକ ଗାଡ଼ି ବିକ୍ରିର ଉଲ୍ଲେଖନୀୟ ସଫଳତା ହାସଲ କରିଥିବାବେଳେ ଭାରତରେ କମ୍ପାନୀ ୨.୫ଲକ୍ଷରୁ ଅଧିକ ଟିଭିଏସ୍ ଆଇକ୍ୟୁବ୍ ବିକ୍ରି କରିଛି। ସେହିଭଳି ଏହି ଇଲେକ୍ଟ୍ରିକ୍ ବିପ୍ଳବକୁ ଆଗେଇ ନେଇ ଟିଭିଏସ୍ ମୋଟର କମ୍ପାନୀ ଆହୁରି ଘୋଷଣା କରିଛି ଯେ ଫେମ୍-୨ ସବ୍‌ସିଡି ବ୍ୟତୀତ ଓଡ଼ିଶାର ପ୍ରମୁଖ ସହରରେ ଟିଭିଏସ୍ ଆଇକ୍ୟୁବ ଇଲେକ୍ଟ୍ରିକ୍ ସ୍କୁଟର କିଣିଲେ ଗ୍ରାହକମାନେ ୧୦,୧୯୯ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ। ଟିଭିଏସ୍ ଆଇକ୍ୟୁବ୍ ରେଞ୍ଜର ସ୍କୁଟରର ମୂଲ୍ୟ ୧,୧୮,୦୭୩ ଟଙ୍କାରୁ ଆରମ୍ଭ ହେଉଛି। ଟିଭିଏସ୍ ଆଇକ୍ୟୁବ୍ ତା'ର ଉନ୍ନତ ବୈଶିଷ୍ଟ ସହ ସହରାଞ୍ଚଳ ଯାତ୍ରୀମାନଙ୍କ ପାଇଁ ୩.୪ କିଲୋୱାଟ୍ ବ୍ୟାଟେରିରେ ସଜ୍ଜିତ ଏବଂ ୧୦୦କିଲୋମିଟରର ବାସ୍ତବ ରେଞ୍ଜ ବିଶିଷ୍ଟ ଟିଭିଏସ୍ ଆଇକ୍ୟୁବ୍ ଏକ ନିରବଚ୍ଛିନ୍ନ ଏବଂ ଭରସାଯୋଗ୍ୟ ଯାତାୟାତ ଅନୁଭୂତି ସୁନିଶ୍ଚିତ କରୁଛି। ଏହାର ବିଶାଳ ୩୧ଲିଟରର ଅଣ୍ଡର ସିଟ୍ ଷ୍ଟୋରେଜ୍ ଅତ୍ୟାବଶ୍ୟକ ସାମଗ୍ରୀ ସଂରକ୍ଷଣ ପାଇଁ ପର୍ଯ୍ୟାପ୍ତ ସ୍ଥାନ ପ୍ରଦାନ କରୁଥିବା ବେଳେ ବଡ଼ ଫୁଟ୍ ବୋର୍ଡ ଏବଂ ଚଉଡା ସିଟ୍ ଭଳି ବୈଶିଷ୍ଟ୍ୟ ଉକ୍ତ ମଡେଲକୁ ପରିବର୍ତ୍ତନ ଏବଂ ଚଲାଇବା ପାଇଁ ସବୁଠାରୁ ସହଜ ସ୍କୁଟରରେ ପରିଣତ କରିଛି। କିଲୋମିଟର ପିଛା ୩୦ପଇସାର ସୁପର ସର୍ବନିମ୍ନ ଖର୍ଚ୍ଚ ହେତୁ ଗ୍ରାହକମାନେ ୩ ବର୍ଷ ମଧ୍ୟରେ ୧.୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ।


## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

No.CAD-4711 Bid document No.: OMC/e-PROC/CMC/151/2023-24 dated 15.03.2024

| | | |
|---|---|---|
| 1 | Work Name | Operation & Comprehensive Maintenance of Real time Effluent Quality Monitoring Systems (5 Nos.) installed at ETPs of South Kaliapani Chromite Mines and MIP of Damsala Nala on the downstream of Chromite Mines activities of OMC located in the Jajpur District alongwith un-interrupted data transmission to SPCB/CPCB server. |
| 2 | Availability of tender documents on the e-tendering portal of Government of Odisha | Date:16.03.2024 |
| 3 | Bid Due Date | Date:19.04.2024, Time: 3.00 PM |
| 4 | Opening of Techno-Commercial Bid | Date: 19.04.2024, Time: 5.00 PM |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in.) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0339/2324 Sd./- Head (C&P)

## ଦେବଗଡ଼ ଜିଲ୍ଲା ଉଦ୍ୟାନ ବିଭାଗ ଅଧୀନସ୍ଥ ସରକାରୀ ଫଳ ବଗିଚାଗୁଡ଼ିକର ଚଳିତ ଋତୁରେ ଫଳ ବିକ୍ରୟ ପାଇଁ ନିଲାମ ଇସ୍ତାହାର

No. L-269: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଦେବଗଡ଼ ଜିଲ୍ଲା ଉଦ୍ୟାନ ବିଭାଗ ଅଧୀନସ୍ଥ ସରକାରୀ ଫଳ ବଗିଚାଗୁଡ଼ିକର ଚଳିତ ଋତୁରେ ଫଳ ସବୁକୁ ୨୦୨୪ ମସିହା ଜୁନ ମାସ ପର୍ଯ୍ୟନ୍ତ ନିଲାମ ଦିଆଯିବ। ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବ୍ୟକ୍ତିମାନେ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିମ୍ନ ବିବରଣୀ ଅନୁସାରେ ଜଉମୁଦଦିଆ ଟେଣ୍ଡର ସହିତ ଅଗ୍ରିମ ଅମାନତ ରାଶି (ନିମ୍ନମତେ) ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଦେବଗଡ଼ଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ କରାଇ ଆଣି ରେଜିଷ୍ଟ୍ରି ଡାକ ଅଥବା ପଞ୍ଜୀକୃତ କୋରିଅର ସର୍ଭିସ୍ ଯୋଗେ ତଳଲିଖିତ ତାରିଖ ସମୟ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ତଳ ସୂଚିତ ତାରିଖ ଓ ସମୟରେ ଟେଣ୍ଡର ପ୍ରଦାନକାରୀ କିମ୍ବା ତାଙ୍କ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଦେବଗଡ଼ ଫାର୍ମଠାରେ ଟେଣ୍ଡର ଖୋଲାଯିବ। ଟେଣ୍ଡର ପେପର ଓ ତତ୍ ସମ୍ବନ୍ଧୀୟ ତଥ୍ୟ ସହକାରୀ ଉଦ୍ୟାନ ଅଧିକାରୀ/ବାରକୋଟ/ତିଲେଇବଣୀ/ଫାର୍ମ ଅଧିକାରୀଙ୍କର କାର୍ଯ୍ୟାଳୟରୁ ମାତ୍ର ଟ.୫୦.୦୦ (ପଚାଶ ଟଙ୍କା) ବିନିମୟରେ ମିଳିପାରିବ। ଆଗ୍ରହୀ ବ୍ୟକ୍ତିମାନେ ଫଳ ବଗିଚାଗୁଡ଼ିକରେ ଫଳ ସବୁକୁ ପ୍ରତିଦିନ ସକାଳ ୮ଟାରୁ ଅପରାହ୍ନ ୧୧ଟା ଯାଏଁ (କେବଳ ସରକାରୀ ଛୁଟିଦିନ ବ୍ୟତୀତ) ଦେଖିପାରିବେ।

ଆବଶ୍ୟକ ସ୍ଥଳେ ଏକ ଅଥବା ସମସ୍ତ ଟେଣ୍ଡର ନଥିପତ୍ରକୁ କୌଣସି କାରଣ ନ ଦର୍ଶାଇ ନାକଚ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ଅଧୀନରେ ସଂରକ୍ଷିତ ଅଛି। ଟେଣ୍ଡର ବହନ କରୁଥିବା ଲଫାପା ଉପରେ ନିଜ ନାମ ଓ ଠିକଣା ସହିତ କେଉଁ ଫଳ ବଗିଚାର କେଉଁ ଫଳ ପାଇଁ ଟେଣ୍ଡର ଦାଖଲ କରୁଛନ୍ତି ତାହା ଉଲ୍ଲେଖ ରହିବା ନିହାତି ଦରକାର।

ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଦେବଗଡ଼ଙ୍କ ଅଧୀନସ୍ଥ ସରକାରୀ ଫଳ ବଗିଚାଗୁଡ଼ିକର ଚଳିତ ଋତୁରେ ଫଳ ବିକ୍ରୟ ପାଇଁ ନିଲାମ ଇସ୍ତାହାର ତଦନ୍ତ ବିବରଣୀ ନିମନ୍ତେ।

| କ୍ର.ସଂ. | ଫଳ ବଗିଚାର ନାମ | ସମ୍ପୃକ୍ତ ଉଦ୍ୟାନ ଅଧିକାରୀ | ଫଳନ୍ତି ଗଛର ନାମ ଓ ସଂଖ୍ୟା | ଅମାନତ ଜମାରାଶିର ପରିମାଣ (ଟଙ୍କାରେ) | ଟେଣ୍ଡର ଗ୍ରହଣର ଶେଷ ତାରିଖ (ସମୟ ଅପରାହ୍ନ ୫ଟା) | ଟେଣ୍ଡର ଖୋଲିବା ସମୟ ଅପରାହ୍ନ ୪ଟା | ଟେଣ୍ଡର ଖୋଲିବା ସ୍ଥାନ |
|---|---|---|---|---|---|---|---|
| ୧ | ଦେବଗଡ଼ ଫାର୍ମ, ଦେବଗଡ଼ | ସହକାରୀ ଉଦ୍ୟାନ ଅଧିକାରୀ, ତିଲେଇବଣୀ | ଆମ୍ବ - ୨୬ | ଟ.୫୦୦୦.୦୦ | ୨୭।୦୩।୨୦୨୪ | ୨୮।୦୩।୨୦୨୪ | ଦେବଗଡ଼ ଫାର୍ମ, ପୁରୁଣାଗଡ଼ |
| ୨ | ବାରକୋଟ ଫାର୍ମ, ବାରକୋଟ | ସହକାରୀ ଉଦ୍ୟାନ ଅଧିକାରୀ, ବାରକୋଟ | ଲିଚୁ - ୪୨ | ଟ.୫୦୦୦.୦୦ | ୨୭।୦୩।୨୦୨୪ | ୨୮।୦୩।୨୦୨୪ | ଦେବଗଡ଼ ଫାର୍ମ, ପୁରୁଣାଗଡ଼ |

OIPR-01464/11/0002/2324 ସ୍ୱା./- ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଦେବଗଡ଼

## WORKS DEPARTMENT
No. B-1968

### OFFICE OF THE SUPERINTENDING ENGINEER, ROURKELA (R&B) DIVISION UDITNAGAR , ROURKELA

E-Mail Id – eepwdrkl@gmail.com

Government of Orissa "e" Procurement Notice

**Bid Identification No.: 179/ 2023-2024 Dated: 14.03.2024**

1. Number of works: 02 (Two) number of Works.
2. Estimated cost: Rs.36.47 Lakhs & Rs.48.61 Lakhs.
3. Period of completion: 3 (Three) calendar months
4. Date & Time of availability of bid document in the portal: Dt. 21.03.2024 at 11.00 A.M.
5. Last date/ Time for receipt of bids in the portal: Dt.28.03.2024 up to 05.00 P.M.
6. Date of opening of Bid: Dt.30.03.2024 at 11.00 A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela, Uditnagar.

Further details can be seen from the e-procurement portal "http//tendersorissa.gov.in"

Sd./- Superintending Engineer,
Rourkela (R&B) Division
OIPR-34068/11/0053/2324

## OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I, CUTTACK

E-mail I.D.- eepwdcuttack@gmail.com, Tele/Fax No. (0671)- 2304128

No.B-1961 GOVERNMENT OF ODISHA ('e' PROCUREMENT NOTICE)

**Bid Identification No. S.E. CTC (R&B)-71 of 2023-24**

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Double cover system** in ONLINE MODE from eligible contractor for Building works as mentioned below.
2. No. of Work :- **1 No.**
3. Nature of work :- **Building works**
4. Class of Contractor :- **"B" Class**
5. Tender Paper Cost :- **Rs.10000/- (Online)**
6. Available of bid documents in the website :- **From 16.03.2024 to 5 PM of 27.03.2024**
7. Date of Opening of Bid :- **11 AM of 28.03.2024**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd./- (Er. P.K. Majhi), Superintending Engineer,
Cuttack (R&B) Division No.I
OIPR-34091/11/0063/2324

## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, Tel.: (0674) 2391523

File No. B-IV-H-ALMC-01/2023 Lr. No. 12178 Dt. 14th Mar., 2023

No. B-1957 **REQUEST FOR PROPOSAL**

**RFP Identification No. C.E. (B) - 82/2023-24**

| | | |
|---|---|---|
| 1. | The Chief Engineer, Buildings, Odisha invites proposal through online mode only from interested bidders who have successfully completed CFMS work in any one hospital in India having 1000 functional bed strength under single agreement for **"PROVIDING COMPREHENSIVE FACILITY MANAGEMENT SERVICES (CFMS) FOR FOLLOWING MEDICAL COLLEGES & HOSPITALS, (1) SCB MCH, CUTTACK, (2) B.B. MCH, BALANGIR, (3) P.R.M. MCH, BARIPADA, (4) SJ MCH, PURI, (5) SVPPGIP, CUTTACK, (6) F.M. MCH, BALASORE, (7) GOVT. MCH, KALAHANDI, (8) MKCG MCH, BERHAMPUR"**. The tender document can be downloaded from the website: **www.tenderodisha.gov.in**. | |
| 2. | Nature of Work | CFMS Services |
| 3. | No. of Work | 08 Nos. |
| 4. | Bid Cost (Online) | Rs.10,000/- (Each) |
| 5. | Availability of Bid documents in the website | From Dt.22.03.2024 to 17.00 hours of Dt.09.04.2024 in **www.tendersodisha.gov.in** (Online mode only) |
| 6. | Date of Pre-Bid Meeting | 03.04.2024 at 11.30 A.M. |
| 7. | Date of Opening of Bid | 10.04.2024 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **www.tendersodisha.gov.in**. Any addendum/corrigendum/cancellation of tender can be seen in the said website only. | |

Sd./- Chief Engineer, Buildings (I/C),
OIPR-34117/11/0179/2324 Odisha, Bhubaneswar

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

No. 1656 dt. 14.03.24

**NOTICE**

No.E-962:- It is informed that the tender submission end date for purchase of Anti-TB drugs, vide Short Tender Call Notice No.1299, dt.01.03.2024 is extended till 20.03.2024 upto 4 PM. For terms and conditions regarding Tender Call Notice, please log on to the district website www.bargarh.nic.in.

Sd./- Chief District Medical &
Public Health Officer, Bargarh
OIPR-10124/11/0025/2324

## ZILLA PARISHAD, SAMBALPUR

Dist-Sambalpur, Odisha-768001
Ph:0663-2410992, Email:ori-dsambalpur@nic.in

Letter No.272/ORMAS Date:12.03.2024

**CORRIGENDUM NOTICE**

**No.CAD-4659:** With reference to the Tender Call Notice No.251, Dated 7.3.2024, it is hereby notified that earlier advertisement for sealed Tenders invited from the GST registered Agency/MSME firm for supply of Non-Woven Bag Making machine under "State Sector Scheme-Implementation Support to ORMAS" for the F.Y.2023-24 has been extended to 21.3.2024 upto 5 PM. Intending bidders may download the Bid documents containing eligibility criteria and details terms and conditions of the tender from the website: https://sambalpur.nic.in.
Hence, willing GST registered Agency/ MSME firm are requested to submit their Tender Paper on or before 21.3.2024 by 5 P.M. directly to the Office of CEO-cum-Executive Officer, Zilla Parishad, Sambalpur by Regd Post/ Speed Post/ Courier. The opening of the Bid is on 22.3.2024 at 11 AM at Conference Hall of Zilla Parishad, Sambalpur. The bidders who have submitted their document in response the earlier advertisement vide Tender Call Notice No.251 dated 7.3.2024 need not apply again.

OIPR-19241/11/0028/2324 Sd./- CDO-cum-Executive Officer
Zilla Parishad, Sambalpur

## OFFICE OF THE PURI MUNICIPALITY, PURI

Mail ID: purim.hud@nic.in, purim.hud@gmail.com

Letter No. 2288 Dated: 15.03.24

**TENDER CALL NOTICE FOR SELECTION OF AN AGENCY FOR CLEANING OF DRAINS PURI MUNICIPALITY, PURI, ODISHA**

No. C-3325: Puri Municipality invites Request for proposal (RFP) for selection of an agency for cleaning of drains, Puri Municipality, Puri, Odisha. The details terms & conditions can be downloaded from the website **www.purimunicipality.nic.in**. The detail Technical & Financial proposal in conformity with the terms and conditions of the RFP documents shall be submitted to the Office of the Executive Officer, Puri Municipality, Puri on or before 16.03.24 at 05.00 P.M. through Speed Post/Regd. Post only. The technical bids will be opened on 04.04.24 at 11.00 A.M. in the office chamber of the Executive Officer, Puri Municipality, Puri.
The authority reserves the right to reject any or all the tenders without assigning any reason thereof.

Sd./- Executive Officer
OIPR-13159/11/0047/2324 Puri Municipality, Puri

## ZILLA SWASTHYA SAMITI, BHADRAK DISTRICT PROGRAMME MANAGEMENT UNIT, NHM O/O-CDM&PHO, DIST-BHADRAK

**NOTICE**

Advt. No.06/2024 Date:13.03.2024

**No.E-961:** In pursuance to the Advertisement No.14/2023, Dated 30.11.2023 of CDM & PHO, Bhadrak the database of received application list, rejected list & notice for attending document verification and interview for the empanelment of part time yoga instructor has been uploaded in district website.
Interested candidates may visit in the district website i.e. www.bhadrak.nic.in for details.

Sd./- CDM & Public Health Officer
-cum-DMD, Bhadrak
OIPR-10123/11/0017/2324

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

No. B-1970 Email: eedklpwd@gmail.com

**INVITATION FOR BIDS THROUGH e-Procurement**

Bid Identification No. SEDKL (R&B), 67/2023-24

**Invitation for Bids**

| | | |
|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Double Cover System in ONLINE MODE only for construction of Building Works as detailed below. | |
| 2. | Nature of Work | Building Works (1 No.) |
| 3. | No. of Work | 01 No. |
| 4. | Bid Cost | Rs.10,000/- |
| 5. | Class of Contractor | 'B' Class |
| 6. | Availability of Bid Documents in the website | From 10.00 A.M. of 21.03.2024 to 5.00 P.M. of 04.04.2024 |
| 7. | Date of Opening of Bid | Dt.05.04.2024 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/ corrigendum/cancellation of tender can also be seen in the said website only. | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0051/2324

## obcc

No.CAD-4663

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

No.2609 Date:14.03.24
File: SMT-2013 **NOTICE INVITING TENDER**

| | | |
|---|---|---|
| 1. | Name of Work | Additional Work for Ekamra Kshetra such as Development of Vending Zone, Extended Parking & Strom Water Drain under EKAMRA Conservation Plan. |
| 2. | Bid Identification No. of the Tender Document | 109/Tender/OBCC/2023-24 |
| 3. | Date of availability in e-Procurement Portal | From 22.03.2024 |
| 4. | Last date of receipt of pre-bid queries | upto 3.00 PM of 27.03.2024 |
| 5. | Date & time for Pre-Bid Meeting | On 28.03.2024 at 11.30 AM (Through Video Conferencing) https://meet.google.com/bvb-kwna-jef |
| 6. | Date of issue of pre-bid clarfication | 05.04.2024 |
| 7. | Last date & time of receipt of online bid | 19.04.2024 till 5.00 PM |
| 8. | Date of Opening of online technical bid | 20.04.2024 at 11.30 A.M. |
| 9. | Period of Completion | 18 Months |
| 10. | Class of Contractor | Super Class |

11. Further details can be seen from the e-Procurement portal https://www.tendersodisha.gov.in.
12. OBCC has the right to accept or reject the Notice/ RFP/Proposal without assigning any reason thereof.

OIPR-34161/11/0141/2324 Sd./- EIC-cum-Managing Director

## ODISHA PISCICULTURE DEVELOPMENT CORPORATION LIMITED

No.CAD-4688

ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିଃ.
(A Government of Odisha Undertaking)

No. 575 Date:14.03.2024

**EXPRESSION OF INTEREST**

**LEASING FOR OPERATION & MANAGEMENT OF DIESEL OUTLET STATION (OPDC FILLING STATION) & ICE PLANT**

OPDCL invites sealed bids from reputed and registered Firm/ Sole Proprietors for leasing for Operation & Management of Diesel Outlet Station ( OPDC Filling Station) & Ice Plant on PPP mode under OPDC Ltd. Bidders fulfilling the prescribed eligibility criteria for this EoI can access and download the complete tender Document and other details from
**www.opdc.odisha.gov.in /fishfedodisha.in/fisheries.odisha.gov.in**
The bid calendars under the end to end process are:

| Sl. | List of Key Events | Critical Dates |
|---|---|---|
| 1. | Date of Issue of Expression of Interest | 14.03.2024 |
| 2. | Last Date for Submission of Bid | 28.03.2024,12 Noon |
| 3. | Date of Opening of Technical Bid | 28.03.2024, 1PM |
| 4. | Date of Opening of Financial Bid | 28.03.2024, 3 PM |

The bid complete in all respects must reach the undersigned by **Speed Post/ Registered Post/Drop in the Tender Box** only latest by **28.03.2024, 12Noon** in a sealed envelope clearly mentioning on the top of it "EoI for Operation & Management of Diesel Outlet Station (OPDC Filling Station) & Ice Plant under OPDC Ltd.".
The Bid processing fee Rs. 5000/- including GST in shape of DD in favour of MD, OPDC Ltd. drawn in any scheduled commercial bank payable at Bhubaneswar.
The proposals received beyond the last date and time will be rejected.
The authority reserves the right to reject any/ all proposals without assigning any reason thereof.

Sd/- Managing Director

CC: To the Notice Board of OPDC Ltd and webhosting of the same in OPDC/ DoF website for wide publicity.

OIPR-06020/11/0013/2324

## GOVT. OF ODISHA SCHOOL AND MASS EDUCATION DEPARTMENT

**Advertisement No. SAMS/DHSE/ADVT/01-2024 Dated: 13.03.2024**

No. N-166: Applications are invited from (eligible) interested Law Graduates/Final year Law Students for undergoing a short-term Legal Training Programme to be imparted by SAMS Society, School & Mass Education Department, Odisha.
SAMS Society is intending to facilitate freshers under short-term Legal Training Program for a duration of 06 months for law students passing Graduation course and enrolled in reputed Law University/Institutes of Odisha or applicants who have passed LLB not before 2020.

**Educational Qualification & Eligibility Criteria:**
In order to be eligible for selection, a candidate must possess the following educational qualification.

- For Law Graduates, he or she must have passed minimum LL.B. Degree not before 2020 from any University, recognized by AICTE/UGC.
- For Law Students who are pursuing a 03 year LL.B. Course, he or she must have completed 4th Semester Course.
- For Law Students who are pursuing a 5 years integrated Law Course, he or she must have completed the 8th Semester Course.
- Only Indian National candidates are eligible to apply for the training.

**Terms & Conditions:**
**It is proposed to engage 6 Nos. of Trainees under the Programme for a period of 6 months. Each Trainee will be paid a consolidated stipend of Rs.10000/- (Rupees Ten thousand) only per month. Interested candidates should submit their applications in the given proforma to the email: sams.dhse@gmail.com**
For more details please log in to the website:
**https://www.samsodisha.gov.in/newHSS/index.aspx**

| Closing date for Online applications | 31.03.2024 |
|---|---|

Sd./- Director, HSE(O)
-cum-VC, SAMS Society
OIPR-11033/11/0027/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସୃଷ୍ଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବୈତରଣୀରୁ ମିଳିଲା ନିଖୋଜ ୨ ଭଉଣୀଙ୍କ ମୃତଦେହ

**ଚାନ୍ଦବାଲି, ୧୬।୩(କିଷାନ ପାତ୍ର)**

ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ଅଧୀନ ମୁଆଁ ଗାଁର ନିଖୋଜ ଥିବା ୨ ଭଉଣୀଙ୍କ ମୃତଦେହ ଶନିବାର ବୈତରଣୀ ନଦୀରୁ ମିଳିଛି। ସେମାନେ ହେଲେ ଉକ୍ତ ଗ୍ରାମର ବାପିନା ଦାସଙ୍କ ଝିଅ କାଜଲ(୧୭) ଓ ତାଙ୍କ ମାମୁ ପୀତାମ୍ବର ଦାସଙ୍କ ଝିଅ ଭୂମିକା(୧୬)। ସେମାନେ ଶୁକ୍ରବାର ମଧ୍ୟାହ୍ନରୁ ନିଖୋଜ ଥିଲେ। ଅଗ୍ନିଶମ ବାହିନୀ ଓ ଯାଜପୁର ମଙ୍ଗଳପୁର ପୋଲିସ କାଜଲଙ୍କ ମୃତଦେହକୁ କଇଁଆ ଗୁଲାଘାଟ ପାଖରୁ ଜବତ କରିଥିବା ବେଳେ ଭୂମିକାଙ୍କ ମୃତଦେହ ଆରଡ଼ି ମୁଆଁ ଘାଟରୁ ମିଳିଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଭୂମିକା ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଉଥିବା ବେଳେ କାଜଲ ଯୁକ୍ତ ୨ ପରୀକ୍ଷା ଦେଉଥିଲେ। ଦୁଇଜଣଙ୍କ ଘର ଗୋଟିଏ ଗ୍ରାମରେ। ତେବେ ସେମାନେ ବୈତରଣୀ ନଦୀକୁ କ'ଣ ପାଇଁ ଯାଇଥିଲେ, ତାହା ଏଯାଏ ଅସ୍ପଷ୍ଟ ରହିଛି।

## ଜନ୍ମଦିନ ଶୁଭେଚ୍ଛା



**ଆରୁଷି (ସୃଷ୍ଟି)**

ସେବତୀଦେଇପୁର ଶାସନ, ବିକ୍ରମପୁର

ହରିଶ୍ୱରଙ୍କ ଆଶୀର୍ବାଦରୁ ଦୀର୍ଘାୟୁ ହୁଅ।

ଆଶୀର୍ବାଦ ସହ: ଜେଜେବାପା: ପଣ୍ଡିତ ବିନାୟକ ଆଚାର୍ଯ୍ୟ, ଜେଜେମାଆ: ସୌଦାମିନୀ ଆଚାର୍ଯ୍ୟ

ଧ-୨୭୮୭

# Classified Everyday 0674-2580101, 2549949

CLASSIFIED DISPLAY

MORE SPACE • SAME PRICE

## MATRIMONIAL



### BRIDE WANTED

Handsome Brahmin boy LLM/Govt. Advocate, 32+/ 5'8" 'SUHAG'. 9938199964. D-2749

### GROOM WANTED

Wanted Odia groom well settled Business/Service 35-40yrs. for a beautiful bride M.Tech, Ph.D. only daughter Bhubaneswar. 9437138034. D-74318

ବୟସ 28 କୌଣସି ଚାକିରି କରୁନଥିବା ସୁନ୍ଦରୀ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 6370559357. D-75320

Height-5', Government ଚାକିରିଆ ବାପା ମା' ସଙ୍ଗେ ରହୁଥିବା 43 ବୟସ୍କା Divorce ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 6371298869. D-2782

## REAL ESTATE



### SALE

**6 Years Old Fine Dine Restaurant at KIIT Square furniture and Kitchen accessories for sale. Contact- 9937715505.** D-2775

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

**Gharabari Plots and 2/3BHK Flats at Uttara, Patrapada, Bhubaneswar. 8270370007** D-2712

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854.** D-75916

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ **Extension BDA Zone**ରେ ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ **17,40,000/-**ରେ ବିକ୍ରି କରାଯିବ। **6370469894.** D-75929

Wanted residential gharabari land with 30 feet road on sharing basis for Simplex/ Duplex Projects within Bhubaneswar, Cuttack, Puri. 7008550473. D-2769

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

Used Office Furniture, Chair, Table, Sofa, AC, Aquaguard, Partition, Ceilling sale. 7008967858. D-71070

Bhubaneswar ପୋଖରୀପୁଟରୁ 5K.M. କୁହା ମୌଜାରେ ଚାରିପଟେ ଘରଥାଇ ମଝିରେ 2000sqft. plot 38,00,000/- ବିକ୍ରିହେବ। 9938016295. D-75930

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75717

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price call. 9439856856, 7008982279, 6371097442, 9040116788.** D-2727

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

## CONSTRUCTION



**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2728





Ready to move commercial space for rent, Ground Floor, 1st Floor and Roof Top underground parking space area 3500sqft. each on service road of NH53, Near Bus Stand Ainthapali, Sambalpur. Contact Number- 7008225234, 8670309550. D-2742

**Two BHK flat for rent in Apartment Avantika near Gokul Kunj on GGP- Pandra Road, Bhubaneswar. Contact- 8984692488.** D-75805

## ACCOMMODATION

Free Accommodation for Senior Citizens and Mentally ill person with all Facilities Contact- 9337160036, 7325991853. D-2738





**Relax, Refresh your body, Mind at Saikrupa Spa with best therapies. 8984068077.** D-2774

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75718

**Body massage by experience good looking therapist @ 999/- (Bhubaneswar). 9078484455.** D-2688

Relax, refresh your body, mind by expert therapist. Contact- 9938843929. D-76106

Newly open health benefits SPA special Offer @999 Bapuji Nagar. 8018429809. D-76107





ମାଗଣା ଜାତକ, ବାସ୍ତୁ ପରାମର୍ଶ, ସରକାରୀ ମାନ୍ୟତାପ୍ରାପ୍ତ ଅନୁଷ୍ଠାନ ସର୍ବସିଦ୍ଧି କବଚ ଗ୍ରହରତ୍ନ ରୁଦ୍ରାକ୍ଷରେ ରିହାତି। ଲଟେରି ଜିତନ୍ତୁ। ଗୁପ୍ତଧନ- ଜ୍ୟୋତିଷ- ବାସ୍ତୁ ଶିକ୍ଷା। 7750033066, 9348273805. D-2786

## LOST

That I Smt. Manorama Jena, age about 48 years, W/o Sunakar Jena At Present Balisahi, P.O/P.S.- Salipur, Dist.- Cuttack declared that original link title deeds such as (1) RSD No.- 1410 Dt.22.08.2008 Mutation ROR/Patta recorded in the name of Narayan Guru in respect of Khata No. 835/1084 under Mouza- Balisahi, Salipur (2) RSD No. - 1621 Dt. 14.12.2014 mutation ROR/ Patta recorded in the name of Nalu Mallick in respect of Khata No.- 835/1438 under MZ- Balisahi, Salipur (3) RSD No.- 581 Dt. 25.02.2022 mutation ROR/ Patta recorded in the name of Debi Prasad Behera in respect of Khata No.- 835/1981 under MZ- Balisahi, Salipur has been misplaced from my custody and as I am unable to trace/find the same despite of my best efforts. Neither I nor the respective land owners have not created any equitable mortgage/ charge with any Bank or Financial institutions by depositing the said title deeds. If any individual, Bank, Financial institution is holding the said documents in original as security for any loan granted. I am requested to inform to Mr Bijay Kumar Jena, advocate of (JSFB) Mob No. 9437024302/ 9861031010 within 15days from the date of publication of notice/ advertisement relating to the above property. D-75716

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ମୌଜା- ଢେଙ୍କାନାଳ, ଥାନା- ଟାଉନ୍, ଖାତା ନଂ.- ୩୪୭୦/୨୪୧୬, ଏ.୦.୦୫୨ ଡେସିମିଲ୍ ସୁଷମା ମଲ୍ଲିକ, ସ୍ୱା- ପ୍ରତାପ ଚନ୍ଦ୍ର ମଲ୍ଲିକ, ଗଣେଶ ବଜାର, ଢେଙ୍କାନାଳ ଉକ୍ତ ପଟ୍ଟାଟି ହଜି ଯାଇଥିବାରୁ କେହି ସହୃଦୟ ବ୍ୟକ୍ତି ପାଇଲେ ନିକଟସ୍ଥ ଥାନା କିମ୍ବା ଉପରିସ୍ଥ ଠିକଣାରେ ପଠାଇବାକୁ ଅନୁରୋଧ। ଧ-୭୫୪୨୮

## AFFIDAVIT

My name was Mohini Una. I have changed my name to MOHINI VOONA. Henceforth I will be identified as MOHINI VOONA. D-2785

By an affidavit sworn before the Executive Magistrate, Bargarh, I Rohitaswa Padhan, S/o- Muktiswar Padhan, At- Byromunda, P.O.- Patkulunda, P.S.- Barpali, Dist.- Bargarh, PIN-768029 declare by this Affidavit No.-296, I am the owner of Khata No.-1410/5224, Plot No.2999.9552- A0.0450 decimals of Mouza- Barpali, P.S.- No.51 P.S./ Tahasil- Barpali and going to build the house on this plot, if anyone have any objection please contact on Mob: 9036061816 with original document before 31st March 2024. D-2780

By virtue of an affidavit sworn before the Executive Magistrate, Karlamunda on dt.22.02.2024, I have changed the name of my Minor Son D.O.B 04.07.2014 from Amit Sahu to Venketeswar Sahu. Henceforth he will be know as Venketeswar Sahu for all purposes. D-2777

By virtue of an affidavit No-138, dated 13.02.2024, sworn before Executive Magistrate, Bhadrak. I Sumitra Masanta alias Rebati Masanta(39), W/o- Amulya Masanta, Vill- Santhia, P.S.-Bhadrak(T), Dist.-Bhadrak hereby declare that in my LIC Policy Bond my name is mentioned Rebati Beer, D/o- Giridhari Beer before my marriage. Hence Sumitra Masanta and Rebati Beer and Rebati Masanta same and one person. D-2791

By virtue of an affidavit No.- 935, dated 14.03.2024, sworn before Executive Magistrate, Bhadrak. I Kusadev Sahoo alias Kushasan Sahoo(60), S/o- Ramchandra Sahoo, Vill- Baligan, P.S.- Chandbali, Dist.- Bhadrak hereby declare that in my LIC Policy bearing No.- 584513567 my name is mentioned Kusadev Sahoo. Hence Kusadev Sahoo and Kushasan Sahoo same and one person. D-2790

## LEGAL NOTICE

In the Court of the Judge, Family Court, Dhenkanal
C.P (Exn.)- No.-4/2022.

Bageswari Sahoo ....D.Hr

Versus

Swarup Ranjan Swain ....J.Dr

Notice under Order-5, Rule-20 (1) of C.P.C.

To
Swarup Ranjan Swain, aged about 37 years, Son of Gangadhar Swain of C/34, Bhagirathi Vihar, Gudianali, P.S.- Town, Dist.- Dhenkanal.

Whereas the above named petitioner has instituted application for Execution of order in CP. Case No.23/2019 U/S-13 (1) of Hindu marriage Act.

Whereas inspite of repeated notices you are keeping yourself out of the way for the purpose of avoiding service of summons. Hence, this notice is given to you that the above noted case is fixed to the 29th day of March 2024 at about 10.30AM and you are hereby directed to appear in person to answer the claim in support of your defence.

Take notice that in default of your appearance on the day before mentioned the proceeding will be determined in your absence.

Given under my hand and seal of the Court this 02nd day of March 2024

Sd./- Judge, Family Court, Dhenkanal

D-75429

**SHUBHRA RANJAN**
Always Ahead

Delhi's Best IAS Institute now in Bhubaneswar

GS FOUNDATION COURSE
(ONLINE / OFFLINE MODE)

UPSC (IAS, IPS, IRS..) | OPSC (OAS, OPS, ORS..)

GENERAL STUDIES INTEGRATED COURSE

COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005

Mobile/Whatsapp
7008476028
7788807774
9668384085

**OAS HUB**
Make your dreams into reality

OAS / IAS

JOIN NEW PRELIMS TO PERSONALITY TEST (P2P) BATCH.

For Odisha Administrative Services.

ADMISSION OPEN NOW

Somi Palace, Plot No. M5/17, Ground Floor, Acharya Vihar, Bhubaneswar

Contact Us:
8926232634
9827166018

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶୋଭାବତୀ ପାଢ଼ୀ**

ଶୈଳଶ୍ରୀ ବିହାର, ଜଗନ୍ନାଥ ଟେମ୍ପୁଲ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧

ଆବିର୍ଭାବ: ୦୧।୦୧।୧୯୪୩
ତିରୋଧାନ: ୧୨।୦୩।୨୦୨୪

ଆପଣଙ୍କର ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ: ସ୍ୱାମୀ: ଶରତ ଚନ୍ଦ୍ର ପାଢ଼ୀ, ପୁଅ, ଝିଅ, ଜ୍ୱାଇଁ, ନାତୁଣୀ: ନେହା, ପରିବାରବର୍ଗ ଓ ବନ୍ଧୁବାନ୍ଧବ।

ଧ-୨୭୮୮

### ନବମ ଶ୍ରାଦ୍ଧବାର୍ଷିକୀ



**୰ କାହ୍ନୁଚରଣ ପଟ୍ଟନାୟକ**

କଲ୍ୟାଣୀ ନଗର, କଟକ

ଆବିର୍ଭାବ- ୦୫/୦୧/୧୯୨୯
ତିରୋଧାନ- ୨୫.୦୨.୨୦୧୫

ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ସାମ୍ବାଦିକ ଦିବଂଗତ କାହ୍ନୁଚରଣ ପଟ୍ଟନାୟକ (କାହ୍ନୁସାର୍)ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି

ପରିବାର ଓ ଆତ୍ମୀୟସ୍ୱଜନ

ଧ-୨୭୮୯

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– ରେୟାର୍ ଡିଜିଜ୍ ଡେ' ୨୦୨୪ର ଥିମ୍ ................. ?
୨– ଷ୍ଟାଚ୍ୟୁ ଅଫ୍ ଲିବର୍ଟି ..................ରେ ଅବସ୍ଥିତ ?
୩– ........... ପଶୁ ପାଇଁ ଗିର୍ ନ୍ୟାଶନାଲ୍ ପାର୍କ ପ୍ରସିଦ୍ଧ ?
୪– ପୃଥିବୀରେ ସର୍ବାଧିକ ବ୍ୟବହୃତ ଭାଷା.............. ?
୫– ରୋମିଓ ଆଣ୍ଡ ଜୁଲିଏଟ୍ ପୁସ୍ତକର ଲେଖକ ............... ?

## ଗତ ଥରର ଉତ୍ତର

୧ ଜମ୍ମୁ ଏବଂ କଶ୍ମୀର
୨ ସ୍ନୋ ଲିଓପାର୍ଡ
୩ ଅଲଝାସ୍ ବେକ୍ଟେନଭ୍
୪ ଇଣ୍ଡିଜେନସ୍ ଟେକ୍ନୋଲୋଜି ଫର୍ ବିକ୍‌ସିତ ଭାରତ (ବିକଶିତ ଭାରତ ପାଇଁ ନିଜସ୍ୱ ଜ୍ଞାନକୌଶଳ)
୫ ତାମିଲନାଡୁ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଧନୀ ମ୍ୟୁଜିସିଆନ୍– ୨୦୨୪



୧. ଜେ ଜେଡ୍.......................୨.୫ ବିଲିଅନ୍ ଡଲାର
୨ . ରିହାନା.......................୧.୪ ବିଲିଅନ୍ ଡଲାର୍
୩ . ଆଣ୍ଡ୍ରୁ ଲେ୍ୟାଡ୍ ୱେବର୍.......................୧. ୩ ବିଲିଅନ୍ ଡଲାର
୪. ପଲ୍ ମ୍ୟାକ୍ କାର୍ଟନୀ .......................୧.୨ ବିଲିଅନ୍ ଡଲାର
୫ . ଜିମ୍ମି ବଫେଟ୍ଟ .......................୧ ବିଲିଅନ୍ ଡଲାର
୬ . ପି. ଡିଡ୍ଡୀ .......................୯୦୦ ମିଲିଅନ୍ ଡଲାର
୭ . ହର୍ବ ଆଲ୍‌ପର୍ଟ .......................୯୦୦ ମିଲିଅନ୍ ଡଲାର
୮ . ମ୍ୟାଡୋନା .......................୮୫୦ ମିଲିଅନ୍ ଡଲାର
୯ . ଡକ୍ଟର ଡ୍ରି .......................୮୫୯ ମିଲିଅନ୍ ଡଲାର
୧୦ . ବୋନୋ .......................୮୦୦ ମିଲିଅନ୍ ଡଲାର

### ୟୁଥ୍ ଆଲର୍ଟ

# ଇ-ବ୍ୟାଙ୍କିଙ୍ଗ ବ୍ୟବହାର କରୁଥିଲେ

**ବର୍ତ୍ତମାନ ଚୋରି, ଡକାୟତି ଇତ୍ୟାଦି ଭୟରେ ଅନେକେ କ୍ୟାଶ୍ ବଦଳରେ ମୋବାଇଲ୍‌ରେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବା ଇ–ୱାଲେଟ୍ ବ୍ୟବହାର କରୁଛନ୍ତି। ହେଲେ ଏଥିରେ ମଧ୍ୟ ସାମାନ୍ୟ ଅବହେଳା ବଡ଼ ସମସ୍ୟାର କାରଣ ସାଜିପାରେ। ତେଣୁ ଏହାକୁ ସୁରକ୍ଷିତ କରିବା ଲାଗି ଜାଣିରଖନ୍ତୁ କେତୋଟି କଥା...**

- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପାସ୍‌ୱାର୍ଡ ଏଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ।
- ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ପରେ ଲଗ୍‌ଆଉଟ୍ କରନ୍ତୁ।
- କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକର୍‌ମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ।
- ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର୍ କିମ୍ବା ସାଇବର୍ କାଫେରେ ଏହା ଅସୁରକ୍ଷିତ। କେବଳ ଏତିକି ନୁହେଁ, ପବ୍ଲିକ୍ ୱାଇ ଫାଇରେ ମଧ୍ୟ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରିବା ଠିକ୍ ନୁହେଁ। କାରଣ ଏହା ସାହାଯ୍ୟରେ ହ୍ୟାକର୍‌ଙ୍କୁ ଆପଣଙ୍କ ପର୍ସନାଲ୍ ଡାଟା ଚୋରି କରିବାରେ ସହଜ ହୋଇଥାଏ।
- ମନେରଖନ୍ତୁ, କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହାଯୋଗୁ ଆପଣଙ୍କ ବ୍ୟାଙ୍କ୍ ଡିଟେଲ୍ସ ହ୍ୟାକର୍‌ଙ୍କ ପାଖକୁ ଚାଲିଯାଇପାରେ।
- ଇ ବ୍ୟାଙ୍କିଙ୍ଗ ବ୍ୟବହାର କରୁଥିଲେ ପ୍ରୋଟେକ୍ସନ୍ ସଫ୍ଟୱେର୍ ବ୍ୟବହାର କରିବାକୁ ଆଦୌ ଭୁଲନ୍ତୁ ନାହିଁ।



# ଟେନ୍‌ସନ୍ ଫ୍ରି ଟ୍ରାଭେଲ୍



**ଦିନ ଥିଲା, କୌଣସି ଅଜଣା ସ୍ଥାନକୁ ଯିବା ଲାଗି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କେବେ ପଚାରି ପଚାରି ଯିବାରେ ଅଯଥା ସମୟ ସାଙ୍ଗକୁ ଇନ୍ଧନ ବି ନଷ୍ଟ ହେଉଥିଲା ତ କେବେ ଗନ୍ତବ୍ୟ ସ୍ଥଳରେ ନ ପହଞ୍ଚିପାରି ଫେରିବାକୁ ପଡୁଥିଲା। ଆଉ ପୁଣି କେବେ ଅଚିହ୍ନା ଗାଡ଼ିବାଲା ଠକିବା ଅବା ଅନ୍ୟତ୍ର ନେଇଯିବା ସମ୍ପର୍କରେ ଭୟ ରହୁଥିଲା। ହେଲେ ମୋବାଇଲ୍ ଫୋନ୍‌ରେ ଜିପିଏସ୍ ବା ଗୁଗଲ୍ ମ୍ୟାପ୍ ଆପ୍ଲିକେଶନ୍ ଟ୍ରାଭେଲ୍‌କୁ କରିଛି ଟେନ୍‌ସନ୍ ଫ୍ରି...**

ଗୁଗଲ୍‌ର ଫ୍ରି ୱେବ୍ ମ୍ୟାପିଂ ସର୍ଭିସ୍ ଆପ୍ଲିକେଶନ୍ ଗୁଗଲ୍ ମ୍ୟାପ୍ ଯାତ୍ରୀଙ୍କଠାରୁ ଡ୍ରାଇଭରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବେଶ୍ ଉପକାରୀ। ଯୁବପିଢ଼ି କେଉଁଆଡ଼େ ଯିବା ଲାଗି ସବୁଠୁ ଅଧିକ ଏହାକୁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏଥିରେ ଥିବା ଗ୍ଲୋବାଲ୍ ପୋଜିଶନିଂ ସିଷ୍ଟମ୍ ବା ଜିପିଏସ୍ ଦ୍ୱାରା କୌଣସି ସ୍ଥାନ ଖୋଜିବା ଲାଗି ଅନ୍ୟର ସାହାଯ୍ୟ ନେବା କିମ୍ବା ଦୀର୍ଘ ସମୟ ଧରି ଏଣେତେଣେ ବୁଲିବା ଭଳି ସମସ୍ୟା ରହୁନାହିଁ। ଫଳରେ ଅଯଥା ସମୟ ନଷ୍ଟ ସହ ଅନାବଶ୍ୟକ ଇନ୍ଧନ ଖର୍ଚ୍ଚକୁ ମଧ୍ୟ ରୋକାଯାଇପାରୁଛି...

**ନଷ୍ଟ ହେଉନି ସମୟ:**
ପୂର୍ବରୁ କୌଣସି କୌଣସି ସ୍ଥାନରେ ପହଞ୍ଚିବା ଲାଗି ବାରମ୍ବାର ଅନ୍ୟମାନଙ୍କୁ ରାସ୍ତା ପଚାରି ବୁଝିବା ଭିତରେ ଅଯଥା ସମୟ ନଷ୍ଟ ହେଉଥିଲା। କେବେକେବେ ଏଥିପାଇଁ କେତେକ ଯୁବପିଢ଼ିଙ୍କୁ ପରୀକ୍ଷା ହଲ୍‌ରେ ଅବା ଜବ୍ ଇଣ୍ଟରଭ୍ୟୁ ଆଦି ପାଇଁ ଠିକ୍ ସମୟରେ ନ ପହଞ୍ଚିପାରିବା କାରଣରୁ ବିଫଳତାର ସମ୍ମୁଖୀନ ହେବାକୁ ପଡୁଥିଲା। ହେଲେ ଗୁଗଲ୍ ମ୍ୟାପ୍ ବ୍ୟବହାର କରିବା ଦ୍ୱାରା ସହଜରେ ଯଥାସ୍ଥାନରେ ପହଞ୍ଚିଯିବା ସହ ସମୟ ମଧ୍ୟ ବଞ୍ଚାଇ ହେଉଛି। ଗୁଗଲ୍ ମ୍ୟାପ୍‌ରେ ସମସ୍ତ ଯାନବାହନ ଚଳାଚଳ ଲାଗି ମଲ୍ଟିପ୍‌ଲ ଟ୍ରାନ୍ସପୋର୍ଟେଶନ୍ ମୋଡ୍ ରହିଛି, ଯେଉଁଥିରେ ପାଦଚଲା ରାସ୍ତାଠାରୁ ଟୁ ହ୍ୱିଲର, କାର, ଅନ୍ୟ ପବ୍ଲିକ୍ ଯାନବାହନ ଚାଳକମାନଙ୍କ ସୁବିଧା ମୁତାବକ ବିଭିନ୍ନ ଫିଚର୍ସ ଉପଲବ୍ଧ। ଫଳରେ ଜରୁରିକାଳୀନ ପରିସ୍ଥିତିରେ କମ୍ ସମୟ ମଧ୍ୟରେ ଯେକୌଣସି ସ୍ଥାନରେ ପହଞ୍ଚି ହେଉଛି।

**ଏକା ଯିବାର ଭୟ କମିଛି:**
ପାଠପଢ଼ା ଅବା ଜବ୍ ପାଇଁ ଅନେକ ଯୁବପିଢ଼ିଙ୍କୁ ନୂଆ ନୂଆ ସ୍ଥାନକୁ ଏକାକୀ ଯିବାକୁ ହୋଇଥାଏ। ଏମିତିରେ ଅନେକଙ୍କୁ ବିଶେଷକରି ଯୁବତୀମାନଙ୍କୁ ଭଡ଼ା ଗାଡି ବା କ୍ୟାବ୍‌ରେ ଯିବା ସମୟରେ ଡ୍ରାଇଭର ଠିକ୍ ରାସ୍ତାରେ ନେଉଛି କି ନାହିଁର ଭୟ ମନରେ ରହିଥାଏ। ହେଲେ ବର୍ତ୍ତମାନ ଏହି ଭୟକୁ କମାଇ ଦେଇଛି ଗୁଗଲ୍ ମ୍ୟାପ୍। ଏହାଦ୍ୱାରା ଗାଡ଼ିରେ ବସିବା ପରେ ନିଜେ ରାସ୍ତା ଦେଖି ହେବା ସହ ଅବିଳମ୍ବେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ହେଉଛି। ଅନ୍ୟ କେହି ସେଠାକୁ ଆସିବାର ଥିଲେ ଡେଷ୍ଟିନେଶନ କୋଡ୍ ଏବଂ ଲାଇଭ୍ ଲୋକେଶନ୍ ଶେୟାର ମଧ୍ୟ କରି ହେଉଛି।

**ଠାବ କରିବା ଅତି ସହଜ:** ଏଥିରେ ଥିବା ଭଏସ୍ ନାଭିଗେଶନ୍ ସିଷ୍ଟମ ଦ୍ୱାରା ଶୁଣିଶୁଣି ମଧ୍ୟ ଆପଣ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ। ଏହାର ଆଉ ଏକ ଭଲ ଫିଚର ହେଉଛି ପ୍ଲସ୍ କୋଡ୍ସ, ଯାହାଦ୍ୱାରା ବିଭିନ୍ନ ଛୋଟଛୋଟ ସ୍ଥାନର ଅବସ୍ଥିତି ମଧ୍ୟ ସହଜରେ ଠାବ କରିହେଉଛି। ଏଥିରେ ଗୁଗଲ୍ ଦ୍ୱାରା ପ୍ରତ୍ୟେକ ସ୍ଥାନ ଲାଗି ୪ ଅଙ୍କ ବିଶିଷ୍ଟ ଭିନ୍ନଭିନ୍ନ ସ୍ପେଶାଲ କୋଡ୍ ରହିଛି, ଯାହାକୁ ସହରର ନାମ ସହ ଯୋଡ଼ା ଯାଇଛି। ବ୍ୟବହାରକାରୀ କୌଣସି ସ୍ଥାନର ଅବସ୍ଥିତି ଜାଣିବା ଲାଗି ନିଜେ ଏହି କୋଡ୍ ବ୍ୟବହାର କରିବା ସହ ଶେୟାର ବି କରିପାରିବେ।

**ସହଜ ହେଉଛି ଯାତ୍ରା:**
ଦୁଇ ଚକିଆରୁ ଚାରି ଚକିଆ ପର୍ଯ୍ୟନ୍ତ ଯେକୌଣସି ସ୍ଥାନକୁ ଗାଡ଼ି ଭଡ଼ା କରିଯିବା ଅପେକ୍ଷା ନିଜେ ଡ୍ରାଇଭ୍ କରି ଯିବାର ଚାର୍ମ ଅଲଗା। ହେଲେ ଯେହେତୁ ପ୍ରତ୍ୟେକ ସ୍ଥାନର ରାସ୍ତା ବିଷୟରେ ଜଣାନାହିଁ, ତେଣୁ ଗୁଗଲ୍ ମ୍ୟାପ୍‌ର ସାହାଯ୍ୟ ନେଇଥାଏ। ବିଶେଷକରି ଏଥିରେ ଥିବା ଭଏସ୍ ନାଭିଗେଶନ୍ ସେବା ସବୁଠୁ ବେଷ୍ଟ। ଏହାଦ୍ୱାରା ଅନ୍ୟମନସ୍କ ହୋଇ ଅଲଗା ରାସ୍ତାରେ ପଶିଯିବାର ଟେନ୍‌ଶନ୍ ନାହିଁ। ଭଏସ୍ କମାଣ୍ଡ ଶୁଣି ଠିକ୍ ସମୟରେ ଟର୍ନିଂ ନେଇ ପହଞ୍ଚିହେଉଛି। କେବଳ ଏତିକି ନୁହେଁ ଏଥିରେ ଟ୍ରାଫିକ୍ ସ୍ଥିତି ଜାଣିବା ସହ ଅନ୍ୟ କେଉଁ ରାସ୍ତାରେ ଯିବା ସହଜ ହେବ ଜାଣି ହେଉଛି।

**ଟୁରିଷ୍ଟ ଗାଇଡ୍ ପାଲଟିଛି:** ପୂର୍ବରୁ କୌଣସି ଅଜଣା ସ୍ଥାନକୁ ବୁଲି ଗଲେ ବିଶେଷକରି ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ସ୍ଥାନ ବୁଲିଯିବାର ଥିଲେ ବାଧ୍ୟତାମୂଳକ ଭାବେ ଉକ୍ତ ସ୍ଥାନ ସମ୍ପର୍କରେ ଜାଣିଥିବା କେହି ବ୍ୟକ୍ତି କିମ୍ବା ଟ୍ୟୁରିଷ୍ଟ ଗାଇଡ୍‌ଙ୍କ ସାହାଯ୍ୟ ନେବାକୁ ହୋଇଥାଏ। ହେଲେ ବର୍ତ୍ତମାନ ଏହି ଗାଇଡ୍‌ର ଦାୟିତ୍ୱ ତୁଲାଉଛି ଗୁଗଲ୍ ମ୍ୟାପ।

**ଜବ୍ ପାଇଁ ବେଶ୍ ଉପକାରୀ:** ବର୍ତ୍ତମାନ ମାର୍କେଟିଂ ଜବ୍‌ର ଡିମାଣ୍ଡ ଖୁବ୍ ଅଧିକ। ଏମିତିରେ ଗ୍ରାହକଙ୍କ ପାଖରେ ଠିକ୍ ସମୟରେ ସାମଗ୍ରୀ ପହଞ୍ଚାଇବା ଲାଗି ଡେଲିଭରି ପର୍ସନଙ୍କୁ ଗୁଗଲ୍ ମ୍ୟାପ୍ ସବୁଠୁ ଅଧିକ ସାହାଯ୍ୟ କରୁଛି। ସେହିପରି ଟ୍ରାନ୍ସପୋର୍ଟ ସର୍ଭିସ୍ କରୁଥିବା ଡ୍ରାଇଭରଙ୍କୁ ଯାତ୍ରୀଙ୍କୁ ଠିକ୍ ସମୟରେ ଯେକୌଣସି ସ୍ଥାନରୁ ପିକ୍‌ଅପ୍ ଲୋକେଶନ୍ ଦେଖି ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ସହଜ ହୋଇପାରିଛି।

### କ'ଣ କୁହନ୍ତି ଏମାନେ...


ବିକାଶ

**ବିକାଶ କୁମାର ମହାନ୍ତି** (ଟ୍ୟାକ୍ସ କନ୍‌ସଲ୍‌ଟାଣ୍ଟ, ପୁରୀ)– କିଛି ମାସ ତଳେ ମୁଁ ଏକ କାର କିଣିଛି। ଅଫିସ୍ କାମରେ ଅନେକ ସମୟରେ ପୁରୀ ତଥା ପୁରୀ ବାହାରକୁ ଯିବାକୁ ପଡ଼ିଥାଏ। ସାଙ୍ଗମାନଙ୍କ ସହ ଅନେକ ସମୟରେ ବୁଲିବା ପାଇଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଯାଇଥାଏ। ତେଣୁ ନିଜ ଗାଡ଼ି ଯାତାୟାତ କରିବାରେ ବହୁ ସାହାଯ୍ୟ କରୁଛି। ପୂର୍ବରୁ ଅନେକ ସମୟରେ ଯାଉଥିବା ସ୍ଥାନର ରାସ୍ତା ଜଣା ନ ଥିଲା, ରାସ୍ତାରେ କେବେ କେବେ ପଚାରିବାକୁ ବି ସୁବିଧା ମିଳୁ ନ ଥିଲା। ହେଲେ ଏବେ ଗୁଗଲ୍ ମ୍ୟାପ୍ ବହୁତ କାମରେ ଆସୁଛି। ଜିପିଏସ୍ ଦ୍ୱାରା ବାଟ ନ ଭୁଲି ଠିକ୍ ଜାଗାରେ ପହଞ୍ଚି ହେଉଛି। ଯଦ୍ଦ୍ୱାରା ସମୟ ମଧ୍ୟ ଅପଚୟ ହେଉନାହିଁ। ବର୍ତ୍ତମାନ ଟେକ୍ନୋଲୋଜି ଦୁନିଆରେ ସମସ୍ତେ ଏହି ସୁବିଧା ଆପଣେଇବା ଦରକାର।


ପ୍ରଣୟ

**ପ୍ରଣୟ କୁମାର ମହାପାତ୍ର** (କର୍ମଜୀବୀ, ଖୋର୍ଦ୍ଧା)– ଗୁଗଲ୍ ମ୍ୟାପ୍ ଯେ କେତେ ଉପକାରରେ ଆସୁଛି ତା' ଭଲ ଭାବେ ବୁଝିଛି। କାରଣ ଥରେ ଗୋଟିଏ ଜବ୍ ଇଣ୍ଟରଭ୍ୟୁ ପାଇଁ ଲୋକେଶନ୍ ଖୋଜି ଖୋଜି ପହଞ୍ଚିବାରେ ମାତ୍ର ଅଧଘଣ୍ଟା ବିଳମ୍ବ ପାଇଁ ଫେରିବାକୁ ପଡ଼ିଥିଲା। ସେହିଦିନଠାରୁ ଏହି ଆପ୍ ମୋର ଟ୍ରାଭେଲ୍ ଗାଇଡ୍ ପହଞ୍ଚିଛି। ଗାଡ଼ି ଚଲାଇବାବେଳେ ମୋବାଇଲ୍ ଦେଖି ଅନ୍ୟମନସ୍କ ନ ହେବା ଲାଗି ଏହାର ଭଏସ୍ ନାଭିଗେଶନ୍ ବହୁତ କାମରେ ଆସୁଛି। ସେହିପରି କେଉଁ ସ୍ଥାନକୁ ଯିବା ଅବା କାହାକୁ ଭେଟିବା ଲାଗି ଡେଷ୍ଟିନେଶନ କୋଡ୍ ଏବଂ ଲାଇଭ୍ ଲୋକେଶନ୍ ସବୁଠୁ ସହଜ ଉପାୟ ପାଲଟିଛି।





### ଜାଣନ୍ତୁ ଦୁନିଆ

# ପୃଥିବୀର କ୍ଷୁଦ୍ରତମ ସ୍ତନ୍ୟପାୟୀ

**ସମଗ୍ର ପୃଥିବୀରେ ପ୍ରାୟ ୬୪୦୦ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଅଛନ୍ତି। ସେଥିମଧ୍ୟରୁ ବମ୍ବଲ୍‌ବି ବ୍ୟାଟ୍ ସବୁଠୁ କ୍ଷୁଦ୍ରତମ ବୋଲି ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ:**



- ଏହା ଏକ କ୍ଷୁଦ୍ରତମ ବାଦୁଡ଼ି ପ୍ରଜାତି, ଯାହାକୁ ବମ୍ବଲ୍‌ବି ବ୍ୟାଟ୍ ବା କିଟିସ୍ ହଗ୍ ନୋଜ୍‌ଡ ବ୍ୟାଟ୍ ବୋଲି କୁହାଯାଏ।
- ୧୯୭୪ ମସିହାରେ କିଟି ଥଙ୍ଗ୍‌ଲଙ୍ଗୟା ଏହି ବାଦୁଡ଼ି ପ୍ରଜାତିକୁ ଆବିଷ୍କାର କରିଥିଲେ।
- ଏହାର ଓଜନ ମାତ୍ର ୨ଗ୍ରାମ୍। ଏହାର ଲମ୍ବା ୨୯ରୁ ୩୩ମିଲିମିଟର ହୋଇଥିବା ବେଳେ ଡେଣାର ଲମ୍ବ ୧୭୦ମିଲିମିଟର।
- ଏହି ବାଦୁଡ଼ି ମାତ୍ର ଦୁଇଟି ଦେଶରେ ଦେଖାଯାଆନ୍ତି। ଥାଇଲାଣ୍ଡର ଦକ୍ଷିଣ–ପଶ୍ଚିମ ଭାଗରେ ରହିଛି ଅନେକ ଚୂନ ପଥର ଗୁମ୍ଫା। ଉକ୍ତ ଗୁମ୍ଫା ଭିତରେ ଏହି କ୍ଷୁଦ୍ର ବାଦୁଡ଼ି ପ୍ରଜାତି ବାସକରନ୍ତି। ଏହା ବ୍ୟତୀତ ମ୍ୟାନ୍‌ମାର୍‌ରେ ମଧ୍ୟ ଏହି ବାଦୁଡ଼ି ଦେଖାଯାଆନ୍ତି।
- ୧୯୯୭ରୁ ୨୦୦୮ ପର୍ଯ୍ୟନ୍ତ ହୋଇଥିବା ଏକ ଗବେଷଣା ରିପୋର୍ଟ ଅନୁଯାୟୀ ଥାଇଲାଣ୍ଡର ୪୪ଟି ଏବଂ ମ୍ୟାନ୍‌ମାରର ୫ଟି ଗୁମ୍ଫା ଭିତରେ ଏହି ବାଦୁଡ଼ି ଥିବା ଦେଖିବାକୁ ମିଳିଥିଲା।
- ଏହାର ପିଠିରେ ଗାଢ଼ ଲାଲ୍–ମାଟିଆ କିମ୍ବା ଧୂସର ରଙ୍ଗର ଲୋମ ଥିବା ବେଳେ ପେଟ ପଟେ ଛୋଟ ଲୋମ ଥାଏ।
- ବର୍ଷରେ ଥରେ ଏପ୍ରିଲ୍ ମାସରେ ଏହି ବାଦୁଡି ଛୁଆ ଜନ୍ମ କରିଥା'ନ୍ତି। ଥରକରେ ଏମାନେ ମାତ୍ର ଗୋଟିଏ ଛୁଆ ଜନ୍ମ ଦିଏ।
- ଏମାନେ ୫ରୁ ୧୦ବର୍ଷ ପର୍ଯ୍ୟନ୍ତ ବଞ୍ଚିଥା'ନ୍ତି।
- ସେମାନେ ସନ୍ଧ୍ୟାରେ ମାତ୍ର ୩୦ ମିନିଟ୍ ପର୍ଯ୍ୟନ୍ତ ଗୁମ୍ଫାରୁ ବାହାରକୁ ଯାଇଥା'ନ୍ତି। ନିଜ ଗୁମ୍ଫାଠାରୁ ମାତ୍ର ୧ କିଲୋମିଟର ଦୂରତା ମଧ୍ୟରେ ସେମାନେ ନିଜ ଖାଦ୍ୟ ଖୋଜି ଫେରିଆସନ୍ତି।





ନୂଆଦିଲ୍ଲୀରେ ରବିବାର ହେବାକୁଥିବା ଡବ୍ଲ୍ୟୁପିଏଲ୍ ଫାଇନାଲ ପୂର୍ବରୁ ଦିଲ୍ଲୀର କୁତବ ମୀନାରରେ ଏହାକୁ ନେଇ ଲେଜର ଲାଇଟ୍ ଶୋ।

# ଟାଇଟଲ ଲକ୍ଷ୍ୟରେ ଆରସିବି, କ୍ୟାପିଟାଲ୍ସ

**ନୂଆଦିଲ୍ଲୀ,୧୬।୩(ପି.ଟି.)**

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣର ଫାଇନାଲ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ମଧ୍ୟରେ ଖେଳାଯିବ। କ୍ରମାଗତ ଦ୍ୱିତୀୟ ସଂସ୍କରଣର ଫାଇନାଲରେ ପ୍ରବେଶ କରିଥିବା ମେଗ୍ ଲାନିଙ୍ଗଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ଏହାର ପ୍ରଥମ ଟ୍ରଫି ହାସଲ କରିବା ଲକ୍ଷ୍ୟରେ ରହିଛି। ଅନ୍ୟ ପକ୍ଷରେ ସ୍ମୃତି ମାନ୍ଧନାଙ୍କ ଆର୍‌ସିବି ମଧ୍ୟ ଚମତ୍କାର ଫର୍ମରେ ରହିଛି। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ପରାସ୍ତ କରି ଦଳ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଛି।

## ଓମେନ୍ସ ପ୍ରିମିୟର ଲିଗ୍

ପ୍ରଥମ ସଂସ୍କରଣରେ ମୁମ୍ବାଇଠାରୁ ହାରି ରନରଅପ୍ ରହିଥିବା କ୍ୟାପିଟାଲ୍ସ ଚଳିତ ବର୍ଷ ଚମତ୍କାର ଫର୍ମରେ ରହିଛି। ଗ୍ରୁପ୍ ଟପ୍ପର ଭାବେ ସିଧାସଳଖ ଫାଇନାଲ ଖେଳିବା ପାଇଁ ଦଳ ଯୋଗ୍ୟତା ଅର୍ଜନ କରିଛି। ୮ ମ୍ୟାଚ୍‌ରୁ ଦଳ ୧୨ ପଏଣ୍ଟ ହାସଲ କରିଥିବା ବେଳେ କେବଳ ମୁମ୍ବାଇ ଇଣ୍ଡିଆନ୍ସ ଓ ୟୁପି ୱାରିଅର୍ଜଠାରୁ ପରାଜିତ ହୋଇଥିଲା। ଅଧିନାୟିକା ମେଗ୍ ଲାନିଙ୍ଗ ୮ ମ୍ୟାଚ୍‌ରୁ ୩୦୮ ରନ୍ କରିଛନ୍ତି। ସେହିପରି କ୍ୟାପିଟାଲ୍ସର ମାରିଜେନ୍ କାପ୍ ଓ ଜେସ୍ ଜୋନାସେନ୍ ପ୍ରତ୍ୟେକ ୧୧ଟି ଲେଖାଏ ଉଇକେଟ ନେଇ ବୋଲରଙ୍କ ମଧ୍ୟରେ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ କ୍ୟାପିଟାଲ୍ସ ପରାଜିତ ହୋଇଥିବା ଉଭୟ ମ୍ୟାଚ୍ ଶେଷ ବଲ୍ ଯାଏ ଯାଇଥିଲା। ସେହିପରି ଡବ୍ଲ୍ୟୁପିଏଲ୍ ଇତିହାସରେ ଆର୍‌ସିବି ବିପକ୍ଷରେ ଦଳ ୪ ମ୍ୟାଚ୍ ଖେଳିଥିବା ବେଳେ ଶତ ପ୍ରତିଶତ ବିଜୟ ରେକର୍ଡ ନିଜ ନାମରେ ରଖିଛି।


ମ୍ୟାଚ ପୂର୍ବରୁ ସମ୍ମିଳନୀରେ ଟ୍ରଫି ସହ ଦୁଇ ଦଳର ଅଧିନାୟିକା ମେଗ୍ ଲାନିଙ୍ଗ ଓ ସ୍ମୃତି ମନ୍ଧାନା।

ତେବେ ଫାଇନାଲ ମ୍ୟାଚରେ ପୂର୍ବ ରେକର୍ଡର କୌଣସି ମହତ୍ତ୍ୱ ନ ଥାଏ। ଏହି ମ୍ୟାଚ୍‌ଟି ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯାଉଥିବାରୁ ଘରୋଇ ଦଳ ପାଇଁ ଏହା ଲାଭଦାୟକ ରହିବ। ଅନ୍ୟ ପକ୍ଷରେ ଆର୍‌ସିବିର ପ୍ରଦର୍ଶନରେ ଆରମ୍ଭରୁ ସ୍ଥିରତା ନ ଥିଲା। ତେବେ ଟୁର୍ନାମେଣ୍ଟ ଆଗକୁ ବଢିବା ସହ ଦଳର ପ୍ରଦର୍ଶନରେ ଉନ୍ନତି ଆସିଥିଲା। ଲିଗ୍ ପର୍ଯ୍ୟାୟରେ ତୃତୀୟ ସ୍ଥାନରେ ରହି ଦଳ ପ୍ଲେ ଅଫ୍‌କୁ ଉନ୍ନୀତ ହୋଇଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ମେଗ୍ ଲାନିଙ୍ଗଙ୍କ କାନ୍ଧରେ କ୍ୟାପିଟାଲ୍ସର ବ୍ୟାଟିଂ ଭାର ରହିଥିବା ବେଳେ ବିସ୍ଫୋରକ ଶେଫାଳି ବର୍ମା,ଜେମିମା ରୋଡ୍ରିଗୁଏଜ୍ ଓ ଆଲିସ୍ କାପ୍‌ସିଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେହିପରି ବୋଲିଂ ବିଭାଗରେ ଜେସ୍ ଜୋନାସେନ୍‌ଙ୍କ ଉପରେ ନଜର ରହିବ। ଏହା ବ୍ୟତୀତ ମାରିଜେନ୍ କାପ୍ ଓ ଶିଖା ପାଣ୍ଡେ ମଧ୍ୟ ଚମତ୍କାର ବୋଲିଂ କରିଛନ୍ତି। ଅନ୍ୟତମ ସ୍ପିନର ରାଧା ଯାଦବ ୧୦ ଉଇକେଟ ନେଇଥିବା ବେଳେ କୋଟଲା ପିଚ୍‌ରେ ଉଭୟ ସ୍ପିନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଆର୍‌ସିବିର ପ୍ରଦର୍ଶନ କିନ୍ତୁ ସମ୍ପୂର୍ଣ୍ଣ ଭାବରେ ଏଲିସ୍ ପେରୀଙ୍କ କାନ୍ଧରେ ରହିଛି। ୩୧୨ ରନ୍ ସହ ଅରେଞ୍ଜ କ୍ୟାପ୍ ନିଜ ପାଖରେ ରଖିଥିବା ପେରୀ ବଲ୍ ଜରିଆରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରୁଛନ୍ତି। ତେବେ ଅଧିନାୟିକା ସ୍ମୃତି ମାନ୍ଧନା, ସୋଫି ଡିଭାଇନ୍ ଓ ରିଚା ଘୋଷଙ୍କଠାରୁ ଦଳ ପ୍ରଭାବୀ ପ୍ରଦର୍ଶନ ଆଶା କରିବ। ସେହିପରି ବୋଲିଂ ବିଭାଗରେ ରେଣୁକା ସିଂ, ଶ୍ରେୟାଙ୍କା ପାଟିଲ, ଜର୍ଜିଆ ୱେୟାରହାମ ଓ ଆଶା ଶୋବନାଙ୍କଠାରୁ ଭଲ ପ୍ରଦର୍ଶନ ଆଶାରେ ରହିବ ଆର୍‌ସିବି।

**ମ୍ୟାଚ ସ୍ଥାନ:**
**ଅରୁଣ ଜେଟଲୀ ଷ୍ଟାଡିୟମ, ନୂଆଦିଲ୍ଲୀ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ଇନ୍‌ଫାଣ୍ଟିନୋଙ୍କ ବେତନ ୩୮ କୋଟିକୁ ବୃଦ୍ଧି

**ଜେନେଭା, ୧୬।୩(ପି.ଟି.)**

ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କ ବେତନ ୩୮ କୋଟିକୁ ବୃଦ୍ଧି ପାଇଛି। ଫିଫା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମହିଳା ଫୁଟବଲ ବିଶ୍ୱକପ ପରେ ଇନ୍‌ଫାଣ୍ଟିନୋଙ୍କ ବେତନ ୩୩ ପ୍ରତିଶତ ବୃଦ୍ଧି କରାଯାଇଛି। ପୂର୍ବରୁ ତାଙ୍କୁ ବାର୍ଷିକ ୪.୧୩ ମିଲିୟନ ଡଲାର ବାର୍ଷିକ ବେତନ ମିଳୁଥିବା ବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ୪.୬୭ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୩୮ କୋଟି ୭୦ ଲକ୍ଷ ୯୨ ହଜାର ଟଙ୍କାରେ ପହଞ୍ଚିଛି। ୨୦୨୨ କାତାର ବିଶ୍ୱକପ ପୂର୍ବରୁ ଇନ୍‌ଫାଣ୍ଟିନୋ ୧.୬୫ ମିଲିୟନ ଡଲାର ବେତନ ପାଉଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱକପର ସଫଳ ଆୟୋଜନ ପରେ ଏହା ବୃଦ୍ଧି ପାଇ ୨.୭୮ ମିଲିୟନ ଡଲାରରେ ପହଞ୍ଚିଥିଲା। ୨୦୨୩ରେ ଏହା ପୁନର୍ବାର ବୃଦ୍ଧି ପାଇ ୪.୧୩ ମିଲିୟନ ଡଲାରରେ ପହଞ୍ଚିଥିଲା। ୨୦୨୩ରେ ସେ ପୁନର୍ବାର ଫିଫା ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ମହିଳା ବିଶ୍ୱକପ ସଫଳତାର ସହ ଆୟୋଜିତ ହୋଇଥିଲା। ଇନଫାଣ୍ଟିନୋ ବର୍ତ୍ତମାନ ଫ୍ଲୋରିଡାରେ ବାସ କରୁଛନ୍ତି। ଆମେରିକା, ମେକ୍ସିକୋ ଓ କାନାଡା ମିଳିତ ଭାବେ ୨୦୨୬ ପୁରୁଷ ବିଶ୍ୱକପ ଆୟୋଜନ କରୁଥିବା ବେଳେ ବର୍ତ୍ତମାନ କୋରାଲ ଗେବଲ୍ସରେ ନିଜର କାର୍ଯ୍ୟାଳୟ ଖୋଲିଛନ୍ତି ଇନ୍‌ଫାଣ୍ଟିନୋ।

# ପନ୍ତ ଶୀଘ୍ର ସୁସ୍ଥ ହେବା ପଛରେ ଜିମ୍ନାଷ୍ଟିକ୍ସ

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ମାନସିକ ଦୃଢତା ଜିମ୍ନାଷ୍ଟିକ୍ସରେ ଅଭିଜ୍ଞତା କାରଣରୁ ଭାରତୀୟ କ୍ରିକେଟ ଦଳର ଉଇକେଟ କିପର ବ୍ୟାଟର ରିଷଭ ପନ୍ତ ଶୀଘ୍ର ସୁସ୍ଥ ହେଲେ ବୋଲି କହିଛନ୍ତି ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ)ର ଜନୈକ କର୍ମକର୍ତ୍ତା। ଡିସେମ୍ବର ୨୦୨୨ରେ କାର୍ ଦୁର୍ଘଟଣାରେ ଭୟଙ୍କର ଭାବରେ ଆହତ ହୋଇଥିଲେ ପନ୍ତ। ଏହା ପରଠାରୁ କ୍ରିକେଟରୁ ଦୂରେଇ ରହିଥିବା ବେଳେ ବର୍ତ୍ତମାନ ଆଇପିଏଲରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ପନ୍ତ ଦୁର୍ଘଟଣାରେ ଭୟଙ୍କର ଭାବରେ ଆହତ ହୋଇଥିବା ବେଳେ ସେ ଏନ୍‌ସିଏକୁ ଫେରିଲେ ତାଙ୍କୁ ଫିଟ୍ ହେବା ପାଇଁ ୨ ବର୍ଷ ଲାଗିବ ବୋଲି ଅନୁମାନ କରଯାଉଥିଲା ବୋଲି ଏନସିଏ ଫିଜିଓ ତୁଲସୀ ଯୁବରାଜ କହିଛନ୍ତି। ଯୁବ ବୟସରୁ ହିଁ ପନ୍ତ ଜିମ୍ନାଷ୍ଟିକ୍ ସହ ଜଡିତ ଥିଲେ। ଏହି କାରଣରୁ ସେ ଖୁବ୍ ଶୀଘ୍ର ସୁସ୍ଥ ହୋଇ ପାରିଲେ ବୋଲି ଏନ୍‌ସିଏର ଷ୍ଟ୍ରେନ୍ଥ କଣ୍ଡିସନିଂ କୋଚ୍ ନିଶାନ୍ତ ବୋର୍ଦୋଲୋଇ ପ୍ରକାଶ କରିଛନ୍ତି। ସେ ସୁସ୍ଥ ହୋଇ ପାରିବେ ବୋଲି ମାନସିକ ଭାବେ ପନ୍ତଙ୍କ ଦୃଢ ବିଶ୍ୱାସ ହିଁ ତାଙ୍କୁ ଶୀଘ୍ର ଆରୋଗ୍ୟ କରିବାରେ ସାହାଯ୍ୟ କଲା ବୋଲି କହିଛନ୍ତି ନିଶାନ୍ତ।

ରିହାବ୍ ଅତ୍ୟନ୍ତ ବିରକ୍ତିକର ପ୍ରକ୍ରିୟା ହୋଇଥିବା ବେଳେ ପନ୍ତ ଯେଉଁଭଳି ଭାବରେ ସଫଳତାର ସହ ନିଜ ରିହାବ୍ ସମ୍ପୂର୍ଣ୍ଣ କରିଛନ୍ତି ତାହା ଅତ୍ୟନ୍ତ ଗର୍ବର କଥା। ୨୬ ବର୍ଷୀୟ ପନ୍ତଙ୍କ ଏହି ସଫଳତା ପାଇଁ ତାଙ୍କ ମାନସିକ ଦୃଢତାକୁ କ୍ରେଡିଟ୍ ଦେଇଛନ୍ତି ଏନ୍‌ସିଏର ଡାକ୍ତର। ଏପରିକି ପନ୍ତଙ୍କ ଚିକିତ୍ସା କରୁଥିବା ନାମୀ ଶଲ୍ୟ ଚିକିତ୍ସକ ଡିନଶ' ପାର୍ଡିୱାଲା ମଧ୍ୟ ସମାନ ମତ ଦେଇଛନ୍ତି। ପନ୍ତ ଶୀଘ୍ର ସୁସ୍ଥ ହେବାର ଶ୍ରେୟ ଉଭୟ ପନ୍ତ ଓ ଏନ୍‌ସିଏ ସପୋର୍ଟ ଷ୍ଟାଫଙ୍କର ବୋଲି କହିଛନ୍ତି ପାର୍ଡିୱାଲା। ପନ୍ତଙ୍କ ପାଇଁ ବ୍ୟକ୍ତିଗତ ଭାବରେ ଜଣେ ଫିଜିଓ ନିୟମିତ ରହିବା ମଧ୍ୟ ବେଶ ସହାୟକ ହୋଇଥିଲା। ଆକଳନ କରା ଯାଇଥିବା ସମୟର ୬ ମାସ ପୂର୍ବରୁ ପନ୍ତ ସୁସ୍ଥ ହେବା ସହ ବର୍ତ୍ତମାନ ଆଇପିଏଲ ଜରିଆରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି।

# ଜାତୀୟ କ୍ୟାମ୍ପରୁ ଅଚିନ୍ତ ଶେଉଲୀ ବହିଷ୍କୃତ


ଅଚିନ୍ତ ଶେଉଲୀ

**ନୂଆଦିଲ୍ଲୀ,୧୬।୩(ପି.ଟି.)**

ଅଧରାତିରେ ଲେଡିଜ୍ ହଷ୍ଟେଲ ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କରି ଜାତୀୟ କ୍ୟାମ୍ପରୁ ବହିଷ୍କୃତ ହୋଇଛନ୍ତି ଭାରୋତ୍ତୋଳକ ଅଚିନ୍ତ ଶେଉଲୀ। ରାଜ୍ୟଗୋଷ୍ଠୀ କ୍ରୀଡା ସ୍ୱର୍ଣ୍ଣ ପଦକ ବିଜେତା ୨୨ ବର୍ଷୀୟ ଶେଉଲୀ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଏନ୍‌ଆଇଏସ୍ ପଟିଆଲାରେ ରହି ଅଭ୍ୟାସ କରୁଥିଲେ। ତେବେ ଗୁରୁବାର ରାତିରେ ଲେଡିଜ୍ ହଷ୍ଟେଲ ମଧ୍ୟରେ ପ୍ରବେଶ ପାଇଁ ଉଦ୍ୟମ କରୁଥିବା ବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରା ପଡିଥିଲେ। ସୁରକ୍ଷାକର୍ମୀ

## ରାତିରେ ଲେଡିଜ୍ ହଷ୍ଟେଲରେ ପ୍ରବେଶ ଉଦ୍ୟମ

ଏହି ଘଟଣାର ଭିଡିଓ ମଧ୍ୟ ଉତ୍ତୋଳନ କରିଥିଲେ। ଏହି ପ୍ରମାଣ ଆଧାରରେ ତାଙ୍କୁ ନିଲମ୍ବନ କରାଯାଇଛି। ଏହି ଘଟଣା ପରେ ଏନଆଇଏସ୍ ପଟିଆଲା କାର୍ଯ୍ୟକାରୀ ନିର୍ଦ୍ଦେଶକ ବିନୀତ କୁମାରଙ୍କୁ ଅବଗତ କରାଯାଇଥିଲା। ଭିଡିଓ ପ୍ରମାଣ ଥିବାରୁ ତଦନ୍ତ କମିଟି ଗଠନ କରାଯାଇ ନ ଥିଲା। ଏହା ସହ ଅଚିନ୍ତଙ୍କ ଅଲିମ୍ପିକ୍ସ ସ୍ୱପ୍ନ ମଧ୍ୟ ଧୂଳିସାତ ହୋଇଯାଇଛି। ୨୦୨୨ରେ ଗେମ୍ସ ରେକର୍ଡ ସହ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଶେଉଲୀ। ଏହା ପୂର୍ବରୁ ମଧ୍ୟ ଭାରତୀୟ ଭାରୋତ୍ତୋଳନ ମହାସଂଘ ବିଶୃଙ୍ଖଳିତ ଆଚରଣ ପାଇଁ ଜେରେମି ଲାଲରିନୁଙ୍ଗାଙ୍କୁ ଜାତୀୟ କ୍ୟାମ୍ପରୁ ବିଦା କରିଥିଲା।


କଟକ ଜିଲା ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ସିଡିଏ ଡିଏଭି ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ। ଫାଇନାଲରେ ଡିଏଭି ୯ ଉଇକେଟରେ ଏ-କମ୍ବାଇନ୍ ସ୍କୁଲକୁ ପରାସ୍ତ କରିଥିଲା। (ଫଟୋ: ରାଜକିଶୋର ମହାନ୍ତି)

# ଶୀର୍ଷସ୍ଥାନ ଲକ୍ଷ୍ୟରେ ଓଏଫ୍‌ସି

**ଭୁବନେଶ୍ୱର, ୧୬।୩ (ସରୋଜ ଜେନା)**

## ଇଣ୍ଡିଆନ୍ ଓମେନ୍ସ ଲିଗ୍

ଇଣ୍ଡିଆନ୍‌ଓମେନ୍ସଲିଗ୍(ଆଇଡବ୍ଲ୍ୟୁଏଲ୍)ରେ ରବିବାର ଓଡିଶା ଏଫ୍‌ସି (ଓଏଫ୍‌ସି) ଓ ଇଷ୍ଟ ବେଙ୍ଗଲ ପରସ୍ପରକୁ ଭେଟିବେ। କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଜିତି ଓଏଫ୍‌ସି ଶୀର୍ଷ ସ୍ଥାନ ହାସଲ କରିବାକୁ ଚେଷ୍ଟାକରିବ ଓଏଫ୍‌ସି। ଚଳିତ ସିଜନରେ ଦଳ ୧୦ ମ୍ୟାଚ୍‌ରୁ ୮ ବିଜୟ ସହ ୨୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ସ୍ଥାନରେ ଥିବା ଗୋକୁଲମ କେରଳ ୨୬ ପଏଣ୍ଟ ପାଇଥିବା ବେଳେ ପ୍ରଥମ ସ୍ଥାନରେ ପହଞ୍ଚିବା ପାଇଁ ଓଏଫ୍‌ସି ନିକଟରେ ଏହା ସୁବର୍ଣ୍ଣ ସୁଯୋଗ। ଇଷ୍ଟବେଙ୍ଗଲ ବିପକ୍ଷରେ ଚଳିତ ସିଜନର ପ୍ରଥମ ମ୍ୟାଚ୍‌କୁ ଓଏଫ୍‌ସି ୨-୧ରେ ବିଜୟୀ ହୋଇଥିଲା। ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ କ୍ରିସ୍ପିନ୍ ଛେତ୍ରୀ ଓ ଖେଳାଳି ଗ୍ରେସ୍ ହୌନହାର ଯୋଗ ଦେଇଥିଲେ। ଆଉ ମାତ୍ର ଦୁଇଟି ମ୍ୟାଚ ବାକି ରହିଥିବା ବେଳେ ଦଳ ଶୀର୍ଷ ସ୍ଥାନ ବଜାୟ ରଖିବାକୁ ପ୍ରୟାସ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍।



ଓଏଫ୍‌ସି ମୁଖ୍ୟ କୋଚ୍ କ୍ରିସ୍ପିନ୍ ଛେତ୍ରୀ ଓ ଖେଳାଳି ଗ୍ରେସ୍ ହୌନହାର। (ଫଟୋ: ବିକାଶ ନାୟକ)

# ଲେଗ୍‌ସ୍ପିନ୍, ଡେଥ୍ ବୋଲିଂ ଚିନ୍ତାରେ ଆର୍‌ସିବି

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ୧୭ଶ ସଂସ୍କରଣ ପାଖେଇ ଆସିଛି। ଚଳିତ ମାସ ୨୨ରୁ ଆରମ୍ଭ ହେବ ଏହି ବ୍ୟୟବହୁଳ ଲିଗ୍। ପ୍ରତିଯୋଗିତା ନିକଟତର ହୋଇଥିବାରୁ ଏବେ ବିଭିନ୍ନ ଦଳର କମ୍ବିନେଶନକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇ ଯାଇଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ଯଦିଓ ଏପର୍ଯ୍ୟନ୍ତ ଟାଇଟଲ ଜିତିବାରେ ଅସମର୍ଥ ରହିଛି ତେବେ ପ୍ରତି ସଂସ୍କରଣ ପୂର୍ବରୁ ଏହାର ସମ୍ଭାବନାକୁ ନେଇ ଚର୍ଚ୍ଚା ହୋଇଥାଏ। ଏଥର ମଧ୍ୟ ତାହାର ପୁନରାବୃତ୍ତି ଦେଖିବାକୁ ମିଳିଛି। ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର କାମେରନ ଗ୍ରୀନ୍‌ଙ୍କ ଉପସ୍ଥିତି ଯୋଗୁ ଯଦିଓ ଆର୍‌ସିବିର ଶକ୍ତି ବୃଦ୍ଧି ପାଇଛି ତେବେ ଅଭିଜ୍ଞ ଲେଗ୍ ସ୍ପିନର ଓ ଡେଥ୍ ଓଭର ବୋଲିଂକୁ ନେଇ ପର୍ଯ୍ୟାପ୍ତ ବିକଳ୍ପ ନ ଥିବା ଦଳ ପାଇଁ ସମସ୍ୟା ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି।

ଗତ ସିଜନରେ ଆର୍‌ସିବି ଶେଷ ଲିଗ୍ ଗେମ୍ ପର୍ଯ୍ୟନ୍ତ ଦାବିଦାର ଥିଲେ ହେଁ ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶୁବମନ ଗିଲ୍‌ଙ୍କ ଶତକ ଦଳର ଆଶାକୁ ଧୂଳିସାତ୍ କରିଥିଲା। ୭ ବିଜୟ ଓ ୭ ପରାଜୟ ସହ ଦଳ ୬ଷ୍ଠ ସ୍ଥାନରେ ରହିଥିଲା। ଆର୍‌ସିବିର ପ୍ରଥମ ୨ଟି ମ୍ୟାଚରେ ଗ୍ରୀନ୍ ଉପଲବ୍ଧ ହେବାନେଇ ସନ୍ଦେହ ରହିଛି। ତେବେ ସେ ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଭାରତରେ ପହଞ୍ଚିବେ। ସେ ଶେଫିଲ୍ଡ ଶିଲ୍ଡ ଫାଇନାଲ ମିସ୍ କରିପାରିବେ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଗ୍ରୀନ୍ ସିଗ୍‌ନାଲ ଦିଆଯାଇଛି। ଦ୍ୱିତୀୟ ସନ୍ତାନ ଜନ୍ମ ପୂର୍ବରୁ ପରିବାର ସହ ରହିବା ପାଇଁ ବିରାଟ କୋହଲି ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ମିସ୍ କରିଛନ୍ତି। କିଛିଦିନ ବ୍ୟବଧାନରେ ସେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିବେ। ଚେନ୍ନାଇରେ ଆସନ୍ତା ୨୨ରେ ହେବାକୁଥିବା ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ବେଙ୍ଗାଲୁରୁଠାରେ ପ୍ରି-ଟୁର୍ନାମେଣ୍ଟ କ୍ୟାମ୍ପରେ ଯୋଗ ଦେବେ।




ଗ୍ରୀନ୍ ସାମିଲ ହେବାଦ୍ୱାରା ଦଳର ସମ୍ଭାବ୍ୟ ୪ ଓଭର ବୋଲିଂ ଏବଂ ୬ ନମ୍ବରରେ ବ୍ୟାଟିଂ ସମସ୍ୟା ଦୂର ହୋଇଛି। ଲୋକି ଫର୍ଗୁସନ ଓ ଆଲଜାରି ଜୋସେଫଙ୍କ ମଧ୍ୟରୁ ଜଣକୁ ଚୂଡ଼ାନ୍ତ ଏକାଦଶରେ ନିଆଯିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଆର୍‌ସିବିରେ ସ୍ଥାନ ପାଇଥିବା ଦୁଇ ଖେଳାଳି ନିକଟରେ ଭାରତୀୟ ଦଳ ପକ୍ଷରୁ ଡେବ୍ୟୁ କରିଛନ୍ତି। ସେମାନେ ହେଲେ ରଜତ ପଟିଦାର ଓ ଆକାଶ ଦୀପ୍। ଆହତ ସମସ୍ୟା ଯୋଗୁ ୨୦୨୩ ଆଇପିଏଲ୍ ମିସ୍ କରିଥିବା ପଟିଦାର ଗତ ୩ ମାସ ମଧ୍ୟରେ ଟିମ୍ ଇଣ୍ଡିଆ ଟେଷ୍ଟ ଓ ଦିନିକିଆ କ୍ୟାରିୟର ଆରମ୍ଭ କରିଛନ୍ତି। ୨୦୨୨ ଆଇପିଏଲ୍ ପ୍ଲେ-ଅଫ୍‌ରେ ସେ ଜଣେ ଅନ୍‌କ୍ୟାପେଡ ଭାରତୀୟ ଖେଳାଳିଭାବେ ଶତକ ହାସଲ କରିଥିଲେ। ଫାଷ୍ଟ ବୋଲର ଆକାଶ ଦୀପ ମଧ୍ୟ ଭାରତ 'ଏ' ପକ୍ଷରୁ ଚମତ୍କାର ପ୍ରଦର୍ଶନ କରିବାପରେ ଇଂଲଣ୍ଡ ବିପକ୍ଷ ରାଞ୍ଚି ଟେଷ୍ଟରେ ଡେବ୍ୟୁ କରିଥିଲେ। ଫାଷ୍ଟ ବୋଲର ବିଜୟ କୁମାର ବ୍ୟଶକ କର୍ନାଟକ ପକ୍ଷରୁ ଘରୋଇ କ୍ରିକେଟରେ ଆକର୍ଷଣୀୟ ପ୍ରଦର୍ଶନ ଯୋଗୁ ଚୟନ କର୍ତ୍ତାଙ୍କ ନଜରରେ ରହିଛନ୍ତି। ୨୦୨୩-୨୪ ରଣଜୀ ସିଜନରେ ସେ ୮ ମ୍ୟାଚରୁ ୩୯ଟି ଉଇକେଟ ନେଇଥିଲେ, ଯାହାକି ଏହି ସିଜନରେ ଫାଷ୍ଟ ବୋଲରଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ। ସେ ବ୍ୟାଟ୍‌ରେ ମଧ୍ୟ ଉପଯୋଗୀ ଅବଦାନ ଦେଇ ୧୩ ଇନିଂସରେ ୩୪୩ ରନ କରିଥିଲେ।

ଏହା ସତ୍ତ୍ୱେ ଜଣେ ଅଭିଜ୍ଞ ଲେଗ୍ ସ୍ପିନର ନ ଥିବା ଦଳକୁ ଚିନ୍ତାରେ ପକାଇବ। ୱାନିନ୍ଦୁ ହସରଙ୍ଗାଙ୍କୁ ଦଳ ବିଦା କରି ସାରିଛି। ଏ କ୍ଷେତ୍ରରେ ଅନଭିଜ୍ଞ ହିମାଂଶୁ ଶର୍ମା ଓ କର୍ନ ଶର୍ମାଙ୍କୁ ଦଳ ପରୀକ୍ଷା କରିପାରେ। ସେହିପରି ହର୍ଷଲ ପଟେଲଙ୍କ ବିନା ଦଳ ଜଣେ ଡେଥ୍ ଓଭର ସ୍ପେଶାଲିଷ୍ଟ ନିହାତି ଆବଶ୍ୟକ କରିବ। ଏହି ସମସ୍ୟା ଦଳକୁ ମ୍ୟାଚଗୁଡ଼ିକରେ ଅସୁବିଧାରେ ମଧ୍ୟ ପକାଇବା ସମ୍ଭାବନା ରହିଛି। ଆର୍‌ସିବି ଏହାର ପ୍ରଥମ ମ୍ୟାଚ ଚେନ୍ନାଇରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳିବ। ୨୦୦୮ରୁ ଏପର୍ଯ୍ୟନ୍ତ ଆର୍‌ସିବି ଏହି ଗ୍ରାଉଣ୍ଡରେ କେବେହେଲେ ଚେନ୍ନାଇକୁ ହରାଇ ପାରିନାହିଁ। ଏହାପରେ ଘରୋଇ ଗ୍ରାଉଣ୍ଡରେ ଦଳ ୩ଟି ମ୍ୟାଚ ଖେଳିବା ପରେ ଜୟପୁର ଯିବାର କାର୍ଯ୍ୟସୂଚୀ ରହିଛି।

# ଖୋର୍ଦ୍ଧା ପ୍ରତିଯୋଗୀଙ୍କ ପ୍ରାଧାନ୍ୟ



ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଜଣେ ପ୍ରତିଯୋଗୀ ଶକ୍ତିଉତ୍ତୋଳନ କରୁଛନ୍ତି।

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

## ରାଜ୍ୟ ଶକ୍ତିଉତ୍ତୋଳନ ଦ୍ୱିତୀୟ ଦିବସ

ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ୩୦ତମ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଖୋର୍ଦ୍ଧା ପ୍ରତିଯୋଗୀଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ୮ ସ୍ୱର୍ଣ୍ଣ ପଦକ ସହ ଖୋର୍ଦ୍ଧା ପ୍ରଥମ ସ୍ଥାନରେ ଥିବାବେଳେ କଟକ ଦ୍ୱିତୀୟ ଓ କୋରାପୁଟ ତୃତୀୟ ସ୍ଥାନରେ ରହିଛି। ଖୋର୍ଦ୍ଧା ପ୍ରତିଯୋଗୀଙ୍କ ମଧ୍ୟରେ ସବ୍‌ଜୁନିୟର ପୁରୁଷ ୭୪ କେଜିରେ ପ୍ରନସୋଲ ବିଶ୍ୱାସ, ସିନିୟର ପୁରୁଷ ୭୪ କେଜିରେ ଦେବାଶିଷ ମହାନ୍ତି, ଜୁନିୟର ପୁରୁଷ ୮୩ କେଜିରେ ଆହ୍ୱାନ ଦାସ, ସିନିୟର ପୁରୁଷ ୮୩ କେଜିରେ ରାକେଶ କୁମାର ଶତପଥୀ, ମାଷ୍ଟର-୧ ପୁରୁଷ ୮୩ କେଜିରେ ସନ୍ତୋଷ କୁମାର ହୋତା, ମାଷ୍ଟର-୨ ପୁରୁଷ ୮୩ କେଜିରେ କୃଷ୍ଣ ଚନ୍ଦ୍ର ସାହୁ, ସବ୍‌ଜୁନିୟର ପୁରୁଷ ୯୩ କେଜିରେ ସମରଜିତ କାଣ୍ଡି, ସିନିୟର ପୁରୁଷ ୯୩ କେଜିରେ ସମିର କୁମାର ବିଶ୍ୱାଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମାଷ୍ଟର-୧ ପୁରୁଷ ୭୪ କେଜିରେ କଟକର ଉମାକାନ୍ତ ବେହେରା, ଜୁନିୟର ପୁରୁଷ ୭୪ କେଜିରେ କୋରାପୁଟର କାର୍ତ୍ତିକ ନାୟକ, ମାଷ୍ଟର-୨ ପୁରୁଷ ୭୪ କେଜିରେ ରାୟଗଡ଼ାର ବି.ଟଇ.ଭି. ରମନା ମୂର୍ତ୍ତୀ, ମାଷ୍ଟର-୩ ପୁରୁଷ ୭୪ କେଜିରେ କୋରାପୁଟର ବୈବ କୁମାର ତାଣ୍ଡି, ସବ୍‌ଜୁନିୟର ପୁରୁଷ ୮୩ କେଜିରେ ନୟାଗଡ଼ର ମୃତ୍ୟୁଞ୍ଜୟ ମହାପାତ୍ର, ଜୁନିୟର ପୁରୁଷ ୯୩ କେଜିରେ ଗଞ୍ଜାମର ଆଶିଷ ସାହୁ, ମାଷ୍ଟର-୧ ପୁରୁଷ ୯୩ କେଜିରେ କଟକର ନିରଞ୍ଜନ ବେବର୍ତା ପଟ୍ଟନାୟକ ଓ ମାଷ୍ଟର-୨ ପୁରୁଷ ୯୩ କେଜିରେ କୋରାପୁଟର ବାବୁଲା ସାମଲ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ପ୍ରତିଯୋଗିତାକୁ କିତିନ ବେହେରା, ସୌଭାଗିନୀ ପ୍ରଧାନ, ଏସ.କେ. ପରଭେଜ ମୁଶାରଫ, ଶକ୍ତି ରଞ୍ଜନ ବାରିକ, ଚିତ୍ତରଞ୍ଜନ ସ୍ୱାଇଁ, ପ୍ରଦୀପ କୁମାର ପାତ୍ର, ସମରଜିତ କାଣ୍ଡି, ଅଜୟ ମହାପାତ୍ର, ଯୋଗେଶ ବରିଆ, ରଜନୀ ବିଶି ପ୍ରମୁଖ ପରିଚାଳନା କରିଥିଲେ। ରବିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ଏନ୍‌ସିଏ କ୍ୟାମ୍ପରେ ତନ୍ମୟୀ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**



ତନ୍ମୟୀ ବେହେରା

ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ୧୯ ବର୍ଷରୁ କମ୍ ବାଳିକା କ୍ୟାମ୍ପ ଭାଲସାଦଠାରେ ଏପ୍ରିଲ ୧୯ରୁ ମେ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ୟାମ୍ପଲାଗି ଓଡ଼ିଶାର ତନ୍ମୟୀ ବେହେରାଙ୍କୁ ସର୍ବଭାରତୀୟ ମହିଳା ଚୟନ କମିଟି ମନୋନୀତ କରିଛି। ଏନ୍‌ସିଏ କ୍ୟାମ୍ପପାଇଁ ସୁଯୋଗ ମିଳିଥିବାରୁ ତନ୍ମୟୀଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# କିଟ୍‌ରେ ଖେଲୋ ଇଣ୍ଡିଆ ଉଦୀୟମାନ ପ୍ରତିଭା ଅନ୍ୱେଷଣ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ):** ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ଏନ୍‌ସିଓଇ) ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ଉଦୀୟମାନ ପ୍ରତିଭା ଅନ୍ୱେଷଣ (କେଆଇଆରଟିଆଇ) କାର୍ଯ୍ୟକ୍ରମ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୁବନେଶ୍ୱର ସହରରେ ଥିବା କ୍ରୀଡ଼ା ପ୍ରତିଭାଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୱେଷଣ କରାଯିବ। ଏଥିରେ ଭାଗ ନେବାପାଇଁ ବୟସ ସୀମା ୯ରୁ ୧୮ ବର୍ଷ ଧାର୍ଯ୍ୟ କରାଯାଇଛି। ୧୭ ତାରିଖ ସକାଳ ୭ଟାରୁ ଦୂତୀ ଚାନ୍ଦ ଆଥ୍‌ଲେଟିକ ଷ୍ଟାଡିୟମରେ ଫୁଟ୍‌ବଲ, ୧୯ ତାରିଖରେ ଦିଲୀପ ତିର୍କୀ ହକି ଷ୍ଟାଡିୟମରେ ହକି, ୨୦ ତାରିଖରେ ଦୂତୀ ଚାନ୍ଦ ଆଥ୍‌ଲେଟିକ ଷ୍ଟାଡିୟମରେ ଆଥ୍‌ଲେଟିକ୍ସ ଏବଂ ୨୧ ତାରିଖରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଖୋ ଖୋ ପ୍ରତିଭା ଅନ୍ୱେଷଣ ହେବ।

# ବକ୍ସିଂ କିମ୍ବଦନ୍ତୀ ଡୁରାନ ହସ୍ପିଟାଲରେ

**ପାନାମା ସିଠି (ପାନାମା), ୧୬।୩ (ଏପି)**

ହୃଦ୍‌ଘାତ ପାଇଁ ପାନାମାର ବକ୍ସିଂ କିମ୍ବଦନ୍ତୀ ରବର୍ଟୋ ଡୁରାନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ୭୨ ବର୍ଷୀୟ ବକ୍ସରଙ୍କ ଆର୍ଟିଓଭେନ୍‌ଟ୍ରିକୁଲାର ବ୍ଲକେଜ୍ ହୋଇଛି। ୱାର୍ଲ୍ଡ ବକ୍ସିଂ କାଉନ୍‌ସିଲ (ଡବ୍ଲ୍ୟୁବିସି) ସଭାପତି ମରିସିଓ ସୁଲାଇମାନ ଏକ ସୋସିଆଲ ମିଡିଆ ପୋଷ୍ଟରେ ଏହି ସୂଚନା ଦେଇଛନ୍ତି। ତାଙ୍କ ଆରୋଗ୍ୟ କାମନା କରି ପ୍ରାର୍ଥନା କରିବା ଲାଗି ସେ ନିବେଦନ କରିଛନ୍ତି। ଡୁରାନ ଜଣେ ଚାମ୍ପିୟନ ଏବଂ ସେ ନିଶ୍ଚୟ ଏହି ଯୁଦ୍ଧରେ ଜିତିବେ ବୋଲି ସେ ଆଶା ପ୍ରକାଶ କରି କହିଛନ୍ତି।

# ସ୍ୱିଟେକ୍-ସାକାରୀ ଫାଇନାଲରେ

**ଇଣ୍ଡିଆନ ୱେଲ୍ସ, ୧୬।୩ (ଏପି):** ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଇଗା ସ୍ୱିଟେକ୍ ବିଏନ୍‌ପି ପାରିବାସ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ମାର୍ଟା କୋଷ୍ଟ୍ୟୁକ୍‌ଙ୍କୁ ୬-୨, ୬-୧ରେ ହରାଇ ଦେଇଛନ୍ତି। ରବିବାର ଫାଇନାଲରେ ସେ ୯ମ ସିଡ୍ ମାରିଆ ସାକାରୀଙ୍କୁ ଭେଟିବେ। ସାକାରୀ ଦ୍ୱିତୀୟ ସେମିରେ କୋକୋ ଗଫ୍‌ଙ୍କୁ ହରାଇଛନ୍ତି।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ